Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୪ ଶ } ତା ୮ ରିଖ ମାହେ ମାର୍ଚ୍ଚ ସନ ୧୮୭୯ ମସିହା । ମୁ । ଫାଲ୍‌ଗୁନ ବ ୨୭ ନ ସନ ୧୨୮୬ ସାଲ ଶନିବାର
ସଂ ୧୦ ଖ୍ୟା

ଅଗ୍ରିମ ବାର୍ଷିକମୂଲ୍ୟ ଟ୨୧
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୨୯
ମଫସଲପାଁଇ ଡାକମାସୁଲ ଟ୧୪୵

କାବୁଲ ଯୁଦ୍ଧ ସମ୍ପର୍କରେ ଏ ସପ୍ତାହର ପ୍ରଧାନ ସମ୍ବାଦ ଏହି ପରି ସମ୍ବାଦପତ୍ରମାନଙ୍କରେ ଲେଖାଯାଏ ଯଥା;—

ୟାକୁବଖାଁନ୍ କାବୁଲରୁ ଗତ ମାସ ତା ୨୦ ରିଖରେ ସନ୍ଧି କରିବା ବିଷୟରେ ଏକ ପତ୍ର ଲେଖିଥିଲେ ତାହା ତା ୨୨ ରିଖରେ ଜେଲଲବାଦରେ ପହୁଞ୍ଚିଲା । ତହିଁ ଉତ୍ତାରୁ ୟାକୁବଖାନ୍‌ଙ୍କର ଆଉ ଏକପତ୍ର ଯେ ତାହା ତା ୨୬ ରିଖରେ ଲେଖା ହୋଇଥିଲା ପ୍ରବେଶ ହେଲା । ସେଥିରେ ଲେଖାଅଛି ଯେ ୟାକୁବଖାଁନ୍ ଉକ୍ତ ତାରିଖରେ ସମ୍ବାଦ ପାଇଲେ ଯେ ତାହାଙ୍କ ପିତା ସେରଅଲି ଉକ୍ତ ମାସ ତା ୨୧ ରିଖରେ ସ୍ୱର୍ଗାରୋହଣ କରିଅଛନ୍ତି । ସେ ଦୀର୍ଘକାଳ ଇଂରେଜଙ୍କ ବନ୍ଧୁ ଥିବାରୁ ବନ୍ଧୁଭାବରେ ଏ ସମ୍ବାଦ ପଠାଗଲା ।

ଅମିରଙ୍କ ମୃତ୍ୟୁସମ୍ବାଦ କେତେଥର ରଟନା ହୋଇଥିଲା ମାତ୍ର ଏଥର ଯଥାର୍ଥ ବୋଲି ବୋଧ ହୁଅଇ ଓ ତାହା ହୋଇଥିଲେ କାବୁଲଯୁଦ୍ଧ ଶେଷ ହେଲା ବୋଲିବାକୁ ହେବ । ମାତ୍ର କି ନିୟମରେ ସନ୍ଧି ହେବ ତହିଁର ବିଚାର ହେଉଅଛି !

———

ଗତ କଲିକତା ଗେଜେଟରେ ମୟୂରଭଞ୍ଜର ମହାରାଜାଙ୍କର ଗୋଟିଏ ଉତ୍କୃଷ୍ଟ ବଦାନ୍ୟତାକୁ ବଙ୍ଗାଳ ଗବର୍ଣ୍ଣମେଣ୍ଟ ସ୍ୱୀକାର କରି ଧନ୍ୟବାଦ ଦେଇ ଅଛନ୍ତି । ଶ୍ରୀଯୁକ୍ତ ରେଭନ୍ସାସାହେବ ଏଠାରେ ଦୀର୍ଘକାଳ କମିଶ୍ନର ଥାଇ ଓଡ଼ିଶାର ଅନେକ ମଙ୍ଗଳ ସାଧନ କରିଥିଲେ । ତାହାଙ୍କର ନାମକୁ ଓଡ଼ିଶାରେ ଚିରସ୍ମରଣୀୟ କରିବା ସକାଶେ ଓଡ଼ିଶାର ସର୍ବ ପ୍ରଧାନ ବ୍ୟକ୍ତି ଅର୍ଥାତ୍ ମୟୂରଭଞ୍ଜର ମହାରାଜା କୋଡ଼ିଏ ହଜାର ଟଙ୍କା ଦାନ କରି ଅଛନ୍ତି । କଟକ କଲେଜ ଶ୍ରୀଯୁକ୍ତ ରେଭନ୍‌ସା ସାହେବଙ୍କ ପ୍ରଧାନ କୀର୍ତ୍ତି । ଏ କଲେଜ ଚିରସ୍ଥାୟୀ ହେଲେ ତାହାଙ୍କର ନାମ ଶୁଦ୍ଧା ଚିରସ୍ଥାୟୀ ହେବ ଏହି ବିବେଚନାରେ ଗବର୍ଣ୍ଣମେଣ୍ଟ ମହାରାଜାଙ୍କ ସମ୍ମତି ସହିତ ଉକ୍ତ ବିଂଶତିସହସ୍ର ଟଙ୍କା କଟକ କଲେଜକୁ ଦାନ କରି ଅଛନ୍ତି ଯେ ଏହା ପାର୍ଣ୍ଣିସ୍ୱରୂପ କୁମ୍ପାନି କାଗଜରେ ଗଚ୍ଛିତ ହେବ ଏବଂ ଏଥିର ସୁଧଦ୍ୱାରା କଲେଜର ଆଂଶିକ ବ୍ୟୟ ଚଳୁଥିବ । ଏଥି ସଙ୍ଗେ ୨ କଟକ କଲେଜର ନାମ ରେଭନ୍‌ସା କଲେଜ ବୋଲି ପରିବର୍ତ୍ତିତ ହେଲା । ମହାରାଜାଙ୍କର ଏ କାର୍ଯ୍ୟଟି ସର୍ବସାଧାରଣଙ୍କର ମନୋନୀତ ହୋଇ ଅଛି ଏବଂ ଅତ୍ୟନ୍ତ ପ୍ରଶଂସନୀୟ ସନ୍ଦେହ ନାହିଁ କିନ୍ତୁ କଲେଜକୁ ଯେବେ ଗବର୍ଣ୍ଣମେଣ୍ଟ ପ୍ରକୃତ କଲେଜ କରି ନ ଦେଇ ଏହିପରି ରଖନ୍ତି ତେବେ ରେଭନ୍‌ସା ସାହେବଙ୍କ ନାମର ଟେକ ରହିବ ନାହିଁ ବରଂ ନିନ୍ଦନୀୟ ହେବ ।

———

ଆମ୍ଭେମାନେ ଓଡ଼ିୟା ଗବର୍ଣ୍ଣମେଣ୍ଟ ଗେଜେଟର ଉନ୍ନତି ଦେଖିବାକୁ ଇଚ୍ଛୁ ବୋଲି ସମୟ ୨ ରେ ଏଥି ବିରୁଦ୍ଧରେ ଏକ ୨ କଥା କହିବାକୁ ବାଧ୍ୟ ହେଉଁ । ଭୂତପୂର୍ବ କମିଶ୍ନର ରେଭନସା ସାହେବ ଏଥିର ଉନ୍ନତି ନିମିତ୍ତ ଚେଷ୍ଟିତ ହୋଇ ଗବର୍ଣ୍ଣମେଣ୍ଟ ଅନୁବାଦକ ଏବଂ ତାହାଙ୍କ ଅମଲାମାନଙ୍କ ବେତନ ବଢାଇଲେ ମାତ୍ର କାର୍ଯ୍ୟତଃ ଦେଖାଯାଏ ଯେ ବେତନ ବଢାଇବା ସାର ହେଲା ଗେଜେଟର ଅବସ୍ଥା କୌଣସି ପ୍ରକାରରେ ଭଲ ହେଲା ନାହିଁ ଓ ଯେବେ ତାହା ନ ହେଲା ତେବେ ଗବର୍ଣ୍ଣମେଣ୍ଟଙ୍କର ଏପରି ଟଣାଟଣି ସମୟରେ ବୃଥାରେ ଏତେ ଟଙ୍କା ବ୍ୟୟ କରିବାର ପ୍ରୟୋଜନ କି ? ଆମ୍ଭେମାନେ ଏକଥା ଲେଖିବାର କାରଣ ଏହି କି ଏସପ୍ତାହରେ ଏକଖଣ୍ଡ ଓଡ଼ିୟାଗେଜେଟ ପାଇଅଛୁଁ ତହିଁରେ ନୂତନ ଷ୍ଟାମ୍ପବିଲର ପାଣ୍ଡୁଲିପି ଛପା ହୋଇଅଛି ଏଥିରୁ ପାଠକମାନେ ଜାଣନ୍ତୁ ଯେ ନୂତନଷ୍ଟାମ୍ପ ଆଇନ ମାସେ ହେଲା ଜାରି ହେଲାଣି । ଆଇନ ଜାରି ହେଲା ଉତ୍ତାରୁ ପାଣ୍ଡୁଲିପି ଛପିବାରେ ବୃଥା ବ୍ୟୟ ଭିନ୍ନ ଆଉ କି ଲାଭ ଅଛି ଆମ୍ଭେମାନେ ବୁଝିପାରୁ ନାହୁଁ । ଅନୁବାଦକ ମହାଶୟ ଆପଣା ଅସଙ୍ଗତ କାର୍ଯ୍ୟକୁ କିଞ୍ଚିନ୍ମାତ୍ର ସଙ୍ଗତ ବୋଲି ଦେଖାଇବା ଉଦ୍ଦେଶରେ ଏ ସଂଖ୍ୟାର ଗେଜେଟକୁ ଗତ ଜାନୁଏରି ମାସର ଅତିରିକ୍ତ ଗେଜେଟ ବୋଲି ଲେଖିଅଛନ୍ତି ମାତ୍ର ଏତିକରେ କି ସବୁ ସୁନ୍ଦର ହୋଇଗଲା । ଆଇନ ଜାରି ଉତ୍ତାରୁ ପାଣ୍ଡୁଲିପି ଛପିବା ଯେମନ୍ତ ଜାନୁଏରି ମାସର ଗେଜେଟ ମାର୍ଚ୍ଚମାସରେ ବାହାରିବା ତେମନ୍ତ ଅଟଇ । ଆମ୍ଭେମାନେ ଶ୍ରୀଯୁକ୍ତ କମି-

Digitized by srujanika@gmail.com

Split by PDF Splitter



ଶ୍ନର ସାହେବଙ୍କଠାରେ ଅନୁରୋଧ କରୁଅଛୁଁ ଯେ ଗଜେଟ୍ ଜାରିପ୍ରତି ଥରେ ଦୃଷ୍ଟିପାତ କରିବେ ଓ ଯେପରି ଏଥିର କାର୍ଯ୍ୟକାରିତା କିଛି ଦେଖାଯାଏ ସେପକ୍ଷରେ ବିହିତ ଉପାୟ କରିବେ ।

———

କୌଣସି କର୍ମ କରିବାକୁ ହେଲେ ଲୋକମାନଙ୍କର ପ୍ରଧାନତଃ ଦୁଇଟି ବିଷୟ ପ୍ରତି ଲକ୍ଷ୍ୟ ଥାଏ । ପ୍ରଥମ ଉଦ୍ଦେଶ୍ୟ ସାଧନ, ଦ୍ୱିତୀୟ ବ୍ୟୟ । ଯେଉଁ ଉଦ୍ଦେଶ୍ୟରେ କୌଣସି କର୍ମ କରାଯାଏ, ପ୍ରକୃତରୂପେ ସେହି ଉଦ୍ଦେଶ୍ୟ ସାଧିତ ହେବ, ଏଥିପ୍ରତି ଦୃଷ୍ଟି ରଖିବା ସର୍ବାଗ୍ରେ କର୍ତ୍ତବ୍ୟ ଆଉ ଯେତେ ମିତବ୍ୟୟରେ କାର୍ଯ୍ୟ ସମ୍ପନ୍ନ କରାଯାଏ ତଦ୍ବିଷୟରେ ମଧ୍ୟ ଯତ୍ନବାନ୍ ହେବା ବାଞ୍ଛନୀୟ ।

ସାଧାରଣ ଲୋକେ ସକଳ ବିଷୟ ବୁଝି ନ ପାରିବା ପ୍ରଯୁକ୍ତ ଅନେକ ସ୍ଥଳରେ ଉଦ୍ଦେଶ୍ୟ ସାଧନ ନିମିତ୍ତ ପ୍ରୟୋଜନାତୀତ ବ୍ୟୟ କରିବାକୁ ବାଧ୍ୟ ହୁଅନ୍ତି । କେତେବେଳେ ବା ଯେଉଁ ଉଦ୍ଦେଶ୍ୟରେ କର୍ମ କରନ୍ତି ତାହା ଠିକ ସାଧିତ ହୁଏ ନାହିଁ । କଟକ ସହରର ଗୃହନିର୍ମାଣପ୍ରଣାଳୀ ଅବଲମ୍ବନ କରି ଆମ୍ଭେମାନେ ଏଠାରେ କେତେଗୋଟି କଥା କହିବୁଁ, ସରକାରୀ ଗୃହନିର୍ମାଣ ନିମିତ୍ତ ଗବର୍ଣ୍ଣମେଣ୍ଟରୁ ସୁଶିକ୍ଷିତ ଲୋକ ନିଯୁକ୍ତ ଥାଆନ୍ତି ସୁତରାଂ ସେ ସକଳ ଗୃହର ଗଠନପ୍ରଣାଳୀ ବା ବ୍ୟୟ ସମ୍ବନ୍ଧେ ଆମ୍ଭମାନଙ୍କର ବୋଲିବାର କିଛି ନାହିଁ । ସରକାରୀ ଗୃହ ନିର୍ମାଣରେ ଅଧିକ ବ୍ୟୟ ହୁଏ ବୋଲି ଲୋକମାନଙ୍କର ଯେ ବିଶ୍ୱାସ ଅଛି ତାହା ପ୍ରଣାଳୀର ଦୋଷ ନୁହେ, କର୍ମଚାରୀମାନଙ୍କର ଦୋଷ, ସାଧାରଣ ଲୋକଙ୍କ ପ୍ରତି ଏରୂପ ସୁବିଧା ଘଟେ ନାହିଁ କିପ୍ରକାରେ ବା ସୁବିଧା ହୋଇପାରେ ତତ୍ପ୍ରତି ସେମାନଙ୍କର ଦୃଷ୍ଟି ନାହିଁ । ଗୋଟିଏ କୋଠା ନିର୍ମାଣ କରିବାକୁ ହେଲେ ଲୋକମାନେ ସ୍ୱୟଂ ହିସାବ କରନ୍ତି, କେଉଁ ସ୍ଥାନରେ କିପରିମାଣେ ମସଲା ଖରଚ ହେବ, କାନ୍ଥ ସବୁ କେତେ ମୋଟା ହେବ, କିପରି ଲମ୍ବା ଘରରେ କେତେ ଝରକା ଓ ଦ୍ୱାର ରହିବା ଉଚିତ ଆଉ କିପରି ଘରରେ କେତେ କଡି ଓ ବରଗା ଦେବା ଉଚିତ ଇତ୍ୟାଦି ସମସ୍ତ ବିଷୟ ସେମାନେ ଜାଣନ୍ତି ନାହିଁ ବୋଲି ଯେଉଁମାନଙ୍କର ଅବସ୍ଥା ଭଲ ଅଥବା ପୂର୍ବରୁ ଅନେକ ମସଲା ପ୍ରସ୍ତୁତ ଥାଏ । ସେମାନେ ଉକ୍ତ ସବୁ ସ୍ଥାନରେ ଅଜ୍ଞତାବଶତଃ ଅଧିକ ମସଲା ଖରଚ କରିପକାନ୍ତି ଏତଦ୍ଦ୍ୱାରା ଅକାରଣ ଅଧିକ ମସଲ୍ ଓ ମଜୁରି ଖର୍ଚ୍ଚ ହୁଏ । ଝରକା ରଖିବାର ପ୍ରୟୋଜନ ଏମାନେ ବୁଝନ୍ତି ନାହିଁ ବୋଲି ବୋଧ ହୁଏ । କାଠ ଶସ୍ତା ବୋଲି ବୋଧ ହୁଏ, ଛାତରେ ଅସଙ୍ଗତ ଅଧିକ ସଂଖ୍ୟକ ମୋଟା୨ କଡି, ବରଗା ବସାଇ ଛାତକୁ ଅଧିକ ଭାରି କରି ପକାନ୍ତି । ଏହିରୂପେ ଘର ଗଢିବାରେ ନାନାରୂପ ଅନେକ ବ୍ୟୟ କରି ମଧ୍ୟ ବାସର ଅନୁପଯୁକ୍ତ କରିପକାନ୍ତି । ଏହାର ଫଳ ଅସୁବିଧା ଓ କ୍ଷତି । ଇଚ୍ଛା କରି ଅଥବା ଅଜ୍ଞତାବଶତଃ ଏହିରୂପ କ୍ଷତିଗ୍ରସ୍ତ ହେବା କଦାପି ବାଞ୍ଛନୀୟ ନୁହେ । ଯେପରି ମକଦ୍ଦମା ପଡିଲେ ଓକିଲ ଆବଶ୍ୟକ ହୁଏ, ପୀଡ଼ା ହେଲେ ଡାକ୍ତର ଡାକିବାକୁ ହୁଏ ତଦ୍ରୂପ ଗୃହ ନିର୍ମାଣାଦି କର୍ମ କରିବାକୁ ହେଲେ ଏହି ବିଦ୍ୟା ଯେଉଁମାନେ ଜାଣନ୍ତି ସେମାନଙ୍କର ପରାମର୍ଶ ନେବା ଉଚିତ କିନ୍ତୁ ଦୁଃଖର ବିଷୟ ଯେ ଓକିଲ ଓ ଡାକ୍ତରମାନଙ୍କ ପରି ଇଞ୍ଜିନୀୟରମାନଙ୍କର ଆବଶ୍ୟକତା ସାଧାରଣ ଲୋକମାନେ ବୁଝନ୍ତି ନାହିଁ, ଯେଉଁମାନେ ଇଞ୍ଜିନିୟରିଂ ଶିକ୍ଷି ସରକାରରେ ଚାକିରି ନ ପାନ୍ତି ସେମାନଙ୍କର ଜୀବିକା ନିର୍ବାହର ପଥ ପ୍ରସାରିତ ଥିଲେହେଁ ଦେଶୀୟ ଲୋକମାନଙ୍କର ଅଜ୍ଞତାବଶତଃ ତାହା ରୁଦ୍ଧ ହୁଏ । ଇଂଲଣ୍ଡ ପ୍ରଭୃତି ସଭ୍ୟତର ଦେଶରେ କି ଓକିଲ କି ଡାକ୍ତର କି ଇଞ୍ଜିନୀୟର ସର୍ବ ପ୍ରକାର ବ୍ୟବସାୟୀ ଲୋକମାନେ ସ୍ୱାଧୀନଭାବେ କର୍ମ କରିବାର ସ୍ଥାନ ଓ ସୁବିଧା ପାଆନ୍ତି ତତ୍ସମସ୍ତ ଦେଶସ୍ଥ ଲୋକମାନେ ସେମାନଙ୍କ ଉପକାରିତା ଉତ୍ତମରୂପେ ବୁଝନ୍ତି । ଆମ୍ଭମାନଙ୍କ ଦେଶସ୍ଥ ଲୋକମାନେ ଏହି ସକଳ ଲାଭର କଥା ବୁଝିବେ ଏହି ଆମ୍ଭମାନଙ୍କର ଆନ୍ତରିକ ଇଚ୍ଛା ଅଟେ । ତାହା ହେଲେ ଲୋକମାନେ ଅନର୍ଥକ ଅର୍ଥ ବ୍ୟୟରୁ ରକ୍ଷା ପାଆନ୍ତେ ଆଉ ଠିକ ଉଦ୍ଦେଶ୍ୟ ମତେ ଗୃହାଦି ନିର୍ମିତ ହୋଇ ପାରନ୍ତା । ଭୂମିର ଜରିପ ଓ ନକ୍ସା, ଜମିର ଅସୃଭନ ଓ ସୀମା ନେଇ ବିବାଦ, ପୟଃପ୍ରଣାଳୀ ପୁଷ୍କରିଣୀ ପ୍ରଭୃତି ଖନନ ଇତ୍ୟାଦି କାର୍ଯ୍ୟ ସକଳ ଲୋକମାନଙ୍କର ସର୍ବଦା ପଡ଼ିଥାଏ ଏବଂ ଏତଦ୍ବିଷୟ ଅଜ୍ଞତା ହେତୁ ଲୋକେ ସମୟେ ସମୟେ ବଡ଼ କ୍ଷତିଗ୍ରସ୍ତ ହୁଅନ୍ତି ଏବଂ ସେମାନଙ୍କର ବୃଥା ସମୟ ନଷ୍ଟ ହୁଏ ଆଉ ପ୍ରବଳବିପକ୍ଷ ନିକଟରେ ସର୍ବଦା ପ୍ରତାରିତ ଓ ପରାସ୍ତ ହୋଇ ଥାଆନ୍ତି । ଅତଏବ ଆମ୍ଭେମାନେ ଆଶା କରୁଁ ଲୋକେ ଅନ୍ତତଃ ସ୍ୱାର୍ଥରକ୍ଷା ନିମିତ୍ତ ସାବଧାନ ହୋଇ ଚଳିବେ ଓ ଉପଯୁକ୍ତ ଲୋକର ପରାମର୍ଶ ଗ୍ରହଣ କରିବାରେ କୁଣ୍ଠିତ ହେବେ ନାହିଁ ବା ଅବହେଲା କରିବେ ନାହିଁ, ଦୁଇ ଏକବାର ପରୀକ୍ଷା କରି ଦେଖିଲେ ଉତ୍ତମରୂପେ ବୁଝି ପାରିବେ ଯେ ଅପେକ୍ଷାକୃତ କେତେ ଅଳ୍ପ ବ୍ୟୟରେ କାର୍ଯ୍ୟ ସକଳ ସୁସମ୍ପାଦିତ ହୋଇପାରେ ।

———

## ଜାତୀୟ ଜୀବନ ।

ଏ ବିଷୟରେ ଶ୍ରୀବାବୁ ସଂସାରମୋହନ ଆଚାର୍ଯ୍ୟ ଗତମାସ ତା୨୪ ରିଖରେ ଛାପାଖାନାର ହୋମହଲରେ ବକ୍ତୃତା କରିଥିଲେ ସମୟ ଓ ସ୍ଥାନାଭାବ ହେତୁ ଆମ୍ଭେମାନେ ଗତ ସପ୍ତାହରେ ତାହା ଉଲ୍ଲେଖ କରିବାକୁ ଅପାରଗ ହୋଇଥିଲୁଁ ବର୍ତ୍ତମାନ ପାଠକବୃନ୍ଦଙ୍କ ଗୋଚରାର୍ଥେ ତାହା ଲେଖୁଅଛୁଁ । ବକ୍ତୃତା ଶୁଣିବାପାଇଁ ଅନେକ ଲୋକ ଆସିଥିଲେ ଏମନ୍ତ କି ଘର ଭିତର ଓ ବାରଣ୍ଡା ଶ୍ରୋତାଙ୍କ ଶ୍ରେଣୀରେ ପୂର୍ଣ୍ଣ ହୋଇଥିଲା । ବକ୍ତୃତା ଘ ୭½ ଟା ସମୟରୁ ଆରମ୍ଭ ହୋଇ ପ୍ରାୟ ଘ ୧୦ ଟା ସମୟରେ ଶେଷ ହେଲା ଓ ବକ୍ତା ଏପରି ତେଜସ୍ୱିତା ସହିତ କହୁଥିଲେ ଯେ ତାଙ୍କ କଥା ଛାପାଖାନା ହତା ତେଲିଙ୍ଗି ପଥ ପର୍ଯ୍ୟନ୍ତ ଶୁଣା ଯାଉ ଥିଲା ଏବଂ ଶ୍ରୋତାମାନଙ୍କର ଆନନ୍ଦସୂଚକ କରତାଳି ଧ୍ୱନିରେ କର୍ଣ୍ଣ ବଧୀର ହେଉ ଥିଲା । ବକ୍ତୃତାର ସାରାଂଶ ନିମ୍ନେ ଲେଖୁଅଛୁଁ ଯଥା ।—

ବକ୍ତା କହିଲେ ବେଦନା ବୋଧ ଓ ଚଳନ ଶକ୍ତି ଜୀବନର ଲକ୍ଷଣ ଅଟଇ ଯେଉଁ ପଦାର୍ଥର ଏ ସବୁ ଲକ୍ଷଣ ଅଛି ତାହାର ଜୀବନ ଅଛି ଓ ଯେଉଁ ପଦାର୍ଥର ଏ ସବୁ କିଛି ନାହିଁ ତାହାର ଜୀବନ ନାହିଁ । ଯେଉଁ ଜାତୀୟ ଲୋକେ ଆପଣାର ଅଭାବ ବୁଝି ତାହା ମୋଚନର ପ୍ରତୀକାର କରୁଅଛନ୍ତି ଓ ଉନ୍ନତି ମାର୍ଗରେ ଅଗ୍ରସର ହେଉ ଅଛନ୍ତି ସେ ଜାତିର ଜୀବନ ଅଛି ଓ ଯେଉଁ ଜାତି ଆପଣାର ଅଭାବ ବୁଝି ନାହାନ୍ତି ଓ ଉନ୍ନତିର ଚେଷ୍ଟା କରୁ ନାହାନ୍ତି ତାହାଙ୍କୁ ନିର୍ଜୀବ ବୋଲିବାକୁ ହେବ । ଏ ଦେଶୀୟ ଲୋକଙ୍କ ସଂକ୍ରାନ୍ତରେ ବକ୍ତା ମହାଶୟ ଉକ୍ତ ଦୁଇ ବିଷୟର ବ୍ୟାଖ୍ୟା କରିଥିଲେ । ସେ ଏ ଦେଶୀୟ ଲୋକଙ୍କର ଅନେକ ଅଭାବ ଦେଖାଇଲେ ଓ କେତେକ ଶୁଭଲକ୍ଷଣମାନର ଉଲ୍ଲେଖ କଲେ ଏଥି ମଧ୍ୟରେ ଶିକ୍ଷା ସର୍ବପ୍ରଧାନ ଅଟଇ । ସେ କହିଲେ ବର୍ତ୍ତମାନ୍ ଶିକ୍ଷାପ୍ରତି ଲୋକଙ୍କର ଶ୍ରଦ୍ଧା ହେଉଅଛି ଓ ପୂର୍ବାପେକ୍ଷା ବର୍ତ୍ତମାନ ଅନେକ ଲୋକ ଆପଣା୨ର ବାଳକମାନଙ୍କୁ ସ୍କୁଲକୁ ପଠାଉ ଅଛନ୍ତି ଏହା ଶୁଭଲକ୍ଷଣ ଅଟେ ମାତ୍ର

Digitized by srujanika@gmail.com

Split by PDF Splitter



ଜାତୀୟ ଶିକ୍ଷା ଏ ପର୍ଯ୍ୟନ୍ତ ହୋଇ ନାହିଁ । ବର୍ତ୍ତମାନ କେବଳ ଗବର୍ଣ୍ଣମେଣ୍ଟଙ୍କ ଶିକ୍ଷାଦାନ ଉପରେ ନିର୍ଭର ଅଛୁ । ଯେତେବେଳେ ଲୋକେ ଗବର୍ଣ୍ଣମେଣ୍ଟ ଉପରେ ନିର୍ଭର ନ କରି ଆପେ ଆପଣା ଦେଶରେ ଶିକ୍ଷା ବିସ୍ତାର କରିବେ ଓ ଶିକ୍ଷାର ଉନ୍ନତି କରିବେ ସେତେବେଳେ ଯାଇ ଶିକ୍ଷା ପକ୍ଷରେ ସେମାନଙ୍କର ସମ୍ପୂର୍ଣ୍ଣ ଆଦର ସମ୍ପୂର୍ଣ୍ଣ ଯତ୍ନ ଥିବାର ପ୍ରକାଶ ପାଇବ । ବର୍ତ୍ତମାନ ଶିକ୍ଷାରେ ନୀତିଶିକ୍ଷା ନାହିଁ ଏ ହେତୁ ଅନେକ ଶିକ୍ଷିତ ଯୁବକଙ୍କର ଚରିତ୍ର ଭଲ ହେଉ ନାହିଁ । ମାନସିକ ଉନ୍ନତି ଓ ଉତ୍ତମ ଚରିତ୍ର ଶିକ୍ଷାର ପ୍ରଧାନ ଉଦ୍ଦେଶ୍ୟ ଯେଉଁ ଶିକ୍ଷାରେ ଏ ଫଳ ଲାଭ ନ ହେଲା ସେ ଶିକ୍ଷାକୁ ଦୋଷଯୁକ୍ତ ବୋଲିବାକୁ ହେବ ଜାତୀୟ ଶିକ୍ଷାରେ ଏ ଦୋଷ ଖଣ୍ଡନ ହୋଇ ପାରେ । ଆଉ ଗୋଟିଏ ଦୋଷ ଏହି ଯେ ନବଯୁବକମାନେ ଅଳ୍ପ ଟିକିଏ ଇଂରେଜୀ ପଢ଼ି ମାତୃଭାଷାକୁ ଅନାଦର କରୁଅଛନ୍ତି ବରଂ କେହି୨ ଘୃଣା କରୁ ଅଛନ୍ତି । ଜାତୀୟ ଭାଷାରେ ବ୍ୟୁତ୍ପତ୍ତି ହେବା ଦୂରେ ଥାଉ ଶୁଦ୍ଧକରି ଦୁଇଧାଡ଼ି ଲେଖିବାର ଶକ୍ତି ନଥାଇ ଏତେ ଅହଂକାର ଯେ ଜାତୀୟ ଭାଷାର ଚର୍ଚ୍ଚାକୁ ଲଜ୍ଜାକର ବୋଧ କରନ୍ତି । ଏଠାରେ ସ୍ୱଜାତୀୟ ଭାଷାର ଖଣ୍ଡିଏ ପତ୍ରିକା ଉତ୍କଳଦୀପିକା ୧୪ ବର୍ଷ ହେଲା ପ୍ରଚଳିତ ହୋଇଅଛି କିନ୍ତୁ ଏ ପର୍ଯ୍ୟନ୍ତ ତହିଁର ଗ୍ରାହକସଂଖ୍ୟା ଢ ୧୪୦ ଶରୁ ଅଧିକ ହୋଇ ନାହିଁ କାରଣ ଇଂରାଜୀ ଶିକ୍ଷିତ ଯୁବକମାନେ ଓଡ଼ିଆ କାଗଜ ବୋଲି ତାହାକୁ ତୁଚ୍ଛ କରନ୍ତି ଓ ଅନ୍ୟମାନେ ସମ୍ବାଦପତ୍ରର ଉପକାରିତା ଏ ପର୍ଯ୍ୟନ୍ତ ବୁଝି ନାହାନ୍ତି । ଏହା ବଡ ଶୋଚନୀୟ ଅଟଇ । ଏପରି ଅବସ୍ଥାରେ ଜାତୀୟ ଭାଷାର ଉନ୍ନତି କି ପ୍ରକାରରେ ଶୀଘ୍ର ହେବ ।

ଶିକ୍ଷା ସଂକ୍ରାନ୍ତରେ ଆଉ ଗୋଟିଏ କଥା ବକ୍ତା ମହାଶୟ କହିଲେ ତାହା ଏହି—ବର୍ତ୍ତମାନ ନବ ଯୁବକମାନେ ଇଂରେଜୀ ପଢ଼ି ଆମ୍ଭମାନଙ୍କର ପୂର୍ବ ରୀତି ନୀତି ଇତ୍ୟାଦି ଛଡ଼ୁ ଅଛନ୍ତି ଯେବେ ସେ ସବୁକୁ ଦୋଷଯୁକ୍ତ ମଣି ଛାଡ଼ିଲେ ତେବେ ତହିଁ ପରିବର୍ତ୍ତେ ଦୋଷଶୂନ୍ୟ ଓ ଉତ୍କୃଷ୍ଟ [illegible]ତି ଅବଲମ୍ବନ କଲେ ଶୋଭା ପାଆନ୍ତା । ଧର୍ମ ସର୍ବାପେକ୍ଷା ପ୍ରଧାନ ପ୍ରଥମେ ତହିଁର ଉଲ୍ଲେଖ କରିବୁଁ । ନବଯୁବକମାନେ ପୁରାତନ ଧର୍ମକୁ ଦୂଷଣୀୟ ମଣି ଅନାଦର କରୁ ଅଛନ୍ତି ତ୍ୟାଗ କରୁ ଅଛନ୍ତି କିନ୍ତୁ ଆଉ କୌଣସି ଶ୍ରେଷ୍ଠତର ଧର୍ମ ଅବଲମ୍ବନ କରୁ ନାହାନ୍ତି ଫଳତଃ ଅଧଗାମୀ ହେଉ ଅଛନ୍ତି ଏହା ଅତି ଆକ୍ଷେପର ବିଷୟ । ସଂସାରରେ ଧର୍ମ ସାର ଆଉ ସବୁ ଅସାର ଯେଉଁ ଶିକ୍ଷାରେ ଏପରି ସାର ପଦାର୍ଥ ଅସାର ହେଉ ଅଛି ସେ ଶିକ୍ଷା ଶିକ୍ଷା ନୁହେ ।

ଶାରୀରିକ ଅବସ୍ଥା ବିଷୟରେ ବକ୍ତା ମହାଶୟ କହିଲେ ଆମ୍ଭମାନଙ୍କ ପିତାମହ ଓ ପ୍ରପିତାମହଙ୍କର ଯେପରି ଶାରୀରିକ ବଳ ଓ ତେଜ ଥିଲା ତହିଁର ଶତାଂଶ ଆମ୍ଭମାନଙ୍କଠାରେ ନାହିଁ । ଏଥିର ପ୍ରଧାନ କାରଣ ବିଳାସଭୋଗ ଅଟଇ । ମାଦକ ସେବନ କ୍ରମେ ବୃଦ୍ଧି ହେଉ ଅଛି ସୁରା ଓ କୁତ୍ସିତ ମଦତ ପ୍ରଧାନ ଓ ପ୍ରବଳ ହୋଇ ଆପଣା୨ ରାଜତ୍ୱ ବିସ୍ତାର କରୁ ଅଛି ଏଥିରେ ଶରୀର କି ପରି ସବଳ ହେବ ଏହା ଛଡ଼ା ଦୁର୍ବଳତାର ଅନ୍ୟ ଗୋଟିଏ କାରଣ ବାଲ୍ୟ ବିବାହ ଅଟଇ ଏଥିର ପ୍ରମାଣ ବକ୍ତା ବଙ୍ଗାଳିଙ୍କ ପିଲାସଙ୍ଗେ କରଣଙ୍କ ପିଲାଙ୍କୁ ତୁଳନା କରି ଦେଖାଇ ଦେଲେ । ବାଲ୍ୟବିବାହ ଯୋଗୁଁ ଶରୀର କ୍ରମେ କ୍ଷୀଣ ହେଉ ଅଛି ଓ କେତେ ସ୍ଥଳେ ପରିଶେଷେ ବଂଶଲୋପ ହେଉଅଛି ଏ ମହାପାପକୁ ଶୀଘ୍ର ଉଠାଇବାର ଆବଶ୍ୟକ ।

ତଦନନ୍ତର ବକ୍ତା ମହାଶୟ ଓକିଲ ମୁକ୍ତାରଙ୍କ ମନ୍ଦ ଚରିତ୍ର ଆମଲାଙ୍କ ଉତ୍କୋଚ ନେବା ରୀତି ବିଷୟରେ ଅନେକ କହିଲେ ଗୋଟିଏ ଅଭିନବ କଥା ଏହି ଯେ ବକ୍ତା ଶ୍ରୋତାମାନଙ୍କୁ ସମ୍ବୋଧନ କରି କହିଲେ ଯଦି ତୁମ୍ଭମାନଙ୍କର ହିତ ଇଚ୍ଛା ଅଛି ତେବେ ଏ ବିଷୟ ସବୁର ଆଲୋଚନା କର ଚିନ୍ତା କର ଓ କହିତ ପ୍ରତିକାରର ଚେଷ୍ଟା କର । ଯଦି କେବଳ ଏହି ଭାବରେ ଆସିଅଛ କି ଆଜି ଜଣେ କେମନ୍ତ କଣ କହିବ ଚାଲି ଯିବା ଶୁଣି ଆସିବା ତେବେ ଏହିକ୍ଷଣି ଏ ସ୍ଥାନ ତ୍ୟାଗ କରି ଏଠାରୁ ଚାଲି ଯାଅ ଆମ୍ଭର ଲେଶ ମାତ୍ର ଶୋଚନା ନାହିଁ । ଯେବେ ବାସ୍ତବରେ ହିତ ଚିନ୍ତା ଅଛି ତେବେ ତୁମ୍ଭମାନଙ୍କ ମଧ୍ୟରେ କେହି ସୁରାପାୟୀ ବା ମଦତୀ ଥିଲେ ଏଠାରୁ ଘରକୁ ଯାଇ ବୋତଲ ଓ ମଦତ ହୁକାକୁ ଭାଙ୍ଗି ପୋପାଡ଼ି ଦେଉନ୍ତୁ କେହି ଉତ୍କୋଚଗ୍ରାହୀ ଥିଲେ କାଲିଠାରୁ ଉତ୍କୋଚ ତ୍ୟାଗ କରନ୍ତୁ କେହି ଦୀପିକାର ଗ୍ରାହକ ନ ଥିଲେ କାଲିଠାରୁ ଗ୍ରାହକ ହେଉନ୍ତୁ ଓ ସ୍ୱଜାତୀୟ ଭାଷାର ଉନ୍ନତି ଚେଷ୍ଟା କରନ୍ତୁ । ସ୍ୱାଧୀନ ବ୍ୟବସାୟ ବିଷୟରେ ମଧ୍ୟ ବକ୍ତା କେତେକ କଥା କହିଥିଲେ । ଟିକିଏ ଇଂରେଜୀ ପଢ଼ି ଚାକିରି କରିବାରେ ବିଶେଷ ଉନ୍ନତି ହେବ ନାହିଁ ଚାକିରିରେ ସ୍ୱାଧୀନତା ଲେଶ ମାତ୍ର ରହେ ନା । ବାଣିଜ୍ୟ ଶିଳ୍ପ ଇତ୍ୟାଦି ସ୍ୱାଧୀନ ବ୍ୟବସାୟ ଅବଲମ୍ବନ କରିବାର ଉଚିତ । ବିଲାତରୁ ବସ୍ତ୍ର ଇତ୍ୟାଦି ଅନେକ ସାମଗ୍ରୀ ଏଠାକୁ ଆସୁଅଛି ଏଠାରେ ସେ ସବୁ ପ୍ରସ୍ତୁତର କିଛି ଯତ୍ନ ହେଉ ନାହିଁ ଯେତେବେଳେ ଏଠାରେ ସେ ସବୁ ପ୍ରସ୍ତୁତ ହେବ ସେତେବେଳେ ଯାଇ ଜାତୀୟ ଶିକ୍ଷା ଠିକ ହେବ । ବକ୍ତା ଆହୁରି କେତେକ କଥା କହିଥିଲେ ସେ ସବୁ ସ୍ମରଣ ହେଉ ନାହିଁ । ଏହା ଆମ୍ଭମାନଙ୍କର ଦୋଷ ନୁହେ ବକ୍ତାଙ୍କ ଦୋଷ ବୋଲିଲେ ଦୋଷ ହେବ ନାହିଁ କାରଣ ସେ ଏକାବେଳକେ ଅନେକ ଗୁଡ଼ିଏ କଥା କହିଲେ ସେ ସବୁ ସ୍ମରଣ ରଖିବାର କଷ୍ଟ ଅନ୍ୟ ଶ୍ରୋତାମାନେ ମଧ୍ୟ କେତେକ ଭୁଲି ଯାଇ ଥିବେ । କୌଣସି ଗୋଟିଏ ବିଷୟରେ ବାହୁଲ୍ୟ କରି ବୁଝାଇଲେ ତାହା ଶ୍ରୋତାଙ୍କର ହୃଦୟଙ୍ଗମ ହୁଏ ଓ ଅଧିକ କାଳ ଲାଗେ ନା । ଭରସା କରୁଁ ଯେ ଭବିଷ୍ୟତରେ ବକ୍ତା ଏଥିପ୍ରତି ଦୃଷ୍ଟି ରଖିବେ ଓ ଅତି ଚଞ୍ଚଳ କହିବାର ରୀତିକୁ ତ୍ୟାଗ କରିବେ ଏହା ହେଲେ ତାଙ୍କର ବକ୍ତୃତାମାନ ଅଧିକ ପ୍ରୀତିକର ହେବ ।

ବକ୍ତୃତା ଶେଷ ହେଲାରୁ ସଭାପତି ଶ୍ରୀବାବୁ ମଧୁସୂଦନ ରାଓ ବକ୍ତାଙ୍କୁ ଧନ୍ୟବାଦ ଦେଇ ଓ ପ୍ରଶଂସା କରି କହିଲେ ଯେତେ ବିଷୟ ବକ୍ତା କହିଅଛନ୍ତି ତହିଁର ଆଲୋଚନା ବର୍ଷେ କାଳ କଲେ ଶେଷ ହେବ ନାହିଁ । ତେବେ ନାରୀଙ୍କ କଥା ବକ୍ତା ଅଧିକ କହି ନାହାନ୍ତି ଗୋଟିଏ ଗୋଡରେ ଯେପରି ଚାଲିବାର ଅସମ୍ଭବ ସେହିପରି ନାରୀଙ୍କ ଅବସ୍ଥା ଉନ୍ନତ ନ ହେଲେ ସମାଜର ଉନ୍ନତି ହୋଇ ନ ପାରେ । ଅତଏବ ନାରୀମାନଙ୍କର ଶିକ୍ଷା ଓ ସମାନ ଆଦର ଓ ମର୍ଯ୍ୟାଦା ଆବଶ୍ୟକ । ଭାଷାର ଉନ୍ନତି ଚେଷ୍ଟାରେ ଉତ୍କଳମଧୁପ ପ୍ରବୃତ୍ତ ହୋଇଅଛି ଏହା ଶୁଭ ଲକ୍ଷଣ ଅଟେ କିନ୍ତୁ ତହିଁରେ ଏପର୍ଯ୍ୟନ୍ତ କେବଳ ଅଶ୍ଳୀଳ ଲାବଣ୍ୟବତୀର ସମାଲୋଚନା ହେଉଅଛି ରସକଲ୍ଲୋଳ ଇତ୍ୟାଦି ଅନ୍ୟ କୌଣସି ପୁସ୍ତକର ଆଲୋଚନା ହେଉ ନାହିଁ ଏହା ଆଶ୍ଚର୍ଯ୍ୟର ବିଷୟ ଅଟେ । ସଭାପତି ଆଉ ଦୁଇ ଏକ କଥା କହି ସଭା ଭଙ୍ଗ କଲେ । ଆମ୍ଭମାନଙ୍କ ବିବେଚନାରେ କେବଳ ବକ୍ତୃତା ସ୍ଥଳେ ସଭାପତିଙ୍କର ସମାଲୋଚନା ଅନାବଶ୍ୟକ ।

---

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖ ୧୪ ଣ
ସଂ ୧୧ ଖ୍ୟା

ତା ୧୫ ରଖ ମାହେ ମାର୍ଚ୍ଚ ସନ ୧୮୭୯ ମସିହା । ମୂ । ଚୈତ୍ର ଦ ୪ ନ ସନ ୧୨୮୬ ସାଲ ଶନବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ ୫୧
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬୧
ମଫସଲପାଇଁ ଡାକମାସୁଲ ଟ ୧୫୵

ଏବର୍ଷ ଦୋଲଯାତ୍ରା ପୂର୍ବଠାରୁ ଅଳ୍ପ ସମାରୋହରେ ନିର୍ବାହ ହୋଇଗଲା । ବୋଧ ହେଲା ଯେମନ୍ତ ଲୋକେ ପର୍ବ ରକ୍ଷା କରିବାରେ ଥକି ଗଲେଣି ଆଉ ପୂର୍ବର ବଳ ଓ ଉତ୍ସାହ ନାହିଁ । ଏ ନଗରରେ ପୂର୍ଣ୍ଣିମାଦନ ବେଳ ଦଶଘଣ୍ଟା ବ ଏଗାର ଘଣ୍ଟା ସମୟରେ ଯେଉଁ ମିଳନ ହେଉଥିଲା ଏ ବର୍ଷ ଅପରାହ୍ଣ ଘ ୫ ଣ୍ଟା ସମୟରେ ତାହା ହେଲା । ଏକଦଗରେ ଖାଦ୍ୟ ପ୍ରୟୋଜନୀୟ ସାମଗ୍ରୀର ଦୁର୍ମୂଲ୍ୟତା ଏବଂ ଅନ୍ୟ ଦଗରେ ଟାକ୍ସ ଭର ଲୋକଙ୍କୁ ଏମନ୍ତ ଅସ୍ଥିର କର ଦେଲଣି ଯେ ଆଉ ଉତ୍ସବ କର୍ମରେ ଉତ୍ସାହ ହେଉ ନାହିଁ କେବଳ ପୂର୍ବ ଋଷିମାନଙ୍କର ନିୟମକୁ ଧନ୍ୟ ବୋଲିବାକୁ ହେବ ଯେ ଏତେ କଷ୍ଟରେ ସୁଦ୍ଧା ତହିଁର ଅନ୍ୟଥା କରିବାକୁ ସର୍ବସାଧାରଣଙ୍କର ସାହସ ହେଉ ନାହିଁ ।

---

ଦୋଲଯାତ୍ରା ସଙ୍ଗେ ଏବର୍ଷ ଗ୍ରୀଷ୍ମକାଳ ଆରମ୍ଭ ହେଲା । ଏକସପ୍ତାହ ମଧ୍ୟରେ ଏମନ୍ତ ଗ୍ରୀଷ୍ମ ହୋଇଅଛି ଯେ ଲୋକେ ଘରରେ ଘର ଖଟ ବାହାରେ ଶୋଇବାର ଆରମ୍ଭ କରିଅଛନ୍ତି ଓ ଦନରେ ଖଟାକୁ ଚାହିଁ ହେଉ ନାହିଁ । ଗ୍ରୀଷ୍ମ ଆରମ୍ଭ ଦେଖି ପ୍ରଧାନ ରାଜକର୍ମଚାରୀମାନେ ପର୍ବତର ଶୀତଳ ପ୍ରଦେଶକୁ ଯିବାର ଆରମ୍ଭ କଲେଣି । ଗତ ଶୁକ୍ରବାର ମହାମାନ୍ୟ ଗବର୍ଣ୍ଣର ଜେନରଲ ସାହେବ ସିମଲାକୁ ଯାତ୍ରା କରିଥିବେ ସେ ବାଟରେ ଲାହୋରରେ ଦୁଇ ଏକଦନ ରହିବାର ସ୍ଥିର କରିଅଛନ୍ତି । କଲିକତାରୁ ଯାତ୍ରା କରିବା ପୂର୍ବ ଆଗାମୀ ବର୍ଷର ବଜେଟ ହେସାବ ବାହାର କରିବାର କଥା ଥିଲା ବୋଧ ହୁଏ ଆଇ ଉକ୍ତ ଦବସ ତାହା ବାହାର ଥିବ । କିନ୍ତୁ ତହିଁର ଫଳାଫଳ କିଛି ଜଣାପଡ଼ ନାହିଁ । ଯେବେ କିଛି ନୂଆ ଟାକ୍ସ ବସାଇ ନ ଥିବେ ତେବେ ରକ୍ଷା ମାତ୍ର ଯେପରି ସମସ୍ତ ଉପସ୍ଥିତ ହୋଇଅଛି ତହିଁରେ ନିଶ୍ଚୟ ଜଣାଯାଏ ଯେ କୌଣସି ନୂଆ ଟାକ୍ସ ବସି ନ ଥିଲେ ପୁରୁଣା ଟାକ୍ସ କିଛି ଛାଡ଼ ଯିବ ନାହିଁ ।

---

ଦକ୍ଷିଣ ଆଫ୍ରିକାର ଜୁଲୁନାମକ ଅସଭ୍ୟ ଜାତୀୟଙ୍କ ହସ୍ତରେ ଇଂରାଜସୈନ୍ୟ ଜ ୫୦୦ ଣ ଅକସ୍ମାତ୍ ଧ୍ୱଂସ ହେବାର ସମ୍ବାଦ ଏଥିପୂର୍ବେ ଲେଖାଯାଇଥିଲା । ବର୍ତ୍ତମାନ ସେ ବିଷୟରେ ସେଠା ସୈନ୍ୟାଧ୍ୟକ୍ଷ ଲର୍ଡ଼ ଚେମସଫୋର୍ଡଙ୍କ ପତ୍ର ଇଂଲଣ୍ଡରେ ପ୍ରବେଶ ହୋଇଅଛି ମାତ୍ର ତହିଁରୁ ବିଶେଷ କିଛି ଜଣାପଡ଼ୁନାହିଁ ବାସ୍ତବରେ ଏ ଦୁର୍ଘଟନାର କାରଣ କିଛି ବୁଝାଯାଉ ନାହିଁ ବୋଲି ସେ ନିଜେ ଲେଖିଅଛନ୍ତି । ଇଉରୋପର ସମ୍ବାଦପତ୍ରମାନଙ୍କ ବିବେଚନାରେ ଇଂରାଜମାନଙ୍କର ଅଦୂରଦର୍ଶିତା ଏଥିର କାରଣ ଅଟଇ । ସେମାନେ ଆପଣା ପରାକ୍ରମକୁ ଅଧିକ ଏବଂ ଶତ୍ରୁର ବଳକୁ ଊଣା ମନେକର ଅଳ୍ପ ସୈନ୍ୟ ଘେନି ଶତ୍ରୁର ଅଧିକ ଲୋକ ସଙ୍ଗେ ଯୁଦ୍ଧ କରିବାକୁ ଯାଆନ୍ତି ବୋଲି ଏପରି ଦୁର୍ବିପାକରେ ପଡ଼ନ୍ତି । ଏ ଅନୁମାନ ଅସଙ୍ଗତ ବୋଧ ହେଉ ନାହିଁ । ଯାହା ହେଉ ସମ୍ପ୍ରତି ପ୍ରଚୁର ସେନା ଯୁଦ୍ଧସ୍ଥଳକୁ ପ୍ରେରିତ ହେଲେଣି ଏଥର ଜୁଲୁମାନେ ସହଜରେ ଆୟତ୍ତ ହେବେ କିନ୍ତୁ ସେମାନେ ବାଗରେ ପାଇ ଯାହା କରିଗଲେ ତାହା ପାସୋର ଯିବ ନାହିଁ ।

— * —

ଇଣ୍ଡିୟାନ ଏସୋସିଏସନ ନାମରେ କଲିକତାରେ ଗୋଟିଏ ସଭା ଅଛି । ଏ ସଭା ପ୍ରାୟ ଦୁଇବର୍ଷ ହେଲା ସ୍ଥାପିତ ହୋଇଅଛି ଏବଂ ଏହାଦ୍ୱାରା ସମୟ ସମୟରେ ଦେଶର କେତେକ ହିତକର ବିଷୟର ଆନ୍ଦୋଳନ ହୋଇଅଛି । ସିଭିଲ ସରବିସ ପରୀକ୍ଷାର ପୂର୍ବ ନିୟମ ପରିବର୍ତ୍ତନ ହେତୁ ଏଦେଶ ବାସିଙ୍କର ଉକ୍ତ ଶ୍ରେଣୀରେ ଭୁକ୍ତ ହେବାର ଅନେକ ଅସୁବିଧା ହୋଇଅଛି । ଗତବର୍ଷ ଏ ସଭା ସେଥିପକ୍ଷରେ ଯତ୍ନବାନ୍ ହୋଇ ବାବୁ ସୁରେନ୍ଦ୍ରନାଥ ବାନୁର୍ଯ୍ୟାଙ୍କୁ ସଭାର ପ୍ରତିନିଧି ସ୍ୱରୂପ ଭାରତବର୍ଷର ନାନାସ୍ଥାନକୁ ପଠାଇ ସର୍ବସାଧାରଣଙ୍କର ମତ ସଂଗ୍ରହ କରିଥିଲେ । ଏବର୍ଷ ଉକ୍ତ ସଭା ଭାରତବର୍ଷର ସିବିଲସରବିସ ଏବଂ ଅନ୍ୟାନ୍ୟ ରାଜନୀତି ସମ୍ପର୍କୀୟ ଅଭାବ ଓ ଅସୁବିଧାମାନ ଇଂଲଣ୍ଡର ଲୋକଙ୍କୁ ଏବଂ ପାର୍ଲିମେଣ୍ଟ ମହାସଭାକୁ ଜଣାଇବା କାରଣ ଜଣେ ପ୍ରତିନିଧି ପଠାଇବାର ସ୍ଥିର କରିଅଛନ୍ତି । ବାରିଷ୍ଟର ବାବୁ ଲାଲମୋହନ ଘୋଷଙ୍କପ୍ରତି ଏ ମହତ୍ କାର୍ଯ୍ୟର ଭାର ଅର୍ପିତ ହୋଇଅଛି । ସେ

Digitized by srujanika@gmail.com

Split by PDF Splitter



ଶୀଘ୍ର ହସ୍ତଗତ କରିବାକୁ ଯାତ୍ରା କରିବେ । ଅମ୍ଭେମାନେ ଏକାନ୍ତ ଆଶା କରୁଁ ଯେ ତାହାଙ୍କର ଶ୍ରମ ସଫଳ ହେବ ଫଳତଃ ତାହା ନ ହେଲେସୁଦ୍ଧା ସଖ ଯେ ତାହାଙ୍କୁ ଏପରି କାର୍ଯ୍ୟରେ ପଠାଇଲେ ଏଥିରେ ଅବଶ୍ୟ କିଛି ଲଭ ହେବ । ଚେଷ୍ଟାର ଅସାଧ୍ୟ କିଛି ନାହିଁ । ବହୁଦିନ ଚେଷ୍ଟା କଲେ ଅବଶ୍ୟ ଥରେ ଇଂଲଣ୍ଡବାସିମାନେ ଭାରତବର୍ଷର ଦୁଃଖରେ ସହାନୁଭୂତି ପ୍ରକାଶ କରି ପ୍ରତୀକାରର ଚେଷ୍ଟା କରିବେ ।

---

ପ୍ରଧାନ ରାଜକର୍ମଚାରୀଙ୍କର ଗଡଜାତ ଭ୍ରମଣ କ୍ରମଶଃ ଗୋଟିଏ ବାର୍ଷିକ ପର୍ବମଧ୍ୟରେ ପରିଗଣିତ ହେବାକୁ ବସିଲା । ଯେମନ୍ତ କି ଦୋଲଯାତ୍ରା ସମୟରେ ଠାକୁର ମିଳନ ବା ରଥଚଣି ଖେଳିବାକୁ ବାହାରିଲେ ରୋଷନାଇ ଅତସବାଜି ଓ ନାଚ ଇତ୍ୟାଦି ମଜଲିସ ହୁଅଇ ସେହିପରି ଗଡଜାତର ସୁପରିଣ୍ଟେଣ୍ଡେଣ୍ଟ କମ୍ବା ଆସିଷ୍ଟାଣ୍ଟ ବାହାରିଲେ ରାଜାମାନେ ରୋଷନାଇ ଅତସବାଜି ନାଚ ଇତ୍ୟାଦିଦ୍ୱାରା ସାହେବମାନଙ୍କର ସମାଦର କରନ୍ତି । ନୂତନ ସୁପରିଣ୍ଟେଣ୍ଡେଣ୍ଟଙ୍କ ଗଡଜାତ ଭ୍ରମଣ ସମୟରେ ତାଲଚେର ପ୍ରଭୃତି କେତେ ସ୍ଥାନରେ ଏହିପରି ହୋଇଥିଲା ଏବଂ ବାଲେଶ୍ୱରର ମାଜିଷ୍ଟ୍ରେଟ ଜମିଣସାହେବଙ୍କୁ କି ସେ ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଅଟନ୍ତି ଏହି ସମୟରେ ନୀଲଗିରିର ରାଜା ସମାଦର କରିଥିଲେ । ରାଜାମାନଙ୍କର ଧନ ବସ୍ତର ଅନ୍ତ ସୁତରାଂ ସାହେବଙ୍କଠାରେ ରାଜଭକ୍ତି ଦେଖାଇବା ଉପଲକ୍ଷରେ ଏପ୍ରକାର ବ୍ୟୟ କଲେ ତାହାଙ୍କର କିଛି ଋଣ ହେବ ନାହିଁ ତଥାଚ ପ୍ରତ୍ୟେକ କର୍ମଚାରୀଙ୍କୁ ଏହିପ୍ରକାରେ ସମାଦର କଲେ ଉକ୍ତ ବିଶେଷ କିଛି ରହିଲା ନାହିଁ ଏବଂ କେବଳ ରୋଷନାଇ ଇତ୍ୟାଦିରେ ରାଜକର୍ମଚାରୀମାନଙ୍କୁ ସନ୍ତୁଷ୍ଟ କରିବାକୁ ଚେଷ୍ଟା ନ କରି ଯେବେ ରାଜାମାନେ ଆପଣା ଅଧିକାର ମଧ୍ୟରେ ବର୍ଷକୁବର୍ଷ ନୂତନ ସାଧାରଣ ହିତକର ଓ ଉନ୍ନତିକର କାର୍ଯ୍ୟର ଅନୁଷ୍ଠାନ ଏବଂ ସର୍ବପ୍ରଣାଳୀରେ ସୁଶାସନ ବିସ୍ତାରର ପରିଚୟଦ୍ୱାରା ସାହେବମାନଙ୍କ ପ୍ରୀତିଭାଜନ ହେବାର ଯୋଗ୍ୟତା ଦେଖାଇବାକୁ ଅଭ୍ୟାସ କରିବେ ତେବେ ପ୍ରକୃତ ମଙ୍ଗଳ ସାଧନ ହେବ । ରାଜାମାନଙ୍କୁ ଏ ବିଷୟରେ ପ୍ରକୃତ ଶିକ୍ଷା ଦେବା ସାହେବମାନଙ୍କର କର୍ତ୍ତବ୍ୟ ଅଟଇ ।

---

## କାବୁଲ ଯୁଦ୍ଧ ।

କାବୁଲର ଅମୀର ସେରଅଲିଙ୍କର ମୃତ୍ୟୁସମ୍ବାଦ ନିଶ୍ଚୟ ହେଲା । ସେ ଇଂରାଜଙ୍କ ବଳକୁ ଏକାକୀ ସମକକ୍ଷ ନ ଥିବାର ଜାଣି ରୁସିୟାର ସାହାଯ୍ୟ ନେଉଁବାକୁ ଦେଶ ଛାଡି ପଳାଇଲେ ମାତ୍ର କୌଣସିପ୍ରକାର ସାହାଯ୍ୟ ନ ପାଇବାରୁ ଭଗ୍ନୋତ୍ସାହ ହୋଇ ପୀଡିତ ହେଲେ ଓ ସେହି ପୀଡାରେ ତାହାଙ୍କର ମୃତ୍ୟୁ ହେଲା । ୟାକୁବଖାଁ ଏଥର ନିଷ୍କଣ୍ଟକରେ କାବୁଲର ଅଧିବାସୀ ହେଲେ । ତାହାଙ୍କ ସଙ୍ଗେ ରାଜ୍ୟସକାଶେ ବିବାଦ କରିବାକୁ କେହି ନାହିଁ ଓ ଯେ କରିବାର ଥିଲା ତାହାକୁ ସେ ପରାସ୍ତ କରିଅଛନ୍ତି । ମାତ୍ର ଇଂରାଜଙ୍କସହିତ ସେ ସନ୍ଧି କରିବାକୁ ଚେଷ୍ଟିତ ଅଛନ୍ତି କି ନାହିଁ ଅଦ୍ୟାପି ତାହା ସ୍ପଷ୍ଟରୂପେ ଜଣା ପଡୁନାହିଁ । ଏକ ଜନରବ ଉଠିଥିଲା ଯେ ସେ ସନ୍ଧିସକାଶେ ପତ୍ର ଲେଖିଅଛନ୍ତି ମାତ୍ର ବର୍ତ୍ତମାନ କଥିତ ହୁଅଇ ଯେ ସେ କେବଳ ଏତିକି ଲେଖିଅଛନ୍ତି କି ଇଂରାଜ ଗବର୍ଣ୍ଣମେଣ୍ଟ ଘୋଷଣା ଦେଇଅଛନ୍ତି କି ଅମୀରଙ୍କ ବିରୁଦ୍ଧରେ ସେ ରଣସଜ୍ଜା କରିଅଛନ୍ତି ଅଫଗାନ ସ୍ଥାନୀୟଙ୍କ ବିରୁଦ୍ଧରେ ନୁହଇ ଏଥିକୁ ଅମୀରଙ୍କର ମୃତ୍ୟୁ ହେଲା ଆଉ ଯୁଦ୍ଧକରିବାର ପ୍ରୟୋଜନ କି ? ଏପରି କଥାରେତ ସନ୍ଧି ହୋଇ ନ ପାରେ ମାତ୍ର ଏକଥା କେତେଦୂର ସତ୍ୟ ନିଶ୍ଚୟ ଜଣାଯାଇ ନାହିଁ । ଯାହା ହେଉ ସନ୍ଧି ହେବାର ସମ୍ଭାବନା ନିକଟ ହେଉ ବା ନ ହେଉ ଅଦ୍ୟାପି ଇଂରାଜସେନା ଯୁଦ୍ଧ କରିବାରୁ କ୍ଷାନ୍ତ ହୋଇ ନାହାନ୍ତି । କନ୍ଦାହାରରୁ ଆସିଥିବା ଚଳିତ ମାସ ତା ୮ ରିଖର ତାରଡାକ ସମ୍ବାଦରୁ ଜଣାଯାଏ ଯେ ଏକହଜାର ଅଲିଜାଇ ଜାତୀୟ ଲୋକ ଜେନେରଲ ବିଡଲ୍‌ଫଙ୍କ ସେନାକୁ ଖୁସ୍‌କାବଦ ନାମକ ସ୍ଥାନରେ ଆକ୍ରମଣ କରିଥିଲେ । ଇଂରାଜସେନା ସତର୍କ ହୋଇ ଯୁଦ୍ଧ କରିବାରୁ ସେମାନେ ପରାସ୍ତ ହୋଇ ପଳାଇଲେ ଓ ତାହାଙ୍କ ମଧ୍ୟରୁ ୧୬୦ଜଣ ହତ ହେଲେ । ଇଂରାଜଙ୍କ ପକ୍ଷରୁ ମେଜର ରେନ୍‌ଲଡ୍ସ ଏବଂ ୭ଜଣ ସୁଆର ମରିପଡିଲେ ଏବଂ ଦଶଜଣ ସୁଆର ଓ ଜଣେ କର୍ଣ୍ଣେଲ ଆହତ ହେଲେ । ଅଉ ଏକ ସମ୍ବାଦରୁ ଜଣାଯାଏ ଯେ ଆକ୍ରମଣକାରୀ ଶତ୍ରୁସଂଖ୍ୟା ୪୦୦୦ ଥିଲା । ଅନ୍ୟାନ୍ୟ ଦିଗରେ ମଧ୍ୟ କଣଆକାଟିଙ୍କ ସଙ୍ଗେ ଉଣା ଅଧିକରେ ଯୁଦ୍ଧ ବନ୍ଦ ନାହିଁ । ଏପରି ଅବସ୍ଥାରେ ଯୁଦ୍ଧର ଶେଷ କେବେ ହେବ ବୋଲି କହି ନ ପାରେ । ବୋଧ ହୁଅଇ ଇଂରାଜ ସେନାଙ୍କୁ କାବୁଲପର୍ଯ୍ୟନ୍ତ ଚଢାଉ କରିବାକୁ ହେବ । ଏଥିକୁ ଆଉ ଏକ ଜନରବ ଉଠଅଛି କି ରୁସିୟାଗବର୍ଣ୍ଣମେଣ୍ଟ ଏମନ୍ତ କହିଅଛନ୍ତି କି ଯେବେ ଇଂରାଜସେନା କାବୁଲକୁ ଚଢାଉ କରିବେ ତେବେ ରୁଷୀୟସେନା ଇଂରାଜଙ୍କୁ ଅଟକାଇବାକାରଣ ପ୍ରେରିତ ହେବେ । କାବୁଲରେ ରେସିଡେଣ୍ଟ ରଖିବା ଇଂରାଜଙ୍କ ଅଭିପ୍ରାୟ ଅଟଇ ଓ ତାହା ପ୍ରସ୍ତାବ କରିବାର ସମୟ ହୋଇଅଛି । ଏହା ନ କରି କାବୁଲକୁ ଚଢାଉ କଲେ ରୁସିୟା ଅବଶ୍ୟ ବାଧା ଦେବ । ଏ କଥା ସତ୍ୟ ହେଲେ ଅମୀର ସେରଅଲିଙ୍କ ସମୟରେ ହୋଇଥିଲେ ଶୋଭା ପାଇଥାନ୍ତା । ଏତେ ବିଳମ୍ବରେ ଯାହା ଅମୀରଙ୍କ ଦୁଃଖରେ ରୁସିୟାର ସହାନୁଭୂତି ପ୍ରକାଶ ପାଇଲା ଏଥିର ମର୍ମ ବୁଝାଯାଉ ନାହିଁ ।

---

## ବ୍ରହ୍ମରାଜ୍ୟର ନରହତ୍ୟା ।

ବ୍ରହ୍ମରାଜାଙ୍କ ରାଜଧାନୀ ମାଣ୍ଡାଲର ହତ୍ୟାକାଣ୍ଡ ସଂବାଦ ଏଥିପୂର୍ବେ ଅମ୍ଭେମାନେ ଲେଖିଥିଲୁଁ । ତହିଁର ସବିଶେଷ ବିବରଣ ଡେଲିନ୍ୟୁଜର ସଂବାଦଦାତା ଲେଖି ପଠାଇ ଅଛନ୍ତି । ସେ ବିବରଣ ପାଠ କଲେ ଦେହର ଲୋମ ଟାଙ୍କୁରି ଉଠଇ । ବିବରଣ ଏହି ଯେ ଉକ୍ତ ରାଜ୍ୟର ମନ୍ତ୍ରିଙ୍କ ମଧ୍ୟରୁ ଦୁଇଜଣ ଉପରେ ନୂତନ ରାଜାଙ୍କ ବିରୁଦ୍ଧରେ ଉପାୟ କରୁଥିବାର ସନ୍ଦେହ ହେବାରୁ ସେମାନଙ୍କୁ କଏଦ ରଖା ଯାଇ ଥିଲା । କିଛିଦିନ ଉତ୍ତାରୁ ସେମାନେ ଦୋଷୀ ଥିବାର ପ୍ରକାଶ ପାଇଲା ଅର୍ଥାତ୍ ସେମାନେ ନୂତନ ରାଜାଙ୍କୁ ବାହାର କରିଦେଇ ବନ୍ଦି ହୋଇ ଥିବା ରାଜପୁତ୍ରଙ୍କୁ ରାଜା କରିବାର ଉପାୟ କରୁଥିଲେ । ସୁତରାଂ ସେମାନଙ୍କପ୍ରତି ପ୍ରାଣାନ୍ତ କଠିନ ଦଣ୍ଡର ଆଜ୍ଞା ହେଲା । ଯେବେ ଏତିକିରେ କଥା ସରିଥାନ୍ତା ତେବେ ଆଉ କିଛି ଚିନ୍ତା ନ ଥିଲା ମାତ୍ର ଚାଟୁକାରମାନଙ୍କର କୁପରାମର୍ଶରେ ପଡି ରାଜା ସ୍ଥିର କଲେ ଯେ ପୂର୍ବ ରାଜାଙ୍କର ସମସ୍ତ ପୁତ୍ରଙ୍କୁ ସପରିବାରରେ ନଷ୍ଟ କରିବାର ଉଚିତ ତାହା ହେଲେ ରାଜସିଂହାସନ ସକାଶେ ତାହାଙ୍କ

Digitized by srujanika@gmail.com

ସନ୍ଧି କର ହେବାକୁ ଆଉ କେହି ନ ଥିବ । ଅତଏବ ସେ ଆଜ୍ଞା ଦେଲେ ଯେ ଉପରଲିଖିତ ଦୁଇଜଣ ମନ୍ତ୍ରୀ ଓ ସେମାନଙ୍କ ପରିବାର ଏବଂ ରାଜବଂଶୀୟ ଯେଉଁମାନେ କାରାବାସରେ ବନ୍ଦ ଥିଲେ ସେ ସମସ୍ତଙ୍କର ପ୍ରାଣଦଣ୍ଡ ହେଉ । ପ୍ରଥମତଃ ଏ ଆଜ୍ଞାର କଥା କେହି କିଛି ଜାଣି ପାରିଲେ ନାହିଁ ଅତି ଗୋପନରେ ରାଜ ଭବନ ମଧ୍ୟରେ ଉକ୍ତ ଆଜ୍ଞାମାନ ପ୍ରତିପାଳିତ ହେଲା ଓ ତହିଁର କେତେଦିନ ଉତ୍ତାରୁ ନଗରରେ ଏଥିର ସବିଶେଷ ବିବରଣ ପ୍ରଚରିତ ହେଲା । ତେତେବେଳେ ଜଣାଗଲା ଯେ ପ୍ରାୟ ୯୧ ଜଣ ଏ ଆଜ୍ଞା ନୃଶଂସବଧ ହୋଇ ଅଛନ୍ତି ମାତ୍ର ପତ୍ରପ୍ରେରକ ଅନୁସନ୍ଧାନ କରି ବୁଝିଅଛନ୍ତି ଯେ ହତବ୍ୟକ୍ତି ସଂଖ୍ୟା ୭୦ ଜଣରୁ ଊଣା ନୁହଇ । କେବଳ ଏକଜଣ ରାଜପୁତ୍ରର ମାତା ଏ ଦଣ୍ଡରୁ ବର୍ତ୍ତିଯାଇ ଅଛି ଓ ତାହା ମଧ୍ୟ କୌଣସି ଅଭିସନ୍ଧି ହେତୁରୁ ହୋଇ ଅଛି । ଫଳତଃ ମୃତବ୍ୟକ୍ତିଙ୍କ ସଂଖ୍ୟା ଯାହା ହେଉ ବଧ ବ୍ୟାପାରଟି ଏମନ୍ତ ନୃଶଂସ ଓ ନିର୍ଦ୍ଦୟ ପ୍ରକାରରେ ସମ୍ପନ୍ନ ହୋଇଅଛି ଯେ ବର୍ତ୍ତମାନ କାଳରେ ତାହା କୌଣସି ଦେଶରେ ଘଟିବାର ଶୁଣା ନାହିଁ ଓ ମନୁଷ୍ୟ ହୋଇ ସେପରି କରିପାରେ ଏମନ୍ତ ଅନୁଭବକୁ ସ୍ଥାନ ଆସୁ ନାହିଁ । ସ୍ତ୍ରୀ ଓ ବାଳକ ବାଳିକାମାନଙ୍କୁ କେବଳ କାଟି ମାରିପକାଇଲେ ଶିଶୁମାନଙ୍କୁ ପିତାମାତା ସମ୍ମୁଖରେ ଖଣ୍ଡ ଖଣ୍ଡ କରି ଛିଣ୍ଡେଇ ନାଶ କଲେ । ବୃଦ୍ଧ କି ଯୁବା କେହି ରକ୍ଷା ପାଇଲା ନାହିଁ । ଗୋଟି ଗୋଟି କରି ଯେମନ୍ତ ପ୍ରାଣଶେଷ ହେଉଥାଏ କଏଦଖାନା ମଧ୍ୟରେ ଥିବା ଏକ ଗଞ୍ଜିର କୂପରେ ତାହାର ଶବକୁ ପକାଇ ଦେଉ ଥାନ୍ତି । ଏହିରୂପେ ଆଗେ ରାଜପୁତ୍ରଙ୍କ ସ୍ତ୍ରୀ ପୁତ୍ରାଦି ନାଶ ହେଲା ଉତ୍ତାରୁ ପରିଶେଷରେ ରାଜପୁତ୍ରମାନଙ୍କ ପ୍ରାଣ ଗୃହୀତ ହେଲା ଓ ସେମାନଙ୍କ ମୃତଦେହ ଏହି ଅଭିପ୍ରାୟରେ ନଦୀରେ ଭସାଇ ଦିଆଗଲା କି ଲୋକେ ପ୍ରତ୍ୟକ୍ଷ ଜାଣିପାରିବେ ଯେ ରାଜପୁତ୍ରମାନେ ଆଉ କେହି ଜୀବଦଶାରେ ନାହାନ୍ତି ।

ଇଂରାଜଙ୍କ ରେସିଡେଣ୍ଟସାହେବ ଏ ସମ୍ବାଦ ଶୁଣିବାମାତ୍ରକେ ପ୍ରଧାନ ମନ୍ତ୍ରୀଙ୍କି ଡକାଇ କହିଲେ ଯେ ଏ ପ୍ରକାର ବଧକାର୍ଯ୍ୟ ସ୍ଥଗିତ ନ ହେଲେ ସେ ତତ୍କ୍ଷଣାତ୍ ନଗର ଛାଡ଼ି ଇଂରାଜ ଅଧିକୃତ ଦେଶକୁ ଚଳିଯିବେ ତହିଁରେ ସେ ଉତ୍ତର ପାଇଲେ ଯେ ଯଦ୍ୟପି କି ଏପ୍ରକାର କାର୍ଯ୍ୟରେ ଇଂରାଜଙ୍କର ହସ୍ତକ୍ଷେପ କରିବାର ଅଧିକାର ନାହିଁ ତଥାପି ବୋଲାଯାଉ ଅଛି ଯେ ଆଉ କାହାର ପ୍ରାଣଦଣ୍ଡ ହେବାର ସମ୍ଭାବନା ନାହିଁ ।

ଏପ୍ରକାର ଘଟନା ହେବାରୁ ରାଜା ଓ ତାହାଙ୍କ ସଭାସଦଙ୍କ ପ୍ରତି ଲୋକଙ୍କର ଯତ୍ପରୋନାସ୍ତି ଭୟ ହୋଇଅଛି । ଇଂରାଜ ରେସିଡେଣ୍ଟ ରାଜାଙ୍କ କାର୍ଯ୍ୟ ବିରୁଦ୍ଧରେ କଥା କହିଥିବାରୁ ହେଉ ଅଥବା ଅନ୍ୟ କାରଣରୁ ହେଉ ରାଜାଙ୍କ ବିରକ୍ତିଭାଜନ ହୋଇ ଅଛନ୍ତି । ଏବଂ ରେସିଡେନସି ଲୋକମାନଙ୍କର ମଧ୍ୟ ଭାରି ଭୟ ହୋଇ ଅଛି କାରଣରେ ଯେଉଁ ରାଜା ଏକ କାଳରେ ଏତେ ଲୋକର ପ୍ରାଣ ଅନାୟାସରେ ଘେନି ପାରେ ତାହା ଉପରେ ଖୂନ ଖୁଆର ହୋଇଅଛି ବୋଲଯିବ ଓ ସେ କି ନ କରିପାରେ ଏମନ୍ତ ଅବସ୍ଥାରେ କାହାର ଧଡରେ ପ୍ରାଣ ସ୍ଥିର ହୋଇ ରହିବ । ଇଂରାଜ ରେସିଡେଣ୍ଟ ସତର୍କ ହୋଇ ପ୍ରହରୀ ସୈନ୍ୟ ସଂଖ୍ୟା ବୃଦ୍ଧି କରି ଅଛନ୍ତି ଏବଂ ଅତିରିକ୍ତ ସୈନ୍ୟ ସେଠାରେ ପହୁଞ୍ଚିବାରୁ ସମସ୍ତଙ୍କର ମନ କିଞ୍ଚିତ୍ ଦମ୍ଭ ହୋଇଅଛି ।

କଂସ ପ୍ରଭୃତି ଅତ୍ୟନ୍ତ ନିଷ୍ଠୁର ରାଜାଙ୍କର ଅନେକ ନରହିଂସା କଥା ପୁରାଣ ଇତ୍ୟାଦିରେ ଶୁଣାଯାଇ ଅଛି କିନ୍ତୁ ବ୍ରହ୍ମର ବର୍ତ୍ତମାନ ରାଜାଙ୍କର ନରହତ୍ୟା ସେମାନଙ୍କର କାର୍ଯ୍ୟକୁ ଅନେକଦୂର ବଳି ଯାଇ ଅଛି । ପୁଣି ସେମାନଙ୍କ ଦୌରାତ୍ମ୍ୟରୁ ପୃଥିବୀକୁ ଉଦ୍ଧାର କରିବା ଏବଂ ସେମାନଙ୍କୁ ସମୁଚିତ ଶାସ୍ତି ଦେବା କାରଣ ସ୍ୱୟଂ ଭଗବାନ୍ ନରଦେହ ଧାରଣ କରି ଥିଲେ ବର୍ତ୍ତମାନ କଳିକାଳରେ ତାହା ହେବାର ଆଶା ନାହିଁ ତେବେ କି ବ୍ରହ୍ମଦେଶର ରାଜା ଏତେ ନରହତ୍ୟା କରି ତହିଁର ପ୍ରତିଫଳ ପାଇବେ ନାହିଁ ? ଏହି ଭାବନା ଆମ୍ଭମାନଙ୍କୁ ଅସ୍ଥିର କରୁଅଛି ଏବଂ ଆମ୍ଭେମାନେ ଏକାନ୍ତ ଆଶା କରୁଁ କି ଇଂରାଜ ଗବର୍ଣ୍ଣମେଣ୍ଟ ଏଥିର କିଛି ବିଚାର କରିବେ । ଅବଶ୍ୟ ବୋଲାଯାଇ ପାରେ ଯେ ସବୁ କାଳରେ ରାଜାମାନେ ଆପଣା ରକ୍ଷା ସକାଶେ ଅନେକ ଲୋକର ପ୍ରାଣନାଶ କରନ୍ତି ସେପରି ବ୍ରହ୍ମର ରାଜା କରିଅଛନ୍ତି କିନ୍ତୁ ଏହା ବୋଲି ଯେବେ କେହି ରାଜା ଆପଣାର ଯଥାର୍ଥ ବା ଆଶଙ୍କିତ ଶତ୍ରୁ ଭିନ୍ନ ସ୍ତ୍ରୀ ଓ ଶିଶୁବଧ କଲା ସେ ଯେବେ ତହିଁର ଦଣ୍ଡଭୋଗ ନ କରିବ ତେବେ ଧର୍ମର ଶାସନ ଆଉ କିରୂପେ ପୃଥିବୀରେ ରହିବ ? ଏପରି ରାଜା ସଙ୍ଗେ ଅନ୍ୟ ଯେଉଁ ରାଜା ମିଶିତା ରଖିବ ସେ କି ଲଜ୍ଜାଭାଜନ ହେବ ନାହିଁ ?

ଏ ପ୍ରସ୍ତାବ ଲେଖା ହେଲା ଉତ୍ତାରୁ ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦର ସହିତ ଅବଗତ ହେଲୁଁ ଯେ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ବ୍ରହ୍ମଦେଶକୁ ଅଧିକ ସୈନ୍ୟ ପଠାଇବାର ଆଜ୍ଞା ଦେଇ ଅଛନ୍ତି ଏବଂ ତଦନୁସାରେ ଏଥିମଧ୍ୟରେ ଦୁଇ ପଲଟନ ଦେଶୀୟ ଏବଂ ଏକ ପଲଟନ ଇଂରାଜ ସୈନ୍ୟ ସେ ଦେଶକୁ ଯାତ୍ରା କଲେଣି ବୋଧ ହୁଅଇ ଯୁଦ୍ଧର ସମ୍ଭାବନା ହୋଇଅଛି ଓ ଯେବେ ତାହା ହୋଇଥାଏ ତେବେ ନିଶ୍ଚୟ ଆଶା କରାଯାଇ ପାରେ ଯେ ଇଂରାଜଙ୍କଦ୍ୱାରା ନୂତନ ରାଜା ଆପଣା କୁତ୍ସିତକାର୍ଯ୍ୟର ଯଥାର୍ଥ ପ୍ରତିଫଳ ପାଇବେ ।

---

## ସାପ୍ତାହିକସଂବାଦ ।

ଆମ୍ଭମାନଙ୍କ ନୂତନ କଲେକ୍ଟର ନୋଲନ ସାହେବ ଦୋଲଯାତ୍ରା କଚେରି ବନ୍ଦ ମଧ୍ୟରେ ଗ୍ରସ୍ତ ନେଇ ଗତ ମଙ୍ଗଳବାରଠାରୁ କଚେରି କରୁଅଛନ୍ତି । ସାହେବଙ୍କ ମିଜାଜ ଭଲ ଥିବାର ଜଣାଯାଏ ।

ଏଥର ଦୌରାମିସଲ ଅତ୍ୟନ୍ତ ଭାରି ଅଟଇ । ଗତ ସୋମବାରଠାରୁ ଆରମ୍ଭ ହୋଇଅଛି । କଟକ ଓ ପୁରୀର ଦୌରାରେ ଏ ମାସଟି ଶେଷ ହେବ ଏପରି ଅନୁମାନ ହେଉଅଛି । ତହୁଁ ଉତ୍ତାରୁ ବାଲେଶ୍ୱରର ଦୌରା ହେବ ।

ଏଠା ଅଣ୍ଟିଷ୍ଟାଣ୍ଟକମିଶ୍ନର ବାବୁ କୈଲାସଚନ୍ଦ୍ର ଘୋଷ ବର୍ଷର ଛୁଟି ନେଇଅଛନ୍ତି । ଏହାଙ୍କ କର୍ମରେ କେଏ ଆସିବ ପ୍ରକାଶ ପାଇ ନାହିଁ ।

ଏଠା ଡେପୁଟୀ କଲେକ୍ଟର ବାବୁ ରଙ୍ଗଲାଲ ବାନୁର୍ଯ୍ୟା ହାବୁଡ଼ାକୁ ବଦଳି ହେଲେ ।

ଏଥର ଲୋଅର ଭର୍ଣ୍ଣାକ୍ୟୁଲର ପରୀକ୍ଷାରେ କଲେଶ୍ୱର ନୟାଗଡ଼ର ଦୁଇଜଣ ବାଳକା ଉତ୍ତୀର୍ଣ୍ଣ ହୋଇଅଛନ୍ତି । ସମ୍ବାଦବାହିକାରୁ ଜଣାଗଲା ଯେ ଉତ୍ତମ ନିବାସୀ ବାବୁ ବ୍ରଜବନ୍ଧୁର ପାଢ଼ି ଉକ୍ତ ବାଳକାଙ୍କୁ ଟ ୧୦ କା ପାରିତୋଷିକ ପ୍ରଦାନ କରିଅଛନ୍ତି ଏବଂ କୁମାର ବୈକୁଣ୍ଠନାଥ ଦେ ଟ ୭ କା ଦେବେ ବୋଲି କହୁଅଛନ୍ତି । ଏଥିରୁ ବୋଧ ହୁଅଇ ଯେ ସ୍ତ୍ରୀଶିକ୍ଷା ବିଷୟରେ ବାଲେଶ୍ୱରବାସିମାନେ ସମଧିକ ଯତ୍ନବାନ୍ ଅଟନ୍ତି ।

ଉକ୍ତ ପତ୍ରିକାରୁ ଜଣା ଗଲା ଯେ କଲିକତା କାଶୀପୁରରେ ଜଣେ ଛତ୍ର ଘରରେ କେରୋସିନ ତେଲ ଜାଳ ପଡୁଥିଲା । ପତ୍ନୀ ନିଦ ମାଡ଼ିବାରୁ ଶୋଇ ପଡ଼ିଲା । ଏଥି ମଧ୍ୟରେ କେରୋସିନ ପ୍ରଦୀପର ଚିମନି ଫାଟି ଯାଇ ବାଳକର ସର୍ବାଙ୍ଗ ପୋଡ଼ିଗଲା ଓ ତହିଁ ଆରଦିନ ତାହାର ମୃତ୍ୟୁ ହେଲା । କେରୋସିନ ତେଲ ବଡ ଭୟଙ୍କର ଦ୍ରବ୍ୟ ।

କଲିକତା କାଁଶଡାଙ୍ଗା ଗଳିରେ ସମ୍ପ୍ରତି ଗୋଟିଏ ଅତି ନିଷ୍ଠୁର ହତ୍ୟାକାଣ୍ଡ ହୋଇଅଛି । ଜଣେ ମର୍ତ୍ତ୍ୟ ଓବେଶ୍ୟା ସେଠାରେ ବାସ କରୁଥିଲା ଓ ତାହା ନିକଟକୁ ସର୍ବଦା ଯିବା ଆସିବା କରୁଥିବା ଜଣେ ମାରୱାଡ଼ୀ ତାହାକୁ ମାରି ପକାଇବା ଅପରାଧରେ ଧରା ପଡ଼ିଅଛି । ଏ ଅପରାଧର କୌଣସି ଅଭିପ୍ରାୟ

କମ୍ପା କଛି ପ୍ରତ୍ୟକ୍ଷ ପ୍ରମାଣ ମିଳି ନାହିଁ । କେବଳ ମାରୱାଡ଼ୀ ଏକସ୍ୱର କହୁଅଛି ଯେ ଉକ୍ତ ଦୁର୍ଘଟଣା ରାତ୍ରରେ ସେ ଉକ୍ତ ବେଶ୍ୟା ସଙ୍ଗେ ସହବାସ ଇଚ୍ଛା କଲା ମାତ୍ର ପୁନଃ ଅନୁରୋଧରେ ବୃଦ୍ଧା ବେଶ୍ୟା ଅସମ୍ମତ ହେବାରୁ ସେ କ୍ରୋଧାନ୍ଧ ହୋଇ ନିକଟରେ ଥିବା ଖଣ୍ଡେ ଛୁରୀ ତାହା ଦେହର ନାନା ସ୍ଥାନରେ ଗେଞ୍ଜି ଦେଇ ତାହାର ପ୍ରାଣ ଶେଷ କଲା । କି ଭୟାନକ ନିର୍ଦ୍ଦୟତା !

ବମ୍ବେଇର ଏକ ସମ୍ବାଦପତ୍ରରୁ ଜଣାଯାଏ ଯେ ସେ ପ୍ରଦେଶର କେତେକ ଗ୍ରାମର କୃଷିକାରିମାନଙ୍କ ଉପରେ ବଡ଼ ଦୁଃଖ ପଡ଼ିଅଛି । କଲେକ୍ଟର ସାହେବ ପ୍ରଜାଙ୍କ ଦୁରବସ୍ଥା ଓ ଟାକ୍ସର କୌଣସି ଅଂଶ ଛାଡ଼ି ଦେବା ନିମିତ୍ତ ଗବର୍ଣ୍ଣମେଣ୍ଟଙ୍କୁ ଲେଖିଥିଲେ ମାତ୍ର ତହିଁର ଉତ୍ତରରେ କେବଳ ଧମକ ପାଇଅଛନ୍ତି ।

ଜଣେ ଚୀନଦେଶୀୟ ଲୋକ ରେଙ୍ଗୁନର ଏକ ଅସିଷ୍ଟାଣ୍ଟ ମାଜିଷ୍ଟ୍ରେଟଙ୍କ ନାମରେ ବେଆଇନମତେ ଗିରଫ୍ତାର କରିବାର କ୍ଷତିପୂରଣ ସ୍ୱରୂପ ଟ ୨୦୦୦ ଙ୍କା ଦାବୀରେ ନାଲିଶ କରିଅଛି । ଏ ମକଦ୍ଦମାସେନ ସେଠାରେ ବଡ଼ ଆନ୍ଦୋଳନ ଲାଗିଅଛି । ଚୀନର ବୁଦ୍ଧି କେତେଯାଏ ଏଥିର ଦେଖା ଯିବ ।

ଏକବ୍ୟକ୍ତି ହିସାବ କରି ଦେଖିଅଛନ୍ତି ଯେ ଜଗତର ଲୋକମାନେ ଅମେରିକାବାସିଙ୍କଠାରୁ ଦ୍ୱିଗୁଣ ମଦ ପାନ କରନ୍ତି ।

ଦରଭଙ୍ଗାର ରାଜା ଆଗାମୀ ଅଗଷ୍ଟ ମାସରେ ବାଲଗ ହେବେ ଏହାଙ୍କୁ ଗଦିରେ ବସାଇ ମହାରାଜା ପଦ ଦେବା କାରଣ ମାନ୍ୟବର ଲେଫ୍ଟେନାଣ୍ଟ ସାହେବ ସେଠାକୁ ଦସ୍ତକମାନ ହେବେ । କଥିତ ହୁଅଇ ଯେ ଏ ମହୋତ୍ସବ ଉପଲକ୍ଷରେ ମହାରାଜା ଛଅଲକ୍ଷ ଟଙ୍କା ଦାନ କରିବେ ଓ ସେ ଟଙ୍କା ଦରଭଙ୍ଗାର ରେଲବାଟ ବିସ୍ତାର କରିବା କାର୍ଯ୍ୟରେ ବ୍ୟୟ ହେବ ।

ଶାଇବାରର ସାହର ଲୋକାଙ୍କ ସ୍ୱାସ୍ଥ୍ୟତା ସମ୍ପର୍କରେ ମନ୍ଦ ସମ୍ବାଦ ଶୁଣାଯାଏ । ଗ୍ରୀଷ୍ମ ଋତୁ ଆରମ୍ଭ ହେବାରୁ ପୀଡ଼ାର ବିସ୍ତାର ହେଉଅଛି କାରଣ ଏହାଙ୍କ ବସା ସବୁଠାରେ ଯେଉଁ ତେଜ୍ମାନ ଦିଆ ଯାଇଅଛି ତହିଁରେ ଶସ୍ୟ ହ୍ରାସ ନିବାରଣ ହେଉ ନାହିଁ ।

କଲିକତାପାଖ ଖିଦିରପୁରରେ ଏଥି ମଧ୍ୟରେ ଦୁଇଥର ନିଆଁ ଲାଗି ପ୍ରଥମଥର ୧୫ ଖୋଲା ଘର ଓ ଦ୍ୱିତୀୟଥରରେ ୭୦୦ ଖୋଲା ଘର ପୋଡ଼ି ଯାଇଅଛି । ଦ୍ୱିତୀୟଥରର ଅଗ୍ନିସ୍ଫୁରଣ ବଡ଼ ମନୁଷ୍ୟ ଛଅଜଣ ପିଲା ଏବଂ କୋଡ଼ିଏଟା ପଶୁର ପ୍ରାଣ ନେଇଅଛି । କଥିତ ହୁଅଇ ଯେ କୌଣସି ଦୁର୍ବିଷ୍ଟା ବ୍ୟକ୍ତିକ ଏ ଅଗ୍ନିକାଣ୍ଡମାନ ଘଟାଇଅଛି । ପୁଲିସ ତହିଁର ଅନୁସନ୍ଧାନରେ ଅଛନ୍ତି ।

କାଶ୍ମୀରରେ ଏବେଶ ବୃଷ୍ଟି ହୋଇ ନାହିଁ ଓ ରବିଫସଲ ମରୁଡ଼ିରେ ନଷ୍ଟ ଯିବାର ସମ୍ପୂର୍ଣ୍ଣ ଶଙ୍କା ଦେଖାଯାଏ । ଦୁର୍ଭିକ୍ଷ କମିଶନରମାନଙ୍କର କାର୍ଯ୍ୟ ଅବଧି ଶେଷ ହୋଇ ନାହିଁ ଗତ ସପ୍ତାହରେ ସେମାନେ ବମ୍ବେଇରେ କେତେ ଜଣ କର୍ମଚାରୀଙ୍କର ସାକ୍ଷ୍ୟ ଗ୍ରହଣ କଲେ ।

କଲିକତାରେ ସମୁଦ୍ର ଗାଡ଼ିକଟା ଜମି ସରକାର କାର୍ଯ୍ୟ ନିମନ୍ତେ କ୍ରୟ ହେଲା ଏଥିର ମୂଲ୍ୟ କଲେକ୍ଟର ସାହେବ ଏକକଠାରୁ ଟ ୨୦ ଙ୍କା ଧାର୍ଯ୍ୟ କରିଥିଲେ କିନ୍ତୁ ହାଇକୋର୍ଟ ବିଚାରରେ ଟ ୨୫୦ ଙ୍କା ହେଲା ।

କାବୁଲର କେତେକ ସ୍ଥାନରେ ସମ୍ପ୍ରତି ବଡ଼ ବୃଷ୍ଟି ହୋଇଅଛି ଏବଂ କୁନ୍ନିନ୍ ନଦୀ ଅତିଶୟ ବୃଦ୍ଧି ହୋଇଅଛି ।

କାଉପୁରର ପୋଲିଟିକଲ ଅଫିସର କାର୍ନେଗି ସାହେବ ସରକାରି କର୍ମରେ ମନ ଦେବାରୁ ତାହାଙ୍କର ମାତାଙ୍କୁ ମାସକୁ ଟ ୭୦୦ ଙ୍କା ଲେଖାଏ ପେନସନ ଦେବାର ଗବର୍ଣ୍ଣମେଣ୍ଟ ଆଜ୍ଞା ଦେଇଅଛନ୍ତି । ସେ ଜୀବଦ୍ଦଶାରେ ଥିବା ପର୍ଯ୍ୟନ୍ତ ଉକ୍ତ ପେନସନ ଭୋଗ କରିବେ ।

କଥିତ ହୁଅଇ ଯେ ହରଦ୍ୱାରର ମେଳା ଏ ବର୍ଷ ଅତ୍ୟନ୍ତ ବୃହତ ହେବ ଯେ ସେପରି ଗତ ବାରବର୍ଷ ମଧ୍ୟରେ କେବେ ହୋଇ ନାହିଁ ।

ଏଡୁକେସନ ଗେଜେଟରୁ ଅବଗତ ହେଲୁଁ ଯେ ଗତ ଫିବ୍ରୁଏରି ମାସ ତା ୧୫ ଦିନରେ ଭାଗଲପୁରରେ ଗୋଟିଏ ବିଧବା ବିବାହ ହୋଇଅଛି । ମାଲଦହର ଡେପୁଟୀ ମାଜିଷ୍ଟ୍ରେଟ ବାବୁ କ୍ଷେତ୍ରମୋହନ ମୁଖୋପାଧ୍ୟାୟ, ଭାଗଲପୁରର ଗବର୍ଣ୍ଣମେଣ୍ଟ ଉକିଲ ବାବୁ ଶଶିଭୂଷଣ ମୁଖୋପାଧ୍ୟାୟଙ୍କ ବିଧବା କନ୍ୟାକୁ ବିବାହ କରିଅଛନ୍ତି । କନ୍ୟାର ବୟସ ପଞ୍ଚଦଶ ବର୍ଷ ଓ ପାତ୍ରର ବୟସ ୨୭ ବର୍ଷ । ପାତ୍ର ଆଉ ଥରେ ବିବାହ ହୋଇଥିଲେ । ବ୍ରାହ୍ମ ମତରେ ଏହି ବିବାହ ସମାଧା ହୋଇଅଛି । କନ୍ୟାର ନାମ ଶ୍ରୀମତୀ ବନୋଦିନୀ ଘୋଷାଲ ।

## ପ୍ରେରିତପତ୍ର ।

( ଗତ ପ୍ରକାଶିତ ସଂ ୮ ଖ୍ୟା ଉତ୍ତାରୁ )

ବାବୁ ମହାଶୟ ସ୍ୱବ୍ୟୟରେ ଏଠାରେ ଗୋଟିଏ ବାଳକାବିଦ୍ୟାଳୟ ସ୍ଥାପନ କରିବାକୁ କୃତସଂକଳ୍ପ ହୋଇଥିଲେ ମାତ୍ର ବାଳିକା ଅଭାବରେ ତାଙ୍କର ମନୋରଥ ପୂର୍ଣ୍ଣ ନ ହେବାରୁ ଅତିଶୟ ଦୁଃଖିତ ଅଛନ୍ତି । ସନ ୧୮୭୮ ମସିହା ଛାତ୍ରବୃତ୍ତି ପରୀକ୍ଷାରେ ଯେଉଁ ଛାତ୍ର ବାଲେଶ୍ୱର ଜିଲ୍ଲାମଧ୍ୟରେ ପ୍ରଥମ ହେବ ତାହାକୁ ଗୋଟିଏ ସ୍ୱର୍ଣ୍ଣାଙ୍ଗୁରୀ ଦେବା ନିମନ୍ତେ ଶ୍ରୀଯୁକ୍ତ କଏଣ୍ଟ ଇଃ ମହାଶୟଙ୍କଠାରୁ ପଠାଇଥିଲେ ତଦନୁସାରେ ବାଲେଶ୍ୱର ମିଶନସ୍କୁଲର ଗୋଟିଏ ଛାତ୍ରର ଅଙ୍ଗୁଳିକୁ ତାହାଙ୍କ ପ୍ରଦତ୍ତ ଅଙ୍ଗୁରୀୟ ଶୋଭିତ କରୁଅଛି । ପୁନର୍ବାର ସନ ୧୮୭୯ ମସିହା (Entrance) ପରୀକ୍ଷାରେ ଯେଉଁ ଛାତ୍ର ଓଡ଼ିଶା ମଧ୍ୟରେ ପ୍ରଥମ ହେବ ତାହାକୁ ଗୋଟିଏ (Watch) ଦେବା ନିମନ୍ତେ ଶ୍ରୀଯୁକ୍ତ କଏଣ୍ଟ ଇଃ ମହାଶୟଙ୍କୁ ଜଣାଇଅଛନ୍ତି । ମାତ୍ର ଆମ୍ଭମାନଙ୍କ କ୍ଷୁଦ୍ର ବିବେଚନାରେ ଉକ୍ତ (Watch)କୁ (Entrance) ପରୀକ୍ଷୋତ୍ତୀର୍ଣ୍ଣ ବାଳକକୁ ନ ଦେଇ ସେହି ମୂଲ୍ୟରେ ଦୁଇଗୋଟି ଅଙ୍ଗୁରୀ ଛାତ୍ରବୃତ୍ତି ପରୀକ୍ଷୋତ୍ତୀର୍ଣ୍ଣ ବାଳକ ଓ ଉକ୍ତ ସ୍କୁଲର ଶିକ୍ଷକଙ୍କୁ ଦେଲେ ଅନାଥିନୀ ମାତୃଭାଷାର ଉନ୍ନତି ହେବ ଯେହେତୁକେ ( Entrance )ପରୀକ୍ଷୋତ୍ତୀର୍ଣ୍ଣ ବାଳକକୁ ଜଣେ (Gentleman) ଯାତ୍ରବର୍ଣ୍ଣ ନିମନ୍ତେ (Medal) ଦେବାକୁ ସ୍ୱୀକୃତ ହୋଇଅଛନ୍ତି ସେସ୍ଥଲେ ଉକ୍ତ ଘଡ଼ିକୁ (Watch) ଦେବାରେ କିଛି ଫଳ ନାହିଁ ବିଶେଷତଃ ଓଡ଼ିଶାସ୍ଥ ବଙ୍ଗାଳୀ ବାଳକଙ୍କ ନାମରେ ପ୍ରଥମରେ ଗଲେ ନ ପଡ଼ି ଓଡ଼ିଆବାଳକଙ୍କ ନାମରେ ଯେ ପ୍ରଥମରେ ଗଡ଼ି ପଡ଼ିବ ଏହା ଅସମ୍ଭବ ।

ବାବୁ ମହାଶୟଙ୍କ ଯତ୍ନରେ ଆମ୍ଭେମାନେ ଏଠାରେ ଗୋଟିଏ ପୋଷ୍ଟାଫିସ ପାଇଅଛୁଁ ମଧ୍ୟ ପଦ୍ମସିଂହଠାରୁ କାଉପୁର ବଜାର ପର୍ଯ୍ୟନ୍ତ ଗୋଟିଏ ସଡ଼କ ପ୍ରସ୍ତୁତ ନିମନ୍ତେ ଶ୍ରୀଯୁକ୍ତ କଲେକ୍ଟର ମହୋଦୟଙ୍କ ଠାରେ ପ୍ରାର୍ଥନା କରିଅଛନ୍ତି କଲେକ୍ଟର ମହୋଦୟ ପ୍ରାର୍ଥନା ଗ୍ରାହ୍ୟ କରି ଆମ୍ଭମାନଙ୍କର ଦୁଃଖ ମୋଚନ ଓ ବାବୁ ମହାଶୟଙ୍କର ଉତ୍ସାହବର୍ଦ୍ଧନ କରନ୍ତୁ । ବାବୁମହାଶୟ ଆମ୍ଭମାନଙ୍କର ଯେଉଁ ସମସ୍ତ ଉପକାର କରିଅଛନ୍ତି ଓ କରୁଅଛନ୍ତି ସେଥିନିମନ୍ତେ ଆମ୍ଭେମାନେ ଆଜୀବନ ତାଙ୍କଠାରେ ଋଣୀ ହୋଇ ରହିଲୁଁ ।

ଉପସଂହାର ସ୍ଥଳରେ ବକ୍ତବ୍ୟ ଏହି ଯେ କାଉପୁର ସ୍କୁଲର ସୁଯୋଗ୍ୟ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ବାବୁ ଭୈରବନାଥ ଦାସ ଯେତେହୁଁର ପରିଶ୍ରମ ସ୍ୱୀକାର ପୂର୍ବକ ବାଳକମାନଙ୍କୁ ପରୀକ୍ଷୋତ୍ତୀର୍ଣ୍ଣ କରାଉଅଛନ୍ତି ସେଥିନିମନ୍ତେ ତାହାଙ୍କ ଠାରେ ଚିରକୃତଜ୍ଞତା ପାଶରେ ବଦ୍ଧ ରହିଲୁଁ । ଇତି ।

୧୧ । ୨ । ୭୯ } ବଶମ୍ବଦ
କାଉପୁର } ଶ୍ରୀ —— ସ୍ୟ

## ବିଜ୍ଞାପନ

ବଙ୍ଗଳାହତାର ଅନ୍ତର୍ଗତ ବାଲେଶ୍ୱର ଜିଲ୍ଲାର ଅଧୀନ ବାୟସ୍ୱା ପାଇ ଥାନାରଅନ୍ତଃପାତି ପାମକୁଣ୍ଡାର ଜମିଦାର ଅସ୍କେବୁଁ ସ୍ୱାନନ୍ଦ ନାଏସିଂହଦାସ ରଣଭୀମ ମହାପାତ୍ରର ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଁ ଅଛୁଁ ଯେ ଉକ୍ତଥାନାର ଅଧୀନ କଶବା ଗୌରପରଗନାର ଦେହୁଦିହା ଗ୍ରାମନିବାସୀ ଶ୍ରୀଅକ୍ଷୟକୁମାର ସ୍ୱଦେବ ସନ୧୨୮୪ସାଲ ମାଘମାସର ୨୧ନ ଅମ୍ଭଠାରୁ ଏକକଟା ମୋକରି କବଲାମା ଲେଖାଇନେଇ ତହିଁର ପ୍ରତିରୂପ ଏକଖଣ୍ଡ ଲେଖିଦେଇ ମୋକଦ୍ଦମ ରାଇଗ୍ରହଣପୂର୍ବକ ଏଥିର ଉପ୍ତେଟର ରକ୍ଷଣ ସାଧନ କରିବାର କରାଇବାଇଥିଲେ କିନ୍ତୁ ସେ ଅପଣାଅଭିପ୍ରାୟ ମତେ ଉକ୍ତ ମୋକରିନାମାରେ ଅନ୍ୟରୁ ଲୁଚାଇ ବଢ଼ାଇ ଘଟାଇ ଲେଖାଇନେଇଥିବାରୁ ଉତ୍ତରକାଳରେ ଅମ୍ଭର ଉପ୍ତେଟର ବିଶେଷ ହାନି ଓ ମୋକାଦ୍ଦମାନାମାସର୍ତ୍ତର ବିପରୀତ କାର୍ଯ୍ୟକରିବାରୁ ତାଙ୍କ ଉପରେ ବିଶ୍ୱାସ ଉଠିଯିବାରୁ ତାଙ୍କୁ ମୋକରିକାର୍ଯ୍ୟରୁ ବରଖାସ୍ତ କରି ଅଫିସରେ ଓ ଜନସମାଜରେ ପ୍ରକାଶ କରିଅଛୁଁ ଇତି

ଶ୍ରୀ ରଂସ୍ୱା ନନ୍ଦ ନାଥ ସିଂହ ଦାସ
ରଣଭୀମ ମହାପାତ୍ର ଜମିଦାର ।

ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖଣ୍ଡ ୧୦ ମ | ସଂ ୧୨ ସଂଖ୍ୟା

ତା ୨୨ ରଖ ମାହେ ମାର୍ଚ୍ଚ ସନ ୧୮୭୯ ମସିହା । ମୂ । ଚୈତ୍ର ଡ ୧୧ ନ ସନ ୧୨୮୬ ସାଲ ଶନବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୨॥୯
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୨୵୯
ମଫସଲପାଁଇ ଡାକମାସୁଲ ଟ୧୵୬

ଏଥର ଦୌରା ମିସଲ ବଡ଼ ଭାରି । ଗତ ସପ୍ତାହଠାରୁ ଆରମ୍ଭ ହୋଇଅଛି ଚୈତ୍ର ମାସ ଶେଷ ପର୍ଯ୍ୟନ୍ତ କଟକ ଓ ପୁରୀର ଦୌରା ମକଦ୍ଦମାମାନ ବିଚାର ହେବାର ଦିନ ସ୍ଥିର ହୋଇଅଛି । ଏଥି ଉତ୍ତାରୁ ବାଲେଶ୍ୱର ଦୌରା ଆରମ୍ଭ ହୋଇ ଆର ମାସ ଦଶ ବାର ଦିନ ପର୍ଯ୍ୟନ୍ତ ତାହାର ଯିବ । ପୁରୀର ଜାଲ ମକଦ୍ଦମା ଏଥର ଦୌରାର ପ୍ରଧାନ ମକଦ୍ଦମା । ଏ ସପ୍ତାହିଟି ଏହି ମକଦ୍ଦମାରେ ଗଲା । ପୁରୀର ଡେପୁଟୀଠାରୁ ଅମଲା ମୁକ୍ତାର ପର୍ଯ୍ୟନ୍ତ ଅନେକ ଲୋକ ସାକ୍ଷ୍ୟ ଦେବା କାରଣ ଆସିଅଛନ୍ତି ଓ ବିଚାର ଦେଖିବାକୁ ଅନେକ ଲୋକ ଆସୁଅଛନ୍ତି । ଗତ କାଲି ଏ ମକଦ୍ଦମା ମୂଲତବି ରହିଲା ।

---

ଗବର୍ଣ୍ଣମେଣ୍ଟ ଖାସମାହାଲ ସମସ୍ତର କର ସଂକ୍ରାନ୍ତ ବନ୍ଦୋବସ୍ତ ସମ୍ପର୍କରେ ଶ୍ରୀଯୁକ୍ତ ଡାଏ୍ଟୀ୍ସର ସାହେବ ବଙ୍ଗଲା ବ୍ୟବସ୍ଥାପକ ସଭାରେ ଗୋଟିଏ ଆଇନର ପାଣ୍ଡୁଲିପି ଉପସ୍ଥିତ କରିଅଛନ୍ତି । ଅଦ୍ୟାପି ଏହା ଗବର୍ଣ୍ଣମେଣ୍ଟ ଗେଜେଟରେ ଛପା ହୋଇ ନ ଥିବାରୁ ଆମ୍ଭେମାନେ ଏଥିର ବିବରଣ କିଛି ପାଠକମାନଙ୍କୁ ଜଣାଇ ପାରିଲୁ ନାହିଁ । ଆମ୍ଭେମାନେ ଆଶା କରୁଁ ଯେ ଏହାଦ୍ୱାରା ଖାସମାହାଲ ପ୍ରଜାଙ୍କର ଉପକାର ହେବ କାରଣ କଥିତ ହୁଅଇ ଯେ ଶ୍ରୀଯୁକ୍ତ ଡାଏ୍ଟୀ୍ସର ସାହେବ ଗତମାସରେ ଏଠାରେ ଥିବା ସମୟରେ ଏ ନଗରର ଖାସମାହାଲ ବନ୍ଦୋବସ୍ତ ଅନ୍ୟାଯ୍ୟରୂପେ ହୋଇଥିବାର କହିଥିଲେ । ତାହାଙ୍କ ମତରେ ପ୍ରଜାମାନେ ଅଧିକା କର ଦେବାକୁ ସମ୍ମତ ହୋଇ କବୁଲିୟତ ଦେଇ ନ ଥିଲେ କଲେକ୍ଟର ସାହେବ ସେମାନଙ୍କଠାରୁ ଅଧିକା ଜମା ଆଦାୟ କରି ପାରନ୍ତେ ନାହିଁ ଓ ଯେଉଁମାନେ କବୁଲିୟତ ଦେଇ ନାହାନ୍ତି ସେମାନେ ଏତେବେଳେ ସୁଦ୍ଧା ଅଧିକା କର ଦେବାକୁ ଆପତ୍ତି କରି ପାରନ୍ତି । ବଙ୍ଗଲା ବ୍ୟବସ୍ଥାପକ ସଭାର ସନ ୧୮୭୮ ମସିହାର ୩ ଆଇନ ଉପରଲିଖିତ ମତର ପୋଷକତା କରୁଅଛି ।

---

ସଦାବର୍ତ୍ତ ମଠ ସମ୍ପର୍କୀୟ ବ୍ୟବସ୍ଥା ସମ୍ପର୍କରେ ବୋର୍ଡ ରେଭିନ୍ୟୁ ଜିଲ୍ଲା କଲେକ୍ଟରଙ୍କ ମତାମତ ପ୍ରାର୍ଥନା କରିଥିଲେ । ଏଥିକୁ ପୁରୀର କଲେକ୍ଟର ଆର୍ମଷ୍ଟ୍ରଂ ସାହେବ ଶୁଣିବାରେ ମହନ୍ତଙ୍କ ସପକ୍ଷରେ ରିପୋର୍ଟ କରିଅଛନ୍ତି । ଏ କଥା ସତ୍ୟ ହେଲେ ବଡ ଆଶ୍ଚର୍ଯ୍ୟ ଅଟଇ । ମହନ୍ତମାନେ ସମସ୍ତେ ମନ୍ଦ ଏହା ଆମ୍ଭେମାନେ କହୁ ନାହୁଁ ବରଂ ପୁରୀ ସହରରେ ବର୍ତ୍ତମାନ କେତେ ଜଣ ଉତ୍ତମ ମହନ୍ତ ଅଛନ୍ତି ବୋଲି ସମସ୍ତେ ଜାଣନ୍ତି ମାତ୍ର ଏହା ବୋଲି ଯେ ସଦାବର୍ତ୍ତ ସମ୍ପତ୍ତିର ସୁରକ୍ଷା ସକାଶେ ନୂତନ ଆଇନ ହେଲେ ତାହା ବର୍ତ୍ତମାନ ମହନ୍ତଙ୍କ ପକ୍ଷରେ ପ୍ରତିକୂଳ ହେବ ନାହିଁ ଏଥିର ଅର୍ଥ ବୁଝାଯାଉ ନାହିଁ । ଶୁଣିଲୁଁ ଯେ ପୁରୀର ମହନ୍ତମାନେ ଚୌଧୁରୀ ବିଶ୍ୱନାଥ ଦାସଙ୍କ ସହିତ ଏକ ଆବେଦନପତ୍ର ପୁରୀ କଲେକ୍ଟରଙ୍କ ନିକଟରେ ଦେଇଥିଲେ ଏବଂ ତହିଁରେ ମହନ୍ତମାନେ ସଦାବର୍ତ୍ତ ସମ୍ପତ୍ତିକୁ ଆପଣା ମୌରସୀ ସମ୍ପତ୍ତି ବୋଲି ଦାବୀ କରିଥିଲେ କଲେକ୍ଟର ସାହେବ ଦରଖାସ୍ତକାରଙ୍କ କଥାରେ ବଶ ହୋଇ ଉକ୍ତରୂପ ରିପୋର୍ଟ କରିଅଛନ୍ତି । ଆମ୍ଭେମାନେ ଏକାନ୍ତ ବିଶ୍ୱାସ କରୁଁ ଯେ ପୁରୀ କଲେକ୍ଟରଙ୍କ ମତକୁ ଗବର୍ଣ୍ଣମେଣ୍ଟ ଗ୍ରହଣ କରିବେ ନାହିଁ ବରଂ ମହନ୍ତମାନେ ପ୍ରସ୍ତାବିତ ନୂତନ ଆଇନର ବିରୁଦ୍ଧରେ ଆବେଦନ କରିବାରୁ ଗବର୍ଣ୍ଣମେଣ୍ଟ ସ୍ପଷ୍ଟରୂପେ ଜାଣି ପାରିବେ ଯେ ମଠଧାରିଙ୍କ କାର୍ଯ୍ୟରେ ଯେବେ କିଛି ଗୋଲମାଲ ନାହିଁ ତେବେ ସେମାନଙ୍କର ଭୟର କାରଣ କି ? ଆଇନ ଦୁଷ୍ଟଲୋକର ଶାସନ ସକାଶେ ହୋଇଅଛି ଶିଷ୍ଟଲୋକର ତହିଁରେ କିଛି ଡ଼ରା ଅଧିକ ହେବ ନାହିଁ ।

---

ବହୁଦିନ ହେଲା କଲକତାରେ ହିନ୍ଦୁହଷ୍ଟେଲ ନାମରେ ଗୋଟିଏ ଛାତ୍ରାବାସ ସଂସ୍ଥାପିତ ହୋଇଅଛି । ଯେସବୁ ଛାତ୍ର ମୋଫସଲର ନାନାସ୍କୁଲରେ ଯେତେ ଦୂର ପଢିବାର ନିୟମ ଅଛି ତହିଁରେ ଉତ୍ତୀର୍ଣ୍ଣ ହୋଇ ପଢା ଶେଷ କରିବା କାରଣ କଲିକତାକୁ ଯାନ୍ତି ଅଥଚ ସେଠାରେ ତାହାଙ୍କର କେହି ଅଭିଭାବକ ନ ଥିବାରୁ ଏକାକେ ବସାକରି ରହିବାକୁ ଅସମର୍ଥ ହୁଅନ୍ତି ସେମାନେ ଉକ୍ତ ହଷ୍ଟେଲ ବା ଛାତ୍ରାବାସରେ ରହି ଅଧ୍ୟୟନ କରନ୍ତି । ଏତେଦିନ ଏ

Digitized by srujanika@gmail.com

Split by PDF Splitter



ଛାତ୍ରାବାସର କାର୍ଯ୍ୟ ଏକ ପ୍ରକାର ସାମାନ୍ୟରୂପେ ଚଳୁଥିଲା ଓ ଉଦ୍ଧାଗ୍ ଛାତ୍ରମାନଙ୍କର ସମ୍ପୂର୍ଣ୍ଣରୂପ ସୁବିଧା ହେଉ ନ ଥିଲା । ବର୍ତ୍ତମାନ ଆମ୍ଭେମାନେ ଆନନ୍ଦସହିତ ଅବଗତ ହେଲୁଁ ଯେ ଆମ୍ଭମାନଙ୍କର ଛୋଟ ଲାଟସାହେବ ଉକ୍ତ ଛାତ୍ରାବାସର ଗୋଟିଏ ଉପଯୁକ୍ତ ଘର ସଂସ୍ଥାପନ ନିମିତ୍ତ ଉଦ୍‌ଯୋଗୀ ହୋଇ ଗୋଟିଏ ସଭା ବସାଇଥିଲେ ଓ ସ୍ୱୟଂ ଛୋଟ ଲାଟସାହେବ ସଭାପତି ହୋଇଥିଲେ । ବିଶ୍ୱବିଦ୍ୟାଳୟର ସଭାଘର ନିକଟରେ ଛାତ୍ରାବାସ ନିର୍ମାଣ ନିମିତ୍ତ ଗବର୍ଣ୍ଣମେଣ୍ଟ ଭୂମି ଦେବାକୁ ଏବଂ ଗୃହନିର୍ମାଣର ବ୍ୟୟର କେତେକ ଅଂଶ ଦେବାକୁ ଲେଫ୍ଟନେଣ୍ଟ ଗବର୍ଣ୍ଣର ଆଶା ଦେଇଅଛନ୍ତି । ଏ ଗୃହ ନିର୍ମାଣରେ ଏକଲକ୍ଷ ସତଚାଳିଶ ହଜାର ଟଙ୍କା ବ୍ୟୟ ହେବ ବୋଲି ଇଷ୍ଟିମିଟ ହୋଇଅଛି । କଲିକତାର ଧନାଢ୍ୟ ଓ ବିଦ୍ୟୋତ୍ସାହିମାନେ ଏଥିପାଇଁ ଚାନ୍ଦା ଦେବାକୁ ଅଗ୍ରସର ହୋଇଅଛନ୍ତି ଓ ସ୍ୱୟଂ ଲେଫ୍ଟନେଣ୍ଟ ଗବର୍ଣ୍ଣର ଓ ଡିରେକ୍ଟର କ୍ରଫଟ ସାହେବ ଟ ୫୦୦ ଙ୍କା ଲେଖାଏଁ ଚାନ୍ଦା ସ୍ୱୀକାର କରିଅଛନ୍ତି । ସଭାର ଉଦ୍ଦେଶ୍ୟମାନ କାର୍ଯ୍ୟରେ ପରିଣତ କରିବା କାରଣ ଗୋଟିଏ କମିଟୀ ନିଯୁକ୍ତ ହୋଇଅଛି । ଆମ୍ଭେମାନେ ଆଶା କରୁଁ କି ଏ ଛାତ୍ରାବାସଟି ଶୀଘ୍ର ସଂସ୍ଥାପିତ ହେଉ ଏଥିରେ ମୋଫସଲର ଛାତ୍ରମାନଙ୍କର ବଡ ଉପକାର ହେବ !

---

କଲିକତାର ଭାରତବର୍ଷୀୟ ସଭା କି ଯାହା ଜମିଦାରମାନଙ୍କର ସଭା ଅଟଇ କପାଲୁଗା ଉପରେ ନିଆ ଯାଉଥିବା ମାସୁଲ ଉଠାଇ ଦେବା ବିରୁଦ୍ଧରେ ଏକ ଆବେଦନପତ୍ର ଲେଖି ମହାମାନ୍ୟ ଗବର୍ଣ୍ଣର ଜେନେରଲ ଲର୍ଡ ଲିଟନଙ୍କ ସମ୍ମୁଖରେ ଅର୍ପଣ କରିଥିଲେ ଓ ଅର୍ପଣ କରିବା ସକାଶେ କେତେକଜଣ ସଭ୍ୟ କି ଏଥି ମଧ୍ୟରେ କଲିକତା ନଗରର ଭାରି ସମ୍ଭ୍ରାନ୍ତ ବ୍ୟକ୍ତିମାନେ ଥିଲେ ଗବର୍ଣ୍ଣମେଣ୍ଟ ହାଉସରେ ଉପସ୍ଥିତ ହୋଇ ଥିଲେ । ଆବେଦନପତ୍ରର ମର୍ମ ଏହି ଥିଲା କି ସମ୍ପ୍ରତି ଭାରତବର୍ଷର ଧନ ସମ୍ବନ୍ଧୀୟ ଅବସ୍ଥା ଅତି ମନ୍ଦ । ଦୁର୍ଭିକ୍ଷ ଓ ଯୁଦ୍ଧରେ ଅନେକ ବ୍ୟୟ ପଡିଅଛି ଓ ଅନେକ ପ୍ରକାର ନୂତନ ଟାକ୍ସ ବସିଲେହେଁ ଆୟ ବ୍ୟୟର ସାମଞ୍ଜସ୍ୟ ରହି ପାରୁ ନାହିଁ ଏ ସମୟରେ ଗୋଟିଏ ଲୁଗାର ମାସୁଲ ସ୍ୱରୂପ ଲାଭକର ଆୟ କି ଯାହା ଦୁଃଖିପ୍ରଜାଙ୍କୁ ବାଧୁ ନାହିଁ ଓ ଯହିଁର ଅଧିକାଂଶ ଧନଶାଳୀ ଲୋକଙ୍କ ଉପରେ ପଡୁଅଛି ତାହା ତ୍ୟାଗ କରିବା ଉଚିତ ନୁହଇ ଲର୍ଡ ଲିଟନ ଏଥିର ଏମନ୍ତ କଡ଼ା ଉତ୍ତର ଦେଇଅଛନ୍ତି ଯେ ସଭ୍ୟମାନେ ତାହା ଶୁଣି ହତାଶ ହୋଇଅଛନ୍ତି । ଏପ୍ରକାର ସ୍ୱର ଓ ବାକ୍ୟ ବିନ୍ୟାସରେ କୌଣସି ଲାଟ ସାହେବ କୌଣସି ଶ୍ରେଣୀର ମାନ୍ୟଲୋକଙ୍କୁ କେତେବେଳେ ସମ୍ବୋଧନ କରି ନାହାନ୍ତି । ଗବର୍ଣ୍ଣର ଜେନେରଲଙ୍କ ଉତ୍ତର ପାଠକରି ଭୀତ ଓ ହତାଶ ହେଲୁଁ । ସଭା ଆବେଦନ କରିବାରେ କି ଅପରାଧ କଲେ ଯେ ତହିଁପାଇ ଏତେ କଟୁକଥାର ଭାଜନ ହେଲେ ତାହା ବୁଝାଗଲା ନାହିଁ । ଲର୍ଡ ଲିଟନ ଆପଣା ଉତ୍ତରରେ ସଂକ୍ଷେପରେ ଏହି କଥା କହିଅଛନ୍ତି କି "ତୁମ୍ଭେ ଜମିଦାରମାନେ ଶ୍ରୀମତୀ ଭାରତେଶ୍ୱରୀଙ୍କ ପ୍ରଜା ମଧ୍ୟରେ ଅତ୍ୟନ୍ତ ଅନୁଗୃହୀତ ଅଟ । ଭାରତବର୍ଷର ସକଳ ସ୍ଥାନରେ ଭୂମିର ଅଧିକାରୀ ଗବର୍ଣ୍ଣମେଣ୍ଟ କିନ୍ତୁ ତୁମ୍ଭେମାନେ ଚିରକାଳ ସକାଶେ ବଙ୍ଗଳାର ଭୂମିର ଅଧିକାରୀ ହୋଇଅଛ ଓ ତୁମ୍ଭେମାନେ ସମସ୍ତଙ୍କଠାରୁ ଅଳ୍ପ କର ଦିଅ ଅଥଚ ତୁମ୍ଭେମାନେ ଏମନ୍ତ ପ୍ରାର୍ଥନା କରୁଅଛ କି ଯହିଁରେ ତୁମ୍ଭେମାନେ କର ଭାରରୁ ମୁକ୍ତ ପାଇବ ଓ ଦୁଃଖୀ ପ୍ରଜାମାନେ ଅଧିକ କର ଦେବେ । ଆଉ ତୁମ୍ଭେମାନେ ପାର୍ଲିମେଣ୍ଟସଭା ଶ୍ରୀମତୀ ମହାରାଣୀ ଭାରତେଶ୍ୱରୀଙ୍କ ମନ୍ତ୍ରୀ ସଭା ଏବଂ ଭାରତବର୍ଷର ଗବର୍ଣ୍ଣମେଣ୍ଟ ପ୍ରତି ଏମନ୍ତ କାର୍ଯ୍ୟ ଓ ଭାବ ଘଟାଇଅଛ କି ଯାହା ସେମାନେ ପୁନଃପୁନଃ ନିନ୍ଦା କରିଅଛନ୍ତି । କପାଲୁଗା ମାସୁଲ ଆମ୍ଭେ ଉଠାଇ ଦେବାକୁ ସ୍ଥିର ଭାବରେ ନିଶ୍ଚୟ କରିଅଛୁଁ ତହିଁର ଅନ୍ୟଥା ହୋଇ ନ ପାରେ ।" ଏ ପ୍ରକାର ଭାଷାରୁ ବୋଧ ହୁଅଇ ଲର୍ଡ ଲିଟନ ସାହେବ ଇଂଲଣ୍ଡର ଲୁଗା ବେପାରିଙ୍କ ଅନୁରୋଧ ଭାଙ୍ଗି ନ ପାରି ଲୁଗା ମାସୁଲ ଉଠାଇ ଦେବାକୁ ଦୃଢ଼ସଙ୍କଳ୍ପ ହୋଇଅଛନ୍ତି ମାତ୍ର ତାହା ସ୍ପଷ୍ଟ କହିଥିଲେତ ହୁଅନ୍ତା ତହିଁପାଇଁ ଭାରତବର୍ଷୀୟ ସଭାର ସଭ୍ୟଙ୍କୁ କଟୁକଥା କହିବାର କିଛି ପ୍ରୟୋଜନ ନ ଥିଲା ଓ ସେପରି କହିବା ବଡ଼ ଅସୁନ୍ଦର ହୋଇଅଛି ।

---

### ସର୍ଭେ ଅଭ୍ୟାଗତ ।

ଆମ୍ଭେମାନେ ଏ ସ୍ଥଳରେ ନିଯୁକ୍ତ ଥିବା ସର୍ଭେ ଅମିନଙ୍କର ଅନେକ ଅଭ୍ୟାଗତ ଶୁଣୁଅଛୁଁ ଓ ଏଥିପୂର୍ବେ ପୁନଃପୁନଃ ଲେଖିଅଛୁଁ । ବର୍ତ୍ତମାନ ଅଭ୍ୟାଗତର ଗୋଟିଏ ଦୃଷ୍ଟାନ୍ତ ବିଶ୍ୱସ୍ତସୂତ୍ରେ ଅବଗତ ହୋଇ ପାଠକମାନଙ୍କୁ ଜଣାଉଅଛୁଁ ତାହା ଏହି—ବାବୁ ମହତାବଲାଲଙ୍କ ଜମିଦାରୀର ଏକ ମଉଜାରେ ଜଣେ ସର୍ଭେ ଅମିନ ପ୍ରବେଶ ହୁଅନ୍ତେ ତାଙ୍କର ଗୁମାସ୍ତା ତାହା ନିକଟରେ ଉପସ୍ଥିତ ହୋଇ ତାହାର ବସା କରି ଦେଲା ଓ ଯେତେ ଦିନ ଅମିନ ସେ ମଉଜାରେ ରହିଲା ତେତେ ଦିନ ବିନା ମୂଲ୍ୟରେ ଖାଇବାର ସକଳ ସାମଗ୍ରୀ ଦେଲା କିନ୍ତୁ ଭୋଜନ ଦେଲେ ଦକ୍ଷିଣା ବା ବ୍ୟବହାର ଦେବାର ପ୍ରଥା ଅଛି ଏଯୋଗୁ ଅମିନ ଗୁମାସ୍ତାକୁ କିଛି ଦକ୍ଷିଣା ଚାହିଲା ମାତ୍ର ଗୁମାସ୍ତା ଏଥିରେ ଟାଳଟୁଳ କଲା । ଗୁମାସ୍ତାର ଏପରି ଗୁରୁତର ଦୋଷକୁ ଅମିନ ମନେ ରଖି ପ୍ରଶଂସିତ ଜମିଦାରଙ୍କର ଅନ୍ୟ ଏକ ମଉଜା ଜଗନ୍ନାଥପୁରରେ ପ୍ରବେଶ ହେଲା ସେଠାରେ ମଧ୍ୟ ଗୁମାସ୍ତା ବସା ଓ ଭୋଜନର ପ୍ରବନ୍ଧ ସକଳ କରି ଦେଲା କିନ୍ତୁ କିଛି ଆବଶ୍ୟକୀୟ କର୍ମ ଯୋଗୁଁ ସେ ଅମିନଠାରେ ସବୁଦିନ ଉପସ୍ଥିତ ରହି ନ ପାରି ଜଣେ ଓ୍ୱାକଫକାର ଲୋକ ଅମିନଙ୍କୁ ଦେଇ ଆପଣା ଘରକୁ ଆସିଲା ସେ ବ୍ୟକ୍ତି ସକଳକର୍ମ ନିର୍ବାହ କରୁଥିଲା କୌଣସି ବିଷୟରେ ତ୍ରୁଟି ନ କଲା କିନ୍ତୁ ସେ ମଧ୍ୟ ଦକ୍ଷିଣା ନ ଦେଲା । ଦୁଇ ମଉଜାର କର୍ମ କରି ଅମିନ ଦକ୍ଷିଣା ନ ପାଇଲା ଏହା କି ସେ ସହ୍ୟ କରି ପାରେ ? ଅତଏବ ସେ ସର୍ଭେଅର ସାହେବଙ୍କ ନିକଟକୁ ଜଗନ୍ନାଥପୁର ମଉଜାରେ ଜମିଦାରର ଗୁମାସ୍ତା ଉପସ୍ଥିତ ନ ରହିବା ଓ ସର୍ଭେ କର୍ମରେ ତାକୁ ସାହାଯ୍ୟ ନ କରିବା ଇତ୍ୟାଦି ବିଷୟର ରପୋର୍ଟ କଲା । ସାହେବ ଏ ରପୋର୍ଟରେ ଜମିଦାରଙ୍କ ଉପରେ ଚଳିତମାସ ତା ୧୯ ରିଖରୁ ଦିନାକୁ ୫ ୧୦ ଟଙ୍କା ଲେଖାଏ ଜରିମାନା ଧାର୍ଯ୍ୟ କରି ନୋଟିସ ଜାରି କଲେ । ଏ ଅନର୍ଥକ ଦଣ୍ଡରୁ ମୁକ୍ତ ପାଇବାପାଇଁ ଜମିଦାର କି ଉପାୟ କରିଅଛନ୍ତି ଆମ୍ଭେମାନେ ଏ ପର୍ଯ୍ୟନ୍ତ ଶୁଣି ନାହୁଁ ସେ କହୁତ ଉପାୟ କରି ମୁକ୍ତି ପାଇଲେ ମଧ୍ୟ ଅବଶ୍ୟ କିଛି ଖର୍ଚ୍ଚାନ୍ତ ହେବେ ଏଥିରେ ସନ୍ଦେହ ନାହିଁ ଆମ୍ଭେମାନେ ଦେଖୁଅଛୁଁ ଯେ ଅଭ୍ୟାଗତର ଯଥେଷ୍ଟ ଉପାୟ ଅମିନଙ୍କ ହସ୍ତରେ ଅଛି ଏହି ହେତୁ ଜମିଦାରମାନେ ସେମାନଙ୍କୁ ଭୟ କରି ଖର୍ଚ୍ଚାନ୍ତ ହୋଇ ସେମାନଙ୍କ ମନ ଯୋଗାଉଅଛନ୍ତି । ଉଲ୍ଲିଖିତ ସ୍ଥଳେ ଜମିଦାର ଅମିନଙ୍କୁ ବସା ଓ ବିନାମୂଲ୍ୟରେ ସକଳଦିନ ଭୋଜନ

Split by PDF Splitter



ହେଲେ କେବଳ ଦକ୍ଷିଣା ନ ଦେବାରୁ ଏପରି ଦାୟଗ୍ରସ୍ତ ହେଲେ ।

ଏ ଅତ୍ୟାଚାରର ନିବାରଣର କି କିଛି ଉପାୟ ନାହିଁ ? ଏଥି ପକ୍ଷରେ କି କର୍ତ୍ତୃପକ୍ଷମାନେ ଦୃଷ୍ଟିପାତ କରିବେ ନାହିଁ ? ଆମ୍ଭମାନଙ୍କ ବିବେଚନାରେ ଅମିନର ରିପୋର୍ଟରେ ଏକାବେଳକେ ଜମିଦାର ଉପରେ ଜରିମାନା ଧାର୍ଯ୍ୟ ନ କରି ଜମିଦାରଙ୍କୁ ଆଗେ କଇଫିୟତ ତଲବ କଲେ ଅମିନର ଅତ୍ୟାଚାର ଓ କର୍ମର ଅସ୍ତବ୍ୟସ୍ତ ଉଭୟର ନିବାରଣ ହୋଇପାରେ । କାରଣ ଅମିନ ମିଥ୍ୟାରେ ଜମିଦାର ନାମରେ ରିପୋର୍ଟ କରିଥିଲେ ଜମିଦାର ତତ୍ପର କଇଫିୟତ ଦେବ ଏପରି ସ୍ଥଳେ ସବ୍‌ଅର ସାହେବ ତଦନ୍ତ କରି ଓ ଆବଶ୍ୟକ ହେଲେ ପ୍ରମାଣ ନେଇ ଯଦି ଜମିଦାରକୁ ବାସ୍ତବ ଦୋଷୀ ଜାଣିବେ ତେବେ ତାକୁ ଦଣ୍ଡିବେ ଓ ଯେବେ ଅମିନର ମିଥ୍ୟା ରିପୋର୍ଟ କରିଥିବାର ଜାଣିବେ ତେବେ ତାକୁ ମଧ୍ୟ ଦଣ୍ଡିବେ । ଦୁଇ ଚାରି ଅମିନ ଏପରି ଦଣ୍ଡ ପାଇଲେ ସେମାନେ ଅତ୍ୟାଚାର ଓ ମିଥ୍ୟା ରିପୋର୍ଟ କରିବାକୁ ସାହସ କରିବେ ନାହିଁ । ଅମିନଙ୍କ ସାହାଯ୍ୟରେ ଜମିଦାରମାନଙ୍କ ପକ୍ଷରୁ ତ୍ରୁଟି ଅଳ୍ପ ନାହିଁ ଓ ଥିଲେ ଦୁଇ ଏକ ଜମିଦାର ଦଣ୍ଡ ପାଇଲେ କେହି ତ୍ରୁଟି କରିବେ ନାହିଁ । ଦଣ୍ଡ ଜାଣିକି ଥାଉ କେବଳ ତ୍ରୁଟି କରିବା ବ୍ୟକ୍ତିଙ୍କୁ କଇଫିୟତ ତଲବ ହେଲେ ସେ ସତର୍କ ହୋଇ ଯିବ । ଆମ୍ଭେମାନେ ଭରସା କରୁଁ ଯେ ସବ୍‌ଅର, କଲେକ୍ଟର ଓ କମିଶନର ସାହେବମାନେ ଏଥିର ପ୍ରତିକାର କରି ଜମିଦାର ଓ ପ୍ରଜାଙ୍କୁ ଅମିନଙ୍କ ଅତ୍ୟାଚାରରୁ ରକ୍ଷା କରନ୍ତୁ । କେହି ପ୍ରଶ୍ନ କରି ପାରନ୍ତି ପ୍ରଜାଙ୍କ ଉପରେ ଅମିନଙ୍କର କି ଅତ୍ୟାଚାର ? ବାସ୍ତବରେ ଅମିନଙ୍କର ପ୍ରଜାଙ୍କ ଉପରେ ପ୍ରତ୍ୟକ୍ଷ ଅତ୍ୟାଚାର ନାହିଁ କିନ୍ତୁ ଆମ୍ଭେମାନେ ଶୁଣୁଅଛୁଁ ଯେ କେତେକ ଜମିଦାର ଅମିନଙ୍କର ରସିଦ ଓ ଦକ୍ଷିଣା ଇତ୍ୟାଦି ଖର୍ଚ୍ଚାର ବ୍ୟୟାଂଶ ପ୍ରଜାଙ୍କଠାରୁ ଉସୁଲ କରି ନେଉଅଛନ୍ତି । ଯେ ଯାହା କରୁ ଶେଷରେ ଦୁଃଖୀ ପ୍ରଜାଙ୍କ ଉପରେ ସବୁ ପଡୁଅଛି । ସେହି ଦୁଃଖୀ ପ୍ରଜାଙ୍କ ନିମନ୍ତେ ଆମ୍ଭେମାନେ ପ୍ରଜାବତ୍ସଳ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରୁଅଛୁ ଯେ ସେମାନଙ୍କୁ ଏ ଭୟରୁ ରକ୍ଷା କରିବାର ବିହିତ ଉପାୟ କରନ୍ତୁ ।

---

## ଭାରତବର୍ଷର ବଜେଟ ।

ଆଗାମୀ ବର୍ଷ ଅର୍ଥାତ ସନ ୧୮୭୯।୮୦ ସାଲର ବଜେଟ ବାହାର ଅଛି ମାତ୍ର ଗତବର୍ଷ ଯେମନ୍ତ ବ୍ୟବସ୍ଥାପକ ସଭାରେ ତାହା ଅତି ସମାରୋହ ସହିତ ପଠିତ ହୋଇଥିଲା ଏବର୍ଷ ତାହା ହୋଇ ନାହିଁ । ଏକ ଅତିରିକ୍ତ ଇଣ୍ଡିଆ ଗେଜେଟରେ ତାହା ଛପା ହୋଇ ସର୍ବସାଧାରଣଙ୍କ ଗୋଚରାର୍ଥେ ପ୍ରକାଶିତ ହୋଇଅଛି । ବଜେଟର ବିବରଣ ଏତେ ବାହୁଲ୍ୟରୂପେ ଛପା ହୋଇଅଛି ଯେ ତାହା ସମୁଦାୟ ପାଠକର ତହିଁର ସାରାଂଶ ପାଠକମାନଙ୍କୁ ଜଣାଇବା ସହଜ କର୍ମ ନୁହଇ ଇଣ୍ଡିଆ ଗେଜେଟର ଚାଳିଶ ପୃଷ୍ଠା ଏଥିରେ ଭରତି ହୋଇ ଯାଇଅଛି । ସୁତରାଂ ଆମ୍ଭେମାନେ ତହିଁରୁ କ୍ଷାନ୍ତ ରହି ଆୟବ୍ୟୟର ସଂକ୍ଷେପ ତାଲିକା ଓ ବଜେଟର ପ୍ରଧାନ ବିଷୟମାନ ପାଠକଙ୍କୁ ଜଣାଉଅଛୁଁ ଯଥା;—

ସନ ୧୮୭୭।୭୮—ରାଜସ୍ୱ ଟ ୫୮,୯୧-୯୩,୦୧୦ ସାଧାରଣ ବ୍ୟୟ ଟ ୬୨,୫୧,୨୩,-୮୮୦ ଟଙ୍କା ଅଧିକା ବ୍ୟୟ ଟ ୩,୫୪,୩୦,୮୭୦ ଟଙ୍କା ଏଥିର କାରଣ ଦୁର୍ଭିକ୍ଷ ଅଟଇ । ଆୟକର ପୂର୍ତ୍ତି କାର୍ଯ୍ୟର ବ୍ୟୟ ଟ ୪,୭୯,୧୦,୫୨୦ ଟଙ୍କା ଇଟଫଳ ଇଷ୍ଟିମିଟ ସଙ୍ଗେ ପ୍ରାୟ ସମାନ ।

ସନ ୧୮୭୮।୭୯—ରାଜସ୍ୱ ଟ ୬୪,୬୮,୦୦,୦୦୦ ସାଧାରଣ ବ୍ୟୟ ଟ ୬୩,୩୮,୦୦,୦୦୦ ଟଙ୍କା ଉଦ୍‌ବର୍ତ୍ତ ଟ ୧,୩୦,୦୦,୦୦୦ । ଚଳିତବର୍ଷର ସମ୍ପୂର୍ଣ୍ଣ ଯୁଦ୍ଧଖର୍ଚ୍ଚା ଟ ୬୭,୦୦,୦୦୦ ଟଙ୍କା ଏବଂ ସୁନାପ୍ରତି ରୂପାର ଦର ଊଣା ହେବା ଖର୍ଚ୍ଚା ଟ ୪୦,୦୦,୦୦୦ ଟଙ୍କା ଆଦାୟ ହେବା ଉତ୍ତାରୁ ଉକ୍ତ ଉଦ୍‌ବର୍ତ୍ତ ଟଙ୍କା ବାହାରଅଛି । ଆୟକର ପୂର୍ତ୍ତି କାର୍ଯ୍ୟ ଖର୍ଚ୍ଚା ଟ ୪୫,୯୯,୦୦୦ ଟଙ୍କା ।

ସନ ୧୮୭୯।୮୦—ବଜେଟ ଅନୁସାର ଆୟ ଟ ୬୪,୫୬,୨୦,୦୦୦ ଟଙ୍କା ସାଧାରଣ ବ୍ୟୟ ଟ ୬୫,୯୫,୭୦,୦୦୦ ଟଙ୍କା ଏ ବ୍ୟୟ ମଧ୍ୟରେ ଯୁଦ୍ଧର ଖର୍ଚ୍ଚ । କୋଡିଏ ଲକ୍ଷ ଟଙ୍କା ଧରାଯାଇଅଛି । ଅଧିକା ସାଧାରଣ ବ୍ୟୟ ଟ ୧,୩୯,୫୦,-୦୦୦ । ଆୟକର ପୂର୍ତ୍ତି କାର୍ଯ୍ୟର ବ୍ୟୟ ଟ ୩,-୫୦,୦୦,୦୦୦ ଟଙ୍କା । ସୁନାପ୍ରତି ରୂପାର ମୂଲ୍ୟ ଊଣା ହେବା ହେତୁ ଯେତେ ନଷ୍ଟ ପଡିବାର ଅନୁମାନ ଗତବର୍ଷ ହୋଇଥିଲା ତହିଁ ଅପେକ୍ଷା ଟ ୯୫,୨୦,୦୦୦ ଅଧିକ ନଷ୍ଟ ହେବାର ଅନୁମାନ ହୋଇ ଏ ବର୍ଷର ମୋଟ କ୍ଷତି ଟ ୩,୯୫,୨୦,-୦୦୦ ଟଙ୍କା ଅନୁମିତ ହୋଇଅଛି । ଏହି କ୍ଷତି ଦୁର୍ଭିକ୍ଷ ଟାକ୍ସଦ୍ୱାରା ଆଦାୟ ହୋଇଥିବା ସମସ୍ତ ଟଙ୍କା ଖାଇ ଯାଇଅଛି ଯେବେ ଏହା ହୋଇ ନ ଥାନ୍ତା ତେବେ ଯୁଦ୍ଧ ଛଡା ଟ ୧,୯୬,୯୦,-୦୦୦ ଟଙ୍କା ସ୍ଥିତ ହୋଇଥାନ୍ତା ।

ଆୟରୁ ବ୍ୟୟ ବଳପଡିବାରୁ ପାଞ୍ଚକୋଟି ଟଙ୍କା ଗବର୍ଣ୍ଣମେଣ୍ଟ ଏ ବର୍ଷ ଋଣ କରିବାର ଘୋଷଣା ଦେଇଅଛନ୍ତି ।

ସମ୍ପ୍ରତି କୌଣସି ଟାକ୍ସ ବୃଦ୍ଧି କରିବାର ପ୍ରସ୍ତାବ ହୋଇ ନାହିଁ କାରଣ ଭାରତବର୍ଷର ଆୟବ୍ୟୟର ସାମଞ୍ଜସ୍ୟ ରକ୍ଷା କରିବାର ବସ୍ଥେଯୀ ଏକମାତ୍ର ସୁନା ରୂପାର ମୂଲ୍ୟର ତାରତମ୍ୟତା ହୋଇଅଛି ଏବଂ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କ ପ୍ରସ୍ତାବ ମତେ ବିଲାତର ଗବର୍ଣ୍ଣମେଣ୍ଟରେ ଏ ବିଷୟରେ କି କର୍ତ୍ତବ୍ୟ ତହିଁର ବିଚାର ହେଉଅଛି ।

ବର୍ତ୍ତମାନ ବଜେଟଦ୍ୱାରା କେବଳ କଷ୍ଟମ ମାସୁଲ କିଛି ଛାଡ ଯାଇଅଛି । ଗତବର୍ଷ ବଜେଟ ସମୟରେ କେତେପ୍ରକାର ମୋଟଲୁଗା ଉପରେ ଆମଦାନୀ ମାସୁଲ ଛାଡ ହୋଇଥିଲା । ଏବର୍ଷ ଏକ ସ୍ୱତନ୍ତ୍ର କମିଟୀ ବସି ତହିଁର ପୁନର୍ବିଚାର ଉତ୍ତାରୁ ଗବର୍ଣ୍ଣମେଣ୍ଟଙ୍କୁ ପରାମର୍ଶ ଦେବାରେ ଗବର୍ଣ୍ଣମେଣ୍ଟ ଆଜ୍ଞା ଦେଇଅଛନ୍ତି କି ନ ୩୦ ମ୍ବର ଓ ତହିଁ ତଳର ସୂତାର ସମସ୍ତ ପ୍ରକାର କପାଲୁଗା ଆମଦାନୀ ମାସୁଲରୁ ଛାଡ ପାଇବ । ଏଥିରେ ଗବର୍ଣ୍ଣମେଣ୍ଟଙ୍କର ବାର୍ଷିକ କ୍ଷତି ଟ ୨୦,୦୦,୦୦୦ ଟଙ୍କା ହେବ ମାତ୍ର ଆଗାମୀ ବର୍ଷ କେବଳ ପନ୍ଦରଲକ୍ଷ ଟଙ୍କା କ୍ଷତି ପଡିବ । ଏ ନିୟମର ଫଳ ଏହି ହେବ କି ଯେତେ ପ୍ରକାର କଳଲୁଗା ଭାରତବର୍ଷରେ ପ୍ରସ୍ତୁତ ହେବାରୁ ଇଂଲଣ୍ଡର ଲୁଗା ସହିତ ପ୍ରତିଯୋଗିତା କରୁଅଛି ତେତେ ପ୍ରକାର ବିଲାତରୁ ଆମଦାନୀ ହେଉଥିବା କଳଲୁଗା ଉପରେ ମାସୁଲ ନିଆଯିବ ନାହିଁ ସୁତରାଂ ଉଭୟ ଦେଶର ମହାଜନଙ୍କପ୍ରତି ସମାନ ବ୍ୟବହାର ଗବର୍ଣ୍ଣମେଣ୍ଟ କରିବେ । ଏକପ୍ରକାର ଲୁଗା ବିଲାତରୁ ଆସିଲେ ତହିଁ ଉପରେ ମାସୁଲ ବସିବ ମାତ୍ର ଏଠାରେ ପ୍ରସ୍ତୁତ ହେଲେ ବିନା ମାସୁଲରେ ଚଳିବ ଏପରି ନିୟମ ଥିବାରୁ ବିଲାତରୁ ମୋଟଲୁଗା ଆସିବା ବିସ୍ତର ଊଣା ପଡିଅଛି ଏବଂ ଭାରତବର୍ଷୀୟ କଳରେ ବିସ୍ତର ଲୁଗା ପ୍ରସ୍ତୁତ ହୋଇ ବିଦେଶକୁ ମଧ୍ୟ ରପ୍ତାନୀ ହୋଇଅଛି । ଏଥିପାଇଁ ଗବର୍ଣ୍ଣମେଣ୍ଟ ବ୍ୟକ୍ତ କରିଅଛନ୍ତି କି ଭାରତବର୍ଷର ରାଜସ୍ୱର ଅବସ୍ଥା ବର୍ତ୍ତମାନ ସନ୍ତୋଷଜନକ ଥିଲେହେଁ ଏ ମାସୁଲ ଛାଡ

Digitized by srujanika@gmail.com

ଦେବାକୁ ବିଳମ୍ବ କରିବା ଉଚିତ ବୋଧ ହେଲା ନାହିଁ କାରଣ ଏଥିରେ ଲୁଗା ପ୍ରସ୍ତୁତକାରୀ ଏବଂ କ୍ରେତା ଉଭୟଙ୍କର କ୍ଷତି ହେଉଅଛି ଓ ରାଜସ୍ୱର ଅବସ୍ଥା ମନ୍ଦ ହେବାର କାରଣ ଏହା ନ ଥାଇ ରୂପାର ଦରର ନ୍ୟୂନତା ଅଟଇ । ସୂତା ଉପରେ ଯେ ମାସୁଲ ନିଆ ଯାଉଅଛି ତହିଁର କିଛି ପରିବର୍ତ୍ତନ ହୋଇ ନାହିଁ ।

ଏହି ବଜେଟ ସଙ୍ଗେ ୨ ପ୍ରଧାନ ବାଣିଜ୍ୟଦ୍ରବ୍ୟ ସମସ୍ତର ମୂଲ୍ୟ ଫେର ବଦଳ ହୋଇ ଏକ ନୂତନ ତାଲିକା ବାହାରଅଛି । ପ୍ରଚଳିତ ତାଲିକାରେ ଉକ୍ତ ଦ୍ରବ୍ୟସବୁର ଦର ବଜାର ଦରଠାରୁ ଅଧିକ ଥିଲା ନୂତନ ତାଲିକାରେ ଊଣା ହୋଇଅଛି ଏବଂ ତଦ୍ଦ୍ୱାରା ଟ ୪୨୦,୦୦୦୲ ଙ୍କା ରାଜସ୍ୱ ଊଣା ହୋଇଅଛି ଏଥିମଧ୍ୟରେ ଏକା ଲୁଗା ବାବତରେ ଟ ୩,୧୦,୦୦୦୲ ଙ୍କା ଅଟଇ ଯୁଦ୍ଧର ମୋଟ ବ୍ୟୟ ଉଭୟ ବର୍ଷ ବାବତ ଦୁଇକୋଟୀ ସତଷଠି ଲକ୍ଷ ଟଙ୍କା ହେବ ବୋଲି ଅନୁମାନ ହୋଇଅଛି ।

ଉପରଲିଖିତ ବିବରଣରୁ ପାଠକମାନେ ଜାଣିବେ ଯେ ଯଦ୍ୟପି କି କୌଣସି ଟାକ୍ସ ଊଣା ହେବାର ଆଶା ନାହିଁ ମାତ୍ର ଏବର୍ଷ ଯୁଦ୍ଧ ଇତ୍ୟାଦି ହେତୁରୁ ଟାକ୍ସ ବୃଦ୍ଧି ହେବାର ଯେଉଁ ଭୟ ଥିଲା ତାହା ବର୍ତ୍ତମାନ ସକାଶେ ଘୁଞ୍ଚି ଯାଇଅଛି । ସମ୍ପ୍ରତି କୌଣସି ଟାକ୍ସ ବୃଦ୍ଧି କରିବେ ନାହିଁ ବୋଲି ଗବର୍ଣ୍ଣମେଣ୍ଟ କହିଅଛନ୍ତି ମାତ୍ର ଏକଥାଦ୍ୱାରା ଭବିଷ୍ୟତ ସକାଶେ ଆମ୍ଭେମାନେ ନିଶ୍ଚିନ୍ତ ହେଲୁଁ ନାହିଁ । "ସମ୍ପ୍ରତି" ଶବ୍ଦର ଅର୍ଥ କେତେଦିନକୁ ବୁଝାଉଅଛି ତାହା କିଏ କହି ପାରିବ ।

---

## ସାପ୍ତାହିକସଂବାଦ ।

ଆମ୍ଭେମାନେ ଦୁଃଖର ସହିତ ଅବଗତ ହେଲୁଁ ଯେ ଡେପୁଟୀ କଲେକ୍ଟର ମୌଲବୀ ଏକରାମରସୁଲ ଓ ମୌଲବୀ ଅବ୍ଦୁଲକାଦର ଉଭୟଙ୍କର ପଦ ଅଧୋଗତ ହୋଇଗଲା । ଏ ଜିଲାରେ ସେମାନଙ୍କର ଏକ ମକଦ୍ଦମା ହୋଇଥିଲା ଓ ସେଥିରେ ଅବ୍ଦୁଲକାଦର ଗତ ବର୍ଷ ସାକ୍ଷୀସ୍ୱରୂପ ଆସିଥିଲେ ଉକ୍ତ ମକଦ୍ଦମାରେ ଉଭୟଙ୍କର ଆଚରଣ ଦୋଷଯୁକ୍ତ ଜଣା ଯିବାରୁ ଜଜ ସାହେବ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇଲେ ଏଥିର ଠିକ ଅନୁସନ୍ଧାନ ହେଲା ଉତ୍ତାରେ ଗବର୍ଣ୍ଣମେଣ୍ଟ ସେମାନଙ୍କୁ ୨ ୟ ଶ୍ରେଣୀରୁ ୭ ମ ଶ୍ରେଣୀକୁ ଉତ୍ତାର ଦେଲେ ଅର୍ଥାତ ସେମାନେ ଟ ୩୦୦୲ ଙ୍କା ବେତନ ପାଉଥିଲେ ବର୍ତ୍ତମାନ ଟ ୨୦୦୲ ଙ୍କା ପାଇବେ ଓ ପୁନର୍ବାର ଓଡିଶାରେ ନିଯୁକ୍ତ ହେବେ ନାହିଁ । ଅବ୍ଦୁଲକାଦରଙ୍କ ପ୍ରତି ଅଧିକରୁ ଦଣ୍ଡ ଏହି ଯେ ୭ମ ଶ୍ରେଣୀର ସର୍ବନିମ୍ନ ସ୍ଥାନ ତାଙ୍କୁ ଦିଆ ହୋଇଅଛି । ଏ ଦଣ୍ଡପାଇଁ ଆମ୍ଭେମାନେ ଦୁଃଖିତ ନାହୁଁ ସେମାନଙ୍କର ଆଚରଣ ଯେ ଦୋଷଯୁକ୍ତ ହେଲା ଏଥିପାଇଁ ଦୁଃଖିତ ।

ବଙ୍ଗଳା ବ୍ୟବସ୍ଥାପକ ସଭାରେ ମାନ୍ୟବର ଡାମ୍ପିୟର ସାହେବ ଖାସମହାଲର ଖଜଣା ନିରୂପଣ ବିଷୟରେ ନୂତନ ଆଇନର ପାଣ୍ଡୁଲିପି ଆଗତ କରିଅଛନ୍ତି । ଜମିର ଉନ୍ନତି ଦୃଷ୍ଟିରେ ଖଜଣା ଧାର୍ଯ୍ୟ ହେବାର ଏ ଆଇନର ଉଦ୍ଦେଶ୍ୟ ଅଟେ । ଏପରି ଗୋଟିଏ ଆଇନ ହେଲେ ଅତି ଉତ୍ତମ ହେବ ।

କାଦମ୍ବିନୀ ଦାସୀ ଗତ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଯୋଗୁଁ ମହାମାନ୍ୟ ଲାଟ ସାହେବ ତାଙ୍କର ଭୂରି ପ୍ରଶଂସା କରିଅଛନ୍ତି । ଜୟଦେବପୁରର କୁମାର ରଜେନ୍ଦ୍ରନାରାୟଣ ରାୟ କାଦମ୍ବିନୀଙ୍କୁ ଟ ୫୦୲ ଙ୍କା ମୂଲ୍ୟର ପୁସ୍ତକ ଓ ଟ ୫୦୲ ଙ୍କାର ଗୋଟିଏ ସୁନାର ତଗମା ପୁରସ୍କାର ଦେଇଅଛନ୍ତି । କୁମାରଙ୍କର ଏ କାର୍ଯ୍ୟ ପ୍ରଶଂସନୀୟ ଅଟଇ ।

ଗୋଟିଏ କୌତୁକ କଥା ଏକ ସମ୍ବାଦପତ୍ରରେ ଲେଖାଅଛି ଯେ ପାରିସ ନଗରରେ ମେଥର ନାହାନ୍ତି । ପାରିସ ଫରାସୀ ଦେଶର ପ୍ରଧାନ ଓ ଜନପୂର୍ଣ୍ଣ ନଗର ଅଟଇ । ଏପରି ବୃହତ ନଗରରେ ଏତେଅଳ୍ପ ମେଥର ଥିଅଇ ଯେ ତାହା ଧର୍ତ୍ତବ୍ୟ ନୁହେ । ପୁଣି ପ୍ରାୟ ଏ ମେଥରସବୁ ସେଠାରେ ଥିବା ଇଂରେଜ ଓ ଅନ୍ୟ ଲୋକଙ୍କଦ୍ୱାରା ହୋଇଥାଏ ଫରାସିମାନେ ମେଥର କରନ୍ତି ନାହିଁ ଏଥିର କାରଣ ସେଠାର ଭୂମି ପ୍ରଥା ଅଟଇ । ସେଠାରେ ବଡ ୨ ଭୂମ୍ୟଧିକାରୀ ନାହାନ୍ତି । କ୍ଷୁଦ୍ର ୨ ଖଣ୍ଡଭୂମିର ଅଧିକାରୀଙ୍କ ସଂଖ୍ୟା ଅଧିକ ଏଣୁକରି ଅଧିକାଂଶ ଲୋକ ଉତ୍ତମ ଅବସ୍ଥାରେ ଥାନ୍ତି । ମୂଲିଆ ଓ ସାମାନ୍ୟ ବ୍ୟବସାୟୀମାନଙ୍କ ଅବସ୍ଥା ମଧ୍ୟ ଭଲ ଅଟେ । ସେମାନେ ଅଳ୍ପ ପରିଶ୍ରମରେ ଆପଣା ଜୀବନଯାତ୍ରା ନିର୍ବାହ କାରଣ ଯଥେଷ୍ଟ ଉପାର୍ଜ୍ଜନ କରନ୍ତି ଓ କିଛି ସମୟ ମଧ୍ୟ ଆହ୍ଲାଦ ଆମୋଦରେ ଅତିବାହିତ କରନ୍ତି । ଏଣୁକରି ଲୁଣ୍ଠିତ ଓ ଘୃଣିତ ଅପରାଧରେ ସେମାନଙ୍କ ମତି ବଳେ ନାହିଁ ।

ପ୍ରଥମଶ୍ରେଣୀର କଲେକ୍ଟରଙ୍କର ବେତନ ମାସିକ ଟ ୨୨୫୦୲ ଙ୍କା ଥିବାରୁ ସେମାନେ ମଫସଲ ଗସ୍ତଖର୍ଚ୍ଚା ପାଉ ନ ଥିଲେ ବର୍ତ୍ତମାନ ବଡଲାଟ ସେକ୍ରେଟରୀ ଆଜ୍ଞା କରିଅଛନ୍ତି କି ସେମାନେ ଗସ୍ତଖର୍ଚ୍ଚା ପାଇବେ । ହିଁ ଡେଇଅମୃତରେ ଡେଲ ।

ମହାମାନ୍ୟ ଲାଟ ସାହେବ ଲାହୋରରୁ ଗମନ କାଳୀନ ଡୁମରାଓଁ ନଗର ମହାରାଜାଙ୍କ ନିଅରରେ ମେହମାନ ହେବେ ।

ବାବୁ ପ୍ୟାରୀଚରଣ ମିତ୍ର କେତେକ ପ୍ରାଚୀନ ହିନ୍ଦୁ ମହିଳାଙ୍କର ଜୀବନ ଚରିତ୍ରର ଗୋଟିଏ ପୁସ୍ତକ ବଙ୍ଗଳାଭାଷାରେ ଲେଖି ମହାରାଣୀ ସ୍ୱର୍ଣ୍ଣମୟୀଙ୍କ ସମ୍ମୁଖ ଖଣ୍ଡିଏ ପଠାଇଥିବାରୁ ମହାରାଣୀ ତାଙ୍କୁ ୧୦୦ ଖଣ୍ଡ ପୁସ୍ତକର ମୂଲ୍ୟ ଟ ୫୦୲ ଙ୍କା ପାରିତୋଷିକ ଦେଇଅଛନ୍ତି ଓ ଲେଖି ଅଛନ୍ତି କି ସେ ଏହା ଗ୍ରହଣ କରି ଏ ୧୦୦ ଖଣ୍ଡ ପୁସ୍ତକ ଶିକ୍ଷିତା ସ୍ତ୍ରୀମାନଙ୍କୁ ବିତରଣ କରିଦେବେ । ମହାରାଣୀଙ୍କର ଜ୍ଞାନୋନ୍ନତି ବିଷୟରେ ଏପରି ଉତ୍ସାହ ପ୍ରଦାନ ବଡ ପ୍ରଶଂସନୀୟ ଅଟେ । ଇହଲୀୟ ଧନୀ ପୁରୁଷମାନେ ଉକ୍ତ ବଙ୍ଗଦେଶର ଜଣେ ସ୍ତ୍ରୀର ଦୃଷ୍ଟାନ୍ତର ଅନୁଗାମୀ ହେଉନ୍ତୁ ।

ରୁଷମାନଙ୍କ ନିକଟରୁ ନାଏବ ହାକିମ ଗୋପନୀୟ ପତ୍ର ଲେଖିଥିଲେ କି ସେମାନେ କାବୁଲର ହସ୍ତଗତ କଲେ ସେ ସେମାନଙ୍କ ସଙ୍ଗେ ମିଶିବେ । ଏ ପତ୍ର ଭୀଳମାନଙ୍କ ହାତରେ ପଡିବାରୁ ସେମାନେ ତତକ୍ଷଣାତ ନାଏବ ହାକିମଙ୍କୁ ଧରି ଅଣି ତାଙ୍କୁ ଓ ତାଙ୍କର ପରିବାର ଓ କୁଟୁମ୍ବ ସମସ୍ତଙ୍କୁ ବଧ କଲେ ।

ଡେରାଦୁନର ଚନ୍ଦ୍ରମୁଖୀ ଦାସୀ ଛାତ୍ରବୃତ୍ତି ସକାଶେ ପ୍ରାର୍ଥନା କରିବାରୁ ଡାଇରେକ୍ଟର ସାହେବ ଅଙ୍ଗୀକାର କରିଅଛନ୍ତି କି ସେ କଲିକତାରୁ ଆସି ଫାଷ୍ଟଅର୍ଟସ୍ ପର୍ଯ୍ୟନ୍ତ ଶିକ୍ଷା କଲେ ଛାତ୍ରବୃତ୍ତି ପାଇବେ ।

ବ୍ରହ୍ମ ଦେଶର ୭ ଜଣ ଛାତ୍ର କଲିକତାରୁ ଆସି ମେଡିକଲ କଲେଜରେ ଡାକ୍ତରୀ ଶିକ୍ଷା କରିବେ ।

---

## NOTICE.

Wanted an additional teacher for the Zilla School Balasore, salary Rs. 25. None needs apply who has not passed the University Entrance Examination. Applications will be received up to the 25th. Instant.

(*Sd.*) Radhanath Rai
Joint Inspector of Schools
Orissa Circle.

---

Wanted a Head master for the M. C. English School at Arua in Kendrapara Sub-Division. Salary Rs. 30 per mensem. None need apply who has not passed the University Entrance Examination.

(*Sd.*) Radhanath Rai
Joint Inspector of Schools
Orissa Circle.

---

## ବିଜ୍ଞାପନ

ଗତ ସନ ୧୮୭୯ ସାଲର ଛାତ୍ରବୃତ୍ତି ପରୀକ୍ଷାରେ କଟକ, ପୁରୀ ଓ ବାଲେଶ୍ୱର ୩ ଜିଲ୍ଲା ମଧ୍ୟରେ ଯେଉଁ ମଧ୍ୟମ ଶ୍ରେଣୀସ୍ଥ ଉତ୍କଳ ବିଦ୍ୟାଳୟର ଛାତ୍ର ସର୍ବୋଚ୍ଚ ସ୍ଥାନ ପ୍ରାପ୍ତ ହେବ, ଉକ୍ତ ବିଦ୍ୟାଳୟର ଶିକ୍ଷକଙ୍କୁ ଟ ୧୨ ଙ୍କା ମୂଲ୍ୟର କୌଣସି ପଦାର୍ଥ ପାରିତୋଷିକ ସ୍ୱରୂପ ଦେବା ସକାଶେ ବାଲେଶ୍ୱର ନିବାସୀ ଶ୍ରୀଯୁକ୍ତ ବାବୁ ସକନାରାୟଣ ଦାସ ମହାଶୟ ପ୍ରତିଶ୍ରୁତ ହୋଇଅଛନ୍ତି ।

(*Sd.*) Radhrnath Rai
Joint Inspector.

---

ବଙ୍ଗଳାହତାର ଅନ୍ତର୍ଗତ ବାଲେଶ୍ୱର ଜିଲାର ଅଧୀନ ବାରିପାଳ ଥାନାର ଅନ୍ତଃପାତି ପାନକୁଣ୍ଡାର ଜମିଦାର ଆମ୍ଭେ ଭୂସ୍ୱାମୀ ରଘୁନାଥସିଂହଦାସ ଇଣଭୀମ ମହାପାତ୍ର ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଁ ଅଛୁ କି ଉକ୍ତ ଥାନାର ଅଧୀନ କଣ୍ଡାଡୋଳ ପରଗନାର ଦେହୁଡଡା ଗ୍ରାମନିବାସୀ ଶ୍ରୀଅକ୍ଷୟନାରାୟଣ ଦେବ ସନ ୧୨୮୪ ସାଲ ମାଘମାସର ୨୪ ଜ ଅମ୍ଭଠାରୁ ଏକ ଜଡା ମୋକ୍ତାରନାମା ଲେଖାଇନେଇ ତହିଁର ପ୍ରତିରୂପ ଏକଖଣ୍ଡ ଲେଖିଦେଇ ମୋକ୍ତାରନାମା ରେଜିଷ୍ଟ୍ରିକରଣପୂର୍ବକ ଆମ୍ଭର ଇଷ୍ଟେଟରେ ରହିତ ସାଧନ କରିବାର କରାର କରିଥିଲେ କିନ୍ତୁ ସେ ଅପଣାଅବିଶ୍ୱାସ ମତେ ଉକ୍ତ ମୋକ୍ତାରନାମାରେ ଅଧିକ ହସ୍ତାକ୍ଷର କରାଇଥିଲେ ବାର ତଥ୍ୟନଥିବାର ଲେଖାଇନେଇଥିବାରୁ ତହିଁ ବଦଳରେ ଆମ୍ଭର ଇଷ୍ଟେଟର ଦରେଖ ହାନି ଓ ମୋକ୍ତାରନାମାସର୍ତ୍ତର ବିପରୀତ କାର୍ଯ୍ୟକରିବାରୁ ତତ୍‌ଭଙ୍ଗ ଏହିଫଳଣମାସ ତାଙ୍କ ଉପରେ ଲେଖିତନାମସବାର ତାଙ୍କ ମୋକ୍ତାରକାର୍ଯ୍ୟରୁ ବରଖାସ୍ତ କରିଅଛୁ ଓ ଉକ୍ତ ଅକ୍ଷୟ ଅଦାଲତରେ ଓ ମଫସଲରେ ପ୍ରକାଶ କରିଅଛୁଁ ।

ଶ୍ରୀବିଂସ୍ୱା ରଘୁନାଥ ସିଂହ ଦାସ
ଇଣଭୀମ ମହାପାତ୍ର ଜମିଦାର ।

---

ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୪ଶ
ସଂ ୧୩ ସଂଖ୍ୟା

ତା ୨୯ ରିଖ ମାହେ ମାର୍ଚ୍ଚ ସନ ୧୮୭୯ ମସିହା । ମୂ । ଚୈତ୍ର ବ ୧୮ ନ ସନ ୧୨୮୬ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୪॥
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬।
ମଫସଲପାଁଇ ଡାକମାସୁଲ ଟ୧୵

କାବୁଲଯୁଦ୍ଧ ସମ୍ପର୍କରେ ନୂତନ କିଛି ଘଟି ନାହିଁ । ୟାକୁବ ଖାନ ସୈନ୍ୟ ସଂଗ୍ରହ କରି ଯୁଦ୍ଧଯାତ୍ରା କରିବାର ଜନରବ ଉଠିଥିଲା ମାତ୍ର ତାହା ନିଶ୍ଚୟ ବୋଲି ବୋଧ ହେଉ ନାହିଁ ଅଥବା ଆଉ ତାହା ଶୁଣା ଯାଉ ନାହିଁ । ଇଂରାଜ ସେନା ଆପଣା ଅଧିକୃତ ସ୍ଥାନମାନଙ୍କରେ ଅଛନ୍ତି କୌଣସି ଦିଗକୁ ଅଗ୍ରସର ହୋଇ ନାହାନ୍ତି । ଅନ୍ୟ ଏକ ଜନରବ ଉଠିଅଛି ଯେ ରୁସିୟାର ସମ୍ରାଟ୍ ୟାକୁବ ଖାନଙ୍କ ସାହାଯ୍ୟ ନିମିତ୍ତ ସୈନ୍ୟ ପଠାଇଅଛନ୍ତି ଏବଂ ମର୍ଭନାମକ ସ୍ଥାନରେ ଉକ୍ତ ସୈନ୍ୟ ଜମା ହେଉଅଛନ୍ତି । ଏ କଥା କେତେଦୂର ସତ୍ୟ ଆମ୍ଭେମାନେ କହି ନ ପାରୁଁ ମାତ୍ର ସମ୍ଭବକୁ ଆସୁ ନାହିଁ ଯେବେ ରୁସିୟା ସାହାଯ୍ୟ ଦେବାକୁ ପ୍ରସ୍ତୁତ ହୁଅନ୍ତେ ତେବେ କି ଅମିର ସେରଅଲିଙ୍କୁ ନୈରାଶ କରିଥାନ୍ତେ । ଫଳତଃ ଏସମସ୍ତ ଜନରବମାତ୍ର ପ୍ରକୃତ କଥା କିଛି ଜଣା ନାହିଁ । ସମ୍ପ୍ରତି ଆସିଥିବା ଏକ ତାର ସମ୍ବାଦରୁ ଜଣା ଯାଏ ଯେ ମେଜର କାବାଗନାରି କାବୁଲରୁ ଲାହୋରକୁ ଫେରି ଆସୁଅଛନ୍ତି ସେଠାରେ ମହାମାନ୍ୟ ଗବର୍ଣ୍ଣରଜେନରଲଙ୍କ ସହିତ କାବୁଲଯୁଦ୍ଧ ବିଷୟରେ ପରାମର୍ଶ କରି ଯାହା କର୍ତ୍ତବ୍ୟ ତାହା ସ୍ଥିର କରିବେ ।

---

ସ୍କୁଲ ଇନ୍ସପେକ୍ଟର ବାବୁ ଭୂଦେବ ମୁଖୁର୍ଯ୍ୟା ସି, ଆଇ, ଇ ଏଠା ବିଦ୍ୟାଳୟମାନ ଦେଖି କିପରି ସନ୍ତୁଷ୍ଟ ହେଲେ ଏବଂ ଭବିଷ୍ୟତପାଇଁ କି ବନ୍ଦୋବସ୍ତ କରି ଗଲେ ଏକଥା ଯେନି ଆଜିକାଲି ନଗରରେ ବଡ ଆନ୍ଦୋଳନ ଲାଗିଅଛି । ଆମ୍ଭେମାନେ ସ୍ୱୟଂ ଭୂଦେବ ବାବୁଙ୍କଠାରୁ କିଛି ଶୁଣି ନାହୁଁ କିମ୍ବା ତାହାଙ୍କ ଲିଖିତ ମନ୍ତବ୍ୟ କିଛି ପାଠ କରି ନାହୁଁ । ଯେତେବେଳେ ଶିକ୍ଷାବିଭାଗର ଛାପା ରିପୋର୍ଟ ବାହାରିବ ତେତେବେଳେ ନିଶ୍ଚୟ କଥା ସର୍ବସାଧାରଣ ଜାଣି ପାରିବେ । ଯେବେ ଜନରବକୁ ବିଶ୍ୱାସ କରାଯାଏ ତେବେ ଭୂଦେବ ବାବୁ ଏ ନଗରର ବିଦ୍ୟୋତ୍କୃଷ୍ଟ ପ୍ରଧାନ ବିଦ୍ୟାଳୟ ଅର୍ଥାତ କଟକ କଲେଜ ଓ ନର୍ମାଲ ସ୍କୁଲ ଉପରେ ଅତ୍ୟନ୍ତ ଅସନ୍ତୁଷ୍ଟ ହୋଇଅଛନ୍ତି । କଲେଜ ସମ୍ପର୍କରେ କହିଅଛନ୍ତି କି ପ୍ରଥମ ଓ ତୃତୀୟ ବର୍ଷୀୟ ଛାତ୍ରମାନେ ଏକପ୍ରକାର ଭଲ ଅଟନ୍ତି ମାତ୍ର ଦ୍ୱିତୀୟ ଓ ଚତୁର୍ଥ ବର୍ଷୀୟ ଛାତ୍ରମାନେ ଅତ୍ୟନ୍ତ ଅଧମ । ଏପରି ହେଲେ ଆଗାମୀ ପରୀକ୍ଷାରେ କଲେଜର ଫଳ ଯେ ମନ୍ଦ ହେବ ଏଥିରେ ସନ୍ଦେହ ନାହିଁ । କଲେଜ ସଙ୍ଗେ ଲାଗିଥିବା ସ୍କୁଲକୁ ମଧ୍ୟ ଅତ୍ୟନ୍ତ ଅଧମ ବୋଲି କହିଅଛନ୍ତି ଏଥିରୁ ବୋଧ ହୁଅଇ ଯେ ସାଧାରଣ ମତ ଯାହା କଲେଜ ବିରୁଦ୍ଧରେ ହୋଇଅଛି ତାହା ଭ୍ରାନ୍ତିମୂଳକ ନୁହଇ । ବାସ୍ତବରେ କଟକ କଲେଜ ସ୍ଥାପନ କରିବାରେ କେତେ ଗୁଡଏ ଟଙ୍କାର ଶ୍ରାଦ୍ଧ ହୋଇଅଛି ଆଉ କିଛି ନାହିଁ । ଆମ୍ଭେମାନେ ଏକାନ୍ତ ଆଶା କରୁଁ କି ଯଦ୍ୟପି କଲେଜକୁ ବଙ୍ଗଦେଶର କଲେଜମାନଙ୍କ ସରିସମାନ କରିବାକୁ ଗବର୍ଣ୍ଣମେଣ୍ଟ ପାରିବେ ନାହିଁ ତେବେ ଏହାକୁ ଉଠାଇଦେବା ଭଲ ଅଟଇ । ନର୍ମାଲସ୍କୁଲର କି ପଣ୍ଡିତବିଭାଗ କି ଗୁରୁବିଭାଗ କୌଣସିଥିରେ ପରୀକ୍ଷା କରି ଇନସ୍ପେକ୍ଟର ମହାଶୟ ତୃପ୍ତ ହୋଇ ନାହାନ୍ତି । ପୂର୍ବେ ଏ ନର୍ମାଲସ୍କୁଲର ସୁଖ୍ୟାତି ସର୍ବସାଧାରଣ କରୁଥିଲେ କିନ୍ତୁ ଗତ କେତେକ ବର୍ଷରୁ ଏହାର ଅବସ୍ଥା କ୍ରମଶଃ ମନ୍ଦ ହେଉଅଛି । ସେହି ସ୍କୁଲ ସେହି ସୁପରିଣ୍ଟେଣ୍ଡେଣ୍ଟ (ଯାହାଙ୍କ ଯୋଗ୍ୟତା ବିଷୟରେ ଦ୍ୱନ୍ଦ୍ୱ ନାହିଁ) ଥିବା ସ୍ଥଳେ ଫଳ ମନ୍ଦ ହେବା ବଡ଼ ଦୁଃଖର ବିଷୟ ଅଟଇ । ସୁପରିଣ୍ଟେଣ୍ଡେଣ୍ଟ ଦୀର୍ଘ କାଳ କାର୍ଯ୍ୟ କରି ଥକି ଗଲେଣି କି ? ଯାହା ହେଉ ଏଥର ଇନସ୍ପେକ୍ଟର ମହାଶୟ ବଡ଼ ଆବଶ୍ୟକୀୟସମୟରେ ଆସିଥିଲେ ଏବଂ ଏଥିର ଫଳ ଉତ୍ତମ ହେବ ଏମନ୍ତ ଆଶା ହେଉଅଛି ସବ୍‌ବେସ୍କୁଲ ଦେଖି ଇନ୍ସପେକ୍ଟର ବଡ଼ ସନ୍ତୁଷ୍ଟ ହେବାର କଥିତ ହୁଅଇ ।

---

ଆମେରିକା ଦେଶର ଗୃହନ୍ତ ପ୍ରଜାତନ୍ତ୍ର ଅଟଇ । ସେ ଦେଶରେ ରାଜା ନାହାନ୍ତି ଏକ ସଭାଦ୍ୱାରା ରାଜକାର୍ଯ୍ୟ ଚଳଇ ଏ ସଭାର ନାମ ରିପବ୍ଲିକ । ଏଥିର ପୂର୍ବ ସଭାପତି ଜେନରଲ ଗ୍ରାଣ୍ଟ ଛକଟରେ କଲିକତାକୁ ଆସିଥିଲେ । ଆମ୍ଭମାନଙ୍କର ଗବର୍ଣ୍ଣମେଣ୍ଟ ତାଙ୍କର ସମୁଚିତ ସମ୍ମାନ କରିଅଛନ୍ତି । କେତେକ ପ୍ରଧାନ କର୍ମଚାରୀ ତାଙ୍କୁ ଅଗୁଆଲି ହୋଇ ଆଣି ଲାଟସାହେବଙ୍କ

Digitized by srujanika@gmail.com

Split by PDF Splitter



କୋଠିକୁ ଯାଇଗଲେ ଓ ସେହିଠାରେ ସେ ଲାଟସାହେବଙ୍କର କୁଣିଆ ସ୍ୱରୂପ ଅବସ୍ଥିତ କଲେ ତାଙ୍କର ସମ୍ମାନାର୍ଥ ସରକାରୀ ଖାନା, ସଭା ଏବଂ ବାଦ୍ୟକ୍ରୀଡ଼ା ଇତ୍ୟାଦି ହୋଇ ଥିଲା । ମହାମାନ୍ୟ ଲାଟସାହେବ ଲାହୋରକୁ ଯାତ୍ରା କରିବାରୁ ଗ୍ରାଣ୍ଟ ସାହେବ ଆମ୍ଭମାନଙ୍କର ଛୋଟଲାଟସାହେବଙ୍କର କୁଣିଆ ହେଲେ । ଦେଶୀୟ ଲୋକଙ୍କ ପକ୍ଷରୁ ତାଙ୍କର ଅଭ୍ୟର୍ଥନା ନିମନ୍ତେ ମହାରାଜା ଯୋତୀନ୍ଦ୍ରମୋହନ ଠାକୁର ଆପଣା ଉଦ୍ୟାନ ଅଟ୍ଟାଳିକାରେ ମଜଲିସ କରିଥିଲେ । ସେଠାର ପ୍ରଶସ୍ତ ଭୂମିଖଣ୍ଡରେ ଉତ୍ତମ ଶ୍ରେଣୀନାଇ ଓ ଗୃହଟି ଅତି ସୁନ୍ଦରରୂପେ ସଜ୍ଜିତ ହୋଇଥିଲା । ଗ୍ରାଣ୍ଟସାହେବଙ୍କ ଭିନ୍ନ ଛୋଟଲାଟସାହେବ ଓ କଲିକତାର ଅନେକ ସମ୍ଭ୍ରାନ୍ତ ଇଂରେଜ ଓ ମେମମାନେ ଓ ଦେଶୀୟ ଭଦ୍ରବ୍ୟକ୍ତିମାନେ ଆମନ୍ତ୍ରିତ ହୋଇ ସେଠାକୁ ଯାଇଥିଲେ । ଜଲତରଙ୍ଗ ନ୍ୟାସତରଙ୍କ, ପାଞ୍ଚାଲୀ, ଗସଥାଣି, ହିନ୍ଦୁସ୍ଥାନୀ, ନୃତ୍ୟ, ଯାତ୍ରା, ମୟୂରପଙ୍ଖୀ ଇତ୍ୟାଦିପ୍ରକାରସଙ୍ଗୀତକ୍ରୀଡ଼ା ହୋଇଥିଲା ଓ ଏଥିରେ ଆମନ୍ତ୍ରିତ ବ୍ୟକ୍ତିମାନେ ବଡ଼ ପ୍ରୀତ ହୋଇଥିଲେ ଗ୍ରାଣ୍ଟସାହେବ ଦିନେ କଲିକତା ନିବାସୀ ମାନନୀୟ ମାଣିକଜୀ ରୁସ୍ତମଜୀଙ୍କ ଘରଠାକୁ ଯାଇଥିଲେ । ସେ ଇଂରେଜଙ୍କର ସୁଶାସନ ଓ ଦେଶୀୟଲୋକଙ୍କର ଇଂରାଜୀ ଭାଷାରେ ଉନ୍ନତି ଦେଖି ବଡ଼ ସନ୍ତୁଷ୍ଟ ହେଲେ ସେ ଚଳିତମାସ ତା ୧୬ ରଖରେ କଲିକତାରୁ ବ୍ରହ୍ମାକୁ ଯାତ୍ରା କଲେ ।

---

ବାବୁ ନବୀନଚନ୍ଦ୍ରମୁଖୋପାଧ୍ୟାୟ ନାମକ ଏକ ବ୍ୟକ୍ତି ଏକାଦଶୀବ୍ରତର ମାହାତ୍ମ୍ୟ ବିଷୟରେ ଖଣ୍ଡିଏ ପତ୍ର ଏଡୁକେଶନ ଗେଜେଟରେ ଛପାଇଅଛନ୍ତି ଆମ୍ଭେମାନେ ତହିଁରୁ ପାଠକମାନଙ୍କ ଜାଣିବା କାରଣ ନିମ୍ନଲିଖିତ ଅଂଶଟି ଉଦ୍ଧୃତ କଲୁଁ । ସେ କହନ୍ତି ବ୍ରତ ଯାହା ଅନୁଭବ କରି ଅଛନ୍ତି ତାହା ଲେଖି ଅଛନ୍ତି । ଯଥା—

"ଶାସ୍ତ୍ରରେ ସମସ୍ତଙ୍କର ଏକାଦଶୀ କରିବାର ବ୍ୟବସ୍ଥା ଅଛି । ବିଧବାମାନଙ୍କ ପକ୍ଷରେ ନିର୍ଜଳ ଏକାଦଶୀ ଆଉ ଅପରାପର ପକ୍ଷରେ ଲଘୁ ଆହାର ବ୍ୟବସ୍ଥା । ଏହି ଏକାଦଶୀ ସହିତ ଆମ୍ଭମାନଙ୍କର ସ୍ୱାସ୍ଥ୍ୟର ଗୁରୁତର ସମ୍ପର୍କ ରହିଅଛି । ବିଧବାମାନଙ୍କର ଏକାଦଶୀ କେବଳ ଇନ୍ଦ୍ରିୟ ବିଶେଷର ସଂଯମାର୍ଥ ବୋଲି କୁହାଯାଇ ପାରେ । କିନ୍ତୁ ଅନନ୍ୟ ନର ନାରୀଙ୍କ ପକ୍ଷରେ ତାହା ନୁହେ । ପାଠକବର୍ଗଙ୍କ ମଧ୍ୟରେ ଅନେକ ଲୋକ ଜାଣନ୍ତି ଯେ, ଆମ୍ଭମାନଙ୍କର ଜଠରାନଳ ଏକପକ୍ଷ ପ୍ରବଳ ଥାଏ, ଅପରପକ୍ଷ ଦୁର୍ବଳଥାଏ, ଏକମାସ ମଧ୍ୟରେ ଏପରି କ୍ଷୁଧା ବୈଷମ୍ୟ ଘଟିବା ସ୍ୱାଭାବିକ ଅଟଇ. ଏହାର ବୈଜ୍ଞାନିକ ମୀମାଂସା ବିସ୍ତୃତ ବୋଧେ ଉଲ୍ଲେଖ କରିବା ନିଷ୍ପ୍ରୟୋଜନ ମନେ କଲୁଁ । ଏହି ପକ୍ଷଦ୍ୱୟ ମଧ୍ୟରେ ଏକାଦଶୀର ମଧ୍ୟବର୍ତ୍ତୀ କରି, ସେଦିନ ଲଘୁ ଆହାର କଲେ ଆଉ ସେପରି କ୍ଷୁଧା ବୈଷମ୍ୟ ଘଟି ପାରଇ ନାହିଁ । ଜଠରାଗ୍ନିର ସମତା ବିଧାନ ହୋଇ ଶରୀର କଲ୍ୟାଣପ୍ରଦ ହୁଏ । ଆମ୍ଭମାନଙ୍କ ଦେଶର ବର୍ତ୍ତମାନ ଅବସ୍ଥାରେ ଇଦୃଶ ମହୋପକାରୀ ନିୟମ ଏକାନ୍ତ ରକ୍ଷଣୀୟ ଏଥିରେ ସନ୍ଦେହ ନାହିଁ । ସଂକ୍ରାମକଜ୍ୱରରେ ସମସ୍ତେ ପ୍ରପୀଡ଼ିତ । ଏ ଓଳି ସେ ଓଳି ମଳବଦ୍ଧ ହୋଇ କ୍ଷୁଧା ହ୍ରାସ ହୁଏ, ତାହା ସଙ୍ଗେ ଜ୍ୱର ଆସେ ଏଥିପୂର୍ବେ ଆମ୍ଭର ସ୍ୱାସ୍ଥ୍ୟ ଅତିଶୟ ମନ୍ଦ ହୋଇ ଥିବାରୁ ଯତ୍ପରୋନାସ୍ତି କଷ୍ଟ ପାଉଥିଲୁଁ । ସପ୍ତାହ ମଧ୍ୟରେ ତିନିଚାରିଦିନ ଅଗ୍ନିମାନ୍ଦ୍ୟ ଘଟି ଜ୍ୱର ହେଉ ଥିଲା । ମନର ଓ ଶରୀରର ସ୍ଫୂର୍ତ୍ତି ଏକାବେଳକେ ବିନଷ୍ଟ ହୋଇ ଯାଇଥିଲା । ଏଥିଉତ୍ତାରୁ ଆମ୍ଭେ ଏକାଦଶୀ କରିବାକୁ ଆରମ୍ଭକଲୁଁ ଏହି ଏକାଦଶୀଦ୍ୱାରା ଆମ୍ଭର କ୍ଷୁଧାର ସମତା ଜନ୍ମିଲା ଏବଂ ଆମ୍ଭେ ଜ୍ୱର ହାତରୁ ଅବ୍ୟାହତି ପାଇଲୁଁ । ବର୍ତ୍ତମାନ ସମସ୍ତ ଅସୁଖ ଦୂରହୋଇ ମନର ଓ ଶରୀରର ସ୍ଫୂର୍ତ୍ତି ହୋଇଅଛି । ଆମ୍ଭର ବର୍ତ୍ତମାନ ଆଉ କୌଣସି ଅସୁଖ ନାହିଁ ଆମ୍ଭର ବନ୍ଧୁ ବାନ୍ଧବ ସମସ୍ତେ ବର୍ତ୍ତମାନ ଏକାଦଶୀ କରୁଅଛନ୍ତି ଏବଂ ଏହାର ଅପୂର୍ବ ଉପକାରିତା ଭୋଗକରି ସମସ୍ତେ ଆଶ୍ଚର୍ଯ୍ୟାନ୍ୱିତ ହୋଇଅଛନ୍ତି । ଏବେ ପାଠକବର୍ଗ ଯେବେ ଆମ୍ଭର ପରାମର୍ଶ ଗ୍ରହଣ କରନ୍ତି ତାହା ହେଲେ ଅନାୟାସରେ ଅତି ସୁଲଭରେ ଜ୍ୱର ହାତରୁ ଅବ୍ୟାହତି ପାଇବେ । ଏକାଦଶୀ କରିବାରେ କୌଣସି କଷ୍ଟ ନାହିଁ । କେବଳ ଅନ୍ନାହାର ନ କରି ଏକସନ୍ଧ୍ୟା ରୁଟି ଖାଇଲେ ଯଥେଷ୍ଟ । ଫଳ କଥା ଏହି ଯେ ଏକାଦଶୀଦିନ ଲଘୁ ଆହାର କରିବା ପରାମର୍ଶସିଦ୍ଧ ଅଟଇ ।"

---

## ଭୂଦେବ ବାବୁଙ୍କ ଅଭ୍ୟର୍ଥନା ।

ଶ୍ରୀବାବୁ ଭୂଦେବ ମୁଖୋପାଧ୍ୟାୟ ସି, ଆଇ, ଇ ଓଡ଼ିଶା ଓ ଅନ୍ୟ ବିଭାଗ ସ୍କୁଲସମୂହର ଇନ୍‌ସ୍ପେକ୍ଟର ଏପ୍ରଦେଶର ସ୍କୁଲମାନ ଦେଖିବା ନିମନ୍ତେ ଚଳିତମାସ ତା ୧୫ ରଖରେ ଏ ନଗରରେ ପ୍ରବେଶ ହୋଇ ଏଠାରେ ଦୁଇ ଏକଦିନ ରହି ପୁରୀକୁ ଯାଇଥିଲେ ସେଠାରୁ ଗତ ଶନିବାର ପ୍ରତ୍ୟାଗମନ କଲେ । ଏଠା କଲେଜ ଓ ନର୍ମାଲ ସ୍କୁଲ ଦେଖି ଗତ ମଙ୍ଗଳବାର ଏଠାରୁ ପ୍ରସ୍ଥାନ କଲେ । ଦେଶୀୟ ଲୋକଙ୍କ ମଧ୍ୟରେ ଭୂଦେବ ବାବୁ ଶିକ୍ଷାବିଭାଗରେ ଜଣେ ପ୍ରଧାନ କର୍ମଚାରୀ ଅଟନ୍ତି । ସେ ଆପଣାର ଅସୀମ ଗୁଣଦ୍ୱାରା କେବଳ ଆପେ ଉଚ୍ଚ ପଦାରୂଢ଼ ହୋଇଅଛନ୍ତି ଏମନ୍ତ ନୁହେ ଶିକ୍ଷା, ଭାଷା ଓ ଦେଶର ଢେରେକ ଉନ୍ନତି ସାଧନ କରିଅଛନ୍ତି । ତାଙ୍କର ନାମ ସର୍ବତ୍ରରେ ବିଖ୍ୟାତ ଓ ଗବର୍ଣ୍ଣମେଣ୍ଟ ମଧ୍ୟ ତାଙ୍କ ପ୍ରତି ସନ୍ତୁଷ୍ଟ ହୋଇ ସି, ଆଇ, ଇ ଅର୍ଥାତ୍ ଭାରତ ସାମ୍ରାଜ୍ୟର ସଖା ପଦ ଦେଇଅଛନ୍ତି । ଏପରି ଗୁଣବନ୍ତ ମହତ୍ ଓ ହିତକାରୀ ବ୍ୟକ୍ତିଙ୍କ ପ୍ରଥମ ଶୁଭାଗମନରେ ତାଙ୍କର ସମୁଚିତ ସମ୍ମାନ କରିବାର ଉଚିତ ଏହେତୁ ତାଙ୍କ ଅଭ୍ୟର୍ଥନା ନିମନ୍ତେ ଛାପାଖାନାର ଦୋମହଲରେ ଗତ ସୋମବାର ସଂଧ୍ୟାରେ ସଭା ହୋଇଥିଲା । ସଭାର ସଂକ୍ଷେପ ବିବରଣ ନିମ୍ନେ ଲେଖୁଅଛୁଁ ।

ଶ୍ରୀ ବାବୁ ରାଧାନାଥ ରାୟ ଓ ଶ୍ରୀ ବାବୁ ପ୍ୟାରୀମୋହନ ଆଚାର୍ଯ୍ୟ ସଭା ଆହ୍ୱାନ କରିଥିଲେ ଓ ଏ ନଗରର ପ୍ରାୟ ସମସ୍ତ ଦେଶୀୟ ଭଦ୍ର ଓ ପ୍ରଧାନ ବ୍ୟକ୍ତିମାନେ ସଭାରେ ଉପସ୍ଥିତ ହୋଇଥିଲେ ସଭ୍ୟମଣ୍ଡଳୀରେ ଗୃହଟି ପୂର୍ଣ୍ଣ ହୋଇଥିଲା । ପ୍ରାୟ ସାଢ଼େ ଆଠଘଡ଼ିକା ସମୟରେ ଶ୍ରୀବାବୁ ଭୂଦେବ ମୁଖୋପାଧ୍ୟାୟ ସଭାରେ ପ୍ରବେଶ ହେଲେ ସଭାପତି ଶ୍ରୀ ବାବୁ ନନ୍ଦକିଶୋର ଦାସ ତାଙ୍କୁ ସମ୍ମାନ ପୂର୍ବକ ଆସନରେ ବସାଇଲେ । ତହୁଁ ବାବୁ ବିପିନବିହାରୀ ମିତ୍ର ସଭାକୁ ସମ୍ବୋଧନ କରି କହିଲେ ଭୂଦେବ ବାବୁଙ୍କର ନିବାସ ହୁଗୁଳିରେ ତାଙ୍କର ନାମ ସକଳ ସ୍ଥାନରେ ସୁପ୍ରସିଦ୍ଧ ଆମ୍ଭେ ଅଧିକ କଣ ପରିଚୟ ଦେବୁଁ ସେ ଯେପରି ଗୁଣବନ୍ତ ତାଙ୍କର ଗୁଣ କୀର୍ତ୍ତନ ଆମ୍ଭଦ୍ୱାରା ସମୁଚିତରୂପେ ହୋଇ ନ ପାରେ । ତାଙ୍କର ଯେତେ କାର୍ଯ୍ୟ ଆମ୍ଭେ ଜାଣୁ ତାହାହିଁ ସଭାରେ ଜଣାଇଲେ ତାଙ୍କର ଗୁଣ ଓ ମହତ୍ତ୍ୱ ସବୁ ପ୍ରକାଶ ହେବ । ଭୂଦେବ ବାବୁ ପ୍ରଥମେ ଏକ ସ୍କୁଲର ହେଡମାଷ୍ଟର ଥିଲେ ତଦୁତ୍ତାରେ ନର୍ମାଲ ସ୍କୁଲର ସୁପରିଣ୍ଟେଣ୍ଡେଣ୍ଟ ହେଲେ ତତ୍ପରେ ଅତିରିକ୍ତ ଇନ୍‌ସ୍ପେକ୍ଟର ଓ ଏସିଷ୍ଟାଣ୍ଟ ଇନ୍‌ସ୍ପେକ୍ଟର ହୋଇ ବର୍ତ୍ତମାନ ଇନ୍‌ସ୍ପେକ୍ଟର ପଦରେ ଅନେକଦିନ

Digitized by srujanika@gmail.com

ହେଲ ଅଛନ୍ତି । ( ବର୍ତ୍ତମାନ ତାଙ୍କର ମାସିକ ବେତନ ୫ ୧୫୦୦୲ ଟଙ୍କା ) ସେ ଆପଣା ଗୁଣର ପରିଚୟ ଦେଇ ଏପରି ଉଚ୍ଚ କର୍ମ ପ୍ରାପ୍ତ ହୋଇଅଛନ୍ତି ଓ ଏହି କର୍ମମାନଙ୍କ ଯୋଗେ ଏବଂ ସମ୍ବାଦପତ୍ର ଓ ନୂତନ ପୁସ୍ତକମାନ ଲେଖିବା ଇତ୍ୟାଦି ପ୍ରକାର ଶାରୀରିକ ଓ ମାନସିକ ପରିଶ୍ରମ ଓ ଯତ୍ନଦ୍ୱାରା ଶିକ୍ଷାର ବଙ୍ଗ ଭାଷାର ଓ ବଙ୍ଗଦେଶର ଅନେକ ଉନ୍ନତି ସାଧନ କରିଅଛନ୍ତି । ଏକ୍ଷଣେ ସେ ଉତ୍କଳ ଦେଶରେ ଉପସ୍ଥିତ, ବଙ୍ଗଦେଶ ତାଙ୍କଦ୍ୱାରା ଯେପରି ଉନ୍ନତ ଲଭିଅଛି ଉତ୍କଳ ମଧ୍ୟ ତଦ୍ରୂପ ଉନ୍ନତି ଲଭିବାର ସମ୍ଭବ । ବଙ୍ଗ ଓ ଉତ୍କଳ ଦେଶ ମଧ୍ୟରେ ଅଧିକ ପ୍ରଭେଦ ନାହିଁ ପରସ୍ପରଙ୍କର ଭାଷା ପରସ୍ପର ବୁଝି ପାରନ୍ତି କେବଳ ଏତିକି ପ୍ରଭେଦ ଯେ ବଙ୍ଗାଳିଙ୍କର ବିଦ୍ୟା ଶିକ୍ଷାପ୍ରତି ଅଧିକ ଶ୍ରଦ୍ଧା ଜନ୍ମିଅଛି ଓ ଏଥିରେ ତାଙ୍କର ଅଧିକ ଉନ୍ନତି ହୋଇଅଛି ଉତ୍କଳୀୟମାନଙ୍କର ଶିକ୍ଷା ପ୍ରତି ତେତେ ଶ୍ରଦ୍ଧା ହୋଇ ନାହିଁ ସେମାନେ ଆପଣା୨ ସନ୍ତାନମାନଙ୍କର ବିଦ୍ୟା ଶିକ୍ଷାରେ ଯତ୍ନ କରନ୍ତି ନାହିଁ । ଏଥିର କାରଣ ଏହି ଯେ ଶିକ୍ଷାର ଫଳ ଯେ କେତେ ମହାନ୍ ତାହା ସେମାନେ ଏପର୍ଯ୍ୟନ୍ତ ଜାଣି ପାରି ନାହାନ୍ତି ଭୂଦେବ ବାବୁଙ୍କ ପ୍ରତି ଦୃଷ୍ଟି କଲେ ତାହା ସେମାନେ ନିଶ୍ଚୟ ଜାଣି ପାରିବେ । ଆମ୍ଭର ଆଉ କିଛି କହିବାର ନାହିଁ ଏକ୍ଷଣେ ଆମ୍ଭେ ଏହି ପ୍ରସ୍ତାବ କରୁଁ ଯେ ଭୂଦେବ ବାବୁଙ୍କର ଉପର୍ଯ୍ୟୁକ୍ତ ଗୁଣ ଓ ହିତକର କାର୍ଯ୍ୟ ଦୃଷ୍ଟିରେ ଏ ସଭା ପ୍ରଗାଢ଼ସ୍ନେହ ପୂର୍ବକ ତାଙ୍କଠାରେ କୃତଜ୍ଞତା ପ୍ରକାଶ ଓ ତାଙ୍କର ଯଥୋଚିତ ସମ୍ମାନ କରନ୍ତୁ

ବାବୁ ପ୍ୟାରୀମୋହନ ଆଚାର୍ଯ୍ୟ ଏ ପ୍ରସ୍ତାବକୁ ଅନୁମୋଦନ କରି କହିଲେ ଯେ ପୂର୍ବବକ୍ତା ଭୂଦେବ ବାବୁଙ୍କର ଗୁଣାନୁବାଦ କରିଅଛନ୍ତି ସେପକ୍ଷରେ ଆମ୍ଭର କିଛି କହିବାର ନାହିଁ ତଥାପି ଆମ୍ଭେ କିଛି ନ କହି କ୍ଷାନ୍ତ ହୋଇ ନ ପାରୁଁ । ବାବୁ ମହୋଦୟଙ୍କର ସ୍ୱଭାବ ଅତି ଉଦାର ଓ ମହତ ସେହି ଉଦାରତା ସେହି ମହତ୍ତ୍ୱ ଆମ୍ଭମାନଙ୍କୁ ଏଠାକୁ ଆକର୍ଷିତ କରିଅଛି ସେହି ଆକର୍ଷଣରେ ବଙ୍ଗୀୟ ଓ ଉତ୍କଳୀୟ ସମସ୍ତେ ଆକର୍ଷିତ ହୋଇ ତାଙ୍କର ଯଥୋଚିତ ଅଭ୍ୟର୍ଥନା କରିବା ସକାଶେ ଏଠାରେ ଉପସ୍ଥିତ ହୋଇଅଛନ୍ତି ସମସ୍ତଙ୍କର ହୃଦୟ ଆହ୍ଲାଦରେ ନୃତ୍ୟ କରୁଅଛି ସମସ୍ତଙ୍କ ଠାରେ ଆନନ୍ଦର ଚିହ୍ନ ପ୍ରତ୍ୟକ୍ଷ ଦେଖୁଅଛୁଁ । ବଙ୍ଗାଳୀ ଓଡ଼ିଆଙ୍କର କିଛି ପ୍ରଭେଦ ଦୃଶ୍ୟ ହେଉ ନାହିଁ ଯେଉଁ ବ୍ୟକ୍ତି ମହତ୍ ଓ ଉଦାର ସେ ଯେ କୌଣସି ଜାତୀୟ ହେଉନ୍ତୁ ତାଙ୍କପ୍ରତି ସମସ୍ତଙ୍କର ଆଦର ଓ ସ୍ନେହ ହୁଏ । ଭାରତବର୍ଷ ନାନାଦି ଖଣ୍ଡରେ ଓ ଭାରତବର୍ଷୀୟ ଲୋକେ ଭିନ୍ନ୨ ଜାତିରେ ବିଭକ୍ତ ଏମନ୍ତ କି ଭାରତ ଭୂମିରେ ଏକଶତ ଆଠପ୍ରକାର ଭିନ୍ନଭାଷା ଚଳୁଅଛି ତଥାପି ଯଦ୍ୟପି ପ୍ରତିଖଣ୍ଡରେ ପ୍ରତିଜାତିରେ ଭୂଦେବ ବାବୁଙ୍କ ପରି ମହତ୍ ଓ ଉଦାରବ୍ୟକ୍ତିର ଆବିର୍ଭାବ ହୁଏ ତେବେ ବର୍ତ୍ତମାନର ଏତେ ପ୍ରଭେଦ କିଛି ରହିବ ନାହିଁ । ହିମାଳୟ ପର୍ବତଠାରୁ କୁମାରିକା ଅନ୍ତରୀପ ପର୍ଯ୍ୟନ୍ତ ସମସ୍ତେ ଏକ ହୋଇ ଯିବେ । ପ୍ୟାରୀବାବୁ ଏ ବିଷୟରେ ବାହୁଲ୍ୟ କରି ସୁମଧୁରରୂପେ କହିଲେ ଓ ତାଙ୍କ ବକ୍ତୃତା ପ୍ରୀତିକର ଓ ଅନ୍ୟ ସମସ୍ତ ବକ୍ତୃତା ଅପେକ୍ଷା ଉତ୍କୃଷ୍ଟ ହୋଇଥିଲା ।

ତଦନନ୍ତର ବାବୁ କୃଷ୍ଣଧନ ଗାଙ୍ଗୁଲି ଗୁରୁଶିକ୍ଷା ଓ ସାଧାରଣ ଶିକ୍ଷା ପ୍ରଚାର ଇତ୍ୟାଦି କାର୍ଯ୍ୟରେ ଭୂଦେବ ବାବୁ ଆପଣା ଦେହ ପ୍ରାଣରେ କଷ୍ଟ ସହି ପରିଶ୍ରମ କରିବାର ଯେ ସେ ସ୍ୱଚକ୍ଷୁରେ ଦେଖିଥିଲେ ତହିଁର ବିବରଣ କହିଲେ । ସେ ଆହୁରି ବୋଇଲେ ଯେ ପୂର୍ବେ କୃଷକମାନେ ଜମିଦାରଠାରୁ ଖଜଣା ପାଉତି ଆଣିଲେ ତାହା ବୁଝିବାପାଇଁ ଶିକ୍ଷିତ ଲୋକଙ୍କଠାକୁ ଯାଉଥିଲେ ବର୍ତ୍ତମାନ ସେମାନଙ୍କ ସନ୍ତାନମାନେ ନିଜେ ପାଉତି ପଢ଼ି ପାରୁଅଛନ୍ତି ଓ ଅନ୍ୟ ଲେଖାପଢ଼ା କରୁଅଛନ୍ତି । ଏପରି ଫଳ କେବଳ ଭୂଦେବ ବାବୁଙ୍କ ଯତ୍ନରେ ଘଟିଅଛି । ତହୁଁ ବାବୁ ବିପିନବିହାରୀ ପାଲ ଭୂଦେବ ବାବୁଙ୍କ ସମ୍ମାନରେ ବଙ୍ଗୀୟ ଓ ଉତ୍କଳୀୟଙ୍କ ଏକମେଳରେ ଅତି ଆହ୍ଲାଦ ପ୍ରକାଶ କରି ଆତ୍ମଶିକ୍ଷାର ଟେକ ଦେଖାଇଲେ । ସେ କହିଲେ ଯେ ପ୍ରଶଂସିତ ବାବୁ ବିଶ୍ୱବିଦ୍ୟାଳୟର ଶିକ୍ଷା ବା କୌଣସି ଉପାଧି ପାଇ ନାହାନ୍ତି ସେ କେବଳ ଆତ୍ମଶିକ୍ଷା ଯୋଗେ ବିଦ୍ୟାରେ ଏତେଦୂର ଉନ୍ନତିଲାଭ କରିଅଛନ୍ତି ଯେବେ ଉତ୍କଳୀୟମାନେ ଆତ୍ମଶିକ୍ଷାର ଯଥୋଚିତ ଚେଷ୍ଟା କରିବେ ତେବେ କିଛିଦିନେ ସେମାନଙ୍କ ମଧ୍ୟରେ ଭୂଦେବବାବୁଙ୍କ ପରି ବ୍ୟକ୍ତି ବାହାର ପାରିବେ । ତଦୁତ୍ତାରେ ପଣ୍ଡିତ ପ୍ରଭାକର ବିଦ୍ୟାରତ୍ନ କହିଲେ ମୂର୍ଖ କବିପଦର ଚେଷ୍ଟା କଲେ ଯେପରି ହାସ୍ୟାସ୍ପଦ ହୁଏ ସେହିପରି ଆମ୍ଭେ ଭୂଦେବବାବୁଙ୍କର ଗୁଣ କୀର୍ତ୍ତନ କରିବାକୁ ଗଲେ ହାସ୍ୟାସ୍ପଦ ହେବାର ସମ୍ଭବ । ତେବେ ଯାହାଙ୍କର ଏତେ ସୁଖ୍ୟାତି ଶୁଣିଅଛୁଁ ଓ ଯାହାଙ୍କର ଗୁରୁଶିକ୍ଷା ପ୍ରଥାର ଫଳଭୋଗୀ ଏ ଉତ୍କଳ ମଧ୍ୟ ହୋଇଅଛି ଆଜି ତାହାଙ୍କର ଦର୍ଶନ ଲଭରେ ଆପଣାର ଆନ୍ତରିକ ଆନନ୍ଦ ପ୍ରକାଶ ନ କରି କ୍ଷାନ୍ତ ହୋଇ ନ ପାରୁଁ ସେ ଏହିପ୍ରକାର କେତେକ କଥା କହିଲେ ଓ ଦୟୋତି ଉପଯୁକ୍ତ ଶ୍ଳୋକ ପାଠ କଲେ । ତଦନନ୍ତର ସଭାପତି ବାବୁ ନନ୍ଦକିଶୋର ଦାସ କହିଲେ ପୂର୍ବ ବକ୍ତାମାନେ ପ୍ରଶଂସିତ ବାବୁଙ୍କର ଗୁଣ କୀର୍ତ୍ତନ ସମୁଚିତରୂପେ କରିଅଛନ୍ତି ଆମ୍ଭେ କେବଳ ବାବୁଙ୍କପ୍ରତି ଆମ୍ଭମାନଙ୍କର ସ୍ନେହ ଓ ଭକ୍ତି ଯେ ଅଛି ତାହାହିଁ ପ୍ରକାଶ ନ କରି କ୍ଷାନ୍ତ ହୋଇ ନ ପାରୁଁ ।

ଭୂଦେବ ବାବୁ ଏସବୁ ବକ୍ତୃତାର ଉତ୍ତରରେ କହିଲେ ଆମ୍ଭର ଏଠାରେ ରହିବାର ସମୟ ଅତ୍ୟଳ୍ପ ଥିବାରୁ ସମସ୍ତଙ୍କ ସଙ୍ଗେ ସାକ୍ଷାତ କରି ପାରନ୍ତୁ ନାହିଁ ବର୍ତ୍ତମାନ ଏସଭାରେ ସମସ୍ତଙ୍କର ସାକ୍ଷାତ୍ଲାଭ କରି ଆନନ୍ଦିତ ହୋଇଅଛୁଁ । ଆମ୍ଭପକ୍ଷରେ ବକ୍ତାମାନେ ଯାହା କହିଲେ ଏଥିକୁ ଆମ୍ଭମାନଙ୍କ ଦେଶରେ ଲୋକେ କାଷ୍ଠମୃତ୍ତିକାର ପ୍ରତିମା ପ୍ରସ୍ତୁତ କରି ପୂଜା କରନ୍ତି ଓ ତାକୁ ବର ମାଗନ୍ତି ଓ କେବେ୨ ବର ମଧ୍ୟ ପାଇଥାନ୍ତି କିନ୍ତୁ ତାହା ପ୍ରତିମା ଯୋଗେ ନୁହେ ସେମାନଙ୍କର ନିଷ୍ଠାଯୋଗେ ଅତଏବ ଏଥିରୁ ସେମାନଙ୍କର ନିଷ୍ଠା ପ୍ରକାଶ ପାଏ । ସେହିପରି ବକ୍ତାମାନେ ଯେ ଆମ୍ଭର ପ୍ରଶଂସା କଲେ ଏଥିରୁ ସେମାନଙ୍କର ନିଜଗୁଣ ଓ ମହତ୍ତ୍ୱ ପ୍ରକାଶ ହେଉଅଛି ଆମ୍ଭେ ସେତେ ପ୍ରଶଂସାର ଭାଜନ ନୋହୁଁ ଓ ସେସବୁ ଗ୍ରହଣ କରି ନ ପାରୁଁ କିନ୍ତୁ ଆମ୍ଭେ ସେମାନଙ୍କର ସକଳ କଥା ଅଗ୍ରାହ୍ୟ କରିବୁ ନାହିଁ ଅବଶ୍ୟ କିଛି ନେବୁଁ ତାହା ଆମ୍ଭେ ଶୁଝି ପାରୁ ନା ତାହା ଏହି । ଆମ୍ଭପ୍ରତି ସମସ୍ତଙ୍କର ସ୍ନେହ ଓ ଭକ୍ତି ଥିବାର ଯେ ସଭାପତି ମହାଶୟ କହିଅଛନ୍ତି ତାହା ଆମ୍ଭେ ଆନନ୍ଦ ଓ କୃତଜ୍ଞତା ପୂର୍ବକ ଗ୍ରହଣ କରୁଅଛୁଁ ।

ତଦନନ୍ତର ଅତର ପାନ ଓ ପୁଷ୍ପମାଳା ବିତରଣ ଓ ଗୋଲାପଜଳ ସିଞ୍ଚନ ହୋଇ ସଭା ଭଙ୍ଗ ହେଲା । ଆମ୍ଭେମାନେ ବକ୍ତୃତା ସବୁର ସାରାଂଶ ସଂକ୍ଷେପରେ ଲେଖିଅଛୁଁ ବକ୍ତାମାନେ ଭୂଦେବ ବାବୁଙ୍କର ଭୂରି୨ ପ୍ରଶଂସା କରିଥିଲେ ଓ ବାବୁମହୋଦୟ ସେସକଳ ପ୍ରଶଂସାର ସମ୍ୟକରୂପେ ଖଣ୍ଡନ ଅର୍ଥାତ୍ ଏଥିରେ ଲୈଗମାସ୍

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖ ୧୪ ଗ
ସ ୧୪ ଖ୍ୟା
ତା ୫ ରିଖ ମାହେ ଅପ୍ରେଲ ସନ ୧୮୭୫ ମସିହା । ମୁ । ଚୈତ୍ର ବ ୨୫ ନ ସନ ୧୨୮୨ ସାଲ ଶନିବାର
ଅଗ୍ରିମ ବାର୍ଷିକମୂଲ୍ୟ ଟ୫୲
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬୲
ମଫସଲପାଇଁ ଡାକମାସୁଲ ଟ୧।୵

ଅମ୍ଭେମାନେ ଶୁଣି ଅତି ଆନନ୍ଦିତ ହେଲୁଁ ଯେ ବାବୁ ବଲରାମଦାସ ପାଠଶାଳାର ପାଠ୍ୟପୁସ୍ତକମାନ ରଚନା କରିଥିବାରୁ ଶ୍ରୀଯୁକ୍ତ କମିଶନରସାହେବ ତାଙ୍କୁ ଦୁଇଶତଟଙ୍କା ପୁରସ୍କାର ଦେବାର ଆଜ୍ଞା ଦେଇ ଅଛନ୍ତି । ପଣ୍ଡିତ ଜଗନ୍ନାଥ ରାଉ ଲକ୍ଷ୍ମୀଉଡ଼ଟାଚାର୍ଯ୍ୟ ବ୍ୟାକରଣ ରଚନା କରି ଏକଶତଟଙ୍କା ପାରିତୋଷିକ ପାଇ ଅଛନ୍ତି । ଏହା ଗ୍ରନ୍ଥକାରଙ୍କ ପକ୍ଷରେ ଉତ୍ସାହଜନକ ଏଥିପାଇଁ ଅମ୍ଭେମାନେ କମିଶ୍ନର ସାହେବଙ୍କର ପ୍ରଶଂସା କରୁଅଛୁଁ ।

---

ଗତ ଜାନୁଆରି ମାସରେ ହୋଇଥିବା ମୃକ୍ତିଆର ପରୀକ୍ଷାର ଫଲ କଲିକତା ଗଜେଟରେ ପ୍ରକାଶ ହୋଇଅଛି । ବଙ୍ଗଳା ବିଭାଗରେ ସର୍ବ ସୁଦ୍ଧା ନ ୪୭୮ ଜଣ ପରୀକ୍ଷାର୍ଥୀ ହୋଇଥିଲେ ସେମାନଙ୍କ ମଧ୍ୟରୁ କ ୧୩୬ ଜଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ପରୀକ୍ଷୋତ୍ତୀର୍ଣ୍ଣ ବ୍ୟକ୍ତିଙ୍କ ମଧ୍ୟରେ ଏ ଜିଲ୍ଲାର ଦୁଇ ଜଣଙ୍କର ନାମ ଦେଖି ଅମ୍ଭେମାନେ ଅତି ଆନନ୍ଦିତ ହେଲୁଁ ଏମାନେ ଦ୍ୱାରକାନାଥ ଆଚାର୍ଯ୍ୟ ଓ ଚିନ୍ତାମଣି ଦାସ ଅଟନ୍ତି । ଅମ୍ଭେମାନେ ଭରସା କରୁଁ ଏ ନବ୍ୟଯୁବକମାନେ ନବ ପ୍ରକାରର ମୃକ୍ତିଆର ହେଉନ୍ତୁ ଅର୍ଥାତ୍ ମୃକ୍ତିଆରଙ୍କର ଚିରନ୍ତନୀୟ ରୀତି ପରିତ୍ୟାଗ କରି ସୁନୀତିର ସହିତ ମୃକ୍ତିଆରି କର୍ମ ନିର୍ବାହ କରନ୍ତୁ । ଏହା କେବଳ ନୁହେ, କେବଳ ଲୋଭ ସମ୍ଭାଳିଲେ ହେଲା ।

---

ଅମ୍ଭେମାନେ ଏଥିପୂର୍ବେ ବ୍ରହ୍ମଦେଶର ରାଜାଙ୍କର ଭୟଙ୍କର ଓ ଘୃଣିତ ନରହତ୍ୟା କାଣ୍ଡ ପାଠକମାନଙ୍କୁ ଜଣାଇଅଛୁଁ । ଏଥିରେ ଇଂରେଜ ରେସିଡେଣ୍ଟ ବିରକ୍ତି ପ୍ରକାଶ କରିବାରୁ ବ୍ରହ୍ମାର ରାଜା ତାଙ୍କୁ ଜଣାଇଥିଲେ କି ଆଉ କିଛି ଗଣ୍ଡଗୋଳ ହେବ ନାହିଁ । ବର୍ତ୍ତମାନ ଅମ୍ଭେମାନେ ଶୁଣୁଅଛୁଁ ସେ ଇଂରେଜଙ୍କର ଅବାଧ ହୋଇ ଯୁଦ୍ଧସଜ୍ଜା କରୁଅଛନ୍ତି । ଅମ୍ଭମାନଙ୍କର ଗବର୍ଣ୍ଣମେଣ୍ଟ କଲିକତା ଓ ମାନ୍ଦ୍ରାଜରୁ ଅନେକ ସୈନ୍ୟ ରଙ୍ଗୁନକୁ ପଠାଇଅଛନ୍ତି ଓ ସୈନ୍ୟମାନେ ରଙ୍ଗୁନରୁ ବ୍ରହ୍ମଦେଶର ସୀମା ପର୍ଯ୍ୟନ୍ତ ଯାଉଅଛନ୍ତି । ପ୍ରଥମତଃ ଉକ୍ତ ରାଜା ଆପଣା କୁଟୁମ୍ବର ସମସ୍ତ ନିର୍ଦ୍ଦୋଷି ବ୍ୟକ୍ତିମାନଙ୍କୁ ସ୍ତ୍ରୀ ବାଲକ ସହିତ ନିଷ୍ଠୁରତାପୂର୍ବକ ବଧ କରିଥିବାରୁ ତାଙ୍କୁ ପଶୁ ବୋଲି ଯାଇପାରେ ଦ୍ୱିତୀୟତଃ ଇଂରେଜଙ୍କସଙ୍ଗେ ଯୁଦ୍ଧର ଉଦ୍ୟୋଗୀ ହେବାରୁ ତାଙ୍କୁ ପାଗଲ ବୋଲାଯାଇପାରେ । କାବୁଲର ଏପରି ଅବସ୍ଥା ଦେଖିବା ପ୍ରତ୍ୟକ୍ଷେ ସେ ଯେ ଇଂରେଜଙ୍କ ସଙ୍ଗେ ସମର କରିବାକୁ ସାହସ କରିଅଛନ୍ତି ଧନ୍ୟ ତାଙ୍କର ଦୁଃସାହସ । ତାଙ୍କର ଉପର୍ଯ୍ୟୁକ୍ତ ଗୁରୁତର ପାପ ଏପରି ଦୁର୍ମତି ଜାତ କରିଅଛି କି ? ତାହା ନ ହେଲେ ସେ କିପରି ରାଜ୍ୟଚ୍ୟୁତ ଓ ବିନଷ୍ଟ ହେବେ ଓ ରାଜ୍ୟ କିପରି ଶାନ୍ତିଲାଭ କରିବ । ଏପରି ପଶୁବତ ରାଜା ରାଜ୍ୟଚ୍ୟୁତ ହେବାର ସମ୍ୟକରୂପେ ଉଚିତ ।

---

ଅମ୍ଭେମାନେ ଦୁଃଖର ସହିତ ହିନ୍ଦୁପେଟ୍ରିଅଟରୁ ଅବଗତ ହେଲୁଁ ଯେ ଦେଶୀୟ ସଂବାଦ ପତ୍ର ଆଇନାନୁସାରେ ସୋମପ୍ରକାଶ ପତ୍ରିକା ପକ୍ଷରେ ଗବର୍ଣ୍ଣମେଣ୍ଟରୁ ନୋଟିସ ଜାରି ହୋଇଅଛି । ଏଥିର କାରଣ ଏହି ଯେ ଉକ୍ତ ପତ୍ରିକାରେ ଏକ ପ୍ରେରିତପତ୍ର ପ୍ରକାଶ ହୋଇଥିଲା ତହିଁରେ ଗବର୍ଣ୍ଣମେଣ୍ଟ ଓ ଇଙ୍ଗରେଜ ଜାତିଙ୍କ ବିରୁଦ୍ଧରେ ଅନେକ ଲେଖା ହୋଇଅଛି ଏହା ମହାମାନ୍ୟ ଲାଟ ସାହେବଙ୍କ ଗୋଚରରେ ଆସିବାରୁ ତାଙ୍କ ଆଜ୍ଞାନୁସାରେ ବଙ୍ଗଳା ଗବର୍ଣ୍ଣମେଣ୍ଟ ଉକ୍ତ ନୋଟିସ ପ୍ରଚାର କରି କମିଶନରଙ୍କଦ୍ୱାରା ୨୪ ପ୍ରଗଣାର ମେଜଷ୍ଟ୍ରେଟଙ୍କ ପ୍ରତି ଆଦେଶ ଦେଇଅଛନ୍ତି କି ସେ ସୋମପ୍ରକାଶର ଛାପାକାରୀ ଓ ପ୍ରକାଶକଠାରୁ ୧୮୭୮ ସାଲ ୯ ଆଇନର ଧା ୩ ରା ମତେ ଟ ୧୦୦୦୲ କାର ମୁଚଲିକା ଓ ଧା ୪ ରା ମତେ ଟ ୧୦୦୦୲ ନଗଦ ଉପାର୍ଜିତ ନେବେ ଓ ୬ ଧାରାନୁଯାୟୀ କାର୍ଯ୍ୟ କରିବେ ।

ଯେଉଁ ବରକ୍ତ ଜନକ ପତ୍ର ଗବର୍ଣ୍ଣମେଣ୍ଟଙ୍କର ବିରକ୍ତି ଜନ୍ମାଇଅଛି ସେ ପତ୍ରର ଅନୁବାଦ ହିନ୍ଦୁପେଟ୍ରିଅଟରେ ପ୍ରକାଶ ହୋଇଅଛି । ତାହା ପାଠ କରି ଅମ୍ଭେମାନେ ଦେଖିଲୁଁ ଯେ ଗବର୍ଣ୍ଣମେଣ୍ଟଙ୍କ ଓ ଇଂରାଜ ଜାତିଙ୍କର ନିନ୍ଦା ଓ ଭର୍ତ୍ସନାରେ ପତ୍ରଟି ପୂର୍ଣ୍ଣ ହୋଇଅଛି । ଲେଖକ ଇଙ୍ଗରେଜଙ୍କୁ ବହୁରୂପୀ ବଚନ ଭ୍ରଷ୍ଟା ଇତ୍ୟାଦି ପ୍ରକାର ଅନେକ କଟୂବାକ୍ୟ ଓ ଭର୍‌

Split by PDF Splitter



ସ୍ଥାର ପ୍ରୟୋଗ କରଅଛନ୍ତି । ଏପରି ଲେଖା ନିତାନ୍ତ ଅନୁଚିତ ଓ ନିନ୍ଦନୀୟ ଅଟେ । ସେ ପତ୍ର ପାଠରେ ଅନ୍ୟର ବିରକ୍ତି ଜନ୍ମିବ ଯାହାଙ୍କ ବିରୁଦ୍ଧରେ ଲେଖା ହୋଇଅଛି ତାଙ୍କର ରାଗ ଜନ୍ମିବାର ବିଚିତ୍ର ନୁହେ । କିନ୍ତୁ ଗବର୍ଣ୍ଣମେଣ୍ଟ ଯେ ଦଣ୍ଡ ବିଧାନ କରଅଛନ୍ତି ତାହା ଅନ୍ୟ ଉପରେ ପଡୁଅଛି ଲେଖକ ଉପରେ ପଡୁନାହିଁ ସେ ଆଦୌ ଦଣ୍ଡ ନ ପାଇ ନିଶ୍ଚିନ୍ତ ରହିବ ଅନ୍ୟ ବ୍ୟକ୍ତି ଅର୍ଥାତ୍ ପତ୍ରିକା ପ୍ରକାଶକର ସର୍ବନାଶ ଘଟିବ । ଉକ୍ତ ପତ୍ର ଲେଖକ ତୁଲ୍ୟ ଅନେକ ନିନ୍ଦକ ଲେଖକ ଅଛନ୍ତି ସେମାନଙ୍କର କୁପ୍ରବୃତ୍ତି ବଶତଃ ଅନର୍ଥକ ପରନିନ୍ଦା, ଅପବାଦ, କୁବାକ୍ୟ ଇତ୍ୟାଦି ନିନ୍ଦନୀୟ ଓ ଘୃଣିତ ଲେଖାରେ ସେମାନଙ୍କର ବଡ ଶ୍ରଦ୍ଧା । ଏପରି ଲେଖକମାନଙ୍କୁ ଦଣ୍ଡ ଦେବାର ଅତି ଆବଶ୍ୟକ ଓ ଏହା ହେଲେ ଅନେକ ଉପକାର ହୁଅନ୍ତା ମାତ୍ର ଗବର୍ଣ୍ଣମେଣ୍ଟ ଯେଉଁ ଆଇନ କରଅଛନ୍ତି ତହିଁରେ ଏଥିର କିଛି ଉପାୟ ନାହିଁ ସମୁଦାୟ ଦଣ୍ଡ ନିର୍ଦ୍ଦୋଷୀ ଉପରେ ପଡୁଅଛି । କେହି କେହି ବୋଲିବେ ସୋମପ୍ରକାଶର ସମ୍ପାଦକ ସେ ଘୃଣିତ ପତ୍ରକୁ ସ୍ୱପତ୍ରିକାରେ ପ୍ରକାଶ କଲେ କାହିଁକି ? ଏଥିକୁ କର୍ମର ଝଞ୍ଜଟରେ ଏପରି ଅସାବଧାନତା ହେବାର ଅସମ୍ଭବ ନୁହେ । କେବଳ ଅସାବଧାନତା ଯୋଗୁଁ ତାଙ୍କର ଏତେ ସରବ ଦଣ୍ଡ ହେବ ଓ ପ୍ରକୃତ ଦୋଷୀ ଆଦୌ ଦଣ୍ଡ ପାଇବ ନାହିଁ କି ଅନ୍ୟାୟ ! କି ଆଶ୍ଚର୍ଯ୍ୟ ! ଆମ୍ଭମାନଙ୍କ ବିବେଚନାରେ ଏହା ଦେଶୀୟ ସଂବାଦପତ୍ର ଆଇନର ମହତ୍ ଦୋଷ ଅଟେ ଅତଏବ ଉକ୍ତ ଆଇନକୁ ରହିତ କିମ୍ବା ନିତାନ୍ତ ପକ୍ଷରେ ସଂଶୋଧିତ କରିବାର ଉଚିତ ।

---

କାବୁଲଯୁଦ୍ଧର ବିଶେଷ ସମ୍ବାଦ ନାହିଁ । ଜଲଲବାଦ ନିକଟରେ କେତେକ ବଣୁଆମାନେ ଇଂରେଜଙ୍କର ଅଳ୍ପ ସୈନ୍ୟଙ୍କୁ ଆକ୍ରମଣ କରିଥିଲେ ମାତ୍ର ଅଧିକ ସୈନ୍ୟ ପ୍ରବେଶ ହେବାରୁ ଶତ୍ରୁମାନେ ଛିନ୍ନ ଭିନ୍ନ ହୋଇ ପଳାଇଲେ ଓ କେତେକ ହତ ଓ କେତେକ ଆହତ ହେଲେ । ସନ୍ଧିର କିଛି କଥାବାର୍ତ୍ତା ଶୁଣାଯାଉ ନାହିଁ । କେତେକ ସମ୍ବାଦପତ୍ରମାନେ ଲେଖନ୍ତି ଯେ ୟାକୁବ ଖାଁ ଯୁଦ୍ଧର ଉଦ୍ୟୋଗରେ ଅଛନ୍ତି ସେ କାବୁଲରୁ ବାହାର ଅନ୍ୟ ସ୍ଥାନ ସବୁର ସୈନ୍ୟ ସକଳ ସନ୍ଦର୍ଶନ କରୁଅଛନ୍ତି । ଶୁଣାଯାଏ ସେ ପଚାଶ ସହସ୍ର ସୈନ୍ୟ ସଂଗ୍ରହ କରଅଛନ୍ତି କିନ୍ତୁ ସୈନ୍ୟ ସକଳ ଛତ୍ରଭଙ୍ଗ ହୋଇଥିବାରୁ ଏତେ ସେନା ୟାକୁବଖାଁ ପାଇବାର ସନ୍ଦେହସ୍ଥଳ ଅଟେ । ଆଫଗାନ ସ୍ଥାନର ସରଦାରମାନେ ତାଙ୍କପ୍ରତି ଅନୁକୂଳ ନୁହନ୍ତି ଓ ରାଜ୍ୟର ଅବସ୍ଥା ବିଶୃଙ୍ଖଳ ଏରୂପ ଅବସ୍ଥାରେ ୟାକୁବଖାଁ ପଚାଶସହସ୍ର ସୈନ୍ୟ ସଂଗ୍ରହ କରିବାର ବିଶ୍ୱାସଯୋଗ୍ୟ ନୁହେ । ମାତ୍ର ଯେସ୍ଥଳେ ସେ ଏପର୍ଯ୍ୟନ୍ତ ସନ୍ଧିର ବନ୍ଦୋବସ୍ତ କରୁ ନାହାନ୍ତି ସେ ସ୍ଥଳେ ବୋଧ ହୁଅଇ ତାଙ୍କର ସୈନ୍ୟ ଅଧିକ ହେଉ ବା ଅଳ୍ପ ହେଉ ସେ ଯୁଦ୍ଧର କଳ୍ପନାରେ ଅଛନ୍ତି ଓ କେବଳ ସମୟ ପାଇବା ପାଇଁ ସେ ସନ୍ଧିର ପ୍ରସ୍ତାବ କରିଥିଲେ । ଆହୁରି ଜନରବ ଶୁଣାଯାଏ ଯେ ସେ ରୁଷ ନିକଟରେ ସାହାଯ୍ୟ ପାଇଁ ପୁନର୍ବାର ପ୍ରାର୍ଥନା କରଅଛନ୍ତି ଓ ସରଦାର ଅବଦୁଲ ରହମାନଖାଁ ରୁଷରୁ କେତେକ ସୈନ୍ୟ ଘେନି ଆସୁଅଛନ୍ତି ଓ ଏବଗୃହମାଖାଁ ୟାକୁବଙ୍କ ସହିତ ଯୋଗ ଦେଇଅଛନ୍ତି । ଏଣେ ମାର୍ଚ୍ଚ ମାସ ତା ୩୧ ରଖର ଡେଲିନ୍ୟୁସରୁ ଅବଗତ ହେଲୁଁ ଯେ ରୁଷର ଜେନରଲ କଫିମାନ ସେ ମାସ ତା ୨୬ ରଖରେ ପ୍ରକାଶ କରଅଛନ୍ତି କି କାବୁଲଦେଶ ଇଂରେଜଙ୍କୁ ଛାଡି ଦିଆଗଲା ସେମାନେ ରୁଷଙ୍କର ହସ୍ତକ୍ଷେପଣର ଆଶଙ୍କା ନ କରି ହସ୍ତଗତ କରିପାରନ୍ତି । ଉକ୍ତ ପତ୍ରିକା ବୋଲନ୍ତି ଜେନରଲ କଫିମାନଙ୍କର ବଚନର ଠିକ ନାହିଁ ପୁଣି ସେ ଜଣେ କର୍ମତ୍ୟାଗୀ । ରୁଷଙ୍କ ସମ୍ରାଟଙ୍କର କାବୁଲପ୍ରତି ଏତେ ଅନାସ୍ଥା ଥିବାର ଅସମ୍ଭବ ଥିଲେ ଆଦୌ ଯୁଦ୍ଧ ହୋଇ ନ ଥାନ୍ତା । ଏସବୁ ଦୃଷ୍ଟିରେ ଡେଲିନ୍ୟୁସ ଉକ୍ତ ଜେନରଲଙ୍କ କଥାରେ ବିଶ୍ୱାସ ନ କରନ୍ତି । ଏସକାଶେ ସେ ଗବର୍ଣ୍ଣମେଣ୍ଟକୁ ପରାମର୍ଶ ଦିଅନ୍ତି କି ଯାହା କରିବାର ଶୀଘ୍ର କରନ୍ତୁ ବାସ୍ତବରେ ଯେତିକି ବିଳମ୍ବ ହେଉଅଛି ସେତିକି ବ୍ୟୟ ବୃଦ୍ଧି ହେଉଅଛି ଏବଂ ସେ ବ୍ୟୟହେତୁ ଯେ ଆମ୍ଭମାନଙ୍କ ଉପରେ ଟାକ୍ସ ନ ବସିବ ଏହା କିଏ କହିପାରେ । ଅତଏବ ଯୁଦ୍ଧକାଣ୍ଡଟି ଶୀଘ୍ର ଶେଷ ହେଲେହିଁ ଭଲ ।

ଆମ୍ଭେମାନେ ଶୁଣିଲୁଁ କାବୁଲ ନଗର ଆକ୍ରମଣାର୍ଥ ଇଂରେଜ ସୈନ୍ୟଙ୍କପ୍ରତି ଆଦେଶ ହୋଇଅଛି ବରଫ ତରଳିମାତ୍ରକେ ସୈନ୍ୟମାନେ ଅଗ୍ରସର ହେବେ । ଯେସ୍ଥଳେ ୟାକୁବ ଖାଁ ସନ୍ଧି ନ କରି ସମରକୁ ପ୍ରସ୍ତୁତ ହେଲେଣି ଓ ସେ ଯେପରି ସାହସୀ, ଚତୁର ଓ ପାରଗ ସେ ଅବଶ୍ୟ ଶେଷଅବସ୍ଥା ପର୍ଯ୍ୟନ୍ତ ଲଢ଼ିବେ ଅତଏବ କାବୁଲରେ ତୁମୁଳଯୁଦ୍ଧ ହେବାର ସମ୍ଭବ ଯାହା ହେଉ ପରିଶେଷେ ସେ ହାରିବେ ଓ ଆମ୍ଭମାନଙ୍କ ଗବର୍ଣ୍ଣମେଣ୍ଟଙ୍କର ଜୟ ହେବ ଏଥିରେ ସନ୍ଦେହ ନାହିଁ ମାତ୍ର ଅନେକ ରକ୍ତପାତ ଓ ଅର୍ଥ ବ୍ୟୟ ହେବ ।

---

### ଅସୀମ ମୂଢ଼ତା ।

ଆମ୍ଭେମାନେ ଅନେକଦିନ ପୂର୍ବେ ଅସୀମ ଶଠତା ଶିରୋନାମାରେ ବାବାଜୀମାନଙ୍କର କରଣୀ ବିଷୟ କେତେକଥର ଏହି ପତ୍ରିକାରେ ଲେଖିଥିଲୁଁ ବର୍ତ୍ତମାନ ଦେଖୁଁ ଯେ ସେ ଅସୀମ ଶଠତାର ମୂଳକାରଣ ଅସୀମ ମୂଢ଼ତା ଅଟଇ । ଏହେତୁ ଆମ୍ଭେମାନେ ପୂର୍ବଶିରୋନାମା ପରିତ୍ୟାଗ କରି ଏହି ନୂତନ ଶିରୋନାମାରେ ଗୋଟିଏ କରଣିବିଷୟ ଲେଖୁଅଛୁଁ । କେହି ବୋଲିବେ ଏକଜଣର ଭ୍ରାନ୍ତି ନ ଜନ୍ମିଲେ ଅନ୍ୟଜଣ ତାକୁ ଠକି ନ ପାରେ ଏଣୁକରି ଜଣକର ଚତୁରତା ଓ ଅନ୍ୟଜଣର ଭ୍ରାନ୍ତିରେ ଠକବୃତ୍ତି ଚଳେ ସମସ୍ତେ ଚତୁର ହେଲେ ଠକପଣ ପୃଥିବୀରୁ ଉଠିଯାଇ ପାରେ । ଆମ୍ଭେମାନେ କହୁଁ ଚତୁରବ୍ୟକ୍ତିର ମଧ୍ୟ କେବେ କେବେ ଭ୍ରାନ୍ତି ଜନ୍ମିପାରେ ଓ ସେ ପ୍ରବଞ୍ଚିତ ହୋଇପାରେ କିନ୍ତୁ ସେ ଭ୍ରାନ୍ତିର ସୀମା ଅଛି ଓ ସୀମା ମଧ୍ୟରେ ଥିଲେ ଭ୍ରାନ୍ତ ବ୍ୟକ୍ତିକୁ ମୂଢ଼ ବୋଲି ନ ଯିବ ଓ ସେ ହାସ୍ୟାସ୍ପଦ ବା ନିନ୍ଦନୀୟ ନ ହୋଇ ଦୟାରପାତ୍ର ହେବ । ଆମ୍ଭେମାନେ ଯେଉଁ ପ୍ରସଙ୍ଗ ଉଲ୍ଲେଖରେ ଏକଥା କହୁଅଛୁଁ ତହିଁରେ ଠକର କେଶମାତ୍ର ଚତୁରତା ନାହିଁ କେବଳ ଲୋକଙ୍କ ଅସୀମ ମୂଢ଼ତା ଯୋଗେ ସେମାନଙ୍କ ସେ ଠକ ଉପାର୍ଜନ କରୁଅଛି । ତହିଁର ବୃତ୍ତାନ୍ତ ନିମ୍ନେ ଲେଖୁଅଛୁଁ । ଯଥା—

ସାଲେପୁର ଥାନା ଅନ୍ତର୍ଗତ ଓଡାସିଂହରେ ଜଣେ ଚଷାର ଏକ ପୁଅ ଅଛି । ସେ ବାଲ୍ୟାବସ୍ଥାରୁ ଲୁଗା ପିନ୍ଧି ନାହିଁ ଏକ୍ଷଣେ ତାହାର ପୂର୍ଣ୍ଣ ଯୌବନାବସ୍ଥା ଅନୁମାନିକ ବୟସ [illegible] ବର୍ଷ ତଥାଚ ସେ ଉଲଙ୍ଗ ହୋଇଥାଏ । ତାହାର ପିତା ମାତା ଲୁଗା ପିନ୍ଧିବା ପାଇଁ ତାକୁ ବାଲ୍ୟାବସ୍ଥାରୁ ଏପର୍ଯ୍ୟନ୍ତ ଅନେକ ଭର୍ତ୍ସନା କଲେ କିନ୍ତୁ ସେ କଦାପି ଲୁଗା ପିନ୍ଧିଲା ନାହିଁ; ତାକୁ ବଳେ ଲୁଗା ପିନ୍ଧାଇ ଦେଲେ ସେ ଲୁଗାଚିରି ଫୋପାଡି ଦିଏ । ସେ ଯେ ଉଲଙ୍ଗ ହୋଇ କେବଳ ଘରେ ଥାଏ ଏମନ୍ତ ନୁହେ ସେ ଏତେ ନିର୍ଲ୍ଲଜ୍ଜ ଯେ ଉଲଙ୍ଗାବସ୍ଥାରେ ସକଳ ସ୍ଥାନକୁ ଯିବା ଆସିବା

Digitized by srujanika@gmail.com

Split by PDF Splitter



କରେ ପୁରୁଷମାନଙ୍କୁ ଦେଖିଲେ ମୁଦ୍ଧା ସଙ୍କୋଚିତା ନ ହୁଏ । ସେ ଘରର ସକଳ କାର୍ଯ୍ୟ କରେ ଓ ବିଲକୁ ଯାଇ କଖା ତୋଳିବା ଇତ୍ୟାଦି କର୍ମ ମଧ୍ୟ କରେ ଏପକ୍ଷରେ କିଛି ତ୍ରୁଟି ନାହିଁ କେବଳ ବସ୍ତ୍ରରହିତ ଅଟଇ । ଏପରି ନିର୍ଲ୍ଲଜ୍ଜାକୁ କିଏ ବିବାହ କରିବ ? ସୁତରାଂ ତାକୁ କେହି ବିବାହ ନ କରିବାରୁ ସେ ପିତାଳୟରେ ଅଛି । ତାହାର ଯୁବା ଭାଇ କଲିକତାରେ ଅଛି ଭଉଣୀର ଏପରି ନିର୍ଲ୍ଲଜ୍ଜ ବ୍ୟବହାରରେ ଲଜ୍ଜିତ ହୋଇ ଘରକୁ ଆସୁ ନାହିଁ । ବର୍ତ୍ତମାନ ଏକମାସ ହେଲା ସେ ସ୍ତ୍ରୀର କରଣୀ ବାହାରି ଅଛି ଓ ତାହାର ନାମ ଲଙ୍ଗୁଳୀ ବାବାଜୀ ହୋଇଅଛି । ଅନେକ ଲୋକ କି ସ୍ତ୍ରୀ କି ପୁରୁଷ ତାହାଠାରୁ ଯାଉଅଛନ୍ତି ଓ ପ୍ରଣାମି ଦେଇ ତାହା ଗୋଡ଼ତଳେ ପଡ଼ୁଅଛନ୍ତି ଏବଂ ଆପଣା ଆପଣାର କାମନା ଜଣାଇ ତାହା ସିଦ୍ଧ ହେବାର ଆଜ୍ଞା ନେଉଅଛନ୍ତି । ପ୍ରତିଲୋକଠୁ ଏକ ଅଣାରୁ ଚାରିଅଣା ପର୍ଯ୍ୟନ୍ତ ଓ କାହାଠାରୁ ଏଥୁ ଅଧିକ ଦଣ୍ଡବତ ମିଳୁଅଛି ଲଙ୍ଗୁଳୀ ଏରୂପ ଉପାର୍ଜନ କରି ଆପଣାର ନାନାଦି ଅଲଙ୍କାର କରୁଅଛି । ସେ ନିତାନ୍ତ ବୁଦ୍ଧିହୀନା ନୁହେ ଯହୁଁ ଦେଖିଲା କାମନା ସିଦ୍ଧିର ଆଜ୍ଞା ଦେଲେ ଏପରି ଲାଭ ତହୁଁ ଏଥିରେ ସେ ତ୍ରୁଟି କଲା ନାହିଁ ଯେ ଯାହା ପ୍ରାର୍ଥନା କଲା ତହିଁର ସେ ଆଜ୍ଞା ପାଇଲା, ଘଟୁ ବା ନ ଘଟୁ ପ୍ରଥମତଃ ତାହାର ନାମ ଖ୍ୟାତ ହେଲା ଓ ତାହାର ଅଲୌକିକ ମହିମାର ମଧ୍ୟ କେତେ କଥା ବାହାରିଲା । ଏକକଥା ଏହି ଯେ ସେ ଦିନେ ରାତ୍ରରେ ଦର୍ଶକ ମଧ୍ୟରେ ଯାଜପୁରକୁ ଶୂନ୍ୟରେ ଯାଇ ଫେରି ଆସିଲା (ଯାଜପୁର ଓଡ଼ାସିଂହକୁ ଦେଉଡ଼ନର ବାଟ) ଏଣୁକରି ଲଙ୍ଗୁଳୀର ଦର୍ଶନକାରଙ୍କ ସଂଖ୍ୟା ବୃଦ୍ଧି ହେଲା । ଦର୍ଶକଙ୍କ ମଧ୍ୟରେ ଜଣେ ଭଦ୍ରବ୍ୟକ୍ତି ଲଙ୍ଗୁଳୀ ସହିତ ଭଣ୍ଡାଚରଣ କରିବାର ମଧ୍ୟ ଆମ୍ଭେମାନେ ଶୁଣିଲୁଁ ମାତ୍ର କେତେଦୂର ସତ୍ୟ କହି ନ ପାରୁଁ ।

ଆମ୍ଭେମାନେ ପୂର୍ବେ କହିଅଛୁଁ ଏ ଘଟଣାରେ ତହିଁର ତଦାରଖ ନାହିଁ ଓ ଅନୁସନ୍ଧାନ କରି ବୁଝିଲୁଁ ଯେ ଠକବାବାଜିମାନେ କରଣୀ ବାହାର କରିବାର ଯେପରି କୌଶଳ ଓ ଉପାୟ କରନ୍ତି ସେପରି କିଛି ଉପାୟ ସେ ସ୍ତ୍ରୀ କରି ନାହିଁ କେବଳ ସେ ବାଲ୍ୟକାଳରୁ ଉଲଙ୍ଗ ଅବସ୍ଥାରେ ଅଛି । ତେବେ କିପରି ତାହାର ମହିମା ବାହାରିଲା ? ଆମ୍ଭେମାନେ ବୋଧକରୁଁ କେହି ଅବୋଧଲୋକେ ତାକୁ ଯୌବନାବସ୍ଥାରେ ଉଲଙ୍ଗ ଦେଖି ମନେ କରିଥିବେ ଏ ସ୍ତ୍ରୀ କିଛି ଭେଦ ପାଇଅଛି ବୋଲି ବସ୍ତ୍ର ତ୍ୟାଗ କରିଅଛି ଏହାର କିଛି କରଣୀ ମଧ୍ୟ ଥିବ । କିମ୍ବା କେହି ଭଣ୍ଡ ଯୁବକ ତମାସା ବା କିଛି ଲାଭଆଶାରେ ଏ ଲଙ୍ଗୁଳୀର କରଣୀ ଇତ୍ୟାଦି କଥା ଉଠାଇ ଥିବେ । ଏହି ଶେଷୋକ୍ତ କାରଣ ଅଧିକ ସମ୍ଭବ ହେଉଅଛି । ଯେ କୌଣସି କାରଣ ହେଉ ଲୋକମାନଙ୍କର କି କିଞ୍ଚିନ୍ମାତ୍ର ବୁଦ୍ଧି ଓ ବିବେଚନା ନାହିଁ ଯେ ଏ ସବୁ କଥା ଘେନି ଜଣେ ନିର୍ଲ୍ଲଜ୍ଜା ସ୍ତ୍ରୀର ମହିମାରେ ବିଶ୍ୱାସ କରି ଦଣ୍ଡବତ ଦେଇ ତାହାର ପାଦତଳେ ପଡ଼ୁଅଛନ୍ତି । ଏମାନଙ୍କୁ ଅତି ମୂଢ଼ ନ ବୋଲି ଆଉ କଣ କୁହାଯିବ । କେବଳ ଇତର ଲୋକେ ଲଙ୍ଗୁଳୀର ପୂଜକ ହୋଇଥିଲେ ଶୋଚନା ନ ଥିଲା ଆମ୍ଭେମାନେ ଶୁଣିଲୁଁ ଭଲ ଲୋକେ ମଧ୍ୟ ତାହାର ପୂଜକ ହେଉ ଅଛନ୍ତି ଜଣେ ଜମିଦାର ତାହାଠାରୁ ଯାଇ ଏକଟଙ୍କା ଦଣ୍ଡବତ ଦେଇ ତାହାର ଗୋଡ଼ତଳେ ପଡ଼ିଲେ କି ଆଶ୍ଚର୍ଯ୍ୟ ଏ କଥାରେ ହାସ୍ୟ ଓ ଦୁଃଖ ଦୁହେଁ ଉଦୟ ହେଉ ଅଛନ୍ତି ମନୁଷ୍ୟର ଅଲୌକିକ ମହିମା ଅସମ୍ଭବ ଓ ଈଶ୍ୱରଙ୍କର ନିୟମ ବିରୁଦ୍ଧ ଏ ଜ୍ଞାନ ସମସ୍ତଙ୍କର ବିଶେଷତଃ କୁସଂସ୍କାରବିଶିଷ୍ଟ ଲୋକଙ୍କର ହେବାର ସହଜ ନୁହେ ସତ୍ୟ ମାତ୍ର ଅତ୍ୟଳ୍ପ ବୁଦ୍ଧି ବ୍ୟୟକଲେ ଜଣେ ଉଲଙ୍ଗ ଓ ନିର୍ଲ୍ଲଜ୍ଜା ସ୍ତ୍ରୀର ମହିମାରେ କଦାପି ବିଶ୍ୱାସ ହୋଇ ନ ପାରେ । ଏ ଦେଶରେ ଉଲଙ୍ଗ ଅବସ୍ଥାର କି ଏତେ ମର୍ଯ୍ୟାଦା ? ହିଁ, ଯେଉଁସ୍ଥଳେ ବାବାଜିମାନେ ଉଲଙ୍ଗପ୍ରାୟ ହୋଇ ମର୍ଯ୍ୟାଦା ପାନ୍ତି ସେ ସ୍ଥଳେ କେହି ସମ୍ପୂର୍ଣ୍ଣ ଉଲଙ୍ଗ ହେଲେ କାହିଁକି ଅଧିକ ମର୍ଯ୍ୟାଦା ନ ପାଇବ । ଦୁଃଖିଲୋକେ ବଡ଼ ଉଲ୍ଲୁ ଯେ ସେମାନେ ଉଲଙ୍ଗ ନ ରହି ବସ୍ତ୍ରପାଇଁ କେତେ ପରିଶ୍ରମ କରନ୍ତି ! କି ଭଣ୍ଡକାଳ କି ଭଣ୍ଡ ରାଜ୍ୟ । ସାଲେପୁର ଥାନା ଅଞ୍ଚଳରେ ଏ ପ୍ରସ୍ତାବ ଲେଖିତ ସ୍ତ୍ରୀ ବ୍ୟତୀତ ଆହୁରି ମଧ୍ୟ କେତେ ଲୋକ କରଣୀବାଲା ଅଛନ୍ତି ଯଥା— ଅନ୍ତୁଡ଼ିପୁର ମଠର ବାବାଜୀ, ଚଣ୍ଡାଗ୍ରଣୀ ଠାକୁରାଣୀଙ୍କର ସେବକ ଭଣ୍ଡାରି ଦାରୁଯାପୁରର ଜଣେ ପଠାଣ ଇତ୍ୟାଦି । ଅନ୍ୟସ୍ଥାନମାନଙ୍କରେ ମଧ୍ୟ ଜଣେ ଜଣେ କରଣୀବାଲା ଅଛନ୍ତି । କାଲଶୀ ପ୍ରାୟ କୌଣସି ଗ୍ରାମରେ ଛଡ଼ା ନାହିଁ । ଏମାନେ ସମସ୍ତେ ଊଣା ଅଧିକରେ ଆପଣା ଠକବୃତ୍ତି ପ୍ର[illegible] ଉପାର୍ଜନ କରୁ ଅଛନ୍ତି ଏପରି ମୂଢ଼ତା ଏପରି କୁସଂସ୍କାରରେ ଲୋକଙ୍କର କେବେ କି ପ୍ରକାର ଉନ୍ନତି ହେବ ଆମ୍ଭେମାନେ ଭାବି ସ୍ଥିର କରି ପାରୁ ନାହୁଁ ।

## ସାପ୍ତାହିକସଂବାଦ ।

ଅମ୍ଭମାନଙ୍କ ଯାଜପୁର ସମ୍ବାଦଦାତା ଲେଖିଅଛନ୍ତି କି ଏ ବର୍ଷ ବାରୁଣୀଯୋଗ ନ ଥିବାରୁ ସେଠାରେ ବିଶେଷ ଯାତ୍ରୀ ହୋଇ ନ ଥିଲେ । ନିକଟବର୍ତ୍ତୀ ସ୍ଥାନମାନଙ୍କରୁ ଅନୁମାନିକ ପଞ୍ଚଶସହସ୍ର ଯାତ୍ରୀ ସମାଗତ ହୋଇଥିଲେ । କୌଣସି ଦୁର୍ଘଟନା ଘଟି ନାହିଁ ।

ଉକ୍ତ ସବ୍ ଡିଭିଜନରେ ଦୁଇଟା ନରହତ୍ୟା ମକଦ୍ଦମା ହୋଇଅଛି ଏକ ନରହତ୍ୟାର ବୃତ୍ତାନ୍ତ ଏହି ଯେ ଜଣେ ଚମାର ଓ ଜଣେ ଧୋବାର ଏକ ବାଡ଼ ବିଷୟରେ କଳି ହେବାରୁ ଚମାର କ୍ରୋଧାନ୍ୱିତ ହୋଇ ଧୋବାକୁ କଟୁରିରେ ହାଣିବାରୁ ତାହାର କାଳ ହେଲା ଚମାର ଦୌରାସୁପୋର୍ଦ୍ଦ ହୋଇଅଛି । ଅନ୍ୟ ମକଦ୍ଦମାରେ ଜଣେ ବ୍ରାହ୍ମଣ ଜମି ବିବାଦରେ ଆପଣା ଭଉଜକୁ ମାରପିଟ କରିବାରୁ ସେ ସ୍ତ୍ରୀ ମରିଗଲା । ବ୍ରାହ୍ମଣ ଚାଲାଣ ହୋଇ ହାଜତରେ ଅଛି ।

ଯାଜପୁର ଜେହଲଖାନାରୁ ସମସ୍ତ କଏଦୀ ପଳାଇ ଯିବାର ଯେ ପୂର୍ବେ ଲେଖିଥିଲୁଁ ସେ ସମସ୍ତ କଏଦୀମାନେ ଧୃତ ହୋଇ ଆସି ଅଛନ୍ତି ।

ମୟୂରଭଞ୍ଜର ପାକ୍ଷିକପତ୍ରିକା ଚଳିତ ଚୈତ୍ର ମାସ ତା ୧୫ ରିଖରୁ ବାହାରି ଅଛି ଆମ୍ଭେମାନେ ଏକ ଖଣ୍ଡ ପାଇଅଛୁଁ ଓ ମନାସୁଅଛୁଁ ପତ୍ରିକା ଉତ୍ତମରୂପେ ଚଳୁ ଓ ଚିରସ୍ଥାୟୀ ହେଉ ।

କି ଆଶ୍ଚର୍ଯ୍ୟ ସ୍କୁଲର ଜଣେ ଛାତ୍ର ଜାଲ ଅପରାଧରେ ଦଣ୍ଡନୀୟ ହୋଇଅଛି । ମାନ୍ଦ୍ରାଜର ଏକ ଖ୍ରୀଷ୍ଟିଆନ ସ୍କୁଲ ଛାତ୍ର କ୍ରିକେଟଖେଳର ଚାନ୍ଦା ପତ୍ର ପ୍ରସ୍ତୁତ ଓ ତହିଁରେ କେତେକ ଲୋକଙ୍କର ଜାଲ ସ୍ୱାକ୍ଷର କରି ଅନ୍ୟ ଏକ ସ୍କୁଲର ହେଡ୍ ମାଷ୍ଟରଙ୍କ ନିକଟକୁ ଯାଇ ଓ ତାଙ୍କୁ ଚାନ୍ଦାପତ୍ର ଦେଖାଇ କହିଲା ଯେ ସେ ଡବଟନ କଲେଜର ଛାତ୍ର ଅଟେ ଓ କଲେଜର ଅଧ୍ୟକ୍ଷ ଚାନ୍ଦା ଦେଇଅଛନ୍ତି ଏହା କହି ତାଙ୍କୁ ଚାନ୍ଦା ଚାହିଁଲା ମାତ୍ର ତାଙ୍କର ସନ୍ଦେହ ହେବାରୁ ସେ ଏଥିର ତଦନ୍ତ କରିବାରେ ଜାଲ ଧରାପଡ଼ିଲା ଓ ଛାତ୍ର ମେଜେଷ୍ଟରଙ୍କ ନିକଟରେ ଅପରାଧ ସ୍ୱୀକାର କରି ବେତ୍ରାଘାତ ଦଣ୍ଡ ପ୍ରାର୍ଥନା କଲା କାରଣ କଏଦ ହେଲେ ତାହାର ପଢ଼ାରେ ବାଧା ଜନ୍ମନ୍ତା । ମେଜେଷ୍ଟର ଅନୁଗ୍ରହପୂର୍ବକ ତାକୁ ଦଶ ବେତର ଦଣ୍ଡ ଦେଲେ । ସ୍କୁଲ ଶିକ୍ଷକଙ୍କର ଗୀତ ଏବେ କାହିଁକି ଭଲ ହେଉ ନାହିଁ ।

ପୁଲିସର ଅତ୍ୟାଚାର ଶୁଣଆଡ଼େ । ବ୍ରହ୍ମଦେଶକୁ ଚୁକ୍ତିପୂର୍ବକ ୮୦ ଜଣ ଭୋଲେଣ୍ଟିୟର ପଠାଇବାର ବାକିପୁରର ପୁଲିସ ପ୍ରତି ପ୍ରାର୍ଥନା ହେବାରୁ ପୁଲିସ ଇଚ୍ଛୁକ ଅନିଚ୍ଛୁକ ସମସ୍ତ କାହାରକୁ ଧରି ଥାନାକୁ ଘେନି ଗଲେ ଅନ୍ୟ ଲୋକଙ୍କର ଚାକରମାନେ ମୁଦ୍ଧା ଛଡ଼ା ପାଇଲେ ନାହିଁ । କାହାରଙ୍କ ଘରେ ଡକାବୋବାଳି ପଡ଼ିଗଲା ଓ ଅନ୍ୟ କାହାରମାନେ ଘରୁ ପଳାଇ ଲୁଚି ରହିଲେ । ସବ୍ଇନସ୍ପେକ୍ଟରଙ୍କଠାରେ ଏଥିର ପ୍ରତିବାଦ କରିବାରେ ସେ କହିଲେ କି ସମସ୍ତ କାହାରଙ୍କୁ ଧରିନେବା କାରଣ ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କର ଆଜ୍ଞା ହୋଇଅଛି । ତହୁଁ କେତେକ ଉକିଲ ନିର୍ଦ୍ଦୋଷୀ କାହାରଙ୍କର ମୁକ୍ତି ପାଇଁ ଜଏଣ୍ଟ ମେଜେଷ୍ଟରଙ୍କଠାରେ ଆବେଦନ କଲେ ସେ କହିଲେ କି ଯେଉଁମାନେ ଯିବାକୁ ଇଚ୍ଛୁକ କେବଳ ସେହିମାନଙ୍କୁ ପଠାଇବାକୁ ହେବ ଏହା କହି ଉକ୍ତ ଲୋକଙ୍କୁ ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କ ନିକଟକୁ ପଠାଇ

Digitized by srujanika@gmail.com

Split by PDF Splitter

REGISTERED NO. 1

6·1

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୪ ଶ
ସଂ ୧୫ ସଂଖ୍ୟା

ତା ୧୨ ରଖ ମାହେ ଅପ୍ରେଲ ସନ ୧୮୭୯ ମସିହା । ମୂ । ବୈଶାଖ ଦ ୧ ନ ସନ ୧୨୮୭ ସାଲ ଶନବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ ୫୲
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬୲
ମଫସଲପାଇଁ ଡାକମାସୁଲ ଟ ୧॥୵

ମହାନଦୀ ଡିବିଜନର ଏକଜିକ୍ୟୁଟିଭ ଇଞ୍ଜିନିୟରଙ୍କ ପ୍ରାର୍ଥନା ମତେ ସର୍ବସାଧାରଣଙ୍କୁ ଜଣାଉଅଛୁଁ ଯେ ସରକାରୀ ଯାହାଜରେ ଚାନ୍ଦବାଲିଠାରୁ କଟକ ଆସିବା ଏବଂ କଟକଠାରୁ ଚାନ୍ଦବାଲିକୁ ଯିବା ପଥିକଙ୍କ ସୁଯୋଗ ନିମିତ୍ତ କେନ୍ଦ୍ରାପଡାଠାରେ ବସାଘରମାନ ପ୍ରସ୍ତୁତ ହୋଇଅଛି । ପଥିକମାନେ ସେଠାରେ ବର୍ତ୍ତମାନ ରହିପାରନ୍ତି ।

---

କଟକ କଲେଜର କେତେକ ଛାତ୍ର ଏଠା ନର୍ମାଲସ୍କୁଲ ଗୃହରେ ଏକ ସଭା କରି କଲେଜର ଭୂତପୂର୍ବ ପ୍ରଧାନଶିକ୍ଷକ ବାବୁ କ୍ଷୀରୋଦନାଥ ରାୟ ଚୌଧୁରିଙ୍କୁ ଏକ ଅଭିନନ୍ଦନପତ୍ର ପଠାଇ ଦେଇଅଛନ୍ତି । ଅଭିନନ୍ଦନପତ୍ର ଇଂରେଜୀ ଓ ସଂସ୍କୃତଭାଷାମାନଙ୍କରେ ମୁଦ୍ରିତ ହୋଇଅଛି । ଏଣ୍ଟ୍ରେନ୍ସକ୍ଲାଶର ଛାତ୍ରବୃନ୍ଦ ଏକାର୍ଯ୍ୟରେ ଅଗ୍ରସର ହୋଇଥିଲେ ଏବଂ ସେମାନଙ୍କର କୃତଜ୍ଞତାର ଯଥେଷ୍ଟ କାରଣ ଅଛି ।

---

ଗତମାସ ତା ୨୭ ରଖରେ ଇଣ୍ଡିୟାନ ଆସୋସିଏସନ ନାମକ ସଭା କାବୁଲଯୁଦ୍ଧର ବ୍ୟୟ ଭାରତବର୍ଷରୁ ଦିଆଯିବା ଓ କପାସମାସୁଲ ଛାଡ ହେବା ବିଷୟ ବିବେଚନା କରିବା କାରଣ କଲିକତାରେ ସାଧାରଣ ସଭା କରିଥିଲେ । ଉକ୍ତ ଦୁଇବିଷୟରେ ପାର୍ଲିମେଣ୍ଟରେ ଆବେଦନ କରିବାର ସଭାରେ ଧାର୍ଯ୍ୟ ହେଲା । ଏସଭାରେ ପ୍ରାୟ ଦୁଇହଜାର ବ୍ୟକ୍ତି ଉପସ୍ଥିତ ହୋଇଥିଲେ । ଧନ୍ୟ କଲିକତାବାସିଏ ! ଦେଶର ଓ ଜନସାଧାରଣ ହିତକାର୍ଯ୍ୟରେ ସେମାନଙ୍କର କେତେ ଶ୍ରଦ୍ଧା କେତେ ଯତ୍ନ !

---

ସୋମପ୍ରକାଶ ପତ୍ରିକା ବିପଦଗ୍ରସ୍ତ ହୋଇ ଥିବାର ବୃତ୍ତାନ୍ତ ଗତ ସପ୍ତାହରେ ଆମ୍ଭେମାନେ ପାଠକମାନଙ୍କୁ ଜଣାଇ ଥିଲୁଁ ବର୍ତ୍ତମାନ ଉତ୍କଳଦର୍ପଣରୁ ଅବଗତ ହେଲୁଁ ଯେ ଉକ୍ତ ପତ୍ରିକା ଗତ ସପ୍ତାହରୁ ଦେହ ତ୍ୟାଗ କରିଅଛନ୍ତି । ମାତ୍ର ହିନ୍ଦୁପେଟ୍ରିଅଟ ଲେଖି ଥିଲେ ଯେ ସୋମପ୍ରକାଶର ସମ୍ପାଦକ ଇଚ୍ଛା ପ୍ରକାଶ କରିଥିଲେ ଏକ ସହସ୍ର ଟଙ୍କା ଡିପାଜିଟ ରଖାଇ କଲମ ବ୍ୟବସାୟ କରିବା ଅପେକ୍ଷା ସେହି ଟଙ୍କାରେ ଚାଉଳ ବ୍ୟାପାର କରିବାର ଭଲ କିନ୍ତୁ ତାଙ୍କର ବନ୍ଧୁମାନଙ୍କ ଅନୁରୋଧରେ ସେ ପତ୍ରିକା ଚଳାଇବାର ସ୍ଥିର କଲେ । ପୁଣି କିପରି ପତ୍ରିକା ତ୍ୟାଗ କଲେ କିଛି ଜଣା ଯାଉ ନାହିଁ । ଯଦ୍ୟପି ଉତ୍କଳଦର୍ପଣଙ୍କର ସମ୍ବାଦ ଠିକ ଥାଏ ତେବେ ବଡ଼ ଦୁଃଖର ବିଷୟ । ଦେଶୀୟସମ୍ବାଦପତ୍ର ମଧ୍ୟରେ ସୋମପ୍ରକାଶ ଅତି ଉତ୍ତମ । ଗୋଟାଏ ଅଧେ ଦୋଷରେ ତାହାଁର ସର୍ବନାଶ ଅତିଶୟ ଶୋଚନୀୟ ବିଷୟ ଏଥିରେ ସନ୍ଦେହ ନାହିଁ ।

---

ବ୍ରହ୍ମଦେଶର ରାଜା ଇଂରେଜଙ୍କ ବିରୁଦ୍ଧରେ ଯୁଦ୍ଧ ଉଦ୍ୟମରେ ଥିବାର ଶୁଣା ଯାଇଥିଲା ବର୍ତ୍ତମାନ ରାଜାଙ୍କର ସେ ଭାବ ନାହିଁ । ଇଂରେଜଙ୍କ ସୈନ୍ୟ ତାଙ୍କ ଦେଶର ସୀମା ପର୍ଯ୍ୟନ୍ତ ପହୁଞ୍ଚିବାର ଶୁଣି ସେ ଭୟରେ କମ୍ପିଲେଣି । ଡେଲିନ୍ୟୁସର ମଣ୍ଡାଲସ୍ଥ ସମ୍ବାଦଦାତା ଗତମାସ ତା ୧୭ ରଖରେ ଲେଖିଅଛନ୍ତି କି ଉକ୍ତ ସ୍ଥାନରେ ଏହି ଜନରବ ହୋଇଅଛି ଯେତେ ଜାହାଜ ଆସୁଅଛି ସବୁ ବୃହତ ତୋପ ଓ ଗୋଳରେ ବୋଝାଇ ହୋଇଅଛି ଓ ରଙ୍ଗୁନରୁ ଦୁଇଗୋଟା ଯୁଦ୍ଧ ଜାହାଜ ନିକଟରେ ଆସିବ । ଆହୁରି କଥା ଉଠିଅଛି ଯେ ଇଂରେଜ ଗବର୍ଣ୍ଣମେଣ୍ଟ ବର୍ତ୍ତମାନର ନିଷ୍ଠୁରରାଜା ଥିବାଙ୍କୁ ରାଜ୍ୟଚ୍ୟୁତ କରି ତାଙ୍କର ( ଗବର୍ଣ୍ଣମେଣ୍ଟଙ୍କ ) ଶରଣାଗତ ରାଜକୁମାରଙ୍କ ମଧ୍ୟରୁ ଜଣକୁ ରାଜା କରିବେ । ଏହେତୁ ଥିବା ରାଜକୁମାରମାନଙ୍କୁ ବଧ କରିବା କାରଣ କଲିକତାକୁ ବଧକାରକ ପଠାଇବାର ଜନରବ ଶୁଣାଯାଏ ମାତ୍ର ଏହା ଅମୂଳକ ଅଟେ । ଏହି ସୁଯୋଗ ଦେଖି ସେଠାର ଭବିଷ୍ୟତ୍ ବକ୍ତାମାନେ ଥିବାଙ୍କର ରାଜତ୍ୱ ଆଗାମୀ ମେ ମାସରେ ଶେଷ ହେବାର କହିଲେଣି । ଥିବା ଯେପରି ସଶଙ୍କିତ ହୋଇଅଛନ୍ତି ସେ ଗବର୍ଣ୍ଣମେଣ୍ଟଙ୍କର ସମସ୍ତ କଥା ମାନିବାର ସମ୍ଭବ । ପ୍ରଧାନମନ୍ତ୍ରୀ ଓ ରେସିଡେଣ୍ଟ ସାହେବଙ୍କ ମଧ୍ୟରେ ଚିଠିପତ୍ର ଚଳୁଅଛି ଓ ମନ୍ତ୍ରୀମହାଶୟ ରାଜାଙ୍କର କାର୍ଯ୍ୟ ଦୋଷଯୁକ୍ତ ଓ ଅନ୍ୟାୟ ଥିବାର ମାନି ଭବିଷ୍ୟତରେ ସେପରି ନ ହେବାର ପ୍ରତିଜ୍ଞା କରିଅଛନ୍ତି । ରେସିଡେଣ୍ଟ

Digitized by srujanika@gmail.com

Split by PDF Splitter

62



ମଧ୍ୟ ଯୁଦ୍ଧ ବା ବିବାଦ ନ ହେବାର ତାଙ୍କୁ ଆଶ୍ୱାସ ଦେଇଅଛନ୍ତି । ଉକ୍ତକଥା ସତ୍ୟ ଭଲ ହେଲେ ହୁଏ । କିନ୍ତୁ ମାଣ୍ଡାଲରେ ଯୁଦ୍ଧର ଆୟୋଜନ ସ୍ଥଗିତ ହୋଇ ନାହିଁ ।

---

ଆମ୍ଭେମାନେ ଶୁଣିଲୁଁ ମା ୫୦ ଣର ଊର୍ଦ୍ଧ୍ୱ ଲାଖରାଜ ଜମିର ଦାଖଲଖାରଜ ହେବାର ଯେ ପୂର୍ବେ ପ୍ରସ୍ତାବ ହୋଇଥିଲା ତାହା ରହିତ ହୋଇ ସବୁ ଲାଖରାଜ ଜମିର ଦାଖଲଖାରଜ ହେବାର ବୋର୍ଡ ଆଜ୍ଞା ଦେଇଅଛନ୍ତି । ଆମ୍ଭମାନଙ୍କର ମଧ୍ୟ ଏହିମତ ଥିଲା ଓ ଏଥିପକ୍ଷରେ ଅନେକ କାରଣ ଦେଖାଇଥିଲୁଁ । କଲେକ୍ଟର ସାହେବମାନଙ୍କର ସେହି ମତ ହେବାରୁ ବୋର୍ଡ ତାହା ସ୍ୱୀକାର କରିଅଛନ୍ତି । ଏ ଜିଲାରେ ଲାଖରାଜ ସଂକ୍ରାନ୍ତରେ ପ୍ରାୟ ସତୁରହଜାର ଦରଖାସ୍ତ ଏ ପର୍ଯ୍ୟନ୍ତ ଦାଖଲ ହୋଇଅଛି ଆହୁରି ଅନେକ ଦାଖଲ ହେବାର ସମ୍ଭବ । ଏ କାର୍ଯ୍ୟ ନିର୍ବାହ ସକାଶେ ଜ ୨୮ ଣ ଠିକା ମୋହରର ଓ ତିନିଜଣ ସବ୍‌ଡେପୁଟୀ କଲେକ୍ଟର ନିଯୁକ୍ତ ହେବାର ଏଠାର କଲେକ୍ଟର ସାହେବ ପ୍ରସ୍ତାବ କରିଅଛନ୍ତି ନୋଟିସ ଜାରି ପାଇଁ ଅନେକ ଠିକା ପିଆଦା ମଧ୍ୟ ରହିବେ । କମିଶନର ସାହେବ ଏଥିର ଅନୁମୋଦନ କରି ବର୍ତ୍ତମାନ ସକାଶେ କଟକପାଇଁ ଦୁଇଜଣ ପୁରୀପାଇଁ ଏକଜଣ ଓ ବାଲେଶ୍ୱର ପାଇଁ ଏକଜଣ ସବ୍‌ଡେପୁଟୀର ପ୍ରସ୍ତାବ କରି ଲୋକ ମନୋନୀତ କରିଅଛନ୍ତି । ଯଥା—କଟକରେ ବାବୁ ନିମାଇଚରଣ ନେଉଗୀ ଫଉଜଦାରୀ ହେଡକିରାନୀ ଓ ବାବୁ ଜଗନ୍ମୋହନ ଲାଲ କଲେକ୍ଟରୀ ହେଡକିରାନୀ, ପୁରୀରେ ବାବୁ ବଳରାମ ଘୋଷ କଲେକ୍ଟରୀସିରସ୍ତାଦାର ଓ ବାଲେଶ୍ୱରରେ ବାବୁ ହରେକୃଷ୍ଣ ଦାସ କଲେକ୍ଟରୀ ହେଡକିରାନୀ । ଆମ୍ଭମାନଙ୍କ ବିବେଚନାରେ ମନୋନୀତ ବ୍ୟକ୍ତିମାନେ ଉପଯୁକ୍ତ ଅଟନ୍ତି ଓ ସାହେବ ପ୍ରଶଂସିତଙ୍କର ଏ କାର୍ଯ୍ୟ ଅତି ଉତ୍ତମ ହୋଇଅଛି । ରେଭେନସା ସାହେବଙ୍କ ପର ସ୍ମିଥ ସାହେବ ଯେ ଏକା ଦାସର ବଶ ନ ହୋଇ ଏ ଦେଶସ୍ଥ ଦାସ, ଘୋଷ, ଲାଲ ସମସ୍ତଙ୍କ ପ୍ରତି ସମାନ ଦୃଷ୍ଟି ରଖିଅଛନ୍ତି ଏଥିରେ ଆମ୍ଭେମାନେ ବଡ ସନ୍ତୁଷ୍ଟ ହୋଇଅଛୁଁ ଓ ତାଙ୍କର ପ୍ରଶଂସା କରୁଅଛୁଁ ।

---

## କାବୁଲଯୁଦ୍ଧର ସମାଚାର ।

ତା ୨୯ ଇଷ ମାର୍ଚ୍ଚ—କାନ୍ଦାହାରରୁ ମା ୬ ମାଇଲ ଅନ୍ତରରେ ଇଂରେଜଙ୍କର ଡାକଡାକ ଲୋକଙ୍କୁ ଜ ୧୮ ଣ ପଠାଣ ଆକ୍ରମଣ କରି ତିନିଜଣଙ୍କୁ ଆହତ କଲେ ପଠାଣଙ୍କ ମଧ୍ୟରୁ ଦୁଇଜଣ ହତ ଓ ଜଣେ ଆହତ ହେବାରୁ ସେମାନେ ପଳାଇଲେ ।

ତା ୧ ଇଷ ଅପ୍ରେଲ—ଜେଲାଲାବାଦ ଓ ଲୁଘମାନ ନିକଟସ୍ଥ ବଣୁଆମାନେ ଇଂରେଜଙ୍କୁ ଆକ୍ରମଣ କରିବାର ଜନରବ ଉଠିବାରୁ ଜେନରଲ ଗାଉ ସାହେବ ଏକସହସ୍ର ସେନା ଓ ତୋପ ଇତ୍ୟାଦି ସହିତ ଫତେଆବାଦକୁ ଏବଂ ଜେନରଲ ମେକଫର୍ସନ ସାହେବ ୧୨୦୦ ସେନା ଓ ତୋପ ସହିତ ଚାରବାଗକୁ ଯାଇଅଛନ୍ତି ।

ତା ୨ ଇଷ ଅପ୍ରେଲ—ଜେଲାଲାବାଦରେ ଆମ୍ଭମାନଙ୍କର ଏକପଲଟନ ନଦୀରେ ପଶିଯିବା ସମୟରେ ବାଟ ବଣା ହୋଇ ଅଧିକ ପାଣି ଓ ସ୍ରୋତରେ ପଡ଼ି ଅନେକ ଲୋକ ଭସି ଗଲେ । ସେମାନଙ୍କ ମଧ୍ୟରୁ ଜ ୪୦ ଣ ବୁଡ଼ିମଲେ । ଜ ୧୬ ଣର ଶବ ପ୍ରାପ୍ତ ହୋଇଅଛି ।

ତା ୩ ଇଷ ଅପ୍ରେଲ—ଶାଗିଅନିମାନେ ପାଞ୍ଚସହସ୍ର ସେନା ସଂଗ୍ରହ କରି ଜେନରଲ ଗାଉ ସାହେବଙ୍କ ଆକ୍ରମଣର ଉଦ୍ୟମ କରୁଥିଲେ । ସାହେବ ଅଗ୍ରସର ହୋଇ ଶତ୍ରୁଙ୍କୁ ଆକ୍ରମି ଜୟଲାଭ କଲେ । ଶତ୍ରୁର ତିନି ଶତ ସେନା ହତ ହୋଇଅଛନ୍ତି । ଆମ୍ଭମାନଙ୍କର ଦୁଇଜଣ ଇଂରେଜ ଓ ଜଣେ ଦେଶୀୟ କର୍ମଚାରୀ ଓ ଛଅଜଣ ସେନା ହତ ହୋଇଅଛନ୍ତି । ଆଜମତ ଉଲାଖାଁ ଓ ତାଙ୍କର ଅନୁଚରମାନେ ପଳାଇ ଥିବାରୁ ଜେନେରଲ ମାକଫର୍ସନ ସାହେବ ଲୁଘମାନରୁ ଫେରି ଆସୁ ଅଛନ୍ତି । ଜେନରଲ ଗାଉଙ୍କୁ ବଳ ଦେବା ନିମନ୍ତେ ଜେନରଲ ଟାଇଟଲରଙ୍କ ସୈନ୍ୟ ସେଠି ଅଗ୍ରସର ହୋଇଅଛନ୍ତି । ବୁଡ଼ି ମରିଥିବା ସେନାଙ୍କର ଶବ ଆଉ ମିଳି ନାହିଁ ।

ସରଦାରମାନେ ମୃତ ଅମିରଙ୍କର ଧନ ନେଇ ୟାକୁବଖାଁଙ୍କ ନିକଟକୁ କାବୁଲଠାରୁ ଆସୁଅଛନ୍ତି ।

ଏଥିରୁ ସ୍ପଷ୍ଟ ଜଣାଯାଉଅଛି ଯେ ଅଫଗାନସ୍ଥାନରେ ଆହୁରି ଭଲେ ଯୁଦ୍ଧ ଲାଗିବ । ୟାକୁବଖାଁଙ୍କ ଯୁଦ୍ଧ ସଜ୍ଜାର ଯେ ସବୁ କଥା ଶୁଣାଯାଇଥିଲା ତାହା ବର୍ତ୍ତମାନ ଅମୂଳକ ବୋଧ ହେଉ ନାହିଁ । ତାଙ୍କର ଉତ୍ସାହ ଓ ଉତ୍ତେଜନାରେ ଶାଗିଅନିମାନେ ଯୁଦ୍ଧରେ ପ୍ରବର୍ତ୍ତିବାର ସମ୍ଭବ । ପରିଶେଷେ ଫଳ ଯାହା ହେଉ ଏ ଯୁଦ୍ଧବ୍ୟାପାର ଅନେକ ଦିନ ଚଳିବାର ଅନୁମାନ ହେଉଅଛି ।

---

## ଗ୍ରୀଷ୍ମକଚେରୀ ।

ପାଠକମାନେ ଏ ଶିରୋନାମା ଦେଖି ଚମତ୍କୃତ ହେବେ ଓ ମନେ କରିବେ ଅବା ଗ୍ରୀଷ୍ମରେ କଚେରୀ ହେବାର ଗବର୍ଣ୍ଣମେଣ୍ଟରୁ ଆଜ୍ଞା ବା ପ୍ରସ୍ତାବ ବାହାରିଅଛି କାରଣ ଏଥିପୂର୍ବେ ଶ୍ରୀଯୁକ୍ତ ଲେଫ୍‌ଟେନେଣ୍ଟ ଗବର୍ଣ୍ଣର କାମ୍ପବେଲ ସାହେବ ଦୁଇଓଳି କଚେରୀ କରିବାର ପ୍ରସ୍ତାବ କରିଥିଲେ ଓ ତଦ୍‌ବିଷୟରେ ଢେର କର୍ମଚାରୀଙ୍କର କେତେ ସମୟ ଓ କେତେ ଫୁଲସ୍କେପ କାଗଜ ନଷ୍ଟ ହୋଇଥିଲା । ନା, ଗ୍ରୀଷ୍ମକଚେରୀର ଆଜ୍ଞା ବା ପ୍ରସ୍ତାବ ହୋଇ ନାହିଁ । ଏଠାର କେହି୨ ହାକିମ କର୍ମର ଭିଡ଼ ଅଥବା ଆପଣାର ଲଠିଆପଣ ଦୋଷ ହେତୁ ପ୍ରାୟ ଦୁଇମାସ ହେଲା ଗ୍ରୀଷ୍ମରେ କଚେରୀ କରୁଥିବାରୁ ତାହାହିଁ ପାଠକମାନଙ୍କୁ ଜଣାଉଅଛୁଁ । ବିଶେଷ କାର୍ଯ୍ୟବଶତଃ କେବେ୨ କେହି କର୍ମଚାରୀ ରାତ୍ର ଦୁଇ ତିନିଘଣ୍ଟା ପର୍ଯ୍ୟନ୍ତ କଚେରୀ କରିବାର ସଚରାଚର ଦେଖାଯାଏ, ଏହା ବିମ୍ସସାହେବ ଏଥିରୁ ବର୍ଜିତ । ଗ୍ରୀଷ୍ମ କଥା ଛାଡ଼ିକି ଥାଉ ପାଞ୍ଚବର୍ଷ ମଧ୍ୟରେ ଦିନେ ତାଙ୍କୁ ସନ୍ଧ୍ୟାପର୍ଯ୍ୟନ୍ତ କଚେରୀରେ ରହିବାର ଦେଖାଯାଇ ନାହିଁ ଅଥଚ ଆପଣା ହାତରେ ଅନେକ କର୍ମର ଭାର ଥିବା ପ୍ରତ୍ୟକ୍ଷେ କିଛି କାମ ବାକି ପଡ଼ି ନାହିଁ କିମ୍ବା କୌଣସି କାର୍ଯ୍ୟରେ ଲେଶମାତ୍ର ବିଳମ୍ବ ହୋଇ ନାହିଁ । ତେତେଦୂର କାର୍ଯ୍ୟକ୍ଷମ ସମସ୍ତେ ହୋଇ ନ ପାରନ୍ତି ତାଙ୍କର ଶକ୍ତି ଅସାଧାରଣ ଥିଲା ତାଙ୍କ ସଙ୍ଗେ ତୁଳନା କର୍ତ୍ତବ୍ୟ ନୁହେ । ତେବେ କେବେ୨ କାର୍ଯ୍ୟବଶତଃ ଗ୍ରୀଷ୍ମପର୍ଯ୍ୟନ୍ତ କଚେରୀ କରିବା ଦୋଷ ନୁହେ କିନ୍ତୁ ସର୍ବଦା ଏପ୍ରକାର ହେଲେ କଚେରୀର କର୍ମ ବ୍ୟବସ୍ଥାରୁ କିମ୍ବା କର୍ମଚାରୀଠାରେ ଦୋଷ ଥିବାର ଅବଶ୍ୟ ମାନିବାକୁ ହେବ । ତେବେ କାହାର ଦୋଷ ଏହା ବୁଝିବାର ଆବଶ୍ୟକ । କେହି୨ ଏ ବିଷୟକୁ ହେୟଜ୍ଞାନ କରିବେ ମାତ୍ର ଯେଉଁମାନଙ୍କର ଶାରୀରିକ ନିୟମ ଓ ସ୍ୱାସ୍ଥ୍ୟପ୍ରତି କିଞ୍ଚିତ୍ ଦୃଷ୍ଟି ଥିବ ସେମାନେ ଏହା ହେୟ ମଣିବେ ନାହିଁ । ବସ୍ତୁତଃ ଆମ୍ଭମାନଙ୍କ ନିକଟରେ ଗ୍ରୀଷ୍ମକଚେରୀର ଅନେକ ସହାଶୀ ହେବାରୁ ଆମ୍ଭେମାନେ ଏ ବିଷୟ ଲେଖିବାରେ ପ୍ରବୃତ୍ତ ହୋଇଅଛୁଁ ।

ଏଠାରେ ବର୍ତ୍ତମାନ ଗ୍ରୀଷ୍ମକଚେରୀ କରିବାରେ ଦୁଇଜଣଙ୍କୁ ଦେଖାଯାଏ ଅର୍ଥାତ୍ ଡେପୁଟୀ କଲେକ୍ଟର ବାବୁ ଶ୍ରୀନାଥଭଦ୍ର ଓ ବାବୁ ବରଦାକାନ୍ତ ମଜୁମଦାର । ବାବୁ ଜଗନ୍ମୋହନଗୁପ୍ତ

Digitized by srujanika@gmail.com

Split by PDF Splitter



ମଧ୍ୟ କେବେ୨ ଗୃହରେ କଚେରି କରନ୍ତି କିନ୍ତୁ ସେ ଏତେଦୂର ଗୃହକଚେରିର ପ୍ରିୟ ନୁହନ୍ତି ଓ ବର୍ତ୍ତମାନ ଛୁଟୀରେ ଥିବାରୁ ତାଙ୍କୁ ଛାଡଦେବାକୁ ହେବ । ବରଦାବାବୁ ତାଙ୍କଠୁଁ କିଞ୍ଚିତ୍ ଅଧିକ ସେ ପ୍ରାୟ ଅଧିକାଂଶଦିନ ଗୃହ ୭।୮ଘଣ୍ଟିକା ପର୍ଯ୍ୟନ୍ତ କଚେରି କରଥାନ୍ତି । ମାତ୍ର ପ୍ରତିଦିନ ତାଙ୍କର ଗୃହକଚେରି ନ ଥିବାରୁ ତାଙ୍କୁ ମଧ୍ୟ ଛାଡିଲୁଁ । ବାକୀ ଶ୍ରୀନାଥବାବୁ, ସେ ଏ ବିଷୟରେ ସର୍ବପ୍ରଧାନ । ସେ ପ୍ରାୟ ପ୍ରତିଦିନ ଗୃହ ୯ଘଣ୍ଟା ପର୍ଯ୍ୟନ୍ତ କଚେରି କରନ୍ତି ଓ କେବେ୨ ଗୃହ ୧୧ଘଣ୍ଟିକା ପର୍ଯ୍ୟନ୍ତ ତାଙ୍କର କଚେରି ହୋଇଥାଏ । ଅତଏବ ଏହାଙ୍କ କଥା ବିଶେଷରୂପେ ବୁଝିବାର ଅବଶ୍ୟକ, ମକଦ୍ଦମା ଭିନ୍ନ ଅନ୍ୟ ଯେତେ କର୍ମ ତାଙ୍କ ହସ୍ତରେ ଅଛି ତହିଁମଧ୍ୟରେ ଗଣନାଗାନା ଓ ଲାଇସେନ୍ସ ଟାକ୍ସର କର୍ମ ଗୁରୁତର ଆଉ ସବୁ କର୍ମ ସାମାନ୍ୟ ବଣ୍ଡଓ୍ୱାଗ୍ର କେତେକ କର୍ମ ତାଙ୍କୁ ଅର୍ପିତ ହୋଇଅଛି କିନ୍ତୁ ତହିଁର ତାଦୃଶ କିଛି କାର୍ଯ୍ୟ ସେ ଏପର୍ଯ୍ୟନ୍ତ କରି ନାହାନ୍ତି ତାଙ୍କର ପୂର୍ବ କର୍ମଚାରୀ ରଙ୍ଗଲାଲବାବୁ ଏହିସବୁ କର୍ମ କରୁଥିଲେ । ବର୍ତ୍ତମାନ ଯେପରି ଶ୍ରୀନାଥବାବୁଙ୍କ ହସ୍ତରେ ବଣ୍ଡଓ୍ୱାଗ୍ ବା ଅନ୍ୟାନ୍ୟ କର୍ମ ଅଛି ସେହିପରି ରଙ୍ଗଲାଲବାବୁଙ୍କ ଜମା ବେଞ୍ଚ ଓ କେତେକ ରିପୋର୍ଟ ଲେଖା କର୍ମ ଥିଲା । ଏଣୁକରି ଦୁହିଙ୍କର କର୍ମ ସମାନ । ତେବେ କାହିଁକି ରଙ୍ଗଲାଲବାବୁ ୫ଘଣ୍ଟିକା ସମୟରେ କଚେରିରୁ ଯାଉଥିଲେ ଶ୍ରୀନାଥବାବୁ କାହିଁକି କେବେ୨ ଗୃହ ୧୧ଘଣ୍ଟିକା ପର୍ଯ୍ୟନ୍ତ କଚେରି କରୁଅଛନ୍ତି । ତଥାଚ କେତେକଜଣ ଟାକ୍ସ ଦେଇ ୩।୪ଦିନ ପଡିରହିବାର କଲେକ୍ଟରସାହେବଙ୍କ ନିକଟରେ ଗୁହାରି କରିଥିଲେ । ଯେବେ ବାସ୍ତବରେ କର୍ମ ତାଙ୍କୁ ବଳାଇଅଛି ତେବେ ସେ ଉପରସ୍ଥ ହାକିମଙ୍କୁ ଜଣାଉ ନାହାନ୍ତି କାହିଁକି ? ନ ଜଣାଇ ଗୃହଦିନ ମରିପଡି କର୍ମ କଲେ ଗବର୍ଣ୍ଣମେଣ୍ଟ ଜାଣିବେ କିପରି ଯେ ଆଉ କର୍ମଚାରୀ ଏ ଜିଲ୍ଲାକୁ ପଠାଇବେ । ଏଥିରେ ଯେ ଏକା ତାଙ୍କର କଷ୍ଟ ଏମନ୍ତ ନୁହେ ତାଙ୍କ ଅଧସ୍ଥ ଅମଲା, ମୁକ୍ତିଆର, ମାମଲତକାର ସମସ୍ତଙ୍କର କଷ୍ଟ । ଶରୀର ପାଇଁ ଚୌକସି; ଚୌକସିପାଇଁ ଶାରୀରକ ନିୟମକୁ ଏକାବେଳକେ ବିସର୍ଜନ କରିବାର ଉଚିତ ନୁହେ । ସକଳ ଲୋକମାନେ ମଧ୍ୟ ସନ୍ଧ୍ୟାପର୍ଯ୍ୟନ୍ତ ପରିଶ୍ରମ କରି ତେଣିକି ଆରାମ ଲୋଡନ୍ତି ।

ଆମ୍ଭମାନଙ୍କ ବିବେଚନାରେ ଡେପୁଟୀଙ୍କ ନିଠିଆପଣ ଓ କର୍ମର ଅଧିକତା ଏ ଦୁଇକଥା ଗୃହକଚେରିର କାରଣ ଅଟଇ । ନିଠିଆପଣର କେତେକ ଦୃଷ୍ଟାନ୍ତ ଶୁଣି ଆମ୍ଭେମାନେ ହାସ୍ୟ ସମ୍ଭାଳି ପାରିଲୁ ନାହିଁ । ଗୋଟିଏ ଦୃଷ୍ଟାନ୍ତ ଏହି ଯେ ଫଉଜଦାରିର କେତେକ ସର୍ବିସ ବହି ସ୍ୱାକ୍ଷର କରିବା କାରଣ ମେଜଷ୍ଟର ସାହେବ ଶ୍ରୀନାଥ ବାବୁଙ୍କ ପ୍ରତି ଆଜ୍ଞା କଲେ । ସର୍ବିସ ପ୍ରତି ଅମଲାର ଚାକରିର ବିବରଣ ଖଣ୍ଡିଏ୨ ବହିରେ ଲେଖା ହୋଇ ଥାଏ ତହିଁର ନାମ ସର୍ବିସ ବହି । ବାବୁ ମହାଶୟ କହିଲେ ଅମଲାମାନଙ୍କର ନୂକରି ଓ ବରଖାସ୍ତ ପରୱାନା ସବୁ ସଙ୍ଗେ ସେ ଆଗେ ବହି ମୁକାବିଲା କରିବେ ଓ ପରୱାନାମାନ ନ ଥିଲେ ପ୍ରତି ବହିପକ୍ଷରେ ଦୁଇଜଣ ଭଦ୍ର ସାକ୍ଷିଙ୍କଠାରୁ ପ୍ରମାଣ ନେବେ ତେବେ ଯାଇ ସେ ବହିରେ ସ୍ୱାକ୍ଷର କରିବେ । ହାଣ୍ଡଲି ସାହେବ ଜଏଣ୍ଟ ମେଜଷ୍ଟର ଦେଖି ଏକଥା ଶୁଣି ବହିମାନ ତଲବ କରିନେଲେ ଓ ସେ ସବୁ ଠିକ୍ ଥିବାର ହେଡକ୍ଲର୍କଙ୍କ ଠାରୁ ବୁଝି ସ୍ୱାକ୍ଷର କରିଦେଲେ । ସାହେବ ପ୍ରଶଂସିତ ଏକାର୍ଯ୍ୟ ଅର୍ଦ୍ଧଦଣ୍ଡରେ ଶେଷ କଲେ ମାତ୍ର ଡେପୁଟୀ ବାବୁ ମହାଶୟ ଏହି କାର୍ଯ୍ୟରେ ଦୁଇ ତିନି ଦିନ କାଳ ପରିଶ୍ରମ କରି ଥାନ୍ତେ । ଅଧସ୍ଥ କର୍ମଚାରୀଙ୍କ ଉପରେ ଏତେଦୂର ଅବିଶ୍ୱାସ ଉଚିତ ନୁହେ । ଏହି ଅବିଶ୍ୱାସ ଓ ନିଠିଆପଣରୁ ତାଙ୍କୁ ଅନେକ ପରିଶ୍ରମ ପଡୁ ଅଛି ଓ କାର୍ଯ୍ୟରେ ବିଳମ୍ବ ଘଟୁଅଛି । ନିଠିଆ ଶଙ୍କାଳୁ ଶ୍ୟାମଲୋଚନ ବାବୁଙ୍କ ସମୟରେ ଲୋକେ ଯେପ୍ରକାର ବିରକ୍ତି ପ୍ରକାଶ କରୁଥିଲେ ବର୍ତ୍ତମାନ ସମସ୍ତେ ସେହି ପ୍ରକାର ବିରକ୍ତ ହେଉଅଛନ୍ତି । ଏ ଦୋଷର ପ୍ରତୀକାର ଡେପୁଟୀଙ୍କ ହସ୍ତରେ । ଅନ୍ୟ ଦୋଷର ପ୍ରତୀକାର ଉପରସ୍ଥ କର୍ମଚାରୀଙ୍କ ହସ୍ତରେ । କଟକଜିଲ୍ଲା ବଡ ଓ ଏଠାର କର୍ମ ଭାରି ଅଟେ । ବର୍ତ୍ତମାନ୍ ଏଠାରେ ଜଣେ ଜଏଣ୍ଟମେଜଷ୍ଟର ଓ ତିନିଜଣ ଡେପୁଟୀ ଅଛନ୍ତି ଏଥିରୁ ଅଧିକ କର୍ମଚାରୀ ଥିବାର ଆମ୍ଭେମାନେ ପୂର୍ବେ ଦେଖିଅଛୁଁ ପୂର୍ବାପେକ୍ଷା ବର୍ତ୍ତମାନ କର୍ମ ଅଧିକ କିନ୍ତୁ କର୍ମଚାରୀଙ୍କ ସଂଖ୍ୟା ଊଣା ପୁଣି ସେମାନଙ୍କ ମଧ୍ୟରେ ଜଣେ ଏତେ ନିଠିଆ ଏ ଅବସ୍ଥାରେ ଗୃହକଚେରି ହେବାର ବିଚିତ୍ର କଣ ? ଏଥିରେ ଏକା ହାକିମଙ୍କର କଷ୍ଟ ନୁହେ ମାମଲତକାରଙ୍କର ମଧ୍ୟ କଷ୍ଟ ଗୃହକଚେରି ହେବା ପ୍ରତ୍ୟକ୍ଷେ ସେମାନଙ୍କ ମାମଲା ଚଞ୍ଚଳ ନିକାଶ ହେଉ ନାହିଁ । ଅତଏବ ଆମ୍ଭେମାନେ କଲେକ୍ଟର ଓ କମିଶନର ସାହେବମାନଙ୍କୁ ଅନୁରୋଧ କରୁଅଛୁଁ ଯେ ସେମାନେ ଗବର୍ଣ୍ଣମେଣ୍ଟରେ ଜଣାଇ ଆଉ ଜଣେ ଡେପୁଟୀ ବା ଅସିଷ୍ଟାଣ୍ଟ କଲେକ୍ଟର ଏ ଜିଲ୍ଲାକୁ ଅଣାନ୍ତୁ । ଆଉ ଜଣେ କର୍ମଚାରୀ ନ ହେଲେ ଏ ଜିଲ୍ଲାର କର୍ମ ସୁବିଧାରେ ଚଳିବ ନାହିଁ । ବିଶେଷତଃ ଜଣେ ପାରଗକର୍ମଚାରୀ ଅନ୍ନଦା ବାବୁ କମଶନରିକୁ ଯାଉଅଛନ୍ତି ଓ ତାଙ୍କ ପରିବର୍ତ୍ତେ ଯେ ଆସୁଅଛନ୍ତି ସେ ପ୍ରାୟ ନୂତନ ଅତଏବ ପୂର୍ଣ୍ଣ କ୍ଷମତାର ଜଣେ ବିଚକ୍ଷଣ କର୍ମଚାରୀ ଏଠାକୁ ଅଣାଇବାର ଅତିଆବଶ୍ୟକ ।

---

# ସାପ୍ତାହିକସଂବାଦ ।

ବାବୁ କୈଳାଶଚନ୍ଦ୍ର ଘୋଷ ଅସିଷ୍ଟାଣ୍ଟକମିଶନର ଏହି ମାସ ତା ୧୭ ରିଖରୁ ଏକ ବର୍ଷର ଫର୍ଲୋ ଛୁଟୀ ଗ୍ରହଣ କରିବେ ତାଙ୍କ କର୍ମରେ ବାବୁ ଅନ୍ନଦାପ୍ରସାଦ ଘୋଷ ଡେପୁଟୀ କଲେକ୍ଟର ନିଯୁକ୍ତ ହେବେ । ଅନ୍ନଦା ବାବୁଙ୍କ କର୍ମରେ ଜଲପାଇଗୁଡିର ଏକ୍ଟିଂ ଡେପୁଟୀ କଲେକ୍ଟର ବାବୁ ପ୍ରାଣକୃଷ୍ଣ ରାୟ ଆସୁଅଛନ୍ତି ।

ଆସନ୍ତା ସୋମବାରଠାରୁ କଲେଜ୍‌ର ସକାଳୁଆ ହେବ ।

ଗତ ସପ୍ତାହ ଗୁରୁବାର ରାତ୍ରରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ହୋମହଲରେ ଶ୍ରୀ ବାବୁ ଯଦୁମଣି ଘୋଷ ବ୍ରାହ୍ମଧର୍ମ ସମ୍ବନ୍ଧରେ ଇଂରେଜୀରେ ଗୋଟିଏ ବକ୍ତୃତା କରିଥିଲେ । ବକ୍ତୃତାଟି ମନ୍ଦ ହୋଇ ନ ଥିଲା ।

ପାଲନହଡା ରାଜାଙ୍କ ନାମରେ ଚନ୍ଦ୍ରମଣୀବାନ୍ଦ ବନ୍ଧାଘାଟକଡା ଅପରାଧରେ ଫଉଜଦାରିରେ ନାଲିଶ କରିଅଛି । ତହିଁର ବୃତ୍ତାନ୍ତ ତାହା କହିବା ଅନୁସାରେ ଏହି—ରାଜା କଟକରେ ଥିବାବେଳେ ତାହାଠାରୁ ଉତ୍ତମ ଘୁନା ଓ ଘାସ ଶୀଳା ମୋଡ ନେଇ ବଜାର ଦର ଠିକ କରି ତହିଁର ମୂଲ୍ୟ ଗୃହଦିନ ମଧ୍ୟରେ ଧାର୍ଯ୍ୟ କରିବାର କହି ଏଥିମଧ୍ୟରେ କଟକରୁ ପଳାଇ ଗଲେ । ଆଗେ ଏଥିର କିଛି ପ୍ରମାଣ ଦେଲେ ରାଜା ଆସାମିକୁ ତଲବ ହେବାର ଜଏଣ୍ଟମେଜଷ୍ଟର ଆଜ୍ଞା ଦେଇଅଛନ୍ତି ।

ଏ ଜିଲ୍ଲାର ଲୁଣାଙ୍ଗ କଣ୍ଡୁଆ କ୍ଷୁଦ୍ରନଦୀ ଓ ନାଳମାନ ଖୋଳାଇ ଓ ସଂଯୋଗ କରାଇ ପୁରୀ ପର୍ଯ୍ୟନ୍ତ ଜଳପଥ ପିଟାଇବାର ପ୍ରସ୍ତାବ ହୋଇଅଛି ଓ ଏଥିପାଇଁ ବର୍ତ୍ତମାନର ମହାରାଜା ବିନା ମୂଲ୍ୟରେ ନଦୀ ନାଳ ଓ କେତେ ଜମି ଗବର୍ଣ୍ଣମେଣ୍ଟଙ୍କୁ ଦେବାର ସ୍ୱୀକାର କରିଅଛନ୍ତି । ଏଥିର କିଛି ବନ୍ଦୋବସ୍ତ କରିବା କାରଣ ଗବର୍ଣ୍ଣମେଣ୍ଟର ବାଇକମାଷ୍ଟର ବିଭାଗୀୟ ସେକ୍ରେଟରୀ ଏଠାକୁ ଆସୁଅଛନ୍ତି । କାଲି ପରି ଏଠାରେ ପ୍ରବେଶ ହେବେ ।

ପୁରୀର ଅସିଷ୍ଟାଣ୍ଟ ମେଜଷ୍ଟର ବାଗେ ସାହେବ କେତେ ଦିନ ସକାଶେ ଖୋରଧା ସବ୍‌ଡିଭିଜନର ଭାର ଗ୍ରହଣ କରିବେ ।

ଆନନ୍ଦର ସହିତ ପ୍ରକାଶ କରୁଅଛୁ ଯେ, ଡେଃ ଇଃ ବାବୁ ଚତୁର୍ଭୁଜ ପଟ୍ଟନାୟକଙ୍କ ଯତ୍ନରେ ସୋରୋରେ ଗୋଟିଏ ବାଳିକା ବିଦ୍ୟାଳୟ ସ୍ଥାପିତ ହୋଇ ଅଛି । ଏଥିମଧ୍ୟରେ ଛାତ୍ରୀସଂଖ୍ୟା ୨୦ ଯାଏ ହୋଇଅଛି । ସ୍ଥାନୀୟ ତେଦା ଫଣ୍ଡରେ ଜମିଦାରଙ୍କ ପକ୍ଷରୁ ସ୍ୱାକ୍ଷରିତ ହୋଇଅଛି । ସ୍ଥାନୀୟ ଚାନ୍ଦା ସବୁ ସୁଦ୍ଧା ମାସିକ ଟ୬୲ ହୋଇଅଛି । ସରକାରରୁ ମଧ୍ୟ ଟ୬୲ ସାହାଯ୍ୟ ମିଳିବାର ଆଶା ଅଛି । ତାହାହେଲେ ମାସିକ ଆୟ ଟ୧୩୮ ହେଲା ବୋଲିବାକୁ ହେବ । ଏହି ଟଙ୍କାରେ ଆପାତତଃ ବିଦ୍ୟାଳୟର ବ୍ୟୟ ଏକପ୍ରକାର ଚଳିପାରିବ ।

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୪ଶ
ସଂ ୧୬ ସଂଖ୍ୟା

ତା ୧୯ ରଖ ମାହେ ଅପ୍ରେଲ ସନ ୧୮୭୯ ମସିହା । ମୁ । ବୈଶାଖ ଦ ୮ ନ ସନ ୧୨୮୬ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୨॥୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୩॥୦
ମଫସଲପାଁଇ ଡାକମାସୁଲ ଟ୧୲୵

ଏବର୍ଷ ରୌଦ୍ରକାଳ ବଡ଼ ଦାରୁଣ ମୂର୍ତ୍ତି ଧରିଅଛି । ପ୍ରାୟ ଦୁଇମାସ ହେଲା ବର୍ଷା ନାହିଁ ଏବଂ ଏକ୨ ସ୍ଥଳରେ ଆଦୌ ବର୍ଷା ହୋଇ ନାହିଁ ତାପମାନ ଯନ୍ତ୍ରରେ ତାପର ପରିମାଣ ୧୦୮ ଡିଗ୍ରୀ ପର୍ଯ୍ୟନ୍ତ ଦେଖାଗଲାଣି ଓ ଅପରାହ୍ନ ଚାରିଘଣ୍ଟା ପର୍ଯ୍ୟନ୍ତ ବାହାରିବାର କଠିନ । ବୈଶାଖମାସର ଆରମ୍ଭରେ ଏପରି ହେଲା ଜ୍ୟେଷ୍ଠମାସ ତ ଅଛି । ଏ ଖରାରେ ଆମ୍ବ ଫସଲ ନଷ୍ଟ ହେଉଅଛି । ପଛକୁ ପ୍ରବଳ ବତାସ ହେବାର ସମ୍ଭାବନା ।

---

କମିଶ୍ନରର ମାଜୁଲ ମୁନ୍‌ସି ବାବୁ ଆର୍ତ୍ତବଲ୍ଲଭ କରଙ୍କ ଅପିଲ ବୋର୍ଡ ହାକିମମାନେ ଅଗ୍ରାହ୍ୟ କରିଅଛନ୍ତି । ଏ ସମ୍ବାଦ ଶୁଣି ଏଠାର ବିସ୍ତର ଲୋକଙ୍କ ମନରେ ଏହି ସଂଶୟ ହୋଇଅଛି ଯେ ହାକିମମାନଙ୍କୁ ଯେ ଧର୍ମ୍ମବତାର ବୋଲାଯାଏ ତାହା ଯଥାର୍ଥ କି ନା । ଦୋଷିବ୍ୟକ୍ତି ଦଣ୍ଡ ପାଉ ଏବଂ ନିର୍ଦ୍ଦୋଷୀ ଦେହରେ କଣ୍ଟା ନ ବାଜୁ ସର୍ବ୍ବସାଧାରଣ ଏହିପରି ସର୍ବ୍ବଦା କାମନା କରନ୍ତି ଏବଂ ଶାସନକର୍ତ୍ତାମାନେ ସେହି କାମନାକୁ ଚରିତାର୍ଥ କରିବା କାରଣ ନାନା ପ୍ରକାର କାର୍ଯ୍ୟ କୌଶଳର ବ୍ୟବସ୍ଥା କରିଅଛନ୍ତି । କିନ୍ତୁ କି ଆଶ୍ଚର୍ଯ୍ୟ ଏତେ ନିୟମର ଅଧୀନ ହୋଇ ଚଳିଲେ ସୁଦ୍ଧା ଏକ୨ ସମୟରେ ହାକିମଙ୍କଦ୍ୱାରା ଏମନ୍ତ ବିଚାର ହୁଅଇ ଯେ ତାହା ସାଧାରଣ ଆଶାର ସମ୍ପୂର୍ଣ୍ଣ ବିପରୀତ ହୋଇଯାଏ । ଏଥିର ପ୍ରତିକାର କିଛି ଦେଖୁନାହୁଁ । ସମ୍ପ୍ରତି ଗବର୍ଣ୍ଣମେଣ୍ଟ ଦଶଟଙ୍କାର ଉର୍ଦ୍ଧ୍ୱ ବେତନଭୋଗୀ ଚାକରଙ୍କର ଗୁହାରି ଶୁଣିବେବୋଲି କହିଅଛନ୍ତି । ଏଥିରେ କେତେ ଫଳ ହେବ ଦେଖିବାରେ ଆସିବ ।

---

ସମ୍ବାଦପତ୍ରମାନଙ୍କରେ ପାଠ କଲୁଁ ଭାରତବର୍ଷ ସକାଶେ ବିଲାତରେ ଦଶକୋଟି ଟଙ୍କା ଋଣ କରିବାର ପ୍ରସ୍ତାବ ହୋଇଅଛି । ଏଥିର ବୃତ୍ତାନ୍ତ ଏହି—ଏ ଦେଶର ଯେ ସକଳ ରାଜକାର୍ଯ୍ୟ ବିଲାତରେ ହୁଏ ତନ୍ନିମିତ୍ତ ଓ ସୈନିକ ବ୍ୟୟ ନିମିତ୍ତ ପ୍ରତିବର୍ଷ ଭାରତବର୍ଷରୁ ଇଂଲଣ୍ଡକୁ ଅନେକ ଟଙ୍କା ପଠାଯାଏ । କେତେକ ବର୍ଷ ହେଲା ବିଲାତରେ ରୂପା ଶସ୍ତା ହେବାରୁ ଏଠାରୁ ପ୍ରେରିତ ଟଙ୍କାରେ ବିଶେଷ ବଟା ପଡ଼ୁଅଛି । ସେହି ବଟା ହେତୁ ପ୍ରତିବର୍ଷ ଭାରତବର୍ଷର ଦୁଇତିନି କୋଟି ଟଙ୍କା କ୍ଷତି ହୁଅଇ । ଏପରି କ୍ଷତିରୁ ଏ ଦେଶକୁ ରକ୍ଷା କରିବା କାରଣ ଏ ଦେଶ ସମ୍ପର୍କୀୟ ବ୍ୟୟ ନିର୍ବାହ ନିମିତ୍ତ ବିଲାତରେ ଦଶକୋଟି ଟଙ୍କା ଋଣ ହେବ ଓ ଏଥିର ସୁଧ ବଟା ଅପେକ୍ଷା ଅନେକ ଊଣା ପଡ଼ିବ । ଭାରତବର୍ଷରୁ ଏ ଦଶକୋଟି ଟଙ୍କା ବିଲାତକୁ ନ ଗଲେ ସେଠାରେ ରୂପାର ଭାଉ ବୃଦ୍ଧି ହୋଇ ପାରେ ଓ କ୍ରମେ ପୂର୍ବ୍ବବତ୍ ଦର ହେଲେ ଋଣ ପରିଶୋଧର ଉପାୟ ହେବ ଭାରତବର୍ଷୀୟ ଅଣ୍ଡର ସେକ୍ରେଟରୀ ଉପର୍ଯ୍ୟୁକ୍ତ ଋଣ କରିବାର କ୍ଷମତା ପ୍ରାପ୍ତି ପାଇଁ ପାର୍ଲିମେଣ୍ଟ ସଭାରେ ଆଇନର ପାଣ୍ଡୁଲିପି ଆଗତ କରିଅଛନ୍ତି । ଏ ଉପାୟଟି ଅତି ଉତ୍ତମ ହୋଇଅଛି ଓ ଏଥିରେ ଭାରତବର୍ଷର ଅନେକ ଲାଭ ହେବ ଅତଏବ ଏ ଉପାୟର କଳ୍ପନାକାରକୁ ପ୍ରଶଂସା କରିବାକୁ ହେବ ।

---

ବିଲାତରେ ଭାରତବର୍ଷର ବିଷୟମାନଙ୍କର ତର୍କ ବିତର୍କ ଲଗାଇବା କାରଣ କଲିକତାର ବିଖ୍ୟାତ ବାବୁ ମନମୋହନ ଘୋଷ ବାରିଷ୍ଟରଙ୍କର ଭାଇ ବାବୁ ଲାଲମୋହନ ଘୋଷ ବାରିଷ୍ଟର ଇଣ୍ଡିୟାନ ଅସୋସିଏସନ ସଭାର ପ୍ରତିନିଧିସ୍ୱରୂପ ଚଳିତମାସ ତା ୨ ରିଖରେ ବିଲାତକୁ ଯାତ୍ରା କଲେ । ତାଙ୍କର ପ୍ରଥମ ଉଦ୍ଦେଶ୍ୟ ଏହି ଯେ ସିବିଲସରବିସ ଅର୍ଥାତ୍ ଚାହିତ କର୍ମ୍ମଚରଙ୍କ ପରୀକ୍ଷା ବିଷୟରେ ଭାରତବର୍ଷର ନାନାଦ ସ୍ଥାନରୁ ଯେ ଆବେଦନମାନ ଗତବର୍ଷ ବିଲାତକୁ ଯାଇ ନିଷ୍ଫଳ ହୋଇଥିଲା ସେ ଆବେଦନମାନ ସେ ପୁନର୍ବାର ଆଗତ କରିବେ ଏହା ଭିନ୍ନ କାବୁଲଯୁଦ୍ଧ ଖର୍ଚ୍ଚା, କପାମାସୁଲର ଛାଡ଼, ଦୁର୍ଭିକ୍ଷ ନିବାରଣର ଉପାୟ, ଭାରତବର୍ଷର ଆୟ ବ୍ୟୟରେ ଟାକ୍ସଦାତାଙ୍କର ମତ ଗ୍ରହଣ କରିବା ଇତ୍ୟାଦି ବିଷୟମାନର ସେ ଚର୍ଚ୍ଚା କରିବେ । ଆମ୍ଭେମାନେ ଭରସା କରୁଁ ଲାଲମୋହନ ବାବୁ ବିଲାତରେ କିଛିଦିନ ରହି ଆପଣା ଉଦ୍ଦେଶ୍ୟରେ କୃତକାର୍ଯ୍ୟ ହେଉନ୍ତୁ । ପ୍ରଶଂସିତ ବାବୁ ଯେ ସ୍ୱଦେଶର ହିତପାଇଁ

Digitized by srujanika@gmail.com

Split by PDF Splitter



ଏତେ ଛମସ୍ତୀଙ୍କର ପୂର୍ବଙ୍କ ଏତେ ଦୂରଦେଶକୁ ଯାଉଅଛନ୍ତି ଓ ଯେଉଁ ସଭ ତାଙ୍କୁ ଏ ମହତ୍ କାର୍ଯ୍ୟରେ ପଠାଇଅଛନ୍ତି ଏ ଉଭୟଙ୍କୁ ଆମ୍ଭେମାନେ ପ୍ରଶଂସା କରୁଅଛୁଁ ଓ ଧନ୍ୟବାଦ ଦେଉଅଛୁଁ । ଉତ୍କଳବାସିଏ ! ଦେଖ କିପରି ସ୍ୱଦେଶାନୁରାଗ ! ଉତ୍କଳରେ ଏହିପରି ଜଣେ ଅବତୀର୍ଣ୍ଣ ହେଲେ ତହିଁର ଦୁର୍ଗତି ନିଶ୍ଚୟ ଦୂରୀଭୂତ ହେବ । କେବେ ଏହା ଉତ୍କଳର କପାଳରେ ଘଟିବ !

---

ଜିପୁରରେ ଗତମାସ ତା ୧୨ ରରେ ଝଡ଼ ବତାସ ହୋଇଥିଲା ତହିଁର ବିବରଣ ହିନ୍ଦୁପେଟ୍ରିଅଟରୁ ଅବଗତ ହୋଇ ପାଠକମାନଙ୍କୁ ଜଣାଉଅଛୁଁ । ସେ ଦିନ ସନ୍ଧ୍ୟା ସମୟରେ ଭୟଙ୍କର ଘୂର୍ଣ୍ଣିବାୟୁ (ଟର୍ଣ୍ଣିଆଡ଼ୋ) ଅଥବା ଏ ଓଷ୍ଟାରରେ ପଶ୍ଚିମଦିଗରୁ ଆସିଲା ଓ ତହିଁର ମାର୍ଗରେ ଯାହା ପଡ଼ିଲା ତାହା ଉଡ଼ାଇ ନେଇ ଗଲା । ଏ ବାୟୁ ପ୍ରାୟ ପାଏଘଣ୍ଟା କାଳ ଥିଲା ଏହି ଅଳ୍ପକ୍ଷଣ ମଧ୍ୟରେ ସେ ପ୍ରଦେଶକୁ ଉଚ୍ଛନ୍ନ କରି ଦେଲା । ବାରକମାଷ୍ଟରି ବଙ୍ଗଳା ଓ କବଚିଁଖାନା ଇତ୍ୟାଦି ସମୂଳେ ଉଡ଼ାଇ ନେଇ ଗଲା ଓ ତହିଁର କାଠ କାଉଁଶ ଓ ସାମଗ୍ରୀସବୁ ଖଣ୍ଡ ୨ କରି ଚତୁର୍ଦ୍ଦିଗରେ ଫୋପାଡ଼ି ଦେଲା । ବଙ୍ଗଳାର ପକ୍କା ଚଟାଣ ମଧ୍ୟ ଅଦୃଶ୍ୟ ହୋଇଅଛି ଓ ତହିଁ ନିକଟସ୍ଥ ସ୍ଥାନକୁ ଯେପରି କେହି ପଥରରେ ଘଷିଅଛି ଠିକ ସେହିପରି ହୋଇଅଛି । ଶାଳୁଆ ଖୁମ୍ବମାନ ଖଣ୍ଡ ୨ ହୋଇ ଭାଙ୍ଗି ଯାଇଅଛି ଓ ଖଣ୍ଡେ ୨ ଅନେକ ଦୂରରେ ପଡ଼ିଅଛି । ବତାସରୁ ବଞ୍ଚିବାପାଇଁ ଯେଉଁ ଚାରିଜଣ ମନୁଷ୍ୟ ବଙ୍ଗଳାର ଆଶ୍ରା ନେଇଥିଲେ ସେମାନଙ୍କର ହାଡ଼ ଖଣ୍ଡ ୨ ହୋଇଗଲା ଓ ସେମାନଙ୍କର ଶବ ଏକ ପୁଷ୍କରଣୀ ନିକଟରେ ମିଳିଲା । ଏକ ପୋଲ ନିକଟରେ ସଡ଼କରୁ ୬ ଇଞ୍ଚ ମାଟି ପଚାଶହାତ ଲମ୍ବରେ ଖୋଳ ହୋଇ ଯାଇଅଛି କି ଯେପରି କେହି କୋଡ଼ରେ ମାଟି ଖୋଳି ନେଇଥାଏ । ଧାତୁନିର୍ମିତ ତାର ଖୁମ୍ବମାନ ସୁଦ୍ଧା ଖଣ୍ଡ ୨ ହୋଇଅଛି । ଏ ଘୂର୍ଣ୍ଣିବାୟୁକୁ ଅବଶ୍ୟ ଅସାଧାରଣ ବୋଲିବାକୁ ହେବ ।

---

ଯୁଦ୍ଧସମାଚାର ।

ଜୁଲୁ ।

ତା ୬ ଋଖ ଅପ୍ରେଲ—ଓହାମ୍ ଜୁଲୁ ରାଜସିଂହାସନର ଆକାଂକ୍ଷୀ ଅଟନ୍ତି, ତାଙ୍କ ପୁଅ ଓ ଜ ୫୦୦ ଣ ଜୁଲୁ ଇଂରେଜଙ୍କର ଶରଣାଗତ ହୋଇଅଛନ୍ତି । ମାତ୍ର ଏକୋଇରୁ ଅନେକ ଜୁଲୁ ବେଷ୍ଟନ କରିଅଛନ୍ତି ଓ କର୍ଣ୍ଣେଲ ଲ ସାହେବ ସୈନ୍ୟ ଘେନି ତହିଁର ଉଦ୍ଧାର ନିମନ୍ତେ ଯାଉଅଛନ୍ତି ।

ତା ୮ ଋଖ ଅପ୍ରେଲ—ଲୁନବର୍ଗକୁ ଖାଦ୍ୟସାମଗ୍ରୀ ଘେନି ଜ ୧୦୪ ଣ ସିପାହି ଯାଉଥିଲେ ପଥରେ ଦୁଇସହସ୍ର ଜୁଲୁ ସେମାନଙ୍କୁ ଆକ୍ରମଣ କରିବାରୁ କପ୍ତାନ ସାହେବ ଓ ଜ ୪୦ ଣ ସେନା ହତ ହେଲେ ଜ ୪୧ ଣ ପଳାଇ ଆସିଲେ ବାକିଙ୍କର ଠିକଣା ମିଳି ନାହିଁ ।

କାବୁଲ ।

ତା ୬ ଋଖ ଅପ୍ରେଲ—ଅଲିମସଜିଦରେ ଅଳ୍ପସଂଖ୍ୟକ ଗାରଦଙ୍କ ଉପରେ ଆକ୍ରମଣ ହୋଇଥିଲା କେବଳ ଜଣେ ସିପାହି ଆହତ ହୋଇଅଛି ।

ତା ୮ ଋଖ—ଫତେଆବାଦରେ ସବୁ ଉତ୍ତମ ଅନେକ ଖାଗିଆନି ଇଂରେଜଙ୍କର ବଶୀଭୂତ ହୋଇ ରସଦ ଯୋଗାଇବାକୁ ସ୍ୱୀକୃତ ହୋଇଅଛନ୍ତି । କାନ୍ଦାହାରରେ ଦରବାର ହୋଇଥିଲା ଖାରଓ୍ୱାରେ ଅନେକ ପ୍ରଧାନ ବ୍ୟକ୍ତିମାନେ ଉପସ୍ଥିତ ହୋଇ ବନ୍ଧୁଭାବ ଦେଖାଇଥିଲେ ।

ତା ୧୦ ଋଖ—ସ୍ନୀପ୍ଟରୁ ତା ୮ ଋଖରେ ସମ୍ବାଦ ଆସିଅଛି କି ଯାକୁବଖାଁଙ୍କୁ ସୈନ୍ୟମାନେ ବେତନପାଇଁ ବିରକ୍ତ କରି ଭୟ ଦେଖାଇବାରୁ ସେ ସମସ୍ତ ସରଦାରମାନଙ୍କୁ ଧୃତ କରିଅଛନ୍ତି ଓ ଜଣକୁ ବଧ କରିଅଛନ୍ତି । ଏ ଘଟନାରୁ ଅନେକ ଲୋକ ପଳାଇବା ଉଦ୍ୟୋଗରେ ରହିଲେଣି । ଇଂରେଜଙ୍କ ସୈନ୍ୟ ଜଲାଲବାଦ ଓ ଲୁଗୀ ଦିଗକୁ ଅଗ୍ରସର ହୋଇଅଛନ୍ତି ।

ତା ୧୧ ଋଖ—କାନ୍ଦାହାରରୁ ସମ୍ବାଦ ଆସିଅଛି ସେ ନଗରର ୨୫ ମାଇଲ ଉତ୍ତରକୁ ଗାଲରେନ ଡଲକୁ ପାଲିସର ସାହେବ ତଡ଼ାଉ କରିଅଛନ୍ତି । ସେ ସେହିଠାର କର ସଂଗ୍ରହ ଓ ସର୍ଭେ ଜରିପ କରିବେ । ସେ ସ୍ଥାନ ଅତି ଉତ୍ତମ ଅଟଇ । ଶତ୍ରୁ ଆକ୍ରମଣ ନିମିତ୍ତ ଜେଲାଲାବାଦରୁ ଅନେକ ସୈନ୍ୟ ଯାଉଅଛନ୍ତି ।

---

ବ୍ରହ୍ମଦେଶ ।

ଆମ୍ଭେମାନେ ଏଥି ପୂର୍ବେ ବ୍ରହ୍ମାରେ ଯୁଦ୍ଧ ଆଶଙ୍କାର ବୃତ୍ତାନ୍ତ ପାଠକମାନଙ୍କୁ ଜଣାଇ ଅଛୁଁ । ଡେଲିନିଉସର ମନ୍ଦାଲୟସ୍ଥ ସମ୍ବାଦଦାତା ଗତ ମାସ ତା ୩୧ ଋଖରେ ଲେଖି ଅଛନ୍ତି କି ରେଙ୍ଗୁନର ସମ୍ବାଦପତ୍ରମାନଙ୍କର ଏ ସମ୍ବନ୍ଧରେ ଯେ ପ୍ରସ୍ତାବମାନ କାହାରୁ ଅଛି ସେ ସବୁର ଅନୁବାଦ କରାଇ ବ୍ରହ୍ମାର ରାଜା ପାଠ କରୁଅଛନ୍ତି ଓ ତହିଁ ଲେଖିତ ବିଷୟମାନ ଆମ୍ଭମାନଙ୍କ ଗବର୍ଣ୍ଣମେଣ୍ଟର ମତ ସ୍ୱରୂପ ବୁଝି ଅଛନ୍ତି । ଏ ପ୍ରସ୍ତାବମାନଙ୍କରେ ବ୍ରହ୍ମଦେଶକୁ ଭାରତବର୍ଷ ସଙ୍ଗେ ସଂଯୁକ୍ତ କରିବାର ଅଭିମତ ଥିବାରୁ ରାଜା ଆପଣା ଅଧିକାର ରକ୍ଷା ନିମନ୍ତେ ଦୃଢ଼ ସଂକଳ୍ପ ହୋଇଅଛନ୍ତି । ତା ୧୮ ଋଖର ରେଙ୍ଗୁନ ଟାଇମସରେ ରାଜା ଯେଉଁ ନିୟମମାନ ପ୍ରଚଳିତ କରିବାର ପ୍ରସ୍ତାବ ଲେଖା ଥିଲା ତହିଁର ଅନୁବାଦ ରାଜା ପାଠ କରି ଅତ୍ୟନ୍ତ ଅସ୍ଥିର ହୋଇଅଛନ୍ତି । ତାହା ଅମୂଳକ ଓ ମିଥ୍ୟା ବୋଲି ଭାରତଡାକରେ ସମ୍ବାଦ ଆସିଲା ମାତ୍ର ରାଜାଙ୍କର କୌଣସି କର୍ମଚାରୀଙ୍କର ଏ ସମ୍ବାଦରେ ବିଶ୍ୱାସ ହେଲା ନାହିଁ । ରାଜା ପ୍ରକାଶ କରିଅଛନ୍ତି କି ସେପରି ନିୟମରେ ତାଙ୍କୁ ଅବଦ୍ଧ କରିବା ଅପେକ୍ଷା ଯୁଦ୍ଧ କରିବାର ଭଲ ଓ ସେ ଆପଣା ସ୍ୱାଧୀନତା ରକ୍ଷା ନିମନ୍ତେ ପ୍ରାଣ ପର୍ଯ୍ୟନ୍ତ ବିସର୍ଜନ କରିବେ । ଜନରବ ଶୁଣାଯାଏ ରାଜା ନଦୀକୂଳ ଜଗିବା ନିମନ୍ତେ ସୈନ୍ୟ ନିଯୁକ୍ତ କରିଅଛନ୍ତି ଓ ଭାରତବର୍ଷରୁ ଦୂତ ଯାଉଥିବାର ଶୁଣା ଯିବାରୁ ତାକୁ ଅଟକାଇବା କାରଣ ସାତ ସହସ୍ର ସୈନ୍ୟ ପେଷି ଅଛନ୍ତି ଓ ଆଉ ଏକ ଦିଗକୁ ଦୁଇସହସ୍ର ସୈନ୍ୟ ପଠାଇ ଅଛନ୍ତି । ଏହି ମାସ ତା ୪ ଋଖର ରେଙ୍ଗୁନ ତାରଡାକ ସମ୍ବାଦରୁ ଜଣାଗଲା ଯେ ମଣ୍ଡାଲେରେ ଗଣ୍ଡଗୋଳ ନାହିଁ ମାତ୍ର ଉଭୟପକ୍ଷରୁ ସୈନିକ ଅଧ୍ୟୋଜନମାନ ହେଉଅଛି ଓ ଉଭୟପକ୍ଷ ବ୍ୟକ୍ତ କରନ୍ତି ଯେ ଏହା କେବଳ ଆତ୍ମରକ୍ଷା ନିମନ୍ତେ ଅଟଇ । ସେଠାର ଜଣେ ପ୍ରଧାନ ଜ୍ୟୋତିଷ ଅଗଷ୍ଟ ମାସରେ ଯୁଦ୍ଧ ହେବାର ଭବିଷ୍ୟତ୍ କହିବାରୁ ରାଜମନ୍ତ୍ରୀ ତାଙ୍କୁ ବନ୍ଦୀ କରିଅଛନ୍ତି । ଜ୍ୟୋତିଷ ମହାଶୟ ଯୁଦ୍ଧର କଥା ଗଣନାବଳେ ଜାଣି ପାରିଲେ, ତାହା କହିଲେ ଯେ ସେ ନିଜେ ବନ୍ଦୀ ହେବେ ଏହା କି ସେ ଗଣନାବଳେ ଜାଣିପାରିଲେ ନାହିଁ ? ଜାଣିଥିଲେ କି କହିଥାନ୍ତେ କାହିଁକି ? ଜ୍ୟୋତିଷମାନେ ପରର କଥା କହି ଉପାର୍ଜ୍ଜନ କରିପାରନ୍ତି ଆପଣାର କଥା ଜାଣିନପାରନ୍ତି ବଡ଼ ଆଶ୍ଚର୍ଯ୍ୟ । ସେ ଯାହା ହେଉ ବ୍ରହ୍ମାରେ ଯୁଦ୍ଧର ଜନରବ ହେବାରୁ ବାଣିଜ୍ୟ ପ୍ରତି ବଡ଼ ବାଧା ଜନ୍ମିଲା କାରଣ ବ୍ୟାପାରୀମାନେ ବାଣିଜ୍ୟ ଦ୍ରବ୍ୟ ଘେନି ଗତାୟାତ କରିବାକୁ ଭୟ

Digitized by srujanika@gmail.com

କଲେ । ଏ ହେତୁ ରଙ୍ଗୁନର ଚିଫ୍ କମିଶନର ଘୋଷଣା ଦେଇଅଛନ୍ତି କି ବ୍ରହ୍ମ ରାଜାଙ୍କ ସଙ୍ଗେ ଇଂରେଜଙ୍କର ଯୁଦ୍ଧ କରିବାର କଳ୍ପନା ନାହିଁ । ରାଜାଙ୍କର ଭୟଙ୍କର ନରହତ୍ୟା କାଣ୍ଡରେ ବ୍ରହ୍ମସ୍ଥ ଇଂରେଜ ପ୍ରଜାମାନେ ଭୀତ ହେବାରୁ ସେମାନଙ୍କ ଭୟଭଞ୍ଜନ ଓ ରାଜାଙ୍କୁ ସତର୍କ କରାଇବା କାରଣ ସୈନ୍ୟମାନେ ବ୍ରହ୍ମଦେଶର ସୀମା ପର୍ଯ୍ୟନ୍ତ ପ୍ରେରିତ ହୋଇଅଛନ୍ତି । ଏ ଘୋଷଣାରେ ଲୋକଙ୍କର ଭୟ ଛାଡିଥିବ । ଘୋଷଣା ଦ୍ୱାରେ ବ୍ରହ୍ମର ପ୍ରକୃତ ଅବସ୍ଥା ଆମ୍ଭେମାନେ ଅବଗତ ହୋଇ ନାହୁଁ ।

---

## ମ୍ୟୁନିସିପଲ ବଜେଟ ।

ଏଥିପୂର୍ବେ ଶ୍ରୀଯୁକ୍ତ ଟଏନବୀ ସାହେବ ଏଠାର ଏକଟିଂ କଲେକ୍ଟର ମେଜିଷ୍ଟ୍ରେଟ ଥିବା ସମୟରେ ମ୍ୟୁନିସିପଲ ଓ ରୋଡ୍‌ସେସ କମିଟୀର ଅଧିବେଶନରେ ଯେ ଯେ ପ୍ରସ୍ତାବମାନ ଧାର୍ଯ୍ୟ ହେଉଥିଲା ତହିଁର ପ୍ରତିଲିପି ସାହେବ ପ୍ରଶଂସିତଙ୍କ ଆଜ୍ଞା କ୍ରମେ ଆମ୍ଭେମାନେ ପାଉଥିଲୁଁ ତାଙ୍କ ପ୍ରସ୍ଥାନ ଦିନୁ ତାହା ରହିତ ହୋଇଅଛି । ଉପର୍ଯ୍ୟୁକ୍ତ କମିଟିଙ୍କର କାର୍ଯ୍ୟମାନ ସର୍ବସାଧାରଣଙ୍କୁ ଜଣାଇବାର ଅତି ଆବଶ୍ୟକ କାରଣ ସେମାନେ ଟାକ୍ସ ଦେଉଅଛନ୍ତି ଓ ସେମାନଙ୍କର ଦତ୍ତ ଟାକ୍ସ କିପରି ବ୍ୟୟ ହେଉଅଛି ଓ କାର୍ଯ୍ୟ କିପରି ଚଳୁଅଛି ଏହା ଜାଣିଲେ ସେମାନଙ୍କର ମନ ପ୍ରବୋଧ ହେବ । କମିଟିଙ୍କର କାର୍ଯ୍ୟାବଳୀ ଟାକ୍ସଦାତାମାନଙ୍କୁ ଜଣାଇବାର ସମ୍ବାଦପତ୍ର ଭିନ୍ନ ଅନ୍ୟ ସହଜ ଉପାୟ ନାହିଁ ଏହି ବିବେଚନାରେ ଟଏନବୀ ସାହେବ ପ୍ରତ୍ୟେକ କମିଟୀର ପ୍ରତି ଅଧିବେଶନର ବିବରଣ ଆମ୍ଭମାନଙ୍କୁ ଅନୁଗ୍ରହ କରୁଥିଲେ । ସେ ଗଲା ଦିନୁ ଆମ୍ଭେମାନେ ସେ ଅନୁଗ୍ରହରୁ ବଞ୍ଚିତ ହୋଇଅଛୁଁ । ବର୍ତ୍ତମାନର କର୍ତ୍ତୃପକ୍ଷମାନେ ଆମ୍ଭମାନଙ୍କପ୍ରତି ଅନୁଗ୍ରହ ନ କଲେ ନାହିଁ ସେଥିପାଇଁ ତାଦୃଶ ଚିନ୍ତା ନାହିଁ । ଯେଉଁମାନଙ୍କଠାରୁ ଟାକ୍ସ ନେଉଅଛନ୍ତି ସେମାନଙ୍କ ପ୍ରତି ଭଲ ଟିକିଏ ଆଦରର ଦୃଷ୍ଟି ରଖନ୍ତୁ ଓ ସେମାନଙ୍କ ଜ୍ଞାତ ପାଇଁ କମିଟୀର କାର୍ଯ୍ୟ ବିବରଣ କୌଣସି ସମ୍ବାଦପତ୍ରରେ ବା ଅନ୍ୟ ପ୍ରକାରରେ ପ୍ରକାଶ କରନ୍ତୁ । ଅନ୍ୟ କାର୍ଯ୍ୟର କଥା ଛାଡିକି ଥାଉ ବଜେଟ ଅର୍ଥାତ୍ ଏକବର୍ଷର ଆୟ ବ୍ୟୟର ଆଗନ୍ତୁକ ଇଷ୍ଟିମିଟ ସମସ୍ତ ଟାକ୍ସଦାତା ଦେଖିବାର ଆଇନରେ ବିଧି ଅଛି । ତାହା ସୁଦ୍ଧା ପ୍ରକାଶ କରିବା କାରଣ ଅମ୍ଭମାନଙ୍କୁ ମିଳୁ ନାହିଁ । ଏ ଯୋଗୁଁ ଗତ ମାର୍ଚ୍ଚ ମାସ ତା ୧ ରିଖରେ କମିଶନରମାନଙ୍କର ଅଧିବେଶନରେ ଏ ନଗରର ଚଳିତ ବର୍ଷର ଆୟ ବ୍ୟୟର ଇଷ୍ଟିମିଟ ଯେ ଧାର୍ଯ୍ୟ ହୋଇଅଛି ତାହା ଆମ୍ଭେମାନେ ସମୟରେ ଜାଣି ନ ପାରିବାରୁ ଏପର୍ଯ୍ୟନ୍ତ ପାଠକମାନଙ୍କୁ ଜଣାଇ ନ ଥିଲୁଁ । ପାଠକବୃନ୍ଦ ଓ ଟାକ୍ସଦାତାମାନଙ୍କୁ ଜଣାଇବାର କର୍ତ୍ତବ୍ୟ ଜାଣି ଅନୁସନ୍ଧାନ ପୂର୍ବକ ବଜେଟ ବିଷୟ ଅବଗତ ହୋଇ ନିମ୍ନେ ଲେଖୁଅଛୁଁ ଯଥା;—

### ଆୟ ।

| | |
|---|---|
| ମ୍ୟୁନିସିପଲ ଟାକ୍ସ | ଟ ୧୬,୦୦୦ |
| ଘାଟ ରସୁମ | ଟ ୧୦,୦୦୦ |
| ଗାଡିଘୋଡ଼ା ରସୁମ | ଟ ୧,୪୦୦ |
| ମ୍ୟୁନିସିପାଲ ହାଟତୋଲା | ଟ ୫୦୦ |
| ଶଗଡ଼ ରସୁମ | ଟ ୧,୬୦୦ |
| ଏ ନଗରର କାଞ୍ଜିହାଉସ ରସୁମ | ଟ ୬୦୦ |
| ବିବିଧ ପ୍ରକାର | ଟ ୭୧୦ |
| ଏକୁ | ଟ ୩୦,୮୧୦ |
| ଗତ ବର୍ଷର ବାକୀ | ଟ ୫,୦୦୦ |
| ସର୍ବ ମୋଟ | ଟ ୩୫,୮୧୦ |

### ବ୍ୟୟ ।

| | |
|---|---|
| ନଗର ପୁଲିସ | ଟ ୫୮୩୩ |
| **କର୍ମ ଚଳାଇବା ଖର୍ଚ୍ଚ ।** | |
| ସଦରକଚେରୀ ଅମଲା | ଟ ୬୮୪ |
| ତହସିଲ ଅମଲା | ଟ ୧୩୫୬ |
| ଘାଟ ଇନସ୍ପେକ୍ଟର | ଟ ୯୬୦ |
| କାଞ୍ଜିହାଉସ ଅମଲା | ଟ ୨୪୦ |
| ବାକେ ଖର୍ଚ୍ଚ | ଟ ୧୧୦ |
| | ଟ ୩୩୫୦ |
| **କନ୍‌ସର୍‌ଭେନ୍‌ସି ଅର୍ଥାତ ମଇଳା ସଫାଇ ଖର୍ଚ୍ଚ ।** | |
| ଓଭରସିଅର ଓଗେର | ଟ ୫୮୮ |
| ଜ ୪୦ ଣ ମେହେନ୍ତର | ଟ ୧୯୨୦ |
| କଳଦ ଖୋରାକୀ | ଟ ୧୦୦୦ |
| ମଇଳା ଗାଡ଼ି ଇତ୍ୟାଦି | ଟ ୬୦୦ |
| | ଟ ୪୧୦୮ |
| **ସଡ଼କ ଇତ୍ୟାଦି କର୍ମ ।** | |
| ଓଭରସିୟର ଓ ଚପରାଶି | ଟ ୬୮୦ |
| ଜ ୧୨ କୁଲି | ଟ ୬୪୮ |
| ସଡ଼କ ମରାମତି | ଟ ୨୦୦୦ |
| ନାଳ ଖୋଳାଇ | ଟ ୪୫୦୦ |
| ପାଏଖାନା ତିଆରି | ଟ ୩୫୦୦ |
| ଗଙ୍ଗାମଣ୍ଡଳ ପୁଷ୍କରିଣୀ ସଫାଇ | ଟ ୧୦୦୦ |
| କଚେରୀଘର ମରାମତି | ଟ ୧୫୦ |
| | ଟ ୧୨୪୭୮ |

### ଚିକିତ୍ସା ।

| | |
|---|---|
| ଶାଖା ଚିକିତ୍ସାଳୟକୁ ଦାନ | ଟ ୪୮୦୲ |
| ଟୀକାଦିଆଙ୍କ ବେତନ | ଟ ୨୪୦୲ |
| ନାକେଖର୍ଚ୍ଚ | ଟ ୫୦୲ |
| | ଟ ୭୭୦୲ |
| ଘାଟ ରସୁମରୁ ବାରିକମାଷ୍ଟରଙ୍କୁ ଦେୟ | ଟ ୩୦୦୦୲ |
| **ବିବିଧ ବ୍ୟୟ ।** | |
| ଫାଣ୍ଡି ତିଆରି ଓ ମରାମତି | ଟ ୬୦୦୲ |
| ଛପା ଓ ଅନ୍ୟାନ୍ୟ ଖର୍ଚ୍ଚା | ଟ ୬୮୩୲ |
| ସଡକରେ ଜଳସେଚନ | ଟ ୨୫୦୲ |
| ପଠାଣଙ୍କ କବର ସ୍ଥାନ | ଟ ୨୦୦୦ |
| ଛତି ଓ ଅନ୍ୟାନ୍ୟ ଖର୍ଚ୍ଚା | ଟ ୬୦୦୲ |
| | ଟ ୪୪୩୩୲ |
| ସର୍ବ ମୋଟ | ଟ ୩୪୦୭୨୲ |
| ବର୍ଷ ଶେଷରେ ତହବିଲ ବାକୀ | ଟ ୧୭୩୮୲ |

ପାଠକମାନେ ଦେଖିବେ ଇଷ୍ଟିମିଟରେ ନାଳ ଖୋଳାଇବା ସକାଶେ ଅନେକ ଟଙ୍କା ଦିଆ ହୋଇଅଛି ଏଥିର କାରଣ ଏହି ସନ ୧୮୭୪-୭୫ ରେ ନାଳ ସଫାଇ କର୍ମ ଆଦୌ ହେଲା ନାହିଁ ଓ ସେ ବର୍ଷ ବର୍ଷା ବିଶେଷ ହେଲା ଏଣୁ କରି ଅନେକ ଘର ଭାଙ୍ଗି ଗଲା । ସେହି ସମୟରୁ ଏ ନଗରରେ ବୃହତ୍ କାଣ୍ଡରେ ନାଳ ଖୋଳାଇବା କଳ୍ପନା ହୋଇ ଥିଲା ମାତ୍ର ଅର୍ଥାଭାବେ ତହିଁର କିଛି ଉଦ୍ୟୋଗ ଏପର୍ଯ୍ୟନ୍ତ ହୋଇ ନ ଥିଲା ସେ କର୍ମର ଆନୁମାନିକ ବ୍ୟୟ ଟ ୧୦୬୯୬୲ ଙ୍କା ଅଟେ ଏବର୍ଷ ଟ ୪୫୦୦୲ ଙ୍କା ବଜେଟରେ ଦିଆ ହୋଇଅଛି ଏଥିରେ ଏବର୍ଷ କିଛି କର୍ମ ହେବ ବାକୀ କର୍ମ ଆଗାମୀ ବର୍ଷ ହେବ ।

ଘାଟମାନ ଗତବର୍ଷ ଇଜାରା ଦିଆ ଯାଇ ଥିବାରୁ କିଛି ଆୟ ଅଧିକ ହୋଇଥିଲା ମାତ୍ର ଇଜାରାଦାରମାନଙ୍କର ବିଶେଷ ଅତ୍ୟାଚାର ଓ ଅପହରଣ ଯୋଗୁଁ ଏ ବର୍ଷ ଘାଟମାନ ଖାସ ରଖିବାର କମିଟୀରେ ପ୍ରସ୍ତାବ ହେଲା ତହୁଁ ଦୁଇ ବର୍ଷର ଆୟ ବ୍ୟୟ ତୁଳନାରେ ଏ ବିଷୟରେ ଅନେକ ତର୍କ ବିତର୍କ ହୋଇ ଦୁଇ କମିଶନରଙ୍କ ଭିନ୍ନ ଅନ୍ୟ ସମସ୍ତେ ଇଜାରା ପ୍ରଥା ପକ୍ଷରେ ମତ ଦେବାରୁ ତାହାହିଁ ଧାର୍ଯ୍ୟ ହେଲା । ଇଜାରାଦାରଙ୍କ ପ୍ରତି ଦୃଷ୍ଟି ଓ ଘାଟମାନ ଦେଖି ତଦନ୍ତ କରିବା କାରଣ ଜଣେ ଘାଟ ଇନସ୍ପେକ୍ଟର ରହିବାର ସ୍ଥିର ହେଲା । ଇନସ୍ପେକ୍ଟରଦ୍ୱାରା ଘାଟ ଅତ୍ୟାଚାର ଯେ କେତେ ନିବାରଣ ହେବ ଆମ୍ଭେମାନେ କହି ନ ପାରୁଁ । ବ୍ୟୟଅନୁସାରେ ଫଳ ଲାଭ ହେବ କି ନା ସନ୍ଦେହ । ଆମ୍ଭମାନଙ୍କ

Split by PDF Splitter
Digitized by srujanika@gmail.com

ବିବେଚନାରେ ଘାଟମାନ ଖାସ ହୋଇ ଥିଲେ ଭଲ ହୋଇ ଥାନ୍ତା । ଖାସରେ ଯେପରି ଆୟ ଊଣା ସେହି ପରି ଅଭ୍ୟାଗ୍ରହ ମଧ୍ୟ ଊଣା ଆୟ ବୃଦ୍ଧିରେ ଆମ୍ଭେମାନେ ମଧ୍ୟ ପ୍ରଥମେ ଖାସ ପ୍ରଥାର ସପକ୍ଷ ନ ଥିଲୁଁ କିନ୍ତୁ ଗତ ଦୁଇବର୍ଷର ଅଭ୍ୟାଗ୍ରହ ତୁଳନାରେ ଆମ୍ଭେମାନେ ଖାସ ପ୍ରଥାର ସପକ୍ଷ ହୋଇ ଅଛୁଁ ।

ବାବୁ ଜଗମୋହନ ରାୟଙ୍କ ପ୍ରସ୍ତାବରେ ଟାକ୍ସ ଓସୁଲର ସରକାରମାନେ ଉଠି ଯାଇ ଯୁନିୟନ ଟାକ୍ସ କଲେକ୍ଟର ମୋହରର ଓ ଚପରାସି ରହିଲେ ଓ ପ୍ରଥମୋକ୍ତ କର୍ମଚାରୀର ବେତନ ଟ ୩୦୯ ଙ୍କା ସ୍ଥଳେ ଟ ୪୦ ଙ୍କା ଧାର୍ଯ୍ୟ ହେଲା । ଏହା ଉତ୍ତମ ହୋଇଅଛି । ଲୁଟଙ୍କିଆ ଚପରାଶିମାନେ ସରକାର ନାମ ଧାରଣ କରି ଅନର୍ଥକ ଟ ୧୬୯ ଙ୍କା ଲେଖାଏ ନେଉ ଥିଲେ । କର୍ମ ଚଳାଇବାର ମୋଟ ଖର୍ଚ୍ଚ ଟ ୩,୬୫୦୯ ଙ୍କା ଅଟେ ଶତକଡ଼ା ଟ ୧୦୯ ଙ୍କାରୁ ଊଣା ପଡ଼ୁଅଛି ଏହା ଅଧିକ ନୁହେ । କର୍ମ ଖର୍ଚ୍ଚ ପକ୍ଷରେ ଆମ୍ଭମାନଙ୍କର ବୋଲିବାର ଏହି ଯେ ସଡ଼କ ମରାମତିପାଇଁ ଆଉ କିଛି ଅଧିକ ଟଙ୍କା ଦେବାର ଆବଶ୍ୟକ ଥିଲା । ହିମସ ସାହେବ ହାଟରେ ମାଟି ସଡ଼କ ସବୁ ସଡ଼ାଇ ଦେଇ ଥିଲେ ହାଣ୍ଡଲ ସାହେବଙ୍କ ଯତ୍ନ ଓ ପରିଶ୍ରମରେ ସଡ଼କର ଅବସ୍ଥା ପୂର୍ବାପେକ୍ଷା କେତେକ ଭଲ ହୋଇଅଛି ତଥାପି ଆହୁରି ଅନେକ ମରାମତି ଓ ତିଆରି ଆବଶ୍ୟକ; ଅନ୍ୟାନ୍ୟ ଖର୍ଚ୍ଚ ଊଣା କରି ସଡ଼କପାଇଁ ଅଧିକ ଟଙ୍କା ରଖିବାର ଉଚିତ ଥିଲା । ବେତନ ଭୁକ୍ତ ଜ ୧୨ ଣ କୁଲି ନିଯୁକ୍ତ କରିବାର କିଛି ଆବଶ୍ୟକ ନାହିଁ ଏଠାରେ କୁଲିର ଅଭାବ ନାହିଁ ଯେତେବେଳେ ଯେତେ କୁଲି ଲୋଡ଼ିବ ସେତେବେଳେ ସେତେ ମିଳିବେ । ଜଣେ ଓଭରସିୟର ଓ ଜଣେ ଚପରାଶି ସର୍ବଦା ସେମାନଙ୍କଠାରୁ ସମ୍ପୂର୍ଣ୍ଣ କର୍ମ ନେଇ ନ ପାରିବେ ଅନେକ ସମୟରେ କେହିଏ କୁଲି ଆପଣା ଘରେ ବସି ବେତନ ଖାଇବେ । ସଡ଼କରେ ଜଳସେଚନ କେବଳ ନାମ ମାତ୍ର ସେଥିରେ କିଛି ଉପକାର ନାହିଁ ସେ ବ୍ୟୟଟି ଅନର୍ଥକ ଅଟେ । ଗଙ୍ଗାମନ୍ଦିର ପୁଷ୍କରିଣୀପାଇଁ ଯେ ଏକସହସ୍ର ଟଙ୍କା ଦାନ ହୋଇଅଛି ଏହା ଅତି ଉତ୍ତମ ହୋଇଅଛି ଓ ଏଥିପାଇଁ କମିଶନରମାନଙ୍କୁ ଧନ୍ୟବାଦ ଦେଉଅଛୁଁ । ପାଏଖାନା ପ୍ରସ୍ତୁତରେ ଏତାବେଳକେ ଏତେ ଟଙ୍କା ବ୍ୟୟ କରିବାର ଉଚିତ ହୋଇ ନାହିଁ ।

# ସାପ୍ତାହିକସଂବାଦ ।

ଗତ ଗୁରୁବାରଠାରୁ ଏଠା ମେଡ଼ିକଲ ସ୍କୁଲର ପରୀକ୍ଷା ଆରମ୍ଭ ହୋଇଅଛି । ଜ ୧୭ ଣ ଛାତ୍ର ପରୀକ୍ଷା ଦେଉଅଛନ୍ତି କଟକ ଓ ପୁରୀର ସିଭିଲସର୍ଜନମାନେ ଏବଂ ଏଠା ପଲଟନର ସର୍ଜନ ପରୀକ୍ଷା ନେଉଅଛନ୍ତି ।

ଏଥର ଏ ନଗରର ବୁଲ ଡନ ଷ୍ଟାନରେ ଚୈତ୍ରପୂର୍ଣ୍ଣମୀ ଯୋଡ଼ାଙ୍କର ମିଳନ ହୋଇଥିଲା । ବୋଧ ହୁଅଇ ନଗରବାସିଏ ଯାତ୍ରାରୁ ଏ ନିୟମଟି ଶିଖିଅଛନ୍ତି ।

ଖୋରଧା ସବ୍‌ଡିଭିଜନର ହାକିମ ଫିଲ୍‌ପସ୍ ସାହେବ କଲିକତାରେ ଓଡ଼ିଆ ଭାଷାର ପରୀକ୍ଷା ଦେଇ ଏକହଜାର ଟଙ୍କା ପାରିତୋଷିକ ପାଇ ଆପଣା କର୍ମକୁ ଫେରି ଆସି ଗତମାସ ତା ୧୬ ରିଖରେ କାର୍ଯ୍ୟ ନେଇଅଛନ୍ତି ।

ଖୋରଧାରେ ଆଉ ଏକ ଅସ୍ୱାଭାବିକ ମୋକଦ୍ଦମା ଥାନାପତି ଦ୍ୱାରା ରିପୋର୍ଟ ହୋଇଅଛି । ସେଠାରେ ଏ ଅପରାଧ ଅତ୍ୟନ୍ତ ପ୍ରବଳ । ପୁଲିସ କିଛିକାଳ ଏଥିରେ ଲାଗି ରହିଲେ ଅବଶ୍ୟ ଊଣା ପଡ଼ିପାରେ ।

ଖୋରଧା ବନ୍ଦୋବସ୍ତରେ ଜ ୧୭୦ ଣ ଆମିନ ନିଯୁକ୍ତ ଅଛନ୍ତି । ଏମାନଙ୍କ ମଧ୍ୟରୁ ଅର୍ଦ୍ଧେ ବରଖାସ୍ତ ହେବାର କଥା ଥିଲା ତାହା ନ ହୋଇ କେବଳ ଜ ୫୦ ଣ ଚେନମାନ ବରଖାସ୍ତ ହୋଇଅଛନ୍ତି । ଗରିବ ଉପରେ ସମସ୍ତ ବିପତ୍ତି ପଡ଼ଇ ।

ଆଗାମୀ ମେମାସ ତା ୧ ରିଖରୁ ତା ୩୧ ରିଖ ପର୍ଯ୍ୟନ୍ତ ସମସ୍ତ ନାଳ ବନ୍ଦ ହେବ ।

ଜଣେ ପତ୍ରପ୍ରେରକ ଜ୍ୱରରୋଗର ଗୋଟିଏ ଟୁଟକାଔଷଧ ଡେଲିନ୍ୟୁସ ପତ୍ରିକାରେ ପ୍ରକାଶ କରାଇଅଛନ୍ତି । ତାହା ଏହି -ଦୁଇଗୋଟା ପାଟଣା ପିଆଜକୁ ଦୁଇଫାଳ କରି ଦୁଇ ହାତପାପୁଲି (palm) ଓ ଦୁଇ ଗୋଡ଼ତଳାରେ ଫାଳେଲେଖାଏ ଲଗାଇ ପାଏଘଣ୍ଟା ରଖିଲେ ଜ୍ୱର ଛାଡ଼ିଯିବ । ଏ ଟୁଟକା ବାସ୍ତବିକ ସଫଳ ହେଲେ ବୈଦ୍ୟ ଡାକ୍ତରଙ୍କର ଅନେକ ଦାନା ମରିବ ।

କୁଚବେହାର ମହାରାଜା ଆପଣା ରାଜ୍ୟକୁ ଯିବା ପୂର୍ବରୁ କଲିକତାରେ ଯେଉଁ କେତେକ ଦିନ ରହିଥିଲେ ସେହି କେତେକ ଦିନ ଗୋଟିଏ ସାହେବଙ୍କ ଘରେ ରହି କଟାଇଥିଲେ । ଇଂଲଣ୍ଡର ଆଗ୍ରର ବ୍ୟବହାର ଉଦ୍ଧାର ସେ ବଶେଷ ଆଗ୍ରହ ସହିତ ବୋଲୁଅଛନ୍ତି । ଇଂଲଣ୍ଡବାସୀ ଯେଉଁ ସବୁ ବଡ଼ ଲୋକଙ୍କ ସହିତ ତାଙ୍କର ଆଳାପ ହୋଇଥିଲା, ସେମାନଙ୍କର ଗୁଣର ଅଧିକ ପ୍ରଶଂସା କରୁଅଛନ୍ତି । ସେ ଇଂଲଣ୍ଡକୁ ଯାଇ ଶିକ୍ଷାର କରିବା ବିଷୟରେ ବିଶେଷ ପିଛୁଡ଼ା ଦେଖାଇଅଛନ୍ତି । ଏତେବେଳେ କୁଚବେହାରର ମହାରାଜା ମେଗର ସାହେବଙ୍କ ତତ୍ତ୍ୱାବଧାନରେ ଅଛନ୍ତି । ମହାରାଜା ଅତ୍ୟନ୍ତ ସମୟ ନିମନ୍ତେ ଆପଣାର ନବବିବାହିତା ସ୍ତ୍ରୀ ସହିତ ସାକ୍ଷାତ କରିବାକୁ ଯାଇଥିଲେ । ଅଢ଼ାଇ ବର୍ଷେ ପର୍ଯ୍ୟନ୍ତ ସେମାନଙ୍କର ପୃଥକ୍ ରହିବାର କଥା ଅଛି ।

ମେଦନୀପୁରରେ ଗତ ମାର୍ଚ୍ଚ ମାସ ତା ୧୧ ରିଖରେ ଗୋଟିଏ ବିଧବାବିବାହ ହୋଇଅଛି । ବିଧବାର ବୟସ ବ ୧୪ ବର୍ଷ ଓ ବରର ବୟସ ବ ୨୪ ବର୍ଷ । ଦୁହେଁ ଉତ୍କୃଷ୍ଟ ସମ୍ଭ୍ରାନ୍ତ ଜାତରେ କାୟସ୍ଥ । ବ୍ରାହ୍ମଧର୍ମମତେ ବିବାହ ହୋଇ ଅଛି ।

ସୁରାଟର ବଗତ ଗଣ୍ଡଗୋଳ ନିବାରଣରେ ସେଠାପଲଟନର ଜଣେ ସୁବାଦାର ଅତି ସାହସ ଦର୍ଶାଇଥିବାରୁ ସେ ସରଦାରବାହାଦୂର ସୁବାଦାର ପଦ ପାଇଅଛନ୍ତି ଓ ତାଙ୍କର ବେତନ ବୃଦ୍ଧି ହୋଇଅଛି ।

ମହାମାନ୍ୟ ଲାଟସାହେବ ଆଜ୍ଞା କରିଅଛନ୍ତି ଯେ ଚଉକିଦାର୍ ବେତନର ଅମଲ କୌଣସି ଅପରାଧରେ ଗବର୍ଣ୍ଣମେଣ୍ଟଙ୍କ ମଞ୍ଜୁରି ବ୍ୟତୀତ କଚେରୀର ହାକିମଙ୍କଦ୍ୱାରା କର୍ମଚ୍ୟୁତ ହୋଇ ନ ପାରିବ । ଏହା ସତ୍ୟ ହେଲେ ଅମଲଙ୍କ ପକ୍ଷରେ ବଡ଼ ସୁଖସମ୍ବାଦ ।

ଟାଇବେରିୟ ସାଗରରେ ଏକ ପ୍ରକାର ଅଦ୍ଭୁତ ଜନ୍ମର ମତ୍ସ୍ୟ ଆବିଷ୍କୃତ ହୋଇଅଛି । ଏମାନେ ପୁରୁଷ ମତ୍ସ୍ୟ । ଏହି ଜାତିୟ ମତ୍ସ୍ୟମାନଙ୍କ ମୁଁହ ଭିତରେ କେତେଗୁଡ଼ିଏ ସାନ୍ଦ୍ର ଗର୍ତ୍ତ ଅଛି । ସ୍ତ୍ରୀ ମତ୍ସ୍ୟମାନେ ବାଲିଉପରେ ଡିମ୍ବ ପ୍ରସବ କଲେ ଏମାନେ ସେହି ସମସ୍ତ ଡିମ୍ବକୁ ମୁଖଦ୍ୱାର ଉଠାଇ ନେଇ ଶୋଷିଲାପରେ ସେହି ଗର୍ତ୍ତ ମଧ୍ୟରେ ସ୍ଥାପନ କରନ୍ତି ସ୍ତ୍ରୀ ମତ୍ସ୍ୟମାନଙ୍କର ଗର୍ଭ ଯେପରି ଏମାନଙ୍କର ମୁଖବିବର ଅବିକଳ ସେହିପରି ଅଟେ । କେତେକଦିନ ପର୍ଯ୍ୟନ୍ତ ଉକ୍ତ ଗର୍ତ୍ତମଧ୍ୟରେ ରହିଲେ ଡିମ୍ବ ସବୁ ଫୁଟି ଛୁଆ ବାହାରନ୍ତି । ପ୍ରତ୍ୟେକ ଥରରେ ଗୋଟିଏ ମତ୍ସ୍ୟର ମୁଖ ବିବରରୁ ପ୍ରାୟ ୨୦୦ ଛୁଆ ନିର୍ଗତ ହୁଅନ୍ତି ।

ବୋଧହୁଏ ପାଠକମାନେ ଅବଗତଅଛନ୍ତି ଯେ ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟ ଅନେକଦିନପୂର୍ବରୁ ବାଣିଜ୍ୟମାଶୁଳ ମଫ୍ଲ କରିବା ନିମନ୍ତେ ଉଦ୍ୟମ କରୁଅଛନ୍ତି । ଇଂଲଣ୍ଡର ମାଞ୍ଚେଷ୍ଟର ସହର ବର୍ତ୍ତମାନ ତାହାକାର୍ଯ୍ୟରେ ପରିଣତ ହେବାର ଦେଖା ଯାଉଅଛି । ଇଂରେଜମାନେ ଅବଗତ ହେଲୁଁ ଯେ ଭାରତବର୍ଷରୁ ଦୁଇଶତ ପଡ଼ିଆସୁର ନର୍ଭିକ କରିବା ନିମନ୍ତେ ବର୍ତ୍ତମାନ ପ୍ରସ୍ତାବ ହେଉଅଛି । ଏତେଦିନେ ପତ୍ରିକାଉଅର୍ଥୀ ଦେଶର ପ୍ରତି ଗବର୍ଣ୍ଣମେଣ୍ଟଙ୍କର ଦୃଷ୍ଟି ପଡ଼ିଥିବା ବଡ଼ ଆନନ୍ଦର ବିଷୟ ଅଟେ । ପ୍ରକୃତରେ ଆଜକାଲି ଭାରତବର୍ଷର ଅବସ୍ଥା ପ୍ରତି ଦୃଷ୍ଟି କଲେ କଥିତ ବିଷୟରେ ଯେଉଁ ଅମାପ ଟଙ୍କା ବ୍ୟୟ ହେଉଅଛି, ତାହାକୁ ଅବଶ୍ୟ ଅସହନୀୟ ବୋଲିଯିବ ।

## ବିଜ୍ଞାପନ ।

ଶ୍ରୀଯୁକ୍ତ ଶ୍ରୀ ବଳରାମପୁର ମହାରାଜା ପୁରୁଷୋତ୍ତମକ୍ଷେତ୍ରରେ ଯେଉଁ ସଂସ୍କୃତ ବିଦ୍ୟାଳୟ ସ୍ଥାପନ କରିଅଛନ୍ତି ସେ ବିଦ୍ୟାଳୟରେ ଟ ୫୦ ଙ୍କା ବେତନରେ ଏକଜଣ ପଣ୍ଡିତର ଆବଶ୍ୟକ ହୋଇଅଛି ଯେ କ ନ୍ୟାୟଶାସ୍ତ୍ରରେ ଉତ୍ତମ ବ୍ୟୁତ୍ପନ୍ନ ଥିବେ ଏବଂ ସ୍କୁଲର ଧାରାନୁସାରେ ପଢ଼ାଇ ପାରୁଥିବେ ଏତାଦୃଶ ବ୍ୟକ୍ତି ଆମ୍ଭ ନିକଟକୁ ଅବେଦନପତ୍ର ପଠାଇବେ ।

KHIROD CHANDRA RAI.
*Secretary.*

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ନନ୍ଦକିଶୋର ଦାସ | କଟକ | ଅଗ୍ରିମ | ଟ ୫୯ |
| „ ରମାଇଚରଣ ନେଉଗୀ | „ | ବକାୟା | ଟ ୬୯ |
| „ ହରେକୃଷ୍ଣ ଦାସ | କଟକ | ବକାୟା | ଟ ୬୯ |
| „ ହରେକୃଷ୍ଣ ପଟ୍ଟନାୟକ | | ଅଗ୍ରିମ | ଟ ୩୯ |
| ଶ୍ରୀ ରଜା ବଡ଼େ ଅଠମଲ୍ଲିକ ବକାୟା ଓ ଅଗ୍ରିମ | | | ଟ ୩ ॥ |
| ବାବୁ ତ୍ରିବେଣୀଚରଣ ଧଳ | | „ | ଟ ୭୯ |
| „ ଜଗନ୍ନାଥ ଦାସ | ଖିଲଘଟ | ବକାୟା | ଟ ୯୯ |
| ଶ୍ରୀ ଦେବାନ ବଡ଼େ | କଳାହାଣ୍ଡି | „ | ଟ ୭୯ |
| ବାବୁ ଜଗନ୍ନାଥ ସେନ | | ଅଗ୍ରିମ | ଟ ୩ ।/ |
| „ ଗୌରଚରଣ ଘୋଷ | ଜଗତସିଂହପୁର | ବକାୟା | ଟ ୧୦ ।/ |
| „ ସନାତନ ମହାନ୍ତି | ସୁରବାଲ | „ | ଟ ୨ ॥/ |
| ଶ୍ରୀ ଶ୍ରୀ ରଜା ବଡ଼େ | ବାମଣ୍ଡା | „ | ଟ ୨ ॥/ |

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୪ଶ | ସଂ ୧୭ ଖ୍ୟା

ତା ୧୭ ରଖ ମାହେ ଅପ୍ରେଲ ସନ ୧୮୭୫ ମସିହା । ମୂ । ବୈଶାଖ ଢ ୧୪ ନ ସନ ୧୨୮୨ ସାଲ ଶନବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୨॥୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬॥୦
ମଫସଲଯାଁଇ ଡାକମାସୁଲ ଟ୧୷୦

କଲିକତା ବ୍ରାହ୍ମସମାଜର ଆଚାର୍ଯ୍ୟ ଶ୍ରୀଯୁକ୍ତ ବାବୁ କେଶବଚନ୍ଦ୍ର ସେନ ଆପଣାର କନ୍ୟାକୁ କୁଚବେହାର ମହାରାଜଙ୍କୁ ବିବାହ ଦେବାରୁ ବ୍ରାହ୍ମସମ୍ପ୍ରଦାୟ ମଧ୍ୟରେ ଯେତେ ଗଣ୍ଡଗୋଲ ଲାଗିଥିଲା ପାଠକଙ୍କୁ ଜଣା ଅଛି । ବର୍ତ୍ତମାନ ମହାରାଜା ଆଉ ଗୋଟିଏ ବିବାହ କରିବାର ମନସ୍ଥ କରିଅଛନ୍ତି ଏପରି ଜନରବ ତେଲଗୁପ୍ତ ଶୁଣିଅଛନ୍ତି । ଏହା ସତ୍ୟ ହେଲେ ରାଜାଙ୍କର ଇଂରେଜୀ ଶିକ୍ଷା ଓ ବିଲାତ ଗମନ ବୃଥା ଓ କେଶବ ବାବୁଙ୍କର ଆଶା ଭରସା ବୃଥା ।

---

ମୟୂରଭଞ୍ଜ ପାକ୍ଷିକପତ୍ରିକାର ଦ୍ବିତୀୟ ସଂଖ୍ୟା ଅମ୍ଭେମାନେ ପ୍ରାପ୍ତ ହୋଇ କୃତଜ୍ଞତାପୂର୍ବକ ସ୍ବୀକାର କରୁଅଛୁଁ । ବାଲେଶ୍ବରର ଦର୍ପଣ ଏ ପତ୍ରିକାକୁ ଶ୍ରୀଯୁକ୍ତ କମିଶନର ସାହେବ ବନ୍ଦ କରି ଦେବାର ପୂର୍ବେ ଲେଖିଥିଲେ ବର୍ତ୍ତମାନ ଦ୍ବିତୀୟ ସଂଖ୍ୟା ପାଇ ଜନରବ ଉପରେ ଦୋଷ ଦେଇ ଇହାଁର ମାହାତ୍ମ୍ୟକୁ ଧନ୍ୟବାଦ ଦେଇଅଛନ୍ତି । ଯେସ୍ଥଳେ ପତ୍ରିକାର ସମ୍ପାଦକ ଏପରି ଅସଙ୍ଗତ ଓ ଅମୂଳକ ଜନରବରେ ବିଶ୍ବାସ କଲେ ସେସ୍ଥଳେ ଅବଶ୍ୟ ଉହାଁର ମାହାତ୍ମ୍ୟ ମାନିବାକୁ ହେବ ।

---

ଏ ସପ୍ତାହରେ ମଧ୍ୟ ବର୍ଷାର ଦେଖା ନାହିଁ । କୃଷି ପକ୍ଷରେ ବାଧା ହେଉଅଛି ଓ ଆମ୍ବ ମଧ୍ୟ ତାଦୃଶ ପୁଷ୍ଟ ହେଲା ନାହିଁ । ଗ୍ରୀଷ୍ମ ପୂର୍ବବତ୍, କେବଳ ପବନ ଯୋଗେ ତାହା ଅଧିକ ବାଧୁ ନାହିଁ । କିନ୍ତୁ ପବନ ଯେପରି ଏ ପକ୍ଷରେ ଉପକାର କରୁଅଛି ଅନ୍ୟପକ୍ଷରେ ବହୁ ଅପକାର କରୁଅଛି । ଘରେ ନିଆଁ ଲାଗିଲେ ତାହା ଲିଭାଇବାର ଅସାଧ୍ୟ ହେଉଅଛି । ଏ ସପ୍ତାହରେ ଏ ନଗରରେ ଅସଦଅଲ୍ଲି ମୁକ୍ତିଆରର ଘର ଦେଢ଼ସହସ୍ର ଟଙ୍କା ମୂଲ୍ୟର ସମ୍ପତ୍ତି ସହିତ ପୋଡି ଗଲା ଓ ଚାଉଳିଆଗଞ୍ଜରେ ଅନେକ ଗୁଡିଏ ଘର ପୋଡିଗଲା । ତେିବାଭି ଗୋଟିଏ ଘରେ ନିଆଁ ଲାଗିଲା ଓ ପବନଯୋଗେ ଅଳ୍ପକ୍ଷଣ ମଧ୍ୟରେ ଅନେକ ଘରକୁ ବ୍ୟାପିଲା ତଥାଚ ଏ ଅଳ୍ପ ଅଗ୍ନି ଯାଇ ଅଞ୍ଚଳକୁ ଅନାଦର କରି ନ ପାରିଲୁଁ । ଗ୍ରୀଷ୍ମରେ ପବନଇ ପ୍ରାଣ ।

---

ଆମ୍ଭେମାନେ ଆନନ୍ଦପୂର୍ବକ ଜଣାଉଅଛୁଁ ଯେ ବେଦଗ୍ରପଡାର ବାବୁ ରାମଗୋବିନ୍ଦ ଜଗଦେବ ଆପଣା ପିତାଙ୍କ ନାମରେ ଗୋଟିଏ ଛାତ୍ରବୃତ୍ତି ସ୍ଥାପନ କରିବାର ପ୍ରସ୍ତାବ କରିଅଛନ୍ତି । କେନ୍ଦ୍ରାପଡା ସ୍କୁଲର ଯେଉଁ ଛାତ୍ର ପରୀକ୍ଷୋତ୍ତୀର୍ଣ୍ଣ ହେବ ସେହି ଛାତ୍ର ସେ ବୃତ୍ତି ପାଇବ ଇହାଁର ପରିମାଣ ବାର୍ଷିକ ଟ ୪୦୦ ଙ୍କା । ଶିକ୍ଷା କମିଟିଙ୍କ ଗତ ଅଧିବେଶନରେ ଏ ପ୍ରସ୍ତାବ ଗୃହୀତ ହୋଇ ଗବର୍ଣ୍ଣମେଣ୍ଟଙ୍କୁ ରିପୋର୍ଟ ହୋଇଅଛି ଓ ଛାତ୍ରବୃତ୍ତିକୁ ଚିରସ୍ଥାୟୀ କରିବା କାରଣ କମିଟୀ ରାମଗୋବିନ୍ଦ ବାବୁଙ୍କୁ ପ୍ରାର୍ଥନା କରିଅଛନ୍ତି । ଏକ ହଜାର ଟଙ୍କାର ଗବର୍ଣ୍ଣମେଣ୍ଟ ସିକୋରିଟି ଅର୍ଥାତ୍ କୁମ୍ପାନିକାଗଜ କିଣି କମିଟିଙ୍କ ହସ୍ତରେ ସମର୍ପଣ କଲେ ଛାତ୍ରବୃତ୍ତି ଚିରସ୍ଥାୟୀ ହେବ । ବାବୁ ମହୋଦୟ ଯେପରି ଧନୀ ଓ ଅମିତବ୍ୟୟୀ ଏକ ସହସ୍ର ଟଙ୍କା ତାଙ୍କ ପ୍ରତି ବହୁତ ଅଧିକ ନୁହେ । ବିଦ୍ୟାଦାନରୁ କୌଣସି ଦାନ ଶ୍ରେଷ୍ଠତର ନୁହେ ଏପରି ଉତ୍କୃଷ୍ଟ ଓ ହିତକର କାର୍ଯ୍ୟରେ ରାମ ବାବୁଙ୍କର ଯେ ମତି ହୋଇଅଛି ଏଥିରେ ଅମ୍ଭେମାନେ ଅତିଶୟ ସନ୍ତୁଷ୍ଟ ହୋଇ ତାଙ୍କର ପ୍ରଶଂସା କରୁଅଛୁଁ ଓ ଧନ୍ୟବାଦ ଦେଉଅଛୁଁ ଓ ଭରସା କରୁଁ ଦେଶର ଓ ସର୍ବସାଧାରଣ ହିତକର କାର୍ଯ୍ୟରେ ବାବୁଙ୍କର ମତି କ୍ରମଶଃ ବୃଦ୍ଧି ହେଉ ଓ ସେ ଏଥିରୁ ଅଧିକ ହିତସାଧନକରି ସୁଖ୍ୟାତି ଲାଭ ଓ ଆପଣାର ନାମକୁ ଚିରସ୍ଥାୟୀ କରନ୍ତୁ । ଅନ୍ୟ ଦାନ ସବୁର ଫଳ ଓ ଦାତାର ଯଶ କ୍ଷଣକାଳର । ଯହିଁରେ ଜନମାନଙ୍କର ହିତ ଓ ଦେଶର ଉନ୍ନତି ହୁଏ ସେପରି ଦାନର ଫଳ ଓ ଦାତାର ନାମ ଚିରସ୍ଥାୟୀ । ଏ ଦେଶର ଧନିମାନେ ଏପରି ଦାନରେ ମତି ଦେଲେ ଉତ୍କଳର ଉନ୍ନତି ଅବଶ୍ୟ ହୋଇପାରେ ।

---

ଅମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ପାଠକମାନଙ୍କୁ ଜଣାଉ ଅଛୁଁ ଯେ ପଟାମୁଣ୍ଡେଇର ଜମିଦାର ଅନରେବଲ ରାଜା ଦିଗମ୍ବର ମିତ୍ର ସି, ଏସ୍, ଆଇ ଗତଜାତ ମାସ ତା ୨୦ ରଖରେ ମାନବଲୀଳା ସମ୍ବରଣ କରିଅଛନ୍ତି । ଏ ମହାତ୍ମା କଲିକତାରେ ଜଣେ ଅତି ପ୍ରଧାନ ସୁବିଖ୍ୟାତ

Digitized by srujanika@gmail.com

Split by PDF Splitter



କ୍ଷମତାପନ୍ନ ଓ ମାନ୍ୟବନ୍ତ ବ୍ୟକ୍ତି ଥିଲେ । କି ଦେଶୀୟ କି ଇଂରେଜ ସମସ୍ତେ ତାଙ୍କୁ ଆଦର ଓ ସମ୍ମାନ କରୁଥିଲେ । ସେ ବ୍ୟବସ୍ଥାପକ ସଭାର ମେମ୍ବର ଓ ଭାରତବର୍ଷୀୟ ସଭାର ସଭାପତି ଥିଲେ । ସ୍ୱଦେଶର ଉନ୍ନତି ପକ୍ଷରେ ତାଙ୍କର ଏକାନ୍ତ ଯତ୍ନ ଥିଲା ତାଙ୍କର ଗୁଣ ଗାଇଲେ ଗୋଟିଏ ପୋଥି ହେବ । ଦୁର୍ଭିକ୍ଷ ସମୟରେ ସେ ଓଡ଼ିଶାର ଅନେକ ଉପକାର କରିଥିଲେ ଓ ତଦ୍ଦ୍ୱାରେ ଅର୍ଥାତ୍ ସାତ ଆଠବର୍ଷ ପୂର୍ବେ ସେ ଯେବେ ଏଠାରେ ବର୍ତ୍ତମାନ ହୋଇଥିଲେ ତାଙ୍କ ସମ୍ମାନାର୍ଥ ଓ ଏ ଦେଶୀୟ ଲୋକଙ୍କର କୃତଜ୍ଞତା ଦେଖାଇବା ନିମିତ୍ତ ଶ୍ରୀ ବାବୁ ଜଗନ୍ମୋହନ ରାୟଙ୍କ ବସାଠାରେ ସମାରୋହ ପୂର୍ବକ ମଜଲିସ ହୋଇଥିଲା ଓ ନୃତ୍ୟ ଗୀତ ଇତ୍ୟାଦି ଶେଷରେ ରାଜା ମହୋଦୟଙ୍କୁ ସେହି ସଭାରେ ଅଭିନନ୍ଦନପତ୍ର ଦିଆ ଯାଇଥିଲା । ଏପରି ମହାତ୍ମାଙ୍କର ମୃତ୍ୟୁ ଅତିଶୟ ସନ୍ତାପର ବିଷୟ ସନ୍ଦେହ ନାହିଁ ।

ଦିଗମ୍ବରବାବୁଙ୍କର ବୟସ ୭୬ବର୍ଷ ହୋଇଥିଲା ତାଙ୍କର ଏକମାତ୍ର ପୁତ୍ର ବାବୁ ଗିରୀଶ୍ଚନ୍ଦ୍ରମିତ୍ର ଦୁଇ ତିନିବର୍ଷ ପୂର୍ବେ ଘୋଡାରୁ ପଡି କାଳଗ୍ରାସରେ ପତିତ ହୋଇଥିଲେ । ସେ ଦୁର୍ଘଟନା ବାବୁମହୋଦୟଙ୍କ ମନୋବେଦନା ଜାତ କରିଥିଲା ଓ ସେହିଦିନୁ ତାଙ୍କର ତାଦୃଶ ପ୍ରଫୁଲ୍ଲଚିତ୍ତ ନ ଥିଲା; ବୟୋଧିକ ସମୟରେ ତାହାହିଁ ଶାରୀରିକ ବେଦନା ଜନ୍ମାଇବାର ଯଥେଷ୍ଟ କାରଣ ଅଟେ । କିଛିଦିନ ହେଲା ସେ ପୀଡିତ ହୋଇ ଅବଶେଷେ ସଂସାରରୁ ପ୍ରସ୍ଥାନ କଲେ । ତାଙ୍କର ଅଳ୍ପବୟସ୍କ ଦୁଇ ନାତି ଅଛନ୍ତି ଏହାଙ୍କଯୋଗେ ତାଙ୍କର କୁଳ ରକ୍ଷା ହୋଇଅଛି ଆଉ ଯଦି ସେମାନଙ୍କ ଯୋଗେ ସେ ଘରର ମାନ ମର୍ଯ୍ୟାଦା ଓ ଖ୍ୟାତି ରକ୍ଷା ହୁଏ ତେବେ ସୁଖରବିଷୟ ଅମ୍ଭେମାନେ ମନାସୁଅଛୁଁ ନାତିମାନେ ଅଜାଙ୍କ ତୁଲ୍ୟ ଗୁଣବନ୍ତ ଓ ଖ୍ୟାତିମନ୍ତ ହେଉନ୍ତୁ ।

ଦିଗମ୍ବରବାବୁ ଆପଣା ଯତ୍ନ ଓ ପରିଶ୍ରମରେ ଯେ କେବଳ ଆପଣାର ଅତୁଲ ସମ୍ପତ୍ତି କରିଥିଲେ ଏମନ୍ତ ନୁହେ ସେ ଜନସାଧାରଣ ଓ ଦେଶର ଉପକାର ପକ୍ଷରେ ଏକାନ୍ତ ଚେଷ୍ଟିତ ଥିଲେ । ଗତ ୨୦ କି ୨୫ ବର୍ଷ ମଧ୍ୟରେ ବଙ୍ଗ ବା ଭାରତବର୍ଷ ସଙ୍କ୍ରାନ୍ତରେ ଏପରି କିଛି ବିଷୟ ହୋଇ ଯାଇନାହିଁ କି ଯହିଁରେ ସେ ଯତ୍ନବାନ ହୋଇ ନାହାନ୍ତି । ଗବର୍ଣ୍ଣମେଣ୍ଟ ତାଙ୍କର ସତ୍କାର୍ଯ୍ୟରେ ସନ୍ତୁଷ୍ଟ ହୋଇ ତାଙ୍କୁ ରାଜା ଇତ୍ୟାଦି ସମ୍ମାନର କେତେକ ପଦ ପ୍ରଦାନ କରିଥିଲେ । ବିଦ୍ୟା, ବୁଦ୍ଧି, ଜ୍ଞାନ, ଚତୁରତା ଓ ଦେଶର ହିତ ସାଧନରେ ତାଙ୍କତୁଲ୍ୟ ଆଉ ଜଣେ ହେବାର ସହଜ ନୁହେ । ଦାନଶୀଳତାରେ ମଧ୍ୟ ବାବୁମହୋଦୟ ଊଣା ନ ଥିଲେ । ଡେଲିନ୍ୟୁସ ପତ୍ରିକା ବୋଲନ୍ତି ସେ ଦେଶୀୟ ଲୋକଙ୍କ ମଧ୍ୟରେ ଅଲଙ୍କାର ଓ ସେମାନଙ୍କର ଉପଯୁକ୍ତ ପ୍ରତିନିଧିସ୍ୱରୂପ ଥିଲେ । ଏ ସମୟରେ ତାଙ୍କର ମୃତ୍ୟୁ ଭାରତବର୍ଷୀୟ ସଭା, ଗବର୍ଣ୍ଣମେଣ୍ଟ ଓ ସର୍ବସାଧାରଣଙ୍କ ପ୍ରତି ହାନିକର ଅଟେ । ଏ ଦୁର୍ଘଟନାକୁ ଦେଶର ଦୁର୍ଭାଗ୍ୟ ବୋଲିବାକୁ ହେବ । ସତେ କି ତାଙ୍କପରି ଆଉ କେହି ବାହାରିବେ !!

———

## ଯୁଦ୍ଧସମାଚାର ।

### କାବୁଲ ।

ତା ୧୫ ରିଖ ଅପ୍ରେଲ— ସର ସାମ ବ୍ରାଉନ ସାହେବଙ୍କ ପ୍ରତି ଆଜ୍ଞା ହୋଇଅଛି କି ସେ କାବୁଲକୁ ଚଢାଉ କରିବା ନିମିତ୍ତ ପ୍ରସ୍ତୁତ ଥିବେ ।

ତା ୧୮ ରିଖ— ହିରାଟରେ ଥିବା ଅମୀରଙ୍କ ସୈନ୍ୟମାନେ ଆପଣା ଘରକୁ ପଳାଉ ଅଛନ୍ତି ଜମିନ୍ଦାଓ୍ୱାର ଓ ଅନ୍ୟ କେତେକ ସ୍ଥଳରେ କିଛି ଗଣ୍ଡଗୋଳ ନାହିଁ । ଗିରିସ୍କରେ ଘାଟି ପୁନଃ ସଂସ୍ଥାପନ ହୋଇଅଛି ।

### ଜୁଲୁ

ଏକୋଇ ଉଦ୍ଧାରନିମିତ୍ତ ଗତ ମାର୍ଚ୍ଚମାସ ତା ୨୮ ରିଖରେ ସୈନ୍ୟଗଣ ନେଟଲରୁ ଯାତ୍ରା କଲେ । ଏ ସୈନ୍ୟଙ୍କ ସଂଖ୍ୟା ଛଅସହସ୍ର । ଅଗ୍ରଭାଗର ଅଧ୍ୟକ୍ଷ କର୍ଣ୍ଣେଲ ଲ ସାହେବ ଓ ପଶ୍ଚାଦ୍ଭାଗର କର୍ଣ୍ଣେଲ ପେମ୍ବରଟନ ସାହେବ । ଏକୋଇରୁ କର୍ଣ୍ଣେଲ ପିଅରସନ ସାହେବ ତା୨୭ ରିଖରେ ସମ୍ବାଦ ଦେଇଅଛନ୍ତି ଯେ ଦୁର୍ଗସୈନ୍ୟଙ୍କ ମଧ୍ୟରୁ ଦୁଇଶତ ଅପାରଗ ହୋଇଅଛନ୍ତି କେବଳ ପାଞ୍ଚଶତ କର୍ମକ୍ଷମ ଅଛନ୍ତି ଏମାନଙ୍କ ସଙ୍ଗେ ଯୁଝିବାପାଇଁ ୩୫୦୦୦ଜଣ ଜୁଲୁ ପ୍ରସ୍ତୁତ ଅଛନ୍ତି ।

ଆଉରି ସମ୍ବାଦ ଆସିଅଛି ଯେ ଲୁନବର୍ଗ ନିକଟରେ କର୍ଣ୍ଣେଲ ଉଡସାହେବଙ୍କ ଛାଉଣିକୁ କୋଡିଏସହସ୍ର ଜୁଲୁ ଆକ୍ରମଣ କରିଥିଲେ ମାତ୍ର ୨ଘଣ୍ଟା ଯୁଦ୍ଧକରି ପଳାଇଲେ । ଇଙ୍ଗରେଜଙ୍କର ଜ୭ଣ କର୍ମଚାରୀ ଓ କି ୭୦ ଣ ସେନା ହତ ହୋଇ ଅଛନ୍ତି ।

### ବ୍ରହ୍ମା ।

ତା ୧୯ ରିଖର ଡେଲିନ୍ୟୁସରେ ଲେଖାଅଛି ଯେ ରଙ୍ଗୁନରୁ ତା ୧୭ ରିଖରେ ତାଁରଡାକ ସମ୍ବାଦ ଆସିଅଛି କି ମଣ୍ଡାଲେରେ ଯୁଦ୍ଧର ଭାରି ଆୟୋଜନ ହେଉଅଛି । କମନଲକୁ ଗୃଧରେ ସୈନ୍ୟ ଯାଉଅଛନ୍ତି ଓ ସେଠାର ବୃଦ୍ଧ ଗବର୍ଣ୍ଣର ପରିବର୍ତ୍ତେ ଜଣେ ଯୋଦ୍ଧା ଗବର୍ଣ୍ଣର ନିଯୁକ୍ତ ହୋଇଅଛନ୍ତି । ରାଜା ନାନାଦି ଛଳନାରେ ଅର୍ଥ ସଂଗ୍ରହ କରୁଅଛନ୍ତି । ମଣ୍ଡାଲେରେ ଦୁଇଜଣ ରୁସୀୟ ପ୍ରବେଶ ହେବାର କଥା ଅଛି ।

ତା୧୯ରିଖ ଅପ୍ରେଲରେ ମଣ୍ଡାଲେରୁ ସମ୍ବାଦ ଆସିଅଛି ଯେ ବ୍ରହ୍ମାର ରାଜା ଥଇବା ରାଜସଭାରେ ପ୍ରକାଶ କରିଅଛନ୍ତି ଯେ ସେ ଭବିଷ୍ୟରେ ଇଙ୍ଗରେଜଙ୍କ କଥା ମାନିବାର ମନସ୍ଥ କରିଥିଲେ କିନ୍ତୁ ଏଣିକି ସେ ଆଉ ଇଙ୍ଗରେଜଙ୍କ କଥା ଶୁଣିବେ ନାହିଁ କମ୍ପା ମେଲର କିଛି ପ୍ରସ୍ତାବ କରିବେ ନାହିଁ । ଏପରି ଅବସ୍ଥାରେ ଯୁଦ୍ଧ ହେବାର ଅସମ୍ଭବ ନୁହେ । ରାଜାଙ୍କର ଏ ଦୁର୍ବୁଦ୍ଧି କାହିଁକି ହେଲା ।

———

## ଖାସମହାଲ ।

ବୋର୍ଡର ମେମ୍ବର ମାନ୍ୟବର ଶ୍ରୀଯୁକ୍ତ ଡାମ୍ପୀୟର ସାହେବ କଟକରେ ବର୍ତ୍ତମାନ ଥିବା ବେଳେ ଏ ନଗର ଖାସମହାଲ ବନ୍ଦୋବସ୍ତ ବିଷୟ ଶୁଣି ତହିଁ ପକ୍ଷରେ ଆପଣାର ମତ ପ୍ରକାଶ କରି ଥିବାର ଅମ୍ଭେମାନେ ଏଥି ପୂର୍ବେ ପାଠକମାନଙ୍କୁ ଜଣାଇ ଅଛୁଁ । କିଛିଦିନ ପୂର୍ବେ ଆମ୍ଭମାନଙ୍କ କଲେକ୍ଟର ସାହେବ କେତେକ ବଜାରର ରଏତଙ୍କ ଅବସ୍ଥା ତଦନ୍ତ କରିବାର ଦେଖି ଅମ୍ଭେମାନେ ଅନୁସନ୍ଧାନ ପୂର୍ବକ ଅବଗତ ହେଲୁଁ ଯେ ଶ୍ରୀଯୁକ୍ତ ଡାମ୍ପୀୟର ସାହେବ କଲିକତାରେ ପ୍ରବେଶ ହୋଇ କଟକ ଖାସମହାଲ ବନ୍ଦୋବସ୍ତ ବିଷୟରେ କଲେକ୍ଟରଙ୍କଠାରୁ ରିପୋର୍ଟ ତଲବ କରିଅଛନ୍ତି । ଏଥିରେ ଅମ୍ଭେମାନେ ଅତି ଆନନ୍ଦିତ ହେଲୁଁ, ବୋଧ କରୁଁ ବନ୍ଦୋବସ୍ତସମୟରେ ଡାମ୍ପୀୟର ସାହେବ ବୋର୍ଡରେ ଥିଲେ କଟକର ଏପରି କଡା ବନ୍ଦୋବସ୍ତ କଦାପି ଗ୍ରାହ୍ୟ କରି ନ ଥାନ୍ତେ । ବର୍ତ୍ତମାନ ମଧ୍ୟ ପ୍ରତୀକାର ତାଙ୍କ ହସ୍ତରେ ଅଛି ଓ ବିନା ଆବେଦନରେ କେବଳ ଲୋକଙ୍କଠାରୁ ଶୁଣି ସେ ଯେ ରିପୋର୍ଟ ତଲବ କରିଅଛନ୍ତି ଏଥିରୁ ସମ୍ପୂର୍ଣ୍ଣ ଆଶା ହୁଏ ଯେ ଦୁଃଖୀ ପ୍ରଜାଙ୍କ

Digitized by srujanika@gmail.com

ଦୁର୍ଦ୍ଦଶା ଦୂରୀକୃତ ହେବ । କିନ୍ତୁ ସ୍ଥାନୀୟ କର୍ମଚାରୀମାନେ ପ୍ରକୃତ ଅବସ୍ଥା ଜଣାଇଲେତ ହେବ । କାଲିନ ସାହେବ ଯେପରି ବିବେଚ୍ଚା ବୁଦ୍ଧିମାନ୍ ଓ ଦୟାଳୁ ସେ ଅବଶ୍ୟ ଦୁଃଖିଙ୍କପ୍ରତି ଦୟା ପ୍ରକାଶିବେ । କେବଳ ଦୟାର କଥା ନୁହେ, ଗବର୍ଣ୍ଣମେଣ୍ଟଙ୍କର ପ୍ରକୃତ ଲାଭପ୍ରତି ମଧ୍ୟ ଦୃଷ୍ଟି ରଖିବାର ଆବଶ୍ୟକ । ଏ କଥାରେ କେହି୨ ବୋଲିବେ ଜମା ଯେତିକି ଅଧିକ ହେବ ସେତିକି ଗବର୍ଣ୍ଣମେଣ୍ଟଙ୍କର ଲାଭ ପ୍ରଜାଙ୍କପ୍ରତି ଦୟା ଓ ସରକାରଙ୍କର ଲାଭପ୍ରତି ଦୃଷ୍ଟି ଏ ଦୁହେଁ ଅସଙ୍ଗତ । ଆମ୍ଭେମାନେ କହୁଁ ଏହା କଦାପି ଅସଙ୍ଗତ ନୁହେ ପ୍ରଜାଙ୍କପ୍ରତି ଦୟା ନ ପ୍ରକାଶିଲେ ପରଶେଷେ ଗବର୍ଣ୍ଣମେଣ୍ଟଙ୍କର ହାନି ହେବାର ସମ୍ଭାବନା, କାରଣ ନିକଟବର୍ତ୍ତୀ ଜମିଦାରୀ ଓ ଲାଖରାଜ ନିରଖପ୍ରତି ଖାସମାହାଲର ଦର ଦୁଇଗୁଣରୁ କୋଡିଏଗୁଣ ପର୍ଯ୍ୟନ୍ତ ଅଧିକ ଅଟେ ଓ ଏଥିର କେତେକ ଦୃଷ୍ଟାନ୍ତ ଆମ୍ଭେମାନେ ପୂର୍ବେ ଦେଖାଇ ଅଛୁଁ । ଦୁଃଖୀ ପ୍ରଜାଏ ଏତେ ଉଚ୍ଚଦର କତ ଦେଲେ ଦୁଇ ତିନିବର୍ଷ ଦେବେ ତେଣିକି ଛାଡି୨ ହେବେ । ନିକଟରେ ଅଳ୍ପ ଦରର ଜମି ଥାଉଁ୨ ସେମାନେ କାହିଁକି ଏତେ ଉଚ୍ଚଦରର ଜମିରେ ରହିବେ । କିଛିଦିନେ ଅଧିକାଂଶ ଦୁଃଖୀପ୍ରଜା ଖାସମହାଲରୁ ଯାଇ ଜମିଦାରୀରେ ରହିବାର ସମ୍ଭବ ଦିଶୁଅଛି । ଏହା ହେଲେ ପରଶେଷେ ସରକାରଙ୍କର ଅବଶ୍ୟ ହାନି ହେବ । ଦୁଃଖିପ୍ରଜାଙ୍କର ଯେତେ କଷ୍ଟ ହେବ ତାହା ବୋଲିବା ବାହୁଲ୍ୟ । ଅତଏବ ଆମ୍ଭେମାନେ ସ୍ଥାନୀୟ କର୍ମଚାରୀମାନଙ୍କୁ ଅନୁରୋଧ କରୁଅଛୁଁ ଯେ ଯେପରି ସରକାରଙ୍କର ପରଶେଷେ ତ୍ରୁଟି ନ ପଡେ ଓ ଦୁଃଖୀ ପ୍ରଜାଙ୍କର କଷ୍ଟ ନ ହୁଏ ସେପରି ସଂଶୋଧିତ ଜମା ଧାର୍ଯ୍ୟ କରନ୍ତୁ । ଜମିଦାରମାନେ ଅଧିକ ଜମା କଲେ ଗବର୍ଣ୍ଣମେଣ୍ଟ କର୍ମଚାରୀମାନେ ସେମାନଙ୍କୁ ଦୋଷୀ କରନ୍ତି ମାତ୍ର ଏ ନଗର ବନ୍ଦୋବସ୍ତରେ ସେମାନଙ୍କୁ ବଳି ଅଛନ୍ତି ।

ଏ ବନ୍ଦୋବସ୍ତର ଆଉ ଗୋଟିଏ ମନ୍ଦଫଳ ଏହି ଯେ ଖାସମାହାଲ ଅନ୍ତର୍ଭୁକ୍ତ ଅନେକ ଲାଖରାଜ ବାଜେୟାପ୍ତି ଜମି ଅଛି; ପୂର୍ବ ବନ୍ଦୋବସ୍ତରେ ସେଥିର ଜମା ନାମ ମାତ୍ର ଥିଲା । ବର୍ତ୍ତମାନ ସେ ଜମି ସବୁର ଜମା ଅନେକ ବଢିଅଛି ପ୍ରାୟ ଦଶଗୁଣ ହେବ କେଉଁ୨ ସ୍ଥଳେ ଏଥିରୁ ମଧ୍ୟ ଅଧିକ । ଜମି କର୍ତ୍ତାମାନେ କଣ କରୁଅଛନ୍ତି କି ସେମାନଙ୍କର କର ଯେତେ ଗୁଣ ବୃଦ୍ଧି ହୋଇଅଛି ସେତେ ଗୁଣ ବୃଦ୍ଧି ଜମା ସେମାନଙ୍କ ରଏତଙ୍କଠାରୁ ତଲବ କରୁଅଛନ୍ତି । ଏଥିରେ ଖାସମାହାଲ ରଏତଙ୍କ ଅପେକ୍ଷା ସେମାନଙ୍କ ଜମା ଅନେକ ଅଧିକ ହେଉଅଛି ଓ ସେମାନେ ଅସ୍ତବ୍ୟସ୍ତ ହୋଇ ଗୁହାରି କରି ବୁଲୁଅଛନ୍ତି ଓ କେହି୨ ଜଗନ୍ମୋହନ ବାବୁ ଡେପୋଟିଙ୍କ ନିକଟରେ ଦରଖାସ୍ତ ମଧ୍ୟ ଦେଇ ଥିଲେ । ବାଜେୟାପ୍ତି ଜମି ଅଧିକାରୀମାନଙ୍କର ଏପରି କର ବୃଦ୍ଧି ଅତି ଅନ୍ୟାୟ ସନ୍ଦେହ ନାହିଁ କିନ୍ତୁ ବନ୍ଦୋବସ୍ତ ସେମାନଙ୍କୁ ଏଥିରେ ପ୍ରବର୍ତ୍ତାଇ ଅଛି । ଯାହା ହେଉ କର୍ତ୍ତୃପକ୍ଷମାନଙ୍କୁ ଉଚିତ ଯେ ସେମାନେ ଏଥିରେ ଦୃଷ୍ଟି ରଖି ଦୁଃଖୀ ଓ ଅସହାୟ ପ୍ରଜାଙ୍କୁ ବାଜେୟାପ୍ତଦାରଙ୍କର ଏପରି ଅନ୍ୟାୟ ଦାୟରୁ ରକ୍ଷା କରନ୍ତୁ । ଏଥିର ବିପରୀତ କେତେକ ଦୁଷ୍ଟ ରଏତ ବାଜେୟାପ୍ତିଦାରଙ୍କୁ ଆଦୌ କିଛି ଅଧିକ ଖଜଣା ଦେଉ ନାହାନ୍ତି ଏହା ମଧ୍ୟ ଅନ୍ୟାୟ । ଆମ୍ଭମାନଙ୍କ ବିବେଚନାରେ ଖାସମାହାଲର ରଏତି ଦରରେ ସେମାନଙ୍କର ଖଜଣା ଦେବାର ଉଚିତ ଓ ଲାଖରାଜଦାରଙ୍କର ତହିଁରୁ ଅଧିକ ଦାବି କରିବାର ଉଚିତ ନୁହେ । ଏଥିରେ ମଧ୍ୟ ସେମାନଙ୍କର କିଛି ଲାଭଅଛି କାରଣ ଖାସମାହାଲ ରଏତି ଦର ଅପେକ୍ଷା ବାଜେୟାପ୍ତି ଜମିର ଦର ଏକ ରେଣୀ ଊଣା । ଯେ ସ୍ଥଳେ ଖାସମାହାଲ ଦର ଅପେକ୍ଷା ଜମିଦାରୀ ଦର ଅନେକ ଊଣା ସେ ସ୍ଥଳେ ବାଜେୟାପ୍ତି ରଏତଙ୍କ ଦର ଖାସମାହାଲ ଦର ଅପେକ୍ଷା କୌଣସି ରୂପେ ଅଧିକ ହୋଇ ନ ପାରେ । ଅତଏବ କଲେକ୍ଟର ସାହେବ ଏହିପରି କିଛି ବ୍ୟବସ୍ଥା କରି ଦେଲେ ଉଭୟ ପକ୍ଷଙ୍କ ପକ୍ଷରେ ଭଲ ହେବ ।

---

## ସମାଲୋଚନା ।

ବାଲେଶ୍ୱରରେ ଚାଇଲ୍ଡ୍ସଫ୍ରେଣ୍ଡ୍ ( The child's Friend ) ନାମକ ପୁସ୍ତକଟିଏ ବାବୁ ରମାନାଥ ଦାସଙ୍କଦ୍ୱାରା ରଚିତ ଓ କ୍ରମେ ର ବୈକୁଣ୍ଠନାଥ ଦେଙ୍କଦ୍ୱାରା ପ୍ରକାଶିତ ହୋଇଅଛି । ଆମ୍ଭେମାନେ ପ୍ରକାଶକ ମହାଶୟଙ୍କଠାରୁ ଖଣ୍ଡିଏ ପୁସ୍ତକ ଉପହାର ପାଇ କୃତଜ୍ଞତାପୂର୍ବକ ସ୍ୱୀକାର କରୁଅଛୁଁ । ଏ ପୁସ୍ତକରେ ଇଂଗ୍ରାଜୀ ବ୍ୟାକରଣ ଓ ରଚନାର ସୂତ୍ରମାନ ଉଦାହରଣସହିତ ଇଂରେଜୀ ମିଶ୍ରିତ ଓଡିଆଭାଷାରେ ରଚିତ ହୋଇଅଛି ଅର୍ଥାତ୍ ବ୍ୟାକରଣର ଶବ୍ଦଇତ୍ୟାଦି ଇଙ୍ଗରେଜୀରେ ଓ କଥା ଓଡିଆରେ ଲେଖା ହୋଇଅଛି ଯଥା;– "Active verb ଥିଲେ ତାହା ପରେ objective case ଥିବ He loves ଏଠାରେ ସେ କଣ ଭଲ ପାଆନ୍ତି ତାହା ଲେଖିବା ଉଚିତ He loves his teacher" ଆଜିକାଲି ଇଙ୍ଗରେଜୀ ଶିକ୍ଷିତ ବ୍ୟକ୍ତିମାନେ ଯେପରି ଇଂରେଜୀ ଓ ଦେଶୀୟ ଭାଷା ମିଶା କଥା କହୁଅଛନ୍ତି ଏ ପୁସ୍ତକ ସେହି ପରି ହୋଇଅଛି ଅତଏବ ସେମାନଙ୍କର ବିଶେଷତଃ ଛାତ୍ରଙ୍କ ରୁଚିକୁ ଏହା ଅଧିକ ଯୋଗ୍ୟ ଓ ଶେଷୋକ୍ତଙ୍କର ବିଶେଷ ଉପକାରରେ ଆସିବ । ଗ୍ରନ୍ଥକର୍ତ୍ତା ବୋଲନ୍ତି ଇଂରେଜୀ ଭାଷା ସୁକଠିନ ଓ ସହଜରେ ଛାତ୍ରଙ୍କର ବୋଧଗମ୍ୟ ହେବାର ନୁହେ, ଏ ହେତୁ ସେ ପରିଶ୍ରମ ସ୍ୱୀକାର ପୂର୍ବକ ଅନେକ ପୁସ୍ତକରୁ ସାହାଯ୍ୟ ନେଇ ଏପ୍ରକାର ପୁସ୍ତକଟିଏ ରଚନା କରିଅଛନ୍ତି । ଆମ୍ଭମାନଙ୍କ ବିବେଚନାରେ ପୁସ୍ତକଟି ଉତ୍ତମ ହୋଇଅଛି ଓ ଛାତ୍ରମାନେ ତାହା ପଢିଲେ ଅବଶ୍ୟ ଫଳ ପ୍ରାପ୍ତ ହେବ । ମାତ୍ର ଏଥିର ମୂଲ୍ୟ ଏକଟଙ୍କା କିଛି ଅଧିକ ହୋଇଅଛି ।

---

## ସାପ୍ତାହିକସଂବାଦ ।

ଏଠାର ଫଉଜଦାରୀର ମୋହରର ବାବୁ ବାଳକୃଷ୍ଣଦାସଙ୍କର ବ ୫୭ ର୍ଷ ବୟସ ହେବାରୁ ତାଙ୍କୁ ଏହି ମାସରୁ ପେନସନ ନେବାର ଆଜ୍ଞା ହୋଇ ଅଛି । ବାଳକୃଷ୍ଣବାବୁ ବର୍ତ୍ତମାନ ଯେପରି ସବଳ ଅଛନ୍ତି ଆହୁରି ତିନ ଚାରି ବର୍ଷ କର୍ମ କରିପାରନ୍ତି । ସେ ଏହି ପ୍ରକାରର ସାର୍ଟିଫିକଟ ଡାକ୍ତର ସାହେବଙ୍କ ଠାରୁ ଆଣି ଆଉ କିଛି ଦିନ ଚାକରିରେ ରହିବାର ପ୍ରାର୍ଥନା କଲେ ମାତ୍ର ତାଙ୍କ କଥା କଲେକ୍ଟରଙ୍କଠାରୁ ଗବର୍ଣ୍ଣମେଣ୍ଟ ପର୍ଯ୍ୟନ୍ତ କେହି ଶୁଣିଲେ ନାହିଁ । ଏଥିରେ ମୋହରର ଓ ସରକାର ଉଭୟଙ୍କର କ୍ଷତି ଓ ଏହି ବିବେଚନାରେ ବାଅନର୍ଷର ଊର୍ଦ୍ଧ ବୟସ୍କ କର୍ମଚାରି ପାରଗ ଥିଲେ ତାକୁ ଆଉ କିଛି ଦିନ କାଳ ଚାକରିରେ ରଖିବାର ବିଧି ଅଛି ତଥାଚ ସମସ୍ତେ ଦାସଙ୍କୁ ନିରାଶ କଲେ ବଡ଼ ଆଶ୍ଚର୍ଯ୍ୟ ଓ ଦୁଃଖର ବିଷୟ ।

ଶ୍ରୀବାବୁ ଅନ୍ନଦାପ୍ରସାଦ ଘୋଷ ଏ ମାସ ତା୧୯ ରିଖରେ ଅସିଷ୍ଟାଣ୍ଟ କମିଶନର ପଦର ଭାର ଗ୍ରହଣ କଲେ ଓ ସେହିଦିନ ବାବୁ ପ୍ରାଣନାଥସିଂହ ଏଠାରେ ପ୍ରବେଶ ହୋଇ ଅନ୍ନଦାବାବୁଙ୍କ କର୍ମର ଭାର ନେଲେ ।

ଏଠାର ଜଏଣ୍ଟ ମାଜିଷ୍ଟ୍ରେଟ ହାଣ୍ଡଲସାହେବ ଦାଖଲ ଖାରିଜ ମକଦମାର ଅଫିସ ବିସ୍ତର ଉନ୍ନତର ଖର୍ଚ୍ଚା ପ୍ରାପ୍ତ ହୋଇଅଛନ୍ତି ।

ବାଲେଶ୍ୱରର ଏକଟିଂ ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଫ୍ଲିଟମୋର ସାହେବ ଦ୍ୱିତୀୟ ଶ୍ରେଣୀର ଅଫିସିଏଟିଂ ମାଜିଷ୍ଟ୍ରେଟ ନିଯୁକ୍ତ ହୋଇ ଅଛନ୍ତି ।

କାବୁଲଯୁଦ୍ଧ ବ୍ୟୟ ନିମିତ୍ତ ଗବର୍ଣ୍ଣମେଣ୍ଟ ବିଲାତରୁ ଦୁଇକୋଟି ଟଙ୍କା ବନାମୁଧରେ ଋଣ ଆଣିବେ । ଏହା ସାତବର୍ଷରେ କିସ୍ତିବନ୍ଦୀଦ୍ୱାରା ପରିଶୋଧିତ ହେବ ।

ବିଲାତରେ ବ୍ରାଉ ଓ କୋ ନାମକ କମ୍ପାନୀ ସୁରା ପ୍ରସ୍ତୁତ ଓ ବିକ୍ରୟଦ୍ୱାରା ଗତବର୍ଷ ବତ୍ସରାଏଶ ଲକ୍ଷଟଙ୍କା ଲାଭକରିଥିଲେ ।

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୪ ଶ
ସ ୧୮ ଖ୍ୟା

ତା ୩ ରଖ ମାହେ ମଇ ସନ ୧୮୭୯ ମସିହା । ମୂ । ବୈଶାଖ ଦ ୨୨ .ନ ସନ ୧୨୮୭ ସାଲ ଶନବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୨୯
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୨୭୯
ମଫସଲପାଁଇ ଡାକମାସୁଲ ଟ୧୪୵

ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ଇଚ୍ଛାନଗରର ମହାରାଜା ଏ ସଂସାର ତ୍ୟାଗ କରି ଦିବ୍ୟଧାମକୁ ଗମନ କରିଅଛନ୍ତି । ମହାରାଜା ଯେମନ୍ତ ବିବେଚକ ଓ ବଦାନ୍ୟ ଥିଲେ ତାହା କାହାରିକି ଅବିଦିତ ନାହିଁ ଏବଂ ଓଡିଶା ମଧ୍ୟ ତାହାଙ୍କ ବଦାନ୍ୟତାର ଫଳଭୋଗ କରୁଅଛି । ମହାରାଜାଙ୍କ ମୃତ୍ୟୁରେ ଭାରତବର୍ଷବାସି ସମସ୍ତେ ଦୁଃଖିତ ହେବେ ସନ୍ଦେହ ନାହିଁ । ଗତମାସ ତା ୨୮ ରଖରେ ଏ ଶୋକାବହ ଘଟନା ହେଲା ।

———

ଗତ ଲାଟବନ୍ଦୀ ସମୟରେ ପଥକର ଦାଖଲରେ ଗ୍ରେଡସେସ ଅମଲଙ୍କର ଅପହରଣ କଥା ଶୁଣାଯାଏ । ଜଣେ ମଧ୍ୟ ଦରଖାସ୍ତ ଦେଇଅଛି କି ସେ ପଥକର ଚଲାଣ ରେଜଷ୍ଟରୀ କରାଇବାକି କାରଣ ଗ୍ରେଡସେସ ମହକୁମାରେ ଦେବାରୁ ସେଠାର ମୋହରର ଓ ଚପରାସୀ ତାହାଠାରୁ ୪୦।୵ ରସୁମ ମାଗିଲେ ଓ ସେ ନ ଦେବାରୁ ଚଲାଣ ରେଜଷ୍ଟରୀ ନ କରି ଫେରାଇଦେଲେ । ଗ୍ରେଡସେସ କଚେରୀର ଭାରପ୍ରାପ୍ତ ଡେପୋଟୀ କଲେକ୍ଟର ଏ ଦରଖାସ୍ତ ପାଇ କଲେକ୍ଟର ସାହେବଙ୍କ ନିକଟକୁ ପଠାଇଦେଲେ । ସାହେବ ପ୍ରଶଂସିତ ତାହା ତଦନ୍ତ କରିବାକାରଣ ଆଦେଶ ଦେଇଅଛନ୍ତି । ପ୍ରଥମେ ପଥକର ଦ୍ୱିତୀୟେ ପ୍ରଦେଶୀୟ କର ତୃତୀୟେ ଆମଲକର ଓ କେଉଁ ସ୍ଥଳେ ପ୍ରଥମୋକ୍ତ ଦଇ କରରୁ ଶେଷୋକ୍ତ କର ଅଧିକ । ଏତେ କରରେ ଲୋକଙ୍କର କିପରି ନିର୍ବାହ ଚଳିବ । ଆମ୍ଭେମାନେ ଭରସାକରୁଁ କଲେକ୍ଟରସାହେବ ଏ କଥାର ତଦନ୍ତ କରି ପ୍ରମାଣ ପାଇଲେ ଦୋଷିବ୍ୟକ୍ତିମାନଙ୍କୁ ଯଥୋଚିତ ଦଣ୍ଡ ଦେବେ । ଏହା ହେଲେ ଅମଲକର କିଛିକି ନିବାରଣ ହୋଇ ପାରେ ।

———

ଓକାଲତନାମା ସମ୍ବନ୍ଧରେ ହାଇକୋର୍ଟ ଗତ ମାର୍ଚ୍ଚମାସ ତା ୩୧ ରଖ ଲିଖିତ ନ ୧୭ ମ୍ବର ସର୍କ୍ୟୁଲର ପ୍ରଚାର କରିଅଛନ୍ତି ତହିଁର ମର୍ମ ଏହି ଯେ ଓକିଲମାନେ ସ୍ୱୟଂ ମାମଲତକାର କିମ୍ବା ତାହାର କ୍ଷମତାପ୍ରାପ୍ତ ବ୍ୟକ୍ତି ବ୍ୟତୀତ ଅନ୍ୟ କାହାରିଠାରୁ ଓକାଲତନାମା ନେଇ ପାରିବେ ନାହିଁ । ଦେଓ୍ୟାନୀ ମକଦ୍ଦମାରେ କୌଣସି ମାମଲତକାର ପକ୍ଷରେ ଓକିଲ ନିଯୁକ୍ତ କରିବା କାର୍ଯ୍ୟ ସନ ୧୮୭୬ ସାଲର ଆ ୨୦ ଇନ ଅନୁସାରେ ଲିଖିତ ମୁକ୍ତିଆର ଭିନ୍ନ ଅନ୍ୟ କାହାରିଦ୍ୱାରା ହୋଇ ନ ପାରିବ ଓ ଓକିଲମାନେ ଅନ୍ୟ ବ୍ୟକ୍ତିଠାରୁ ଓକାଲତନାମା ନେଲେ ଦୋଷୀ ହେବେ । କୌଣସି ଓକିଲ ମାମଲତକାରଠାରୁ ଓକାଲତନାମା ନେଲେ ତାହାର ଲିଖିତ ବିଷୟରେ ମନୋଯୋଗୀ ହେବେ ଓ ଯଦି ମାମଲତକାର ପକ୍ଷରୁ ଅନ୍ୟ କେହି ଓକାଲତନାମା ଦିଏ ତେବେ ତାହାର ଏପରି କ୍ଷମତା ଅଛି କି ନା ଦେଖିବେ ।

ଏଥିକୁ ଆଉ ଏକ ପ୍ରଚଳିତ ପ୍ରଥା ଏହି ଯେ ମାମଲତକାରମାନେ ଓକାଲତନାମା ସ୍ୱାକ୍ଷର କରି ଆପଣା ଗୁମାସ୍ତା କି ବନ୍ଧୁ ବାନ୍ଧବଦ୍ୱାରା ଓକିଲ ନିକଟକୁ ପଠାଇ ଦିଅନ୍ତି ଓ ଓକିଲମାନେ ତାହା ଗ୍ରହଣ କରନ୍ତି । ଏବିଷୟରେ ହାଇକୋର୍ଟ କିଛି ସ୍ପଷ୍ଟ ଆଦେଶ ଦେଇ ନାହାନ୍ତି ଆମ୍ଭମାନଙ୍କ ବିବେଚନାରେ ଏହା ରହିତ କରିବାର ଉଚିତ ନୁହେ ଓ କଲେ ମାମଲତକାରଙ୍କର ବିଶେଷ କ୍ଷତି ହେବ ।

———

ଲୋକଙ୍କର ଅସୀମ ମୂଢ଼ତାର ଗୋଟିଏ ଦୃଷ୍ଟାନ୍ତ ଆମ୍ଭେମାନେ ବାଲେଶ୍ୱର ସମ୍ବାଦବାହିକାରୁ ଅବଗତ ହୋଇ ପାଠକମାନଙ୍କୁ ଜଣାଉଅଛୁଁ । ତାହା ଏହି—ମାସକତଳେ ଜଣେ ଠକ ବାଲେଶ୍ୱରକୁ ଅସି ଆପଣାକୁ " ଅନ୍ଧର ଚକ୍ଷୁଦାତା " ବୋଲି ପରିଚୟ ଦେଇ ମୋତିଗଞ୍ଜ ବଜାରରେ ଗାଦି ଜମାଇଲା । ତହୁଁ ତାହାଠାରୁ ଅନେକ ଅନ୍ଧ କଣା ଓ କ୍ଷୀଣଦୃଷ୍ଟିର ଲୋକେ ଦଉଡିଲେ ମୋଫସଲରୁ ଏପରି ଲୋକେ ଚୂଡା ଗୁଡଲ ବାନ୍ଧି ଅସି ମୋତିଗଞ୍ଜ ବଜାରରେ ରୁଣ୍ଡ ହେଲେ । ନଗରର ପ୍ରଧାନ୨ ବ୍ୟକ୍ତି ସୁଦ୍ଧା "ଚକ୍ଷୁଦାତାଙ୍କ" କଥାରେ ବିଶ୍ୱାସ କରି ଗୁଲଗାର ପ୍ରତୀକାର ଲୋଡିଲେ । ଲୋକଙ୍କ ଅମଦାନୀ ସଙ୍ଗେ୨ ଅର୍ଥର ଆମଦାନୀ ମଧ୍ୟ ଯଥେଷ୍ଟରୂପେ ହେଲା, ପ୍ରତିଦିନ ମୂଠା୨ ଟଙ୍କା ଚକ୍ଷୁଦାତାର କୋଠଭଣ୍ଡାରରେ ପଡିଲା ।

Digitized by srujanika@gmail.com

Split by PDF Splitter



ଯନ୍ତୁଁ ସେ ଠକ ଏହିପ୍ରକାରରେ ପାଞ୍ଚ ଛଅଶତ ଟଙ୍କା ଉପାର୍ଜନ କରନେଲ ଉନ୍ତୁଁ ଦନେ ଗୃହରେ ଲୁଚି ପଳାଇଲା ଅନ୍ୟ କଣା ଇଚ୍ଛାଧମାନେ କଣା ହୋଇ କର୍ମକୁ ଆଦର ରହିଲେ ।

ଡାକ୍ତରମାନେ ଚକ୍ଷୁ ଚିକିତ୍ସାରେ ଅତି ପ୍ରବୀଣ ଓ ଅନେକ ଚକ୍ଷୁରୋଗ ଆରୋଗ୍ୟ କରିବାର ଦେଖାଯାଉଅଛି ତଥାଚ ସେମାନଙ୍କଠାରେ ଲୋକଙ୍କର ବିଶ୍ୱାସ ହୁଏ ନାହିଁ କିମ୍ବା ସେମାନଙ୍କର ଚିକିତ୍ସା ଅଧିକ ଲୋଡନ୍ତି ନାହିଁ; ଜଣେ ଅପରିଚିତ ବିଦେଶୀ ଇତରଲୋକର ଏପରି ଅସମ୍ଭବ କଥାରେ ବିଶ୍ୱାସ ହେଲା ବଡ ଆଶ୍ଚର୍ଯ୍ୟ । ଲୋକଙ୍କର ଏତିକି ବୁଦ୍ଧି ବିବେଚନା ନାହିଁ, ଯେବେ ବାସ୍ତବରେ ସେ ବ୍ୟକ୍ତିର ଏତାଦୃଶ ଅଲୌକିକ ଶକ୍ତି ଥାନ୍ତା ତେବେ ସେ କାହିଁକି ଭିକ୍ଷାର୍ଥିଙ୍କ ପରି ଦେଶ ବିଦେଶ ବୁଲୁଥାନ୍ତା । ମୂଢ଼ତା ଓ କୁସଂସ୍କାର ଏପରି ଭ୍ରମର ମୂଳକାରଣ ।

———

ଗତମାସ ତା ୨୫ ରଖରେ ଏଠା କଲେଜ ଅନ୍ତର୍ଗତ ସ୍କୁଲର ଛାତ୍ରମାନଙ୍କ ବାର୍ଷିକ ପାରିତୋଷିକ ବିତରଣ ହୋଇଥିଲା । ପ୍ରତିବର୍ଷ ଏକାର୍ଯ୍ୟ ଯେପରି ସମାରୋହରେ ହୋଇଥାଏ ସେପରି ଏବର୍ଷ ହୋଇ ନାହିଁ । ଆଦୌ ଅଧିକ ନିମନ୍ତ୍ରଣପତ୍ର ବଣ୍ଟନ ହୋଇ ନାହିଁ, ଖଣ୍ଡିଏ ବିଜ୍ଞାପନ ବାହାରିଥିଲା ମାତ୍ର ପ୍ରାୟ ଅଧିକାଂଶ ଲୋକ ତାହା ଦେଖି ନାହାନ୍ତି । ଏହେତୁ ଅଥବା ସଭାର ସମୟ ପ୍ରାତଃ ଘ ୭ ଟିକା ଥିବା ଓ କଚେରିମାନ ପ୍ରାତଃକାଳେ ହେଉଥିବା ହେତୁ ଶିକ୍ଷାବିଭାଗର କର୍ମଚାରୀଙ୍କ ବ୍ୟତୀତ କେବଳ ତିନିଜଣ ଅର୍ଥାତ୍ ଶ୍ରୀଯୁକ୍ତ କମିଶ୍ନର ସାହେବ, ଲଟ ପାଦର ସାହେବ ଓ ବାବୁ ଶ୍ରୀନାଥ ଭଦ୍ର ଡେପୁଟୀକଲେକ୍ଟର ସଭାରେ ଉପସ୍ଥିତ ହୋଇଥିଲେ । ପ୍ରତିବର୍ଷ ସ୍କୁଲର ବାର୍ଷିକ ବିଜ୍ଞପନୀ ପାଠ ହୁଏ ଏବର୍ଷ ତାହା ସୁଦ୍ଧା ହୋଇ ନାହିଁ କେବଳ ପ୍ରିନ୍ସପଲ ଏଜର ସାହେବ ସ୍କୁଲସମ୍ବନ୍ଧୀୟ କେତେକ କଥା ସଂକ୍ଷେପରେ କହିଦେଲେ । ଉନ୍ତୁଁ ଶ୍ରୀଯୁକ୍ତ କମିଶ୍ନର ସାହେବ ପାରିତୋଷିକ ପୁସ୍ତକମାନ ବିତରଣ କଲେ ଓ ୭ । ୮ ଜଣ ଛାତ୍ର କିଛି୨ ପାଠ ଶୁଣାଇଲେ । ଏଥିରେ ମଧ୍ୟ ପୂର୍ବାପେକ୍ଷା ଅନେକ ଊଣା ଦେଖାଗଲା । ତଦୁତ୍ତାରେ କମିଶ୍ନର ସାହେବ ଗୋଟିଏ କ୍ଷୁଦ୍ର ବକ୍ତୃତା କଲେ ସେ କହିଲେ ସ୍କୁଲର ପ୍ରଥମଶ୍ରେଣୀରେ ଜ ୫୯ଣ ଛାତ୍ର ଥିବା ସ୍ଥଳେ କେବଳ ଜ ୧୧ ଣ ପରୀକ୍ଷାର୍ଥୀ ହେବା ଅତି ଅସନ୍ତୋଷଜନକ ଅଟଇ । ଭବିଷ୍ୟତରେ ଉତ୍ତମ ଶିକ୍ଷା କରି ପରୀକ୍ଷା ଦେବା ଓ ପୁରସ୍କାର ପାଇବା ବିଷୟରେ ଛାତ୍ରମାନଙ୍କୁ ଉତ୍ସାହ ଦେଇ ବକ୍ତୃତା ସମାପ୍ତ କଲେ । ଉନ୍ତୁଁ ସାହେବ ମହୋଦୟ ଉପସ୍ଥିତ ସଭ୍ୟମାନଙ୍କୁ କିଛି ବକ୍ତୃତା କରିବାପାଇଁ ପ୍ରାର୍ଥନା କଲେ । କିନ୍ତୁ କାହାର ମୁଖରୁ ପଦେ କଥା ବାହାରିଲା ନାହିଁ ବଡ ଆଶ୍ଚର୍ଯ୍ୟ । ଉନ୍ତୁଁ ସଭା ଭଙ୍ଗ ହେଲା ।

କମିଶ୍ନର ସାହେବଙ୍କର ବକ୍ତୃତା କ୍ଷୁଦ୍ର ହେଲେହେଁ ଅତି ଯଥାର୍ଥ ଅଟଇ । ବାହାରେ ଦେଖିବାକୁ ଗଲେ ଜ ୧୧ ଣ ପରୀକ୍ଷାର୍ଥିଙ୍କ ମଧ୍ୟରୁ ଜ ୧୦ ଣ ପରୀକ୍ଷୋତ୍ତୀର୍ଣ୍ଣ ହେବା ପ୍ରଶଂସାର ବିଷୟ, ମାତ୍ର ଭିତରେ ଦେଖିଲେ ଜ ୫୯ ଣଙ୍କ ମଧ୍ୟରୁ ଜ ୧୦ ଣ ପରୀକ୍ଷୋତ୍ତୀର୍ଣ୍ଣ ହେବା ଅବା ଜ ୧୧ ଣ ପରୀକ୍ଷାର୍ଥୀ ହେବା ଅପ୍ରଶଂସା, ଅସନ୍ତୋଷ ଓ ଅକ୍ଷେପର ବିଷୟ । ଏଥିରୁ ସ୍ପଷ୍ଟ ପ୍ରକାଶ ଯେ ସ୍କୁଲରେ ଶିକ୍ଷାକାର୍ଯ୍ୟ ଉତ୍ତମରୂପେ ହେଉ ନାହିଁ ଓ ଏଥିରେ ଶିକ୍ଷକ ଓ ଛାତ୍ର ଉଭୟଙ୍କର ଦୋଷ ଦିଶୁଅଛି । ସ୍କୁଲଟି କଲେଜ ପାଲଟି କଲେଜ ଭଲ ହେଲା ନା ସ୍କୁଲ ଭଲ ହେଲା ବରଂ ସ୍କୁଲଟି ଯେ ପୂର୍ବେ ଉତ୍ତମ ଥିଲା ତାହା ବର୍ତ୍ତମାନ ମଧ୍ୟମ ଅବସ୍ଥାକୁ ଲଭିଲା । ଏହା ଏକା ଆମ୍ଭମାନଙ୍କ ମତ ନୁହେ ସର୍ବସାଧାରଣଙ୍କର ଏହି ମତ ଓ ଭୂଦେବ ବାବୁ ମଧ୍ୟ କଲେଜ ଦେଖି ଏହି ପ୍ରକାର ମତ ପ୍ରକାଶ କରି ଯାଇଅଛନ୍ତି । ଏଥିର ପ୍ରତୀକାର ତାଙ୍କର ହସ୍ତରେ । ଆମ୍ଭେମାନେ ଲେଖି୨ ଥକିଲୁଣି ।

———

## ଯୁଦ୍ଧ ସମାଚାର ।

### ଜୁଲୁ ।

ଅପ୍ରେଲ ତା ୨୨ ରଖରେ ଲଣ୍ଡନରୁ ତାରଡାକ ସମ୍ବାଦ ଅସିଅଛି ଯେ ସେହି ମାସ ତା ୨ ରଖରେ ଏଗାରସହସ୍ର ଜୁଲୁ ଶିଂଧାଲୋଭରେ ଇଂରେଜଙ୍କୁ ଆକ୍ରମଣ କରି ଘୋର ଯୁଦ୍ଧ କଲେ ମାତ୍ର ସେମାନଙ୍କର ଜ ୧୨୦୦ ଣ ସେନା ମରିପଡିବାରୁ ଛିନ୍ନ ଭିନ୍ନ ହୋଇ ପଳାଇଲେ ଇଙ୍ଗରେଜଙ୍କର ଅଳ୍ପ କ୍ଷତି ହୋଇଅଛି । ଅପ୍ରେଲ ତା ୪ ରଖରେ ଅନେକ ସୈନ୍ୟ ଏକୋଇରେ ପ୍ରବେଶ ହୋଇ ପିଅରସନ ସାହେବଙ୍କୁ ଉଦ୍ଧାର କରି ଅଣିଲେ ମାତ୍ର ଇଂରେଜମାନେ ପରିଶେଷେ ଏକୋଇକୁ ପରିତ୍ୟାଗ କଲେ ।

ଲୁନବର୍ଗଠାରେ ଉଡ୍‌ସାହେବଙ୍କ ଛାଉଣି ଆକ୍ରମଣରେ ଇଂରେଜଙ୍କର ଜ ୨୨୦ ଣ ହତ ହୋଇଅଛନ୍ତି ଏଥି ମଧ୍ୟରେ କର୍ଣ୍ଣେଲ କପ୍ରାନ ସାହେବ ଇତ୍ୟାଦ ଜ ୧୪ ଣ କର୍ମଚାରୀ ମରିପଡଅଛନ୍ତି । ଜୁଲୁମାନଙ୍କର ଜ ୨୫୦୦ ଣ ହତ ହୋଇଅଛନ୍ତି ।

ଏଥିରୁ ଦେଖାଯାଏ ଯେ ଜୁଲୁମାନେ କାବୁଲି ପଠାଣଙ୍କ ପରି କେବଳ ଲଢାକ ନ ଥାଇ ଯୋଦ୍ଧା ଅଟନ୍ତି । ଇଂରାଜମାନେ ଯୁଦ୍ଧବିଦ୍ୟାରେ ଅଧିକ ନିପୁଣ ହେଲେହେଁ ଜୁଲୁମାନେ ତାଙ୍କ ସଙ୍ଗେ ଏପର୍ଯ୍ୟନ୍ତ ଏକପ୍ରକାର ସମସର ଯୁଦ୍ଧ କରୁଅଛନ୍ତି ଏଥିରୁ ଜଣାଯାଏ ଯେ ସେମାନେ ଯୁଦ୍ଧବିଦ୍ୟା କିଛି ଜାଣନ୍ତି ଓ ସାହସୀ ଅଟନ୍ତି । ଯାହା ହେଉ ପରିଶେଷେ ସେମାନେ ପରାସ୍ତ ହେବେ ଏଥିରେ ସନ୍ଦେହ ନାହିଁ ।

### କାବୁଲ

ଅପ୍ରେଲ ତା ୨୧ ରଖ ଲଣ୍ଡନ—ପାର୍ଲିମେଣ୍ଟର ଜନସାଧାରଣ ସଭାରେ ପ୍ରଧାନ ରାଜମନ୍ତ୍ରୀ ପ୍ରକାଶ କଲେ କାବୁଲ ନଗର ଆକ୍ରମଣାର୍ଥ ଆଜ୍ଞା ଦିଆ ଯାଇ ନାହିଁ ।

ଅପ୍ରେଲ ତା ୨୨ ରଖ—ମହାମାନ୍ୟ ଲାଟ ସାହେବ ବିଲାତକୁ ସମ୍ବାଦ ପଠାଇଅଛନ୍ତି ଯେ ଶ୍ରୀମତୀ ମହାରାଣୀ ଗଭର୍ଣ୍ଣମେଣ୍ଟଙ୍କ ଆଜ୍ଞା ବ୍ୟତୀତ କାବୁଲ ଆକ୍ରମଣ ହେବ ନାହିଁ ମାତ୍ର ଗଣ୍ଡମକ ଆକ୍ରମଣ କରି ଦିଆଯିବ କାରଣ ସେସ୍ଥାନର ଜଳବାୟୁ ଜଲାଲାବାଦ ଅପେକ୍ଷା ଭଲ ଅଟେ ଓ ସୈନ୍ୟମାନେ ଆଉ କିଛି ଅନ୍ତର ହୋଇ ଥିବେ ଯେ ଆବଶ୍ୟକ ହେଲେ କାର୍ଯ୍ୟରେ ଆସିବେ ।

ଅପ୍ରେଲ ତା ୨୩ ରଖ—ପାରସଦେଶୀୟ ସେନାମାନେ ମାସଦରୁ କାବୁଲ ଦେଶର ସୀମାପର୍ଯ୍ୟନ୍ତ ଆସୁଅଛନ୍ତି । ହୀରାଟରେ କାବୁଲି ଓ କାନ୍ଦାହାରର ସେନା ଦଳଙ୍କ ଉପରେ ଅବିଶ୍ୱାସ ହୋଇଅଛି ଓ ସେମାନଙ୍କ ସରଦାରମାନେ ବନ୍ଦୀ ହୋଇଅଛନ୍ତି ।

ତା ୨୫ ରଖ—ମେଜର କାଭାନର ସାହେବ ସ୍ୱୟଂ ଯାକୁବଖାଁଙ୍କ ସଙ୍ଗେ ସନ୍ଧିର ପ୍ରସ୍ତାବ କରିବା ସକାଶେ କାବୁଲକୁ ଯାତ୍ରା କରିଅଛନ୍ତି ।

ଏହି ତାରିଖରେ କମଦଖା ଗ୍ରାମବାସିମାନଙ୍କୁ ମୋମୁନ୍ଦସମାନଙ୍କ ଅତ୍ୟାଚାରରୁ ରକ୍ଷା କରିବା କାରଣ ଦୂଇକମ୍ପାନୀ ସିପାହି ସେଠାକୁ ଯାଇଥିଲେ । ଜ ୧୨୦୦ ଣ ମୋମୁନ୍ଦସ ସେମାନଙ୍କୁ ଘେରିଗଲେ କିନ୍ତୁ ଆଉ ସୈନ୍ୟ ପ୍ରବେଶ ହେବାରୁ ସେମାନେ ପଳାଇଲେ । ସେମାନଙ୍କର ଜ ୧୪ ଣ ହତ ଓ ଜ ୧୭ ଣ ଆହତ ହୋଇ

Digitized by srujanika@gmail.com

Split by PDF Splitter



ଅଛନ୍ତି । ଇଂରେଜଙ୍କର ଜ ୨୫ ଣ ଅଘାତ ପ୍ରାପ୍ତ ହୋଇଅଛନ୍ତି ।

ଶୁଣାଯାଏ ଯ୍ୟାକୁବଖାଁ ସନ୍ଧି ପ୍ରସ୍ତାବରେ ସମ୍ମତ ହେଉ ନାହାନ୍ତି କାରଣ ଆମ୍ଭମାନଙ୍କର ଗବର୍ଣ୍ଣମେଣ୍ଟ ଖାଇବାର ଘାଟି, କାନ୍ଦାହାର ଇତ୍ୟାଦି ଅନେକ ସ୍ଥାନ ନେବାକୁ ଚାହାନ୍ତି । ଏ ହେତୁ ଯ୍ୟାକୁବଖାଁ ଆପଣା ପାରୁ ପର୍ଯ୍ୟନ୍ତ ଯୁଦ୍ଧ କରିବାକୁ ସ୍ଥିର କରି ଜଗଡଲକରେ ୧୬୦୦୦ ସେନା ଓ ୪୦ ଗୋଟା ତୋପ ରଖିଅଛନ୍ତି । ବୋଧ ହୁଏ ନିକଟରେ ବଡ଼ ଯୁଦ୍ଧ ହେବ ।

---

## ମାଦକସେବନ—ନିବାରଣୀ ସଭା ।

ପ୍ରାୟ ପନ୍ଦରବର୍ଷ ପୂର୍ବେ ସୁବିଖ୍ୟାତ ଶ୍ରୀ ବାବୁ ପ୍ୟାରୀଚରଣ ସରକାରଙ୍କ ଯତ୍ନରେ କଲିକତାରେ ଏହି ପ୍ରକାର ସଭାଟିଏ ସଂସ୍ଥାପନ ହୋଇ ଥିଲା ଓ ତହିଁର ଶାଖାସଭାମାନ ଅନେକ ସ୍ଥାନରେ ହୋଇ ଥିଲା ତହିଁ ମଧ୍ୟରେ କଟକ ମଧ୍ୟ ଥିଲା । ଏଠାରେ ପ୍ରଥମରେ ଶାଖାସଭା ଅତି ସମାରୋହରେ ଚଳିଲା । ପ୍ରତି ଅଧିବେଶନରେ ଅନେକ ଲୋକ ଉପସ୍ଥିତ ହେଉଥିଲେ ଓ ସେଥିର ପ୍ରଧାନ ଉଦ୍ଦେଶ୍ୟ ସୁରାପାନ ନିବାରଣ ଥିବାରୁ ହିନ୍ଦୁମତାବଲମ୍ବିମାନେ ସେଥିରେ ବିଶେଷ ଯୋଗ ଦେଇଥିଲେ କି ପ୍ରାଚୀନ କି ନବ୍ୟ ଉଭୟ ସମ୍ପ୍ରଦାୟର ଅନେକ ଲୋକ ସଭ୍ୟଶ୍ରେଣୀରେ ଭୁକ୍ତ ହୋଇ ପ୍ରତିଜ୍ଞା ପତ୍ର ସ୍ୱାକ୍ଷର କରିଥିଲେ । ପ୍ରାୟ ପ୍ରତିସଭାରେ ସଭାପତି ବାବୁ ହରଚନ୍ଦ୍ର ଘୋଷ ସୁରାପାନ ବିପକ୍ଷରେ ସୁମଧୁର ରଚନାମାନ ପାଠ କରୁଥିଲେ ଓ ତହିଁରେ ସଭ୍ୟମାନେ ଅତି ପ୍ରୀତ ହେଉଥିଲେ । ଏହି ଏପ୍ରକାରରେ ପ୍ରାୟ ଏକବର୍ଷ ସଭା ଉତ୍ତମରୂପେ ଚଳିଲା କିନ୍ତୁ କଟକର ରୀତିରେ ସଭା ଟେକିବାର ମହାକଷ୍ଟ, କିଛି ଦିନେ ସେ ସଭା ଲୋପ ହେଲା ଆଉ ତହିଁର ନାମସ୍ମୃତି ଶୁଣା ଗଲା ନାହିଁ ।

ବର୍ତ୍ତମାନ ଏପରି ସଭାଟିଏ ଏଠାରେ ସଂସ୍ଥାପନ ହେବାର ଉଦ୍‌ଯୋଗ ହେଉଅଛି । ଏପରି ସଭା ଯେ ନିତାନ୍ତ ଆବଶ୍ୟକ ଏହା ବୋଲିବା ବାହୁଲ୍ୟ । ପନ୍ଦରବର୍ଷ ପୂର୍ବ ଅପେକ୍ଷା ବର୍ତ୍ତମାନ ମାଦକ ସେବନ ଅନେକ ବୃଦ୍ଧି ହୋଇଅଛି । ମଦ୍ୟ ଓ ମଦତ ଏ ଦୁହେଁ ପ୍ରଧାନ ହୋଇଅଛନ୍ତି ଏହାଙ୍କର ରାଜତ୍ୱ କ୍ରମେ ବିସ୍ତାର ହେଉଅଛି । ଏ ଦୁହେଁ ଏତେ ପ୍ରବଳ ଏତେ ପ୍ରତାପଶାଳୀ ଯେଉଁ ଦିଗ ଆକ୍ରମଣ କରୁଅଛନ୍ତି ସେଠାରେ ଜୟଲାଭ କରୁଅଛନ୍ତି ସେ ଦିଗ ତାଙ୍କର ବଶୀଭୂତ ହେଉଅଛି ଓ ସହଜରେ ତାଙ୍କର ରାଜତ୍ୱ ସ୍ଥାପନ ହେଉଅଛି । ସେ ଦୁହିଁଙ୍କ ରାଜତ୍ୱରେ ଆମ୍ଭେମାନେ ହିଂସକ ନୋହୁଁ କିନ୍ତୁ ସେମାନେ ଆପଣାର ପ୍ରଜାମାନଙ୍କୁ ନ ପାଳି ପ୍ରପୀଡ଼ିତ କରୁଥିବାରୁ ଆମ୍ଭମାନଙ୍କ ଦେହ ସହୁ ନାହିଁ । ପ୍ରଥମ ରାଜତ୍ୱରେ ସେମାନେ ପ୍ରଜାବର୍ଗଙ୍କୁ କିଛିଦିନ ବଡ ସୁଖ ଦେଖାଇ ଦିଅନ୍ତି ପଛକୁ ସେମାନଙ୍କ ଅର୍ଥ ପ୍ରାଣ ଶୋଷନ୍ତି । କେତେ ଲୋକଙ୍କୁ କଙ୍ଗାଳୀ କରି ଦିଅନ୍ତି କେତେ ଲୋକଙ୍କୁ ଚୋରିରେ ପ୍ରବର୍ତ୍ତାଇ ଜେଲଖାନାକୁ ପଠାନ୍ତି କେତେ ଲୋକଙ୍କର କେବଳ ଅସ୍ଥି ଚର୍ମ ରଖି ଦିଅନ୍ତି କେତେ ଲୋକଙ୍କୁ ଯମପୁରକୁ ପଠାନ୍ତି ଏହି ପ୍ରକାରରେ ନାନାଦି କଷ୍ଟ ନାନାଦି ଯନ୍ତ୍ରଣା ଦିଅନ୍ତି । ଯାହାଠାରେ କିଞ୍ଚିତ୍ ମନୁଷ୍ୟତ୍ୱ ଥିବ ସେ କିପ୍ରକାରେ ଏହା ସହ୍ୟ କରିବ ସେ ଏପରି ମାରାତ୍ମକ ରାଜାର ହସ୍ତରୁ ପ୍ରଜାବର୍ଗଙ୍କୁ ଉଦ୍ଧାର କରାଇବାର ଅବଶ୍ୟ ବାଞ୍ଛା କରିବ ଅବଶ୍ୟ ଚେଷ୍ଟା କରିବ । ଅତଏବ ଆମ୍ଭେମାନେ ଏପରି ଚେଷ୍ଟା ଦେଖି ଆନନ୍ଦିତ ହୋଇଅଛୁଁ ଓ ତହିଁର ବୃତ୍ତାନ୍ତ ପାଠକମାନଙ୍କୁ ନିମ୍ନେ ଜଣାଉ ଅଛୁଁ ଯଥା;—

ଗତ ଅପ୍ରେଲ ମାସ ତା ୨୬ ରିଖ ରାତ୍ରରେ ଏଠା କଲେଜ ଗୃହରେ କଟକ ଆସୋସିଏସନର କେତେକ ସଭ୍ୟଙ୍କ ଯତ୍ନରେ ଗୋଟିଏ ବିଶେଷ ସଭା ହୋଇ ଥିଲା । କିଛି କାରଣ ବଶରୁ ଆମ୍ଭେମାନେ ସଭାରେ ଉପସ୍ଥିତ ହୋଇ ପାରି ନାହୁଁ ମାତ୍ର ତହିଁର କାର୍ଯ୍ୟ ବିବରଣ ବିଶ୍ୱସ୍ତ ସୂତ୍ରେ ଅବଗତ ହୋଇଅଛୁଁ । ସେ ଅଧିବେଶନରେ ଉତ୍କଳରେ ମାଦକ ଦ୍ରବ୍ୟ ବ୍ୟବହାର ନିବାରଣ କରିବାକାରଣ 'Temprance Fraternity' ନାମକ ଗୋଟିଏ ସଭା ସଂସ୍ଥାପନ କରିବାର ସ୍ଥିର ହେଲା ଓ ତହିଁର କାର୍ଯ୍ୟ ଚଳାଇବା ସକାଶେ ଗୋଟିଏ ବିଶେଷ କମିଟି ନିଯୁକ୍ତ କରା ଗଲା । ମାଦକ ସେବନ ନିଷେଧପକ୍ଷରେ ନାନାଦି ଉପାୟମାନ କରା ଯିବ ତନ୍ମଧ୍ୟରେ ଗୋଟିଏ ଉପାୟ ଏହି ଯେ ଯେଉଁମାନେ ଉକ୍ତ ସଭାର ସଭ୍ୟ ହେବେ ସେମାନେ ଶପଥ କରିବେ କି ଜୀବିତ ଅବସ୍ଥାରେ ଥିବା ପର୍ଯ୍ୟନ୍ତ କୌଣସି ମାଦକଦ୍ରବ୍ୟ ସେବନ କରିବେ ନାହିଁ ଓ ମାଦକ ସେବନକାରୀମାନଙ୍କୁ ଉକ୍ତ ମାରାତ୍ମକ ପାପରୁ ରକ୍ଷା କରିବା କାରଣ ଯଥାଶକ୍ତି ଯତ୍ନ କରିବେ । ଏ ସଭାରେ ଉପସ୍ଥିତ ସଭ୍ୟଙ୍କ ମଧ୍ୟରେ ଅଧିକାଂଶ ଶିକ୍ଷକ ଓ ଛାତ୍ରବର୍ଗ ଥିଲେ । ଖ୍ରୀଷ୍ଟିୟାନ୍ ପାଦ୍ରୀ ଜନ୍‌ସନ୍ ସାହେବ ସଭାପତିର ଆସନ ଗ୍ରହଣ କରିଥିଲେ । ସଭାରେ ସୁଦୀର୍ଘ ବକ୍ତୃତାମାନ ହୋଇଥିଲା ତହିଁର ସାର କଥା ଏହି ଯେ ପୂର୍ବେ ଏ ଦେଶରେ ସୁରାପାନ ନ ଥିଲା, ବଙ୍ଗଦେଶୀୟ ବଙ୍ଗାଳମାନେ ଏ ଦେଶକୁ ଆସି ଓଡ଼ିଆମାନଙ୍କୁ ସୁରାପାନ ଶିଖାଇଲେ । ମାଦକ ସେବନ ଲୋକଙ୍କୁ ନାନାଦି ରୋଗ ଓ ପାପଗ୍ରସ୍ତ କରାଏ ଓ ତାହା ତ୍ୟାଗ କରିବାର ସମ୍ୟକ୍ ପ୍ରକାରରେ ଉଚିତ ଏ ବିଷୟରେ ବକ୍ତାମାନେ ବାହୁଲ୍ୟରୂପେ କହିଥିଲେ । ବକ୍ତୃତା ସମ୍ବନ୍ଧରେ ଆମ୍ଭେମାନେ ଖଣ୍ଡିଏ ଇଙ୍ଗରେଜୀ ପତ୍ର ପାଇ ସ୍ଥାନାନ୍ତରରେ ପ୍ରକାଶ କଲୁଁ ତହିଁରୁ ବୋଧ ହୁଏ ଯେ କାହାରି ବକ୍ତୃତା କିଛି ଦୋଷଯୁକ୍ତ ହୋଇଥିଲା ଓ ଶ୍ରୋତାଙ୍କର ପ୍ରୀତିକର ହୋଇ ନାହିଁ । ପତ୍ରପ୍ରେରକ ଲେଖନ୍ତି ଏ ସଭାରେ ବକ୍ତାମାନେ ପୂର୍ବ ସଭାର ପ୍ରସଙ୍ଗ ଲେଶମାତ୍ର ଉଲ୍ଲେଖ କରି ନାହାନ୍ତି ଆମ୍ଭେମାନେ ବୋଧକରୁଁ ଅହଙ୍କାର ବଶରୁ ନ ହୋଇ ଭ୍ରମବଶତଃ ତାହା ହୋଇଥିବ ଅବା ନବବକ୍ତାମାନଙ୍କୁ ପୂର୍ବ କଥା ଜଣା ନ ଥିବ ।

ସଭାର ବ୍ୟବସ୍ଥା ମଧ୍ୟରେ ଶପଥ କରିବାର ନିୟମଟି ଆମ୍ଭମାନଙ୍କୁ ଉଚିତ ବୋଧ ହେଉ ନାହିଁ ପ୍ରଥମେ ଶପଥ କରିବାର ନିଷେଧ ଦ୍ୱିତୀୟେ ତାହା ତାଦୃଶ ସଫଳ ହେବ ନାହିଁ । ମାଦକ ସେବନର ମନ୍ଦଫଳ ଯାହାର ହୃଦୟଙ୍ଗମ ହେବ ଓ ଯେ ତହିଁପ୍ରତି ବିରତ ହେବ ତାହାପକ୍ଷରେ ଶପଥ ଆବଶ୍ୟକ ନାହିଁ । ଯାହାର ତହିଁରେ ଲାଳସା ଥିବ ସେ ଶପଥ କଲେସୁଦ୍ଧା ତାହା ଛାଡ଼ିପାରିବ ନାହିଁ ଶେଷରେ ଶପଥ ଲଙ୍ଘନ କରିବ ଏପରି ଶପଥ ଲଙ୍ଘନର ଅନେକ ଦୃଷ୍ଟାନ୍ତ ଦେଖାଅଛୁ । ସଭା ଲୋକଙ୍କୁ ଗୋଟିଏ ପାପରୁ ଉଦ୍ଧାରିବାକୁ ଯାଇ କାହାରିକୁ ଆଉ ଗୋଟିଏ ପାପରେ ପକାଇବେ, ଏହା ଉଚିତ ନୁହେ । ଯାହା ହେଉ ସଭା ସ୍ଥାୟୀ ହୋଇ କୃତକାର୍ଯ୍ୟ ହୋଇ ପାରିଲେ ବଡ ସୁଖର ବିଷୟ ହେବ ସନ୍ଦେହ ନାହିଁ ।

# ସାପ୍ତାହିକସଂବାଦ ।

ଏଠା ମେଡିକଲ ସ୍କୁଲର ଛାତ୍ରମାନଙ୍କୁ ବାର୍ଷିକ ପାରିତୋଷିକ ଦାନ ନିମିତ୍ତ ଗତ ଗୁରୁବାରଦିନ ଜେନେରଲ ହାସ୍ପାତାଲରେ ସଭା ହୋଇଥିଲା ଏଥିର ବିବରଣ ବାରାନ୍ତରେ ଲେଖିବୁଁ ।

Digitized by srujanika@gmail.com

Split by PDF Splitter


# SUPPLIMENT TO THE UTKAL DIPICA 3rd May 1879.

## CUTTACK TEMPERANCE MEETING of 26th April 1879.

To the Editor of Utkul Dipika.

Sir :—

We have had the honor of attending this meeting and were gratified to see a band of young men organising a movement for the repression of the increasing vice of drunkenness amongst the rising genaration of Oriyas—I say drunkenness only for this formed their first count of indictment. The people of Orissa as a whole are quite free from this vice but at the chief centres of improvement in this province the effects of wine have been more perceptible of late and the attempt to create a strong public opinion against intoxication of any sort is surely commendable however limited be the success it has the prospect of achieving it the end. We however think it our duty to offer a few observations in the mode our patrotic reformers have adopted to gain their end.

People who seek to do good to the community should learn to be humble but we met last night an amount of *egotism* in the mover which appeared to us to be far from being praiseworthy. Throughout the lenghty speeches of the movers and seconders there was not a word mentioned about existence of a Temperance Fraternity in this town some fifteen years ago as a branch of the Bengal Temperance Society founded by the late Babu Peary Churn Sircar, the Dr. Arnold of Bengal. The then Cuttack Fraternity had been ushered in to the world with as much (if not more) talk as the present one, it secured many signatures to its Pledge forms in the manner our present Fraternity seeks to do it determined at least for a time some populer lectures on the evils of intemperance although that Fraternity is now no more.—I hope the present one will deserve better fate the movers should have in common courtsy at least referred to the doing of their elders in this branch of social improvement.

Again the Hon. Secretary to the Cuttack Association was rather too strong in his language towards two gentlemen who had written to him to say that time had not assumed for the organisation of the temperance movement. It was a question of opinion merely and if the patriotic movers had not the calmness to withstand this simple contradiction I don't see how they can consider themselves worthy of the task of social reformation they have voluntary taken upon themselves in his part of the country.

Babu Peary Mohun is always carried with the vehemence of his feelings and not unfrequently mars the good effects of his otherwise feeling speeches. He always tends to be personal and his comical gestures caricaturing the attitude of a gentleman perchance a drinker while smoking tobacco showd very bad taste indeed, verging on vulgarity. In the name of gentlemanli ness and good breeding I would advice my friend to divest himself while on the fulfit, of his exalted nature of *ego*. It will detract nothing from his merit as a social reformer if he would only stoop to argue with a gentlemanly meekness. Some of our speaker-friends sought to repudiate the common notion, their speeches would likely raise in men's minds that the Bengalies are always fond of idle prattle. I do not mean to say that the deliberations of last nights meeting were wholly useless common-place talk but I have no doubt that the impression most of us carried home was that more than half of the speakers would have done better in not inflictings the audiance with their nonsiating repetitives and their half heared platitudes. Some of these—unfledged pariots however displayed their laudable *ambition* of once playing the part of a Keshab Chundra or a Surandranath and always keeping their phranix or larynx moist for proposes of stentorian vociferation.

The movement I need further add seems to have been hatched up in hot haste as the programme for the meeting shows no signs of mature deliberations. Resolution III. does not define "intoxicating substances" and while one eloquent member said "I hate smoking as well as drinking." another member stood forward to "exempt tobacco from the *ban* of the fraternity" and a third would have the definition to be settled by the powerful executive Committee. Resolution IV. had left the pledge to be signable by boys who are not yet old enough to judge for themselves, and it required to be so frequently amended though the amendment itself did not meet with the approval of many.

Digitized by srujanika@gmail.com

Split by PDF Splitter

78



Whatever other people might think or do, the persons that seek humanity for their brotherhood and endeavour to make the good of the many their own good should have no party feeling nor cliquism of any kind. Such people should give assistance to the many and should receive assistance from any that would not voluntarily withhold it. And yet what does the election to your executive Committee at the last meeting show? A public meeting was called, while the programme of work to be transacted there was discussed in the greatest secrecy and a committee of 9 persons is formed all of whom are more or less belonging to the profession of the School master. Were there no people of the other professions willing to work on the Committee? Was any body asked? Again of these 5 come from the body of the Honoray Secretary of the Katack Association and again of the 9 some 4 or 5 have been in province not above a quarter of a year I do not know of what earthly use they will be in real practical work of the Fraternity or *Bona fide* nature of the province again has been taken into the Committee. Is not this selfishness and egotism?

Because the gentlemen had the courage to broach a different opinion from what is enterained by the leaders of the Association on the subject of a temperance movement one and all the speakers had the good taste to traduce the whole body of the elder class of educated natives and our friend Peary Mohan to follow suit always falling foul with certain marked Bengali gentlemen—as it is his devout practice.

The most sincere man in the whole movement seems to us to be the amiable Babu Jadumani Ghosh who combines in his person some of the admirable qualities. He has really consecrated himself to the cause of religion and humanity and we may hope for some real and earnest work from him, but in this we do not mean particularly to disparage the other members of the Committee, if they really feel for the public welfare and mean to be honest workers and no *nam-ka-waste* Patriots.

We wish the gentlemen who, sabrically perhaps, called themselves 'youngsters' will not have the fickleness of the body whose name they have assumed. It is notorious that the enthusiastic reception that was accorded to Babu Bhudeb Mookherjea last month was mainly at the instance of the Katak Association and that almost immediately when the reception—with long drawn eulogiums on the moral excellence of the reuered guest was over a re-action was come on their feelings anent the public movement—as if a breath served to form their resolution to *receive* and a breath again served to show the utter uselessness, nay immorality, of such a public reception. Blessed Hospitality!!

27—4—79.

---

ଶ୍ରୀ ୨୦୦୧ ୧୦୦ ।

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୪ଶ
ସଂ ୧୯ ଖ୍ୟା

ତା ୧୦ ଋଣ ମାହେ ମଇ ସନ ୧୮୭୯ ମସିହା । ମୂ । ବୈଶାଖ ବ ୨୯ ନ ସନ ୧୨୮୬ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୬୲
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୭୲
ମଫସଲଙ୍କପାଇଁ ଡାକମାସୁଲ ଟ୧୲୵

ଏପର୍ଯ୍ୟନ୍ତ ବର୍ଷା ନ ହେବାରୁ କୃଷିକର୍ମ ପକ୍ଷରେ ବାଧା ଘଟୁଅଛି ଓ ଆମ୍ବ ମଧ୍ୟ ତାଦୃଶ ପୁଷ୍ଟ ହେଲା ନାହିଁ । ବର୍ତ୍ତମାନ ନାଳମାନ ବନ୍ଦ ହୋଇ ଥିବାରୁ ମଫସଲରେ ଜଳକଷ୍ଟ ହୋଇ ଥିବ । ଏ ସପ୍ତାହରେ ଗ୍ରୀଷ୍ମ ମଧ୍ୟ ବୃଦ୍ଧି ହୋଇ ଅଛି କେବଳ ପବନ ଯୋଗେ ତାହା ତାଦୃଶ ବାଧୁ ନାହିଁ । ଗତ ସପ୍ତାହରେ ବାଲେଶ୍ୱରରେ ଦିନେ ଅଳ୍ପ ବର୍ଷା ଓ ଶିଲା ବୃଷ୍ଟି ହୋଇଥିଲା କିନ୍ତୁ ନଗରରୁ ଏକ କୋଶ ଅନ୍ତରକୁ ବର୍ଷା ନ ଥିଲା । ଢାକାରେ ଗତ ମାସ ତା ୨୮ ଋଣରେ ବରିଶାଲ ଓ ଭଦ୍ରାରେ ଉତ୍ତମ ବୃଷ୍ଟି ହୋଇ ଅଛି । ଅନ୍ୟ ସ୍ଥାନମାନରେ ବର୍ଷା ହେବାର ସମ୍ବାଦ ନାହିଁ । ନିକଟରେ ବର୍ଷା ନ ହେଲେ ବଡ କ୍ଷତି ହେବ ।

---

ମହାମାନ୍ୟ ଲେଫ୍ଟନାଣ୍ଟ ଗବର୍ଣ୍ଣର ସାହେବ ରାଜା ଦିଗମ୍ବର ମିତ୍ରଙ୍କ ମୃତ୍ୟୁରେ ଦୁଃଖିତ ହୋଇ ତାଙ୍କର ଆତ୍ମୀୟ ବାବୁ ମହେନ୍ଦ୍ରନାଥ ବୋଷଙ୍କ ନିକଟକୁ ଶାନ୍ତନାସୂଚକ ପତ୍ର ଲେଖି ଅଛନ୍ତି । ଗବର୍ଣ୍ଣର ସାହେବ ବୋଲନ୍ତି " ରାଜା ଦିଗମ୍ବର ମିତ୍ରଙ୍କ ମୃତ୍ୟୁରେ ଦେଶୀୟ ଲୋକଙ୍କର ହାନି ହୋଇଅଛି କାରଣ ସେମାନଙ୍କ ମଙ୍ଗଳ ନିମିତ୍ତ ସେ ସର୍ବଦା ସ୍ୱାଧୀନ ଭାବରେ ଓ ଉତ୍ସାହ ସହ- ମୃତ ରାଜା ସ୍ୱାଧୀନ ଭାବରେ ଓ ଉତ୍ସାହ ସହକାରେ ସର୍ବଦା ଯତ୍ନ କରୁଥିଲେ ଏବଂ ଏମନ୍ତ ଧୀରତା ଓ ଯୁକ୍ତି ସହିତ ପ୍ରସ୍ତାବମାନ କରୁଥିଲେ ଯେ ସେ ସବୁ ପ୍ରତି ସରକାରରୁ ବିହିତ ବିବେଚନା ହେଉ ଥିଲା । ତାଙ୍କ ମୃତ୍ୟୁରେ ଆମ୍ଭେ ଜଣେ ବିଶ୍ୱାସୀ ଓ ଉପଯୁକ୍ତ ପରାମର୍ଶଦାତା ହରାଇ ଅଛୁଁ "। ଛୋଟ ଲାଟ ସାହେବଙ୍କର ଏପରି ଭାବ ପ୍ରଶଂସନୀୟ ଓ ସୁଖର ବିଷୟ ।

---

ଗତ ମଙ୍ଗଳବାର ଗୃହରେ ବାବୁ ଯଦୁମଣି ଘୋଷ ଛାପାଖାନାରେ ପ୍ରକୃତ ଉନ୍ନତି ବିଷୟ ବଙ୍ଗ ଭାଷାରେ ବକ୍ତୃତା କରିଥିଲେ ଏହା ଶୁଣି- ବାକୁ ଅନେକ ଲୋକ ଆସିଥିଲେ । ଶ୍ରୋତାଙ୍କ ମଧ୍ୟରେ ଅଧିକାଂଶ ଛାତ୍ରବର୍ଗ ଥିଲେ ଓ ଏହା ବାଞ୍ଛନୀୟ । ବକ୍ତାଙ୍କର ସାର କଥା ଏହି ଯେ ଆଜିକାଲି ଉନ୍ନତିର ସ୍ରୋତ ପ୍ରବାହିତ ହେଉ- ଅଛି, ସଭ୍ୟତା ବିସ୍ତାର ହେଉଅଛି । ବାଣି- ଜ୍ୟରେ ଉନ୍ନତି, ବିଦ୍ୟା ଶିକ୍ଷାରେ ଉନ୍ନତି, ବିଜ୍ଞାନରେ ଉନ୍ନତି, ଶିଳ୍ପ କର୍ମରେ ଉନ୍ନତି ଯେଉଁ ଆଡେ ନେତ୍ରପାତ କରିବ ତହିଁରେ ଉନ୍ନତି ଦେଖିବ ଏପରି ଉନ୍ନତି ପୂର୍ବେ ହୋଇ ନ ଥିଲା । ଏହା ଅତି ଆନନ୍ଦର ବିଷୟ କିନ୍ତୁ ଏତେ ଉନ୍ନତି ହେଲେହେଁ ଯଦି ଆତ୍ମାର ଉନ୍ନତି ନ ହୁଏ ତେବେ ସେ ବାହ୍ୟ ଉନ୍ନତି ସବୁ ବୃଥା ଓ ନିଷ୍ଫଳ ଆତ୍ମାର ଉନ୍ନତିହିଁ ପ୍ରକୃତ ଉନ୍ନତି ଓ ତାହା ଈଶ୍ୱରଙ୍କ ସହାୟ ନେଲେ ହୁଅଇ ।

---

**✓ମୃତ ଚୌଧୁରୀ ବିଶ୍ୱନାଥଦାସ ।**

ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ପାଠକମାନଙ୍କୁ ଜଣାଉଅଛୁଁ ଯେ ଏ ଜିଲ୍ଲାର ବିଖ୍ୟାତ ଜମିଦାର ଚୌଧୁରୀ ବିଶ୍ୱନାଥଦାସ ପରଲୋକ ଗମନ କରିଅଛନ୍ତି । ଏ ଦୁର୍ଘଟନା ହେବାକୁ ଦ୧୬ନ ହେଲା ମାତ୍ର ଆମ୍ଭେମାନେ ସମୟରେ ସମ୍ବାଦ ପାଇ ନ ଥିବାରୁ ଗତ ସପ୍ତା- ହରେ ଏଥିର ଉଲ୍ଲେଖ କରିବାକୁ ସମର୍ଥ ହୋଇ ନ ଥିଲୁଁ । ଚୌଧୁରୀ ରଘୁନାଥଦାସଙ୍କ ସମୟରୁ ଭିଙ୍ଗାରପୁର ଚୌଧୁରୀଙ୍କ ନାମ ଗୁରୁଆଡେ ପ୍ରକାଶ ହୋଇଥିଲା ଓ ସେ ଯେମନ୍ତ ବିଚକ୍ଷଣ- ତା କୌଶଳରେ ଧନ ଉପାର୍ଜ୍ଜନ ଓ ସଞ୍ଚୟ କରି ବହୁସଂଖ୍ୟକ କୁଟୁମ୍ବଙ୍କୁ ଏକାନ୍ନରେ ପାଳି ଆସୁ- ଥିଲେ ତାହାଙ୍କ ମୃତ୍ୟୁ ଉତ୍ତାରୁ ଚୌଧୁରୀ ବିଶ୍ୱ- ନାଥଦାସ ସେହିପରି ସୁନିୟମରେ ସକଳ ବ୍ୟବସ୍ଥା ଚଳାଇ ଉତ୍ତରୋତ୍ତର ସେ ଘରର ଟେକ ବଢା- ଇଲେ । ବର୍ତ୍ତମାନ ଏ ଘରର ଯେପରି ନାମ ଓଡିଶାରେ ହୋଇଅଛି ତହିଁର ହେତୁ ଅନେ- କାଂଶରେ ଚୌଧୁରୀ ବିଶ୍ୱନାଥଦାସ ଅଟନ୍ତି । ବହୁସଂଖ୍ୟକ କୁଟୁମ୍ବଙ୍କୁ ଏକ କଠିନ ନିୟମର ଅଧୀନରେ ଏକତ୍ରରେ ରଖି ସମସ୍ତଙ୍କୁ ସମାନ- ରୂପେ ପ୍ରତିପାଳନ କରିବା ଓ ଯାହାଦ୍ୱାରା ଯାହା ହୋଇପାରେ ତାହାକୁ ସେକର୍ମରେ ନିଯୁକ୍ତକରି ସାଧାରଣ ଧନ ବୃଦ୍ଧି ଓ ରକ୍ଷା କରିବା ଓ ସର୍ବଦା ସତର୍କତା ସହିତ କାର୍ଯ୍ୟ କରି ଲୋକ ଚକ୍ଷୁରେ କୌ- ଣସିରୂପେ ଦୃଷ୍ଟିରେ ନ ପଡିବା ସହଜଲୋକର କର୍ମ ନୁହଇ । ଏହା ଅବଶ୍ୟ ଅସାଧାରଣ ଗୁଣ ବୋଲି ସ୍ୱୀକାର କରିବାକୁ ହେବ ଓ ସ୍ୱୟଂ ଅନେକ ତ୍ୟାଗ ସ୍ୱୀକାର ନ କଲେ ଓ ବିଶେଷ

Digitized by srujanika@gmail.com

Split by PDF Splitter



ସନ୍ତୁଷ୍ଟ ନ ହେଲେ ଦୀର୍ଘକାଳ କର୍ତ୍ତୃତ୍ୱ କରିବା କଦାଚ ସମ୍ଭବ ହୋଇ ନ ପାରେ । ଅତଏବ ଏ ସମସ୍ତ ଗୁଣ ଚୌଧୁରୀ ବିଶ୍ୱନାଥଦାସଙ୍କଠାରେ ଥିଲା ଓ ଯଦ୍ୟପି ସେ ପୁରୁଣାକାଳିଆ ଲୋକ ଥିବାରୁ ଅତ୍ରକାଳପରି ସାଧାରଣ ବିଷୟରେ ଅଧିକ ପରିମାଣରେ ପ୍ରକାଶ୍ୟ ଦାନ କରିବାଦ୍ୱାରା ସାଧାରଣ ହିତୈଷୀବୋଲି ପରିଗଣିତ ହୋଇ ନ ଥିଲେ କିମ୍ବା ଆପଣାର ଧନର ଆଡମ୍ବର ଦେଖାଇ ଉଚ୍ଚ ନାମପ୍ରାପ୍ତ ହୋଇ ନ ଥିଲେ ତଥାପି ଆମ୍ଭେମାନେ କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ କି ସନ ୧୮୬୬ ସାଲର ଦୁର୍ଭିକ୍ଷ ଉତ୍ତାରୁ ଯେତେ୨ ସାଧାରଣ ବିଷୟରେ ସର୍ବସାଧାରଣଙ୍କଠାରୁ ଚାନ୍ଦା ପ୍ରାର୍ଥନା ହୋଇଅଛି ସେ ସମସ୍ତରେ ଚୌଧୁରୀ ବିଶ୍ୱନାଥଦାସ ଯଥାସମ୍ଭବ ଅର୍ଥ ସାହାଯ୍ୟ କରିଅଛନ୍ତି ଏବଂ ପୂର୍ବଠାରୁ ଏଣିକି ଅଧିକ ଉପଯୁକ୍ତ ପରିମାଣରେ ଚାନ୍ଦା ଦେବାର ମଧ୍ୟ ଲକ୍ଷିତ ହୋଇଥିଲା । ଏପରି ସାଧାରଣ ହିନ୍ଦୁ ଧାର୍ମିକ ଲୋକପରି ସେ ସଡ଼କ ପୁଷ୍କରିଣୀ ଓ କୂପ ଇତ୍ୟାଦି ନିର୍ମାଣ କରିବାରେ ତ୍ରୁଟି କରିନାହାନ୍ତି । ହିନ୍ଦୁଧର୍ମରେ ତାହାଙ୍କର ଏମନ୍ତ ପ୍ରଗାଢ ବିଶ୍ୱାସ ଥିଲା ଯେ ପଛେ ପିଲାମାନେ ଧର୍ମଚ୍ୟୁତ ହେବେ ଏ ଭୟରେ ସେ ଆପଣା ପରିବାରବର୍ଗୀୟ କାହାରିକୁ ଇଂରାଜୀ ଶିକ୍ଷା ଦିଆଇ ନାହାନ୍ତି ଅଥଚ ବିଦ୍ୟା ଶିକ୍ଷାପ୍ରତି ତାହାଙ୍କର ନିତାନ୍ତ ଅଯତ୍ନ ନ ଥିଲା କାରଣ ସେ ଆପଣା ଗ୍ରାମ ନିକଟରେ ଆପଣା ବ୍ୟୟରେ ଗୋଟିଏ ବିଦ୍ୟାଳୟ ବହୁକାଳରୁ କରାଇଅଛନ୍ତି ହିନ୍ଦୁଧର୍ମରେ ତାହାଙ୍କର ଯେମନ୍ତ ବିଶ୍ୱାସ ଥିଲା ତଦନୁସାରେ ସେ ବୈଶାଖ ଶୁକ୍ଳପକ୍ଷରେ ପୁରୀ କ୍ଷେତ୍ରମଧ୍ୟରେ ସଚେତ ଅବସ୍ଥାରେ ପ୍ରାୟ ୭୦ ବର୍ଷ ବୃଦ୍ଧକାଳରେ ମାନବଦେହ ତ୍ୟାଗକରି ସମସ୍ତ ହିନ୍ଦୁଙ୍କର ପ୍ରଶଂସାର ଭାଜନ ହୋଇଅଛନ୍ତି ଏଥର ଏହି ପ୍ରାର୍ଥନା ଯେ ତାହାଙ୍କ ଆତ୍ମା ସ୍ୱର୍ଗୀୟ ଶାନ୍ତି ଲଭନ୍ତୁ ଏବଂ ତାହାଙ୍କର ଉତ୍ତରାଧିକାରୀମାନେ ଐକ୍ୟଭାବରେ ରହି ସମସ୍ତ ପରିବାର ଓ ଖାନଦାନର ମର୍ଯ୍ୟାଦା ରକ୍ଷା କରନ୍ତୁ ଓ ନାନାପ୍ରକାର ସଦନୁଷ୍ଠାନ ଓ କୀର୍ତ୍ତିଦ୍ୱାରା ଚୌଧୁରୀଙ୍କର ଯଶ ବିସ୍ତାର କରନ୍ତୁ ।

ପରିଶେଷରେ ବକ୍ତବ୍ୟ ଏହି ଯେ ଚୌଧୁରୀ ବିଶ୍ୱନାଥଦାସ କଟକ ପ୍ରିଣ୍ଟିଂ କମ୍ପାନିର ଜଣେ ପ୍ରଧାନ ଅଂଶୀ ଓ କାର୍ଯ୍ୟକ୍ଷମ ଡିରେକ୍ଟର ଥିଲେ ଓ ଅର୍ଥସାହାଯ୍ୟ ଏବଂ ସୁପରାମର୍ଶଦ୍ୱାରା କମ୍ପାନିର ଅନେକ ମଙ୍ଗଳ ସାଧନ କରିଅଛନ୍ତି ସୁତରାଂ ତାହାଙ୍କ ମୃତ୍ୟୁରେ କମ୍ପାନିର ବିଶେଷ କ୍ଷତି ହୋଇଅଛି ।

---

## ଯୁଦ୍ଧ ସମାଚାର ।

### କାବୁଲ ।

ମେ ମାସ ତା ୩ ରଖରେ ପ୍ରେସ କମିଶନର ସମ୍ବାଦ ଦେଇଅଛନ୍ତି କି ଅମିର ୟାକୁବ ଖାଁ ସ୍ୱୟଂ ଇଂରେଜଙ୍କ ଛାଉଣିକି ଆସି ସନ୍ଧି ବିଷୟରେ ତର୍କବିତର୍କ କରିବେ ଓ ତାଙ୍କ ସଙ୍ଗେ ଅନେକ ସରଦାର ମନ୍ତ୍ରୀ ଓ ଅନୁଚରମାନେ ଆସିବେ । ୟାକୁବଖାଁଙ୍କ ଜ୍ୟେଷ୍ଠଭ୍ରାତା ସରଦାର ଏବଦୁଲ୍ରହମ ଖାଁ ବନ୍ଦୀ ହୋଇଅଛନ୍ତି । କାନ୍ଦାହାରରେ ଶାନ୍ତି ବିରାଜୁଅଛି । ନିକଟବର୍ତ୍ତୀ ସ୍ଥାନମାନଙ୍କରୁ ରସଦ ଇଂରେଜଙ୍କ ହସ୍ତକୁ ଅକ୍ଳେଶରେ ଆସୁଅଛି ।

ସେମାସ ତା ୪ ରଖରେ ଉକ୍ତ ସୂତ୍ରେ ସମ୍ବାଦ ମିଳିଅଛି ଯେ ଅମିର ୟାକୁବଖାଁ ତା ୨ ରଖରେ କାବୁଲରୁ ଗଣ୍ଡମକକୁ ଯାଇବାକୁ ତହିଁ ଅରଦନ ବଗିଚାରେ ପ୍ରବେଶ ହେଲେ ତା ୭ ରଖରେ ଗଣ୍ଡମକରେ ପହୁଞ୍ଚିଥିବେ । ଅପନ୍ଥୁଷ୍ଟ ଜଜାଜାଗୀୟଙ୍କ ସରଦାର କରସା ମେଜର ହେଷ୍ଟିଙ୍ଗ ସାହେବଙ୍କ ନିକଟକୁ ଆସିଅଛନ୍ତି ଜେନରଲ ପାଲସରଙ୍କ ସୈନ୍ୟ ଖାଇବରଠାରେ କରସଂଗ୍ରହ କରି ଫେରି ଆସିଅଛନ୍ତି । ଜମିନଦାରର ପ୍ରାୟ ସମସ୍ତ ସରଦାର ଇଂରେଜଙ୍କର ବଶୀଭୂତ ହୋଇଅଛନ୍ତି । ୟାକୁବଖାଁଙ୍କ ଜ୍ୟେଷ୍ଠ ଭାଇ ସରଦାର ଏବଦୁଲ୍ରହମଖାଁ ବନ୍ଦୀତ୍ୱରେ ପଞ୍ଚତ୍ୱ ପ୍ରାପ୍ତ ହୋଇଅଛନ୍ତି । ଜେନରଲ ଗୋଲାମ ହଏଦର ଖାଁ ତୁର୍କିସ୍ତାନର ବିଦ୍ରୋହି ସୈନ୍ୟଙ୍କୁ ଶାନ୍ତନା ଦେବା ପାଇଁ ଯାଉଥିଲେ, ଶୁଣାଯାଏ ସେ ବିଦ୍ରୋହିଙ୍କଦ୍ୱାରା ହତ ହୋଇଅଛନ୍ତି ।

### ଜୁଲୁ ।

କେପଟାଉନରୁ ଗତମାସ ତା ୧ ରଖରେ ସମ୍ବାଦ ଆସିଅଛି ଇଂରେଜଙ୍କର ବଳ ବୃଦ୍ଧି ହୋଇଥିଲେହେଁ ଅନେକ କାରଣ ବଶତଃ ଦେଶମଧ୍ୟରେ ପୁନଃ ପ୍ରବେଶ ଅସମ୍ଭବ ହେଲା । ଉପନିବେଶର ସୈନ୍ୟଦଳ ମୋଗ୍ରେସି ଦୁର୍ଗ ଆକ୍ରମଣ କରିଥିଲେ ମାତ୍ର କୃତକାର୍ଯ୍ୟ ହୋଇ ନ ପାରିଲେ ଓ ତ ୨୬ ଣ ସେନା ହତ ଓ ଆହତ ହେଲେ । ଜୁଲୁସ୍ଥଳର ଅଭିନବ ସମ୍ବାଦ ଏ ସପ୍ତାହରେ ଆସି ନାହିଁ ।

---

## କଟକ ମେଡିକଲ ସ୍କୁଲ ।

ଆମ୍ଭେମାନେ ଗତ ସପ୍ତାହରେ ଏ ସ୍କୁଲର ବାର୍ଷିକ ପାରିତୋଷିକ ଦାନ ସଭା ହୋଇ ଥିବାର ସଂବାଦ ମାତ୍ର ପାଠକଙ୍କୁ ଦେଇ ସମୟାଭାବରୁ ତହିଁର ବିବରଣ ବର୍ତ୍ତମାନ ସପ୍ତାହକୁ ରଖି ଦେଇ ଥିଲୁଁ ସମ୍ପ୍ରତି ତାହା ପାଠକମାନଙ୍କୁ ଜଣାଉ ଅଛୁଁ ।

ଏଠାର ଭୂତପୂର୍ବ କମିଶନର ଶ୍ରୀଯୁକ୍ତ ରେବନସା ସାହେବ ଓଡ଼ିଶାର ଶିକ୍ଷା ଉନ୍ନତି ନିମିତ୍ତ ଯେତେ ଗୁଡିଏ ନୂତନ କାର୍ଯ୍ୟର ଅନୁଷ୍ଠାନ କରି ଯାଇଥିଲେ ତହିଁ ମଧ୍ୟରେ ଏଠାର ମେଡିକଲ ସ୍କୁଲ ଅର୍ଥାତ୍ ଚିକିତ୍ସା ବିଦ୍ୟାଳୟକୁ ପ୍ରଧାନ ବୋଲିବାକୁ ହେବ କାରଣ ଏହାଦ୍ୱାରା ତାହାଙ୍କର ଶୁଭ କାମନା ଯେତେ ଶୀଘ୍ର ଏବଂ ଯେମନ୍ତ ସୁନ୍ଦରରୂପେ ପୂର୍ଣ୍ଣ ହେଲା ଏମନ୍ତ ଅନ୍ୟ କୌଣସି ସ୍ଥଳରେ ଦେଖା ଯାଇ ନାହିଁ । ଶ୍ରୀଯୁକ୍ତ ଡାକ୍ତର ଷ୍ଟିଓ୍ୱାର୍ଟସାହେବ ଏ ସ୍କୁଲର ମୂଳ କାରଣ ହୋଇଅଛନ୍ତି ତାହାଙ୍କ ପ୍ରବର୍ତ୍ତନାରେ ଶ୍ରୀଯୁକ୍ତ ରେବନସା ସାହେବ ଗବର୍ଣ୍ଣମେଣ୍ଟରେ ବାର୨ ଅନୁରୋଧ କରି ଏ ସ୍କୁଲ ସ୍ଥାପନ କଲେ ଏବଂ ଡାକ୍ତର ସାହେବ ଯେମନ୍ତ ତାହାଙ୍କ ପ୍ରବର୍ତ୍ତିତ ସ୍କୁଲ ବସାଇଲେ ତେମନ୍ତ ସ୍ୱୟଂ ନିସ୍ୱାର୍ଥ ଭାବରେ ଅପେ ପରିଶ୍ରମ କରି ଏବଂ ଆପଣା ଅଧୀନସ୍ଥ କର୍ମଚାରୀଙ୍କୁ ପରିଶ୍ରମ କରାଇ ଅତି ଅଳ୍ପ କାଳରେ ଏ ବିଦ୍ୟାଳୟକୁ ସର୍ବାଙ୍ଗ ସୁନ୍ଦର କରି ତହିଁରେ ସୁଫଳ ଫଳାଇ ସର୍ବସାଧାରଣଙ୍କ ଚମତ୍କାର କଲେ ଏବଂ ସେମାନଙ୍କର ଧନ୍ୟବାଦର ପାତ୍ର ହେଲେ ।

ଏ ବିଦ୍ୟାଳୟଟି କେବଳ ଛଅବର୍ଷ ହେଲା ସ୍ଥାପିତ ହୋଇଅଛି । ଗବର୍ଣ୍ଣମେଣ୍ଟଙ୍କ [illegible] କ୍ରମେ ଛଅ ବର୍ଷରେ ଏଠାର ଶେଷ ପରୀକ୍ଷା ହେବାର ଥିଲା । ସେହି ଶେଷ ପରୀକ୍ଷା ଅଳ୍ପଦିନ ହେଲା ହୋଇ ଯାଇଅଛି । ପରୀକ୍ଷା ନେବା କାରଣ ପୁରୀର ଡାକ୍ତର ଗୁପ୍ତ ଏଠା ସିଭିଲସର୍ଜନ ଡାକ୍ତର ଟାମସ ଏବଂ ସିଭିଲସର୍ଜନ ଡାକ୍ତର ଷ୍ଟିଓ୍ୱାର୍ଟ ଗବର୍ଣ୍ଣମେଣ୍ଟରୁ ନିଯୁକ୍ତ ହୋଇ ଥିଲେ । ଏମାନେ ମୌଖିକ ପ୍ରଶ୍ନଦ୍ୱାରା ପରୀକ୍ଷା କାର୍ଯ୍ୟ ନିର୍ବାହ କଲେ କାରଣ ବଙ୍ଗଳାର ଅନ୍ୟାନ୍ୟ ଏହି ପ୍ରକାର ବିଦ୍ୟାଳୟରେ ଏହି ରୀତିରେ ପରୀକ୍ଷା କାର୍ଯ୍ୟ ନିର୍ବାହିତ ହୁଅଇ । ତ ୧୪ ଣ ଛାତ୍ର ପରୀକ୍ଷା ଦେଇ ଥିଲେ ତହିଁ ମଧ୍ୟରୁ କେବଳ ଏକଜଣ ଛଡା ସମସ୍ତେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

---

Digitized by srujanika@gmail.com